

ଜେମିମାଙ୍କୁ ୧୨ ଲକ୍ଷ ଜରିମାନା

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-213 ◆THURSDAY ◆29 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୧୩ ◆ଗୁରୁବାର ◆୨୯ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବିମାନ ଦୁର୍ଘଟଣା

# ଅଜିତ ପାୱାର ମୃତ

## ସାରା ଦେଶ ସ୍ତବ୍ଧ; ମହାରାଷ୍ଟ୍ରରେ ତିନିଦିନିଆ ଶୋକ

■ ମୁମ୍ବାଇ, ୨୮।୧ (ଏଜେନ୍ସି): ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପିର ଅଧ୍ୟକ୍ଷ ଅଜିତ ପାୱାର ଆଉ ନାହାନ୍ତି। ଆଜି ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପାୱାରଙ୍କ ସମେତ ୫ଜଣଙ୍କର ମୃତ୍ୟୁ ହୋଇଛି। ମହାରାଷ୍ଟ୍ର ରାଜନୀତିରେ ଅଜିତ ଦାଦା ରୂପେ ପରିଚିତ ୬୬ ବର୍ଷୀୟ ପାୱାରଙ୍କ ମୃତ୍ୟୁକୁ ନେଇ ସମଗ୍ର ରାଜ୍ୟ ସ୍ତବ୍ଧ ହୋଇଯାଇଛି। ବିମାନ ଦୁର୍ଘଟଣାର ପ୍ରକୃତ କାରଣ ସଂପର୍କରେ ଯାଞ୍ଚ ଆରମ୍ଭ ହୋଇଥିବା ବେଳେ ଖରାପ ପାଗ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି। ଆସନ୍ତାକାଲି ତାଙ୍କର ଅନ୍ତିମ ସଂସ୍କାର କରାଯିବାକୁ ଥିବା ବେଳେ ମହାରାଷ୍ଟ୍ରରେ ତିନି ଦିନିଆ ସରକାରୀ ଶୋକ ଘୋଷଣା କରାଯାଇଛି। ଅଜିତଙ୍କ ଅନ୍ତିମ ସଂସ୍କାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉପସ୍ଥିତ ରହିପାରନ୍ତି ବୋଲି ଜଣାପଡ଼ିଛି।

ଆଜି ସକାଳେ ବିମାନ ଦୁର୍ଘଟଣାରେ ଅଜିତଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସାରା ରାଜ୍ୟ ଶୋକରେ ବୁଡ଼ିଯାଇଥିଲା। ଅଜିତ ଯାଉଥିବା ବିମାନଟି ବାରାମତି ବିମାନଘାଟୀରେ ଦୁର୍ଘଟଣାଗ୍ରସ୍ତ ହୋଇଥି। ବାରାମତିରେ ଏକ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେବାଲାଗି ଅଜିତ ପାୱାର ଆଜି ସକାଳେ ଏହି ବିମାନ (ଚାର୍ଟର୍ଡ ଫ୍ଲାଇଟ୍)ରେ ଯାଇଥିଲେ। ସକାଳ ପ୍ରାୟ ୮ଟା ୪୫ ମିନିଟରେ ବିମାନ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। କୁହୁଡ଼ି ଯୋଗୁଁ ବିମାନଟି ପ୍ରଥମ ଉଦ୍ୟମ କରି ବିଫଳ ହୋଇଥିଲା। ଅବତରଣ ପାଇଁ ଦ୍ୱିତୀୟ ଥର ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନ ରନୱେ ନିକଟରେ ଖସି ପଡ଼ିବା ସହିତ ପ୍ରଚଣ୍ଡ ବିସ୍ଫୋରଣ ▶ପୃଷ୍ଠା-୭



### ଶୋକ ବ୍ୟକ୍ତକଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୋହନ ଓ ନବୀନ

### ତଦନ୍ତ ଦାବିକଲେ ଖଡ଼୍‌ଗେ, ମମତା, ସିନ୍ଦେ, ଉଦ୍ଧବ

■ ବାରାମତୀ, ୨୮।୧ (ଏଜେନ୍ସି): ବିମାନ ଦୁର୍ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ପରେ ଏହାର କାରଣକୁ ନେଇ ରାଜନୈତିକ ମହଲରେ ତର୍ଜମା ଆରମ୍ଭ ହେବା ସହ ତଦନ୍ତ ଲାଗି ଦାବି ଜୋର୍ ଧରିଛି। କୁହୁଡ଼ି ଏବଂ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସରକାର କହୁଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ ଦୁର୍ଘଟଣା ପଛରେ ଷଡ଼ଯନ୍ତ୍ର ଆଶଙ୍କା କରିଛନ୍ତି। ଦିଦି କହିଛନ୍ତି ଯେ କେହି ସୁରକ୍ଷିତ ନୁହନ୍ତି। ସୁପ୍ରିମକୋର୍ଟଙ୍କ ଅନୁଧ୍ୟାନରେ ମାମଲାର ସଠିକ ଯାଞ୍ଚ ହେବା ଉଚିତ। ଏହା କୌଣସି ଷଡ଼ଯନ୍ତ୍ର ନା ଅକାରଣରେ ଭୟ ସୃଷ୍ଟି କରାଯାଇଛି ତାହା ସମୟ କହିବ। ମାତ୍ର ପାଇଲଟକୁ ଦୋଷ ଦେବା ଏବେ ସହଜ ହୋଇଯାଇଛି। ପୂର୍ବରୁ ଦୁଇଟି ମାମଲାରେ ଏଭଳି ▶ପୃଷ୍ଠା-୭

## ସୁନାରେ ନିଆଁ

### ୧୦ ଗ୍ରାମ୍ ୧.୫୪ ଲକ୍ଷ

■ ନୂଆଦିଲ୍ଲୀ, ୨୮।୧ (ଏଜେନ୍ସି): ସୁନା ଏବଂ ରୁପା ମୂଲ୍ୟ ଆକାଶ ଛୁଆଁ ହେବାରେ ଲାଗିଛି। ଏହି ଦୁଇ ଧାତୁର ମୂଲ୍ୟ ହୁ ହୁ ହୋଇ ବଢ଼ି ଚାଲିଛି। କ୍ରମାଗତ ତୃତୀୟ ଦିନରେ ସୁନା ଏବଂ ରୁପା ମୂଲ୍ୟ ସର୍ବକାଳୀନ ରେକର୍ଡସ୍ତରରେ ପହଞ୍ଚି ଯାଇଛି। ବୁଧବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୫, ୩୭୪ ଟଙ୍କା ଏବଂ ରୁପା କେଜି ୧୩, ୭୦୩ ଟଙ୍କା ବଢ଼ିଛି। ଏଥିସହିତ ସୁନା ମୂଲ୍ୟ ୧, ୬୪, ୬୩୫ ଟଙ୍କାରେ ପହଞ୍ଚି ଯାଇଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

B.TECH PROGRAMMES IN ELECTRONICS DESIGN
- Electrical and Electronics Engineering
- Electronics and Communication Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

A++ Grade Accredited by NAAC | THE World University Rankings 2026: 501+ Cohort Globally, 5th India Rank | QS World University Rankings 2026: 1st in Odisha, 9th in India among pvt. universities | nirf 2025: 17th Among Indian Universities | NBA Tier 1 Re-accredited by NBA | ABET (US) Accreditation | IET Accredited Programme, The Institute of Engineering and Technology | Special Consultative Status by the UN-ECOSOC | Partnership with UN Volunteers

KIITEE 2026
APPLY NOW
through KIIT Websites
www.kiitee.ac.in / www.kiit.ac.in
No Examination Fee (Computer-Based Test)



Scan to Apply

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes
[All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication
- Biotechnology

UG Programmes in other Disciplines
- B.Design (Automobile/Graphic/Product)
- B.Design (Fashion/Textile)
- Integrated M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- B.Sc. (Fintech & Business Analytics)
- B.Sc. (Statistics & Data Analytics)
- BA LLB (Hons) (5 Years)
- BBA LLB (Hons) (5 Years)
- B.Sc LLB (Hons) (5 Years)

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- MBA (2 Years)
- MBA-Rural Management (2 Years)
- MBA -Agribusiness (2 Years)
- Integrated M.Tech & Ph.D
- Ph.D

2025 Placement Highlights
750+ Companies | 6000+ Job Offers | ₹53 LPA Highest Salary Offered | ₹8.50 LPA Average CTC | 1500+ Paid Internships

Director Admissions, Admission Cell (Koel Campus), KIIT DU, Bhubaneswar, Odisha, India-751024 | admission@kiit.ac.in | kiitee.ac.in | 8080 735 735

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

୨୮/୧/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୧୭,୬୩୮/- ସୁନା:୦୦.୧୫୦ ଗ୍ରାମ୍ ରୁପା: ୩୧.୧୫୦ ଗ୍ରାମ୍



### ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନର ବୈଠକ

# ନିଷ୍ଠାର ସହ ଦାୟିତ୍ୱ ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ପୁରୀ,୨୮।୧(ସମିସ): ଫେବୃଆରୀ ୩ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ମଙ୍ଗଳବାର ଅପରାହ୍ଣରେ ସର୍କିଟ ହାଉସଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୩ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି ପୁରୀରେ ପହଞ୍ଚିବେ। ପରଦିନ ଅର୍ଥାତ୍ ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପନ୍ନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସିଠାରେ ଯେପରି କିଛି ତ୍ରୁଟି ନ ରୁହେ ସେଥିପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ୍ ସିଂ ଟ୍ରାଫିକ୍ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ୍ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତିଙ୍କ ଗସ୍ତର ଅଭିଜ୍ଞତା ଆଧାରରେ ଚଳିତ ଗସ୍ତକୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡ୍‌ରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀମାନଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା, ବ୍ୟାରିକେଡ୍ ଓ ଟ୍ରାଫିକ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ୍ ଓ ଟେଲିଫୋନ୍ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀଜୀଉଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା। ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳାର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇପିଏସ୍ ପ୍ରୋବେସନର ଏ.କେ. ବିଜୟ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ନୀତି ଉପପ୍ରଶାସକ ରଞ୍ଜନ କୁମାର ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।



## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୨୮।୧(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କର ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିତୀୟ ଭୋଗମଣ୍ଡପ ଶେଷ ହୋଇଥିଲା। ଏହାପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ଫେବୃଆରୀ ୫ରୁ ସତ୍ୟବାଦୀ ମହୋତ୍ସବ

ପୁରୀ,୨୮।୧(ସମିସ): ସତ୍ୟବାଦୀ ମହୋତ୍ସବ ଆସନ୍ତା ଫେବୃଆରୀ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡ଼ିଆରେ ଅନୁଷ୍ଠିତ ହେବ। ଏହି ମହୋତ୍ସବର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ଣ ୪ଟାରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏନେଇ ମଙ୍ଗଳବାର ଅପରାହ୍ଣରେ ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସତ୍ୟବାଦୀ ବିଧାୟକ



ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇ ଆସୁଛି। ଏହି ମହୋତ୍ସବକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡ଼ା ଯେଉଁ ବିଭାଗକୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବିଷଦ୍ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଂସ୍କୃତି ବିଭାଗ ସହଯୋଗରେ ପ୍ରତି ସନ୍ଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯିବ। ଫେବୃଆରୀ ୬ରେ ରକ୍ତଦାନ ଶିବିର ଓ ୭ରେ ସ୍ୱାସ୍ଥ୍ୟ ସେବା ଶିବିରର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୁଲିସ ଡିଏସ୍‌ପି ଦେବାଶିଷ ମିଶ୍ର, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସତ୍ୟବାଦୀ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଦୀପକ କୁମାର ଶତପଥୀ, ତ୍ରିଲୋଚନ ରଥ, ଭବାନୀ ନନ୍ଦ, ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।

## ଫେବୃଆରୀ ୧୦ରୁ ସ୍ୱଦେଶୀ ମେଳା

ପୁରୀ,୨୮।୧(ସମିସ): ପୁରୀ ଜିଲ୍ଲାସ୍ତରୀୟ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଆସନ୍ତା ଫେବୃଆରୀ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଭୋକାଲ ଫର୍ ଲୋକାଲ୍ ଓ ଲୋକାଲ୍ ଟୁ ଗ୍ଲୋବାଲ୍ ନାମରେ ଏହି ମେଳାରେ ସ୍ଥାନୀୟ ଶିଳ୍ପୀ ଓ ଉଦ୍ୟୋଗୀମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନୀ ଓ ବିକ୍ରି କରିବେ। ତତ୍‌ସହିତ ବିବିଧ କ୍ଷେତ୍ରରେ ସଫଳତାକୁ ମଧ୍ୟ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱଦେଶୀ ସାମଗ୍ରୀର ଉତ୍ପାଦ ବୃଦ୍ଧି ସହ ଏହାର ପ୍ରଦର୍ଶନ ଓ ବିକ୍ରି ପାଇଁ ଏହି ମେଳାକୁ ଆକର୍ଷଣୀୟ ଭାବେ ଉପସ୍ଥାପନ ସହ ଏହାର ପ୍ରଚାରପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହି ମେଳାରେ ୧୯୦ଟି ବିଭିନ୍ନ ପ୍ରକାରର ଷ୍ଟଲ୍ ଲଗାଯିବ। ବିଭିନ୍ନ ବିଭାଗ ସେମାନଙ୍କ ବିଭାଗର ସଫଳତା ମଧ୍ୟ ପ୍ରଦର୍ଶିତ କରିବେ ବୋଲି ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ଟ୍ରାଫିକ୍ ଓ ଆଇନ ଶୃଙ୍ଖଳା ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା ହେବା ସହ ଏହାକୁ ନିର୍ଦ୍ଧାରିତ ସମୟରେ ସମାପନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଏସ୍‌ପି ପ୍ରତୀକ୍ ସିଂ, ଆଇପିଏସ୍ ପ୍ରୋବେସନର ଅନଖା କେ ବିଜୟ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଶରତ ଚନ୍ଦ୍ର ମହାପାତ୍ର, ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଓର୍‌ମାସର ଡେପୁଟି ସିଇଓ ନିଗମ ଦାସ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳାର ଲକ୍ଷ୍ୟ, ଉଦ୍ଦେଶ୍ୟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ।

## ପ୍ରଥମ ଅନୁରାଗ ସାହିତ୍ୟ ଉତ୍ସବ

ପୁରୀ,୨୮।୧(ସମିସ): ସ୍ଥାନୀୟ ୟୁଥ୍ ହଷ୍ଟେଲଠାରେ ପ୍ରଥମ ଅନୁରାଗ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ର ଅନୁରାଗ ସାହିତ୍ୟ ସଂସଦର ସଭାପତି




ମାନସ ରଞ୍ଜନ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗାନ୍ଧୀବାଦ ଚିନ୍ତକ ଉମାବଲ୍ଲଭ ମହାପାତ୍ର, ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସମାଜସେବୀ ମନୋଜ ରଥ, ଇଂ. ରାଜେଶ ମିଶ୍ର, ତରୁଣ ତପନ ମହାନ୍ତି ଓ ବିଜୟ କୁମାର ପଣ୍ଡା ଯୋଗଦେଇଥିଲେ। ଆରମ୍ଭରେ ସଂସଦର ସମ୍ପାଦକ ବିଶ୍ୱମିତ୍ ମିଶ୍ର ସମ୍ୟକ୍ ସୂଚନା ଦେଇ ବିବରଣୀ ପାଠ କରିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ଇଂ. ସୂର୍ଯ୍ୟ ନାରାୟଣ ରଥ କୃତଜ୍ଞତା ଜ୍ଞାପନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ନେଇ ଶୈଳବାଳା ମହାପାତ୍ର, ମିନତୀ ରଥ, ବିଜୟକୃଷ୍ଣ ବ୍ରହ୍ମା, ନୃସିଂହ ମହାପାତ୍ର ଓ ଅନିଲ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶୁ ମିଶ୍ରଙ୍କ ଏକ ଚମତ୍କାର ମିଛକଥା ଓ ବିଶୁ ମିଶ୍ର ଶୀର୍ଷକ ଆଲୋଚନାରେ ସାମ୍ବାଦିକ ବିଜୟ ପଟ୍ଟନାୟକ, ଲେଖିକା ତଥା ସମ୍ପାଦିକା ଶୈଳବାଳା ମହାପାତ୍ର ଆଲୋଚନା କରିଥିଲେ। ପ୍ରଥମ ବିଶୁ ମିଶ୍ର ସ୍ମାରକୀ ବକ୍ତୃତା ଦେଇ ପ୍ରଫେସର ଭଗବାନ ଜୟସିଂହ ବିଶ୍ୱାୟନ ସାହିତ୍ୟ ବିଷୟରେ ଏକ ବିଶେଷ ବକ୍ତୃତା ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଗତ ଏକ ବର୍ଷ ଧରି ଅନୁରାଗ ଟାଇମ୍‌ସ ଦ୍ୱାରା ହେଉଥିବା ଶ୍ରୀକ୍ଷେତ୍ର ଗର୍ବ ଓ ଗୌରବ ସ୍ତମ୍ଭରେ ସ୍ଥାନିତ ଲେଖକଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କବି ମଞ୍ଜୁଶ୍ରୀ ମିଶ୍ର ସଭାପତିତ୍ୱ କରିଥିଲେ। ଆୟୋଜିତ କବିତାପାଠ ଉତ୍ସବରେ କବି ସୌଭାଗ୍ୟା ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଏବଂ ସର୍ବାଣୀ ଦାସ, ବିଶ୍ୱପ୍ରୀତ୍ ମିଶ୍ର ଓ ଚିତ୍ରଲେଖା ମିଶ୍ର ସଂଯୋଜନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ ସେଠୀ ଏହି କବି ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାର ବିଶିଷ୍ଟ କବି ଡ. ଚିତ୍ତରଞ୍ଜନ ମିଶ୍ର, ଅଜୟ ପ୍ରଧାନ, ଶୈଳବାଳା ମହାପାତ୍ର, ଉମାକାନ୍ତ ମହାପାତ୍ର, ନିର୍ମଳ ଚନ୍ଦ୍ର ମିଶ୍ର, ତରୁଣ ତପନ ମହାନ୍ତି, ବିଜୟ କୁମାର ପଣ୍ଡା, ଆଲୋକ ପ୍ରଧାନ, ସୁଦୀପ୍ତା ମିଶ୍ର, ସନ୍ୟାସୀ ନାୟକ, ଶ୍ୟାମପ୍ରକାଶ ସେନାପତି ଓ ବିଚିତ୍ରା ଦାଶ ପ୍ରମୁଖ ଯୋଗଦେଇଥିଲେ। ଧଡୁ ମହାପାତ୍ର ଓ ଗୌରବ ମିଶ୍ର ସହଯୋଗ କରିଥିଲେ।

### ଶ୍ରୀଧର ସ୍ୱାମୀଙ୍କ ମହାପ୍ରୟାଣ ମହୋତ୍ସବ

## ପ୍ରାଚୀନ ମଠର ଐତିହ୍ୟ ଯୁବ ସମାଜ ଜାଣିବା ଉଚିତ୍

ପୁରୀ,୨୮।୧(ସମିସ): ଶ୍ରୀଶଙ୍କରାନନ୍ଦ ମଠର ପୂର୍ବ ସ୍ୱାମୀ ତଥା ଶ୍ରୀଗୋବର୍ଦ୍ଧନ ପୀଠ ପୁରୀର ପ୍ରଥମ ଓଡ଼ିଆ ଶଙ୍କରାଚାର୍ଯ୍ୟ ଶ୍ରୀଧର ସ୍ୱାମୀଙ୍କ ମହାପ୍ରୟାଣ ମହୋତ୍ସବ ମଠ ନାଟମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବକୁ ଉଦ୍‌ଘାଟନ କରି ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଥିଲେ ଯେ ଶ୍ରୀକ୍ଷେତ୍ରର ଏହି ପ୍ରାଚୀନ ମଠର ଐତିହ୍ୟ ଯୁବ ସମାଜ ଜାଣିବା ଉଚିତ୍। ମହାନ ସନ୍ଥ ଶ୍ରୀଧର ସ୍ୱାମୀ ଜାତୀୟସ୍ତରରେ ପ୍ରସିଦ୍ଧ ଥିଲେ। ମଠ ଟ୍ରଷ୍ଟ ବୋର୍ଡ ସଭାପତି ଡ. ଦୁର୍ଗାପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଘାଟନ ପର୍ବ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଆଭିମୁଖ୍ୟ ପ୍ରକାଶ କରି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଥିଲେ ଯେ ଶ୍ରୀଧର ସ୍ୱାମୀଙ୍କ ଶ୍ରୀମଦ୍ ଭାଗବତର "ଭାବପ୍ରକାଶ' ଟୀକା ବିଶ୍ୱବିଖ୍ୟାତ। ୧୩୭୦ରେ ତାଙ୍କର କୃତି ସମଗ୍ର ଭାରତରେ ବିଦ୍ୱାନମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। କିନ୍ତୁ ପ୍ରଚାରପ୍ରସାର ଅଭାବରୁ ଭାରତର ସଂସ୍କୃତ ସାହିତ୍ୟ ଇତିହାସରେ ତାଙ୍କ ନାମ ଓ କୃତି ଉଲ୍ଲେଖ ନାହିଁ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଟକୀ ମଠର ମହାରାଜ ଡ. ବିଜୟ ରାମାନୁଜ ଦାସ ପୁରୀର ସନ୍ଥମାନଙ୍କ ମଧ୍ୟରେ ଜଣେ ଶ୍ରେଷ୍ଠ ସନ୍ଥ ଅବହେଳିତ ହୋଇ ରହିଛନ୍ତି ବୋଲି ମତ ଦେଇଛନ୍ତି। ସମ୍ମାନିତ ଅତିଥି ପ୍ରଫେସର ଦିବାକର ମହାପାତ୍ର କହିଥିଲେ ଯେ, ତାଙ୍କ ଲିଖିତ ଗ୍ରନ୍ଥ ଓ ଟୀକା ଗ୍ରନ୍ଥ ସମସ୍ତ ପ୍ରକାଶିତ ହେବା ଉଚିତ୍। ସମ୍ମାନିତ ବକ୍ତା ଡ. ପ୍ରଦୀପ କୁମାର ଆଚାର୍ଯ୍ୟ ଶ୍ରୀଧରଙ୍କ ବିଷ୍ଣୁ ପୁରାଣ ଓ ଗୀତାର ଟୀକା କିପରି କାଳଜୟୀ ତାହା ପ୍ରକାଶ କରିଥିଲେ।

ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ଡ. କୁମାର ଅରୋଜ୍ୟୋତି, ଦେବୀପ୍ରସନ୍ନ ନନ୍ଦ ଓ ଇଂ. ଶୁଭ୍ରପ୍ରକାଶ ପଣ୍ଡା ସ୍ୱରଚିତ ପ୍ରବନ୍ଧପାଠ କରିଥିଲେ। ଉଭୟ ଅଧିବେଶନରେ ସ୍ୱାମୀ ଶାଶ୍ୱତାନନ୍ଦ ଧନ୍ୟବାଦ ଅର୍ପଣ କରି ସନାତନ ପରମ୍ପରାର ଅନନ୍ୟ ବିଦ୍ୱାନ ଶ୍ରୀଧରଙ୍କ କୃତିକୁ ଆଧାର କରି ଅତିବଡ଼ୀ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ରଚନା କରିଥିଲେ। ଅତିବଡ଼ୀ ତାଙ୍କ ଭାଗବତରେ ତାଙ୍କୁ ସ୍ମରଣ କରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସୁଶ୍ରୀ ମିଶ୍ର। ଦ୍ୱିତୀୟ ଅଧିବେଶନ ଆଲୋଚନାରେ ଡ. ସୁରେନ୍ଦ୍ର କୁମାର ମିଶ୍ର ଭାଗନେଇ ଶ୍ରୀଧରଙ୍କ ଅନନ୍ୟ ପାଣ୍ଡିତ୍ୟ କିପରି ଭାରତ ବର୍ଷର ସର୍ବତ୍ର ଆଲୋଚନା ହୋଇଛି ତାହା ପ୍ରକାଶ କରିଥିଲେ। ଏଥିରେ ସନ୍ତୋଷ କୁମାର ମିଶ୍ର ଅଂଶଗ୍ରହଣ କରି ସାଂସାରିକ ଜୀବନରେ ଭାଗବତର ଭୂମିକା ଉପରେ ଆଲୋକପାତ କରିଥିଲେ। ଅଶୋକ ମିଶ୍ର, ମିହିର ମିଶ୍ର, ସଦାଶିବ ସାହୁ, ଆଦିତ୍ୟ ମିଶ୍ର, ଯାମିନୀକାନ୍ତ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ପ୍ରସିଦ୍ଧ ଡେଲାଙ୍ଗ ହରିରାଜପୁର ମେଳଣ ପ୍ରସ୍ତୁତି ବୈଠକ

ପୁରୀ,୨୮।୧(ସମିସ): ଡେଲାଙ୍ଗର ହରିରାଜପୁର ମେଳଣ ଏକ ପ୍ରାଚୀନ ମେଳଣ ଭାବେ ରାଜ୍ୟରେ ଖ୍ୟାତିଲାଭ କରିଛି। ପଶ୍ଚିମାଶମ୍ଭୁ ପ୍ରଭୁ ସୋମନାଥଙ୍କ ପଞ୍ଚୁଦୋଳ ମେଳଣ ଚଳିତ ବର୍ଷ ମାର୍ଚ୍ଚ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୪୦୦ ବର୍ଷ ପ୍ରାଚୀନ ଏହି ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେଣୁ ଏହାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏହାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ପରିଚାଳନା ସହ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ମୌଳିକ ସୁବିଧାସୁଯୋଗ ଯୋଗାଇବାକୁ ପରାମର୍ଶ ଦେଇଥିଲେ। ଏସ୍‌ପି ପ୍ରତୀକ୍ ସିଂ ମେଳାରେ ଶୃଙ୍ଖଳା ରକ୍ଷା ସହ ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଯାତ୍ରୀ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ ସମ୍ପର୍କରେ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ। ମେଳଣ ପଡ଼ିଆକୁ ପରିଷ୍କାର ପରିଚ୍ଛନ୍ନ, ଅସ୍ଥାୟୀ ରହଣୀ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାନୀୟ ଜଳଯୋଗାଣ ଆଦି ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଆଇପିଏସ୍ ପ୍ରୋବେସନର ଅନଖା କେ ବିଜୟ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଏସ୍‌ପି ଦେବାଶିଷ ମିଶ୍ର, ଡେଲାଙ୍ଗ ବିଡିଓ ସମୀର ବେହେରା, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ମେଳଣ କମିଟିର ସଦସ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ପଞ୍ଚୁଦୋଳ ମେଳଣ କମିଟିର ସମ୍ପାଦକ ପ୍ରସନ୍ନ କୁମାର ମହାରଥୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ପଞ୍ଚୁଦୋଳ ମେଳଣର ଐତିହ୍ୟ, ପରମ୍ପରା ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ।

## ଭୂମିହୀନଙ୍କୁ ପଟ୍ଟା ବାଣ୍ଟିଲେ ରାଜସ୍ୱ ମନ୍ତ୍ରୀ

ପୁରୀ,୨୮।୧(ସମିସ): ନିଜର ଘରଟିଏ ସମସ୍ତଙ୍କ ସ୍ୱପ୍ନ ଥାଏ। ଆଉ ଘର ପାଇଁ ଭୂମି ଜରୁରୀ। ଭୂମିହୀନମାନଙ୍କୁ ଚିହ୍ନଟ କରି ୫ ବର୍ଷ ମଧ୍ୟରେ ସମସ୍ତଙ୍କୁ ଜମି ପଟ୍ଟା ଦେବାର ବ୍ୟବସ୍ଥା ସରକାର କରିଛନ୍ତି। ସେହିପରି ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ସମସ୍ତ ଶିକ୍ଷାନୁଷ୍ଠାନ ନାମରେ ଜମିପଟ୍ଟା ଦିଆଯିବ। ଆବଶ୍ୟକସ୍ଥଳେ ପିଲାମାନଙ୍କ ଖେଳ ପଡ଼ିଆ ପାଇଁ ଅଧିକ



ଜମି ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସୋମବାର ସାଧାରଣତନ୍ତ୍ର ଦିବସ ଅବସରରେ ସଂସ୍କୃତି ଭବନଠାରେ ବସୁନ୍ଧରା ଯୋଜନାରେ ପୁରୀ ଜିଲ୍ଲାର ୧୪ ଜଣ ଭୂମିହୀନଙ୍କୁ ଓ ୨୦ଟି ଶିକ୍ଷାନୁଷ୍ଠାନକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପଟ୍ଟା ବଣ୍ଟନ କରିଥିଲେ। ଶତାଧିକ ବର୍ଷ ପୁରୁଣା ପୁରୀ ଜିଲ୍ଲା ସ୍କୁଲ, ବିଶ୍ୱମ୍ଭର ବିଦ୍ୟାପୀଠ ନାମରେ ଏ ପର୍ଯ୍ୟନ୍ତ ଜମି ପଟ୍ଟା ହୋଇ ନ ଥିବା ସମ୍ପର୍କରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତେବେ ସେହି ବିଦ୍ୟାଳୟ ସହ ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କୁ ଜମି ପଟ୍ଟା ପ୍ରଦାନ କରିଥିବାରୁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ଶ୍ରୀ ପୂଜାରୀ ନିଜ ବକ୍ତବ୍ୟରେ ଭୂମି ଈଶ୍ୱରଦତ୍ତ। ସେଥିପାଇଁ ଭୂମି ପାଇଁ ଭାଇ ଭାଇ, ରାଜ୍ୟ ରାଜ୍ୟ, ଦେଶ ଦେଶ ମଧ୍ୟରେ କଳହ, ଯୁଦ୍ଧ ହେଉଛି। ଭୂମି ପାଇଁ ମହାଭାରତ ସଂଘଟିତ ହୋଇଥିଲା। ପୁରୀର ଜମି ସମସ୍ୟା ଜଟିଳ। ଏହାକୁ ସହମତି ଭିତ୍ତିରେ ସମାଧାନ କରାଯିବ। ସହଯୋଗ ମିଳିଲେ ପୁରୀ ଜିଲ୍ଲା ଜମି ପଟ୍ଟା ବଣ୍ଟନରେ ଏକ ନମ୍ବର ଜିଲ୍ଲା ହୋଇପାରିବ ବୋଲି କହିଥିଲେ। ବିଧାୟକ ସୁନୀଲ କୁମାର ମହାନ୍ତି ଭୂମିହୀନଙ୍କୁ ଓ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜ ନାମରେ ଜମି ପଟ୍ଟା ପ୍ରଦାନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିବା ସହ ସମସ୍ତଙ୍କ ସହଯୋଗ ଏହାକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ବସୁନ୍ଧରା ଯୋଜନାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ୍‌ଦାର, ଅତିରିକ୍ତ ତହସିଲ୍‌ଦାର ପ୍ରମୁଖ ଉପସ୍ଥିତ ଥିଲେ।

### ଚତୁର୍ଥ ରୂପକ ମହୋତ୍ସବ ଉଦ୍‌ଯାପିତ

# ସଂସ୍କୃତ ନାଟକ ପୁରୁଣା ହୁଏନି; ସବୁବେଳେ ପ୍ରାସଙ୍ଗିକ

ପୁରୀ,୨୮।୧୨(ସମିସ): ସ୍ଥାନୀୟ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଚାଲିଥିବା ତ୍ରିଦିବସୀୟ ପୂର୍ବକ୍ଷେତ୍ରୀୟ ଚତୁର୍ଥ ରୂପକ ମହୋତ୍ସବ ଗତ ସୋମବାର ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପିତ ହୋଇଯାଇଛି। ସମାପନୀ ଉତ୍ସବରେ ସାରସ୍ୱତ ଅତିଥି ଭାବେ ବର୍ଷିଆନ କଳାକାର ଶଙ୍କର ବସୁ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବର୍ଷିଆନ ମଞ୍ଚ କଳାକାର ଓ ନାଟ୍ୟକାର ମନୋଜ ପଟ୍ଟନାୟକ ଏବଂ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ ମଞ୍ଚ କଳାକାର ଲାଲା ବିରେନ୍ ରାୟ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, କଳା ହେଉଛି ସତ୍ୟର ପ୍ରତିଫଳନ ଏବଂ ସଂସ୍କୃତ ନାଟକ ହେଉଛି ସେହି ସତ୍ୟର ଜୀବନ୍ତ ରୂପ। ସଂସ୍କୃତ ନାଟକ କେବେ ବି ପୁରୁଣା ହୁଏନାହିଁ, ଏହା ସବୁବେଳେ ପ୍ରାସଙ୍ଗିକ। ରୂପକ ମହୋତ୍ସବ ଆଞ୍ଚଳିକ ସୀମା ଡେଇଁ ଏକ ଜାତୀୟ ଚେତନା ସୃଷ୍ଟି କରିଛି। ମଞ୍ଚ ହେଉଛି ଜଣେ କଳାକାରର ତପସ୍ୟା ସ୍ଥଳ। ସଂସ୍କୃତ ନାଟକ କେବଳ ଭାଷାର ଖେଳ ନୁହେଁ, ଏହା ହେଉଛି ଆଙ୍ଗିକ, ବାଚିକ ଏବଂ ସାତ୍ତ୍ୱିକ ଅଭିନୟର ସମନ୍ୱୟ। ଆଜିର ପିଢ଼ି ଯଦି ଏହି ଶାସ୍ତ୍ରୀୟ ନାଟ୍ୟଧାରାକୁ ଆଦରି ନିଅନ୍ତି ତେବେ ଭାରତୀୟ ରଙ୍ଗମଞ୍ଚର ଭବିଷ୍ୟତ ଅତି ଉଜ୍ଜ୍ୱଳ ବୋଲି କହିଥିଲେ।

ଅଧ୍ୟକ୍ଷ ଅଭିଭାଷଣରେ ପରିସରର ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର କହିଥିଲେ, ଶ୍ରୀସଦାଶିବ ପରିସର ସବୁବେଳେ ଶୈକ୍ଷିକ ଏବଂ ସାଂସ୍କୃତିକ ଉତ୍କର୍ଷର କେନ୍ଦ୍ର ହୋଇ ରହିଛି। ଏହି ରୂପକ ମହୋତ୍ସବର ସଫଳତା ଦର୍ଶାଉଛି ଯେ ଆମର ଛାତ୍ରଛାତ୍ରୀମାନେ କେବଳ ପୋଥି ପଢୁନାହାନ୍ତି ବରଂ ନାଟ୍ୟଶାସ୍ତ୍ରର ଜ୍ଞାନକୁ ଜୀବନ୍ତ କରୁଛନ୍ତି। ନାଟକ ହେଉଛି 'ପଞ୍ଚମ ବେଦ', ଯାହା ସମସ୍ତ ବର୍ଗର ଲୋକଙ୍କୁ ଶିକ୍ଷା ଓ ମନୋରଞ୍ଜନ ପ୍ରଦାନ କରେ। ସମାପନ ଉତ୍ସବରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କାର୍ଯ୍ୟକ୍ରମର ସହ ସମନ୍ୱୟକ ଡ. ଜିତେନ୍ଦ୍ର ରାୟଗୁରୁ। ଏହି ନାଟ୍ୟ ମହାକୁମ୍ଭରେ ଶ୍ରୀ ସୀତାରାମ ବୈଦିକ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ "ଶ୍ରମଫଳମ୍', କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସରର "ମାଣବକ ଗୌରବମ୍', ରାଧାମାଧବ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର "ଗୀତାରୂପକମ୍', ଲକ୍ଷ୍ମୀଦେବୀ ସରାଫ୍ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟର "ପାଶ୍ଚାତ୍ୟମୋହମ୍', କାଳିଆଚକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ "ଶ୍ରମଫଳମ୍', କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପକ୍ଷରୁ ଡ. ହରିନାରାୟଣ ଦୀକ୍ଷିତଙ୍କ ଦ୍ୱାରା ରଚିତ "ମେନକା ବିଶ୍ୱାମିତ୍ରମ୍' ନାଟକ ପରିବେଷଣ କରାଯାଇଥିଲା। ବିଚାରକ ମଣ୍ଡଳୀମାନଙ୍କ ଦ୍ୱାରା ଶ୍ରୀସଦାଶିବ ପରିସର ପୁରୀ ପକ୍ଷରୁ ମଞ୍ଚସ୍ଥ "ମେନକା ବିଶ୍ୱାମିତ୍ରମ୍' ରୂପକ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ



### 'ମେନକା ବିଶ୍ୱାମିତ୍ରମ୍' ଶ୍ରେଷ୍ଠ ନାଟକ

ଦ୍ୱିତୀୟ ସ୍ଥାନ ଅଧିକାର କରିଛି କାଳିଆଚୌକ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ ଦ୍ୱାରା ମଞ୍ଚସ୍ଥ ରୂପକ "ଶ୍ରମଫଳମ୍' ଏବଂ ତୃତୀୟ ସ୍ଥାନ ପାଇଛି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର, ଅଗରତାଲା ଦ୍ୱାରା ପ୍ରସ୍ତୁତ ରୂପକ "ମାଣବକ ଗୌରବମ୍'। ସମସ୍ତ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ କରିଥିବା କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ବିଶ୍ୱନାଥ ମିଶ୍ର ଓ ଡ. ସୁବ୍ରତ ଷଡ଼ଙ୍ଗୀ। ପ୍ରତିବେଦନ ଉପସ୍ଥାପନା କରିଥିଲେ ଡ. ସନ୍ଦୀପ ଚାଟାର୍ଜୀ। ପ୍ରଫେସର ଶମ୍ଭୁନାଥ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଳ୍ପ ପ୍ରତିଷ୍ଠା ନେଇ ଜନଶୁଣାଣି

# ଅଧିଗ୍ରହଣ ହେବ ୧୨୪୫ ଚାଷୀଙ୍କ ୫୪୩ ଏକର ଜମି

କେନ୍ଦ୍ରାପଡ଼ା,୨୮।୧(ସମିସ)

ମହାକାଳପଡ଼ା ବ୍ଲକ୍ ଯଦୁପୁର ପଞ୍ଚାୟତ କଳାଗଡ଼ ଗ୍ରାମରେ ଶିଳ୍ପ ପ୍ରତିଷ୍ଠାକୁ ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ମଶାକଣୀ ବଡ଼ଦାଣ୍ଡ ପଡ଼ିଆରେ ଅନୁଷ୍ଠିତ ଏହି ଜନଶୁଣାଣିରେ କଳାଗଡ଼ ଗ୍ରାମର ୧୨୪୫ ଜଣ ଚାଷୀଙ୍କ ୫୪୩.୩୫୧ ଏକର ବେସରକାରୀ ଜମି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅଧିଗ୍ରହଣ କରାଯିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଜନ ଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମାଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଯଦୁପୁର ସରପଞ୍ଚ ସଂଯୁକ୍ତା ଜେନା, କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବା ଇଡ୍‌କୋ ଜମି




ଅଧିଗ୍ରହଣ ଅଧିକାରୀ ସ୍ମିତାଞ୍ଜଳି ଦାସ, ମହାକାଳପଡ଼ା ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ଦୀପାର ଆପ୍ଟର କେୟାର ରିଲେସନସିପ ଏକ୍ସପୋର୍ଟ ବଳରାମ ସାହୁ ସହ ଲାଇଫ ଏକାଡେମୀ ଅଫ୍ ଭୋକେସନାଲ ଷ୍ଟଡିର ସଂଯୋଜକକୋଅର୍ଡିନେଟର ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କେନ୍ଦ୍ରାପଡ଼ା ଦୀପା ଟିମ ଲିଡର ସୌଭାଗ୍ୟ ରଞ୍ଜନ ମଲ୍ଲୀକ ସୁଚାରୁ ଭାବେ ସଂଚାଳନା କରିଥିଲେ। ଏହି ଅବସରରେ ଲାଭ୍ସ, ଭୁବନେଶ୍ୱର ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସର୍ବେକ୍ଷଣ ସମୟରେ ଆସିଥିବା ଅଭିଯୋଗ ଓ ପ୍ରସ୍ତାବ ସମ୍ପର୍କରେ ପ୍ରଭାବିତ ଲୋକମାନଙ୍କୁ ସୂଚନା ଦିଆଯାଇଥିଲା। ଜନଶୁଣାଣିରେ ପ୍ରଭାବିତ ଚାଷୀ ଓ ଗ୍ରାମବାସୀ ଶିଳ୍ପ ପ୍ରତିଷ୍ଠାକୁ ସ୍ୱାଗତ କରିବା ସହିତ ଯଥୋଚିତ କ୍ଷତିପୂରଣ, ନିଯୁକ୍ତି ସୁଯୋଗ, ପୁନର୍ବାସ ଓ ଅନ୍ୟାନ୍ୟ ମୌଳିକ ସୁବିଧାକୁ ନେଇ କିଛି ଦାବି ଉପସ୍ଥାପନ କରିଥିଲେ। ସୂଚନା ଅନୁସାରେ, ୱେଲସପୁନ ଲିଭିଂ ଲିମିଟେଡ଼ (ଟେକ୍ସଟାଇଲ), ୱେଲସପୁନ ନ୍ୟୁ ଏନର୍ଜି ଲିମିଟେଡ଼ (ଗ୍ରୀନ ହାଇଡ୍ରୋଜେନ ଓ ଆମୋନିଆ), ଆକମେ ଅକ୍ଷୟ ଏନର୍ଜି ପ୍ରାଇଭେଟ ଲିମିଟେଡ୍ (ଗ୍ରୀନ ହାଇଡ୍ରୋଜେନ) ଓ କୈବଲ୍ୟ ଲଜିଷ୍ଟିକ ପ୍ରାଇଭେଟ ଲିମିଟେଡ୍ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ପାଇସାରିଛନ୍ତି। ତଥାପି, ଗୋଟିଏ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଚୂଡ଼ାନ୍ତ ନିଷ୍ପତ୍ତି ରାଜଧାନୀ ଭୁବନେଶ୍ୱରରେ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୩ ବଖରା ଜଳିଗଲା



ରାଜନଗର ,୨୮।୧(ସମିସ): ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତ ମଧୁପୁର ଗାଁରେ ଭୟାବହ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ସହିତ ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଗାଁର ଗୋଲେଖ ଦାସଙ୍କ ଘରେ ରାତି ପ୍ରାୟ ସାଢ଼େ ୧୧ଟାରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ଘର ଭିତରେ ଥିବା ପରିବାର ଲୋକେ ଉଠି ଜୀବନ ବିକଳରେ ଘର ବାହାରକୁ ପଳାଇ ଆସିଥିଲେ। ଚାହୁଁ ଚାହୁଁ ମାତ୍ର ୧୦ /୧୫ ମିନିଟରେ ତିନି ବଖରା ଘର ସହିତ ସମସ୍ତ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାବେଳକୁ ସବୁ ପୋଡ଼ି ସାରିଥିଲା। ବିପନ୍ନ ପରିବାର ପଡ଼ୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଆଜି ଭିତରଗଡ଼ ରାଜସ୍ୱ ନିରୀକ୍ଷକ ପହଞ୍ଚି ବିପନ୍ନ ପରିବାରକୁ ପାଲ ଯୋଗାଇ ଦେଇଛନ୍ତି।

## ତାଲୁକ ଆଇନ ସେବା ସମିତି ପକ୍ଷରୁ ସାଇକଲ ରାଲି

ପଟ୍ଟାମୁଣ୍ଡାଇ,୨୮।୧(ସମିସ): ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ କୋର୍ଟ ପରିସରରେ ତାଲୁକ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ତାଲୁକଆଇନସେବାସମିତିରଅଧ୍ୟକ୍ଷତଥା ଅତିରିକ୍ତ ଜିଲ୍ଲା ବିଚାରପତି ବିଦ୍ୟାଧର ପୃଷ୍ଟିଙ୍କ ନେତୃତ୍ୱରେ ଏକ ସାଇକେଲ ଶୋଭାଯାତ୍ରା କୋର୍ଟ ପରିସରରୁ ବାହାରି ପଟ୍ଟାମୁଣ୍ଡାଇ ମହିଳା କଲେଜ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସିନିଅର ସିଭିଲ ଜଜ ଅପୂର୍ବା ଚୌଧୁରୀ, ସିଭିଲ ଜଜ ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ଜଜ ଡି କେ ବାଲ କ୍ରିଷ୍ଣନ ଅମରେନ୍ଦ୍ର ତ୍ରିପାଠୀ, ସରକାରୀ ଓକିଲ ଧୀରେନ୍ଦ୍ରନାଥ ସାହୁ,ସି ଏସ ଆଇ କୋର୍ଟର ସମସ୍ତ କର୍ମଚାରୀ ସମେତ ପଟ୍ଟାମୁଣ୍ଡାଇ ମହିଳା କଲେଜର ବହୁ ଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୋହନ ଦାଶ, ବିଭୂତି ବେହେରା ଅମରେନ୍ଦ୍ର ରାଉତ ପ୍ରମୁଖ ପରିଚାଳନା କରିଥିଲେ

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ରାଜନଗର,୨୮।୧(ସମିସ): ରାଜନଗର ବ୍ଲକ୍ ସଦର ମହକୁମାସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ମୁଖ୍ୟ ବକ୍ତା ଭାବେ ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଣୟ କୁମାର ବେହେରା ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ଏହା ଛାତ୍ରୀ ମାନଙ୍କୁ ସଶକ୍ତିକରଣ କରିବା ସହ ଆତ୍ମରକ୍ଷା କରିବାରେ ସହାୟକ ହେବ ବୋଲି ମତ ଦେଇଥିଲେ। ପ୍ରୋଗ୍ରାମ କୋଅର୍ଡିନେଟର ଡ଼. ମୁମୁନ ଦାସ ଯୁକ୍ତ ୩ ପ୍ରଥମ ବର୍ଷର ୧୬୧ ଛାତ୍ରୀ ଏହି ୮ ଦିନ ବ୍ୟାପି ଶିବିରରେ ଅଂଶ ଗ୍ରହଣ କରିଥିଲେ ବୋଲି ପ୍ରକାଶ କରିଥିଲେ। ଅଧ୍ୟାପିକା ସୁଭଦର୍ଶିନୀ ପ୍ରଧାନ ଓ କବିତା ସାମନ୍ତରାୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ମାଷ୍ଟର ଟ୍ରେନର ଭାବେ ପ୍ରୀତିପ୍ରଭା ରାଉତ ଓ ଝିଲ୍ଲୀ ଜେନା ପ୍ରଶିକ୍ଷଣ ଦେଇଥିଲେ।

## ଚିଙ୍ଗୁଡ଼ି ଘେରିରେ ଶ୍ରମିକ ମୃତ

ରାଜନଗର,୨୮।୧(ସମିସ): ରାଜନଗର ଥାନା ଅନ୍ତର୍ଗତ ଘଡିଆମାଳ ନିକଟରେ ଥିବା ଚିଙ୍ଗୁଡ଼ି ଘେରିରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଚିଙ୍ଗିଡ଼ି ଘେରିକୁ କାମ କରିବାକୁ ଗତକାଲି ବାରିପଦା ଅଞ୍ଚଳର ଦୁଇଜଣ ଆଦିବାସୀ ଯୁବକ ଆସିଥିଲେ। ସାଙ୍ଗରେ ମହୁଲ ଆଣିଥିଲେ। ଗତକାଲି ଘରୁ ଆସିଥିବାରୁ ଆଜି କାମ କରିନଥିଲେ। ଆଜି ଦିନ ତମାମ ମହୁଲ ପିଇଥିଲେ। ଆଜି ଦିନ ପ୍ରାୟ ୫ଟା ସମୟରେ କୌଣସି କାରଣରୁ ବାରିପଦାର କେଦାର ବିଦ୍ଧାଣି (୩୭) ଚିଙ୍ଗୁଡ଼ି ଘେରିଲେ ପଡିଯାଇଥିଲେ। ଅନ୍ୟ ଶ୍ରମିକମାନେ ତାଙ୍କୁ ଘେରି ମଧ୍ୟରୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକଙ୍କୁ ଖବର ଦିଆଯାଇଛି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ




ଡେରାବିଶ,୨୮।୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟସ୍ଥିତ ଡେରାବିଶ ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ନଗେନ୍ଦ୍ର ନାଥ ପାଣି, ପ୍ରାଧ୍ୟାପକ ଗୁରୁଚରଣ ସେଠୀ, ସଞ୍ଜୟ କୁମାର ମିଶ୍ର, ଅଧ୍ୟାପିକା ଡକ୍ଟର ପ୍ରଜ୍ଞା ପଟ୍ଟନାୟକ, ସ୍ୱର୍ଣ୍ଣଲତା ମିଶ୍ର, ପ୍ରଜ୍ଞାପାରମିତା ରାଉତରାୟ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ନାରୀମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜେ ପ୍ରସ୍ତୁତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିବା ସହିତ ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ଅଂଶଗ୍ରହଣ କରିଥିବା ଶିବିରାର୍ଥୀମାନେ ସେମାନେ ପ୍ରଶିକ୍ଷିତ ହୋଇଥିବା କେତେଗୁଡ଼ିଏ କୌଶଳ ପ୍ରଦର୍ଶିତ କରିଥିଲେ। ଉକ୍ତ ସଭାକୁ ଡକ୍ଟର ରୁଦ୍ରାଣୀ ପଟ୍ଟନାୟକ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପିକା ଶୁଭାଷିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସର୍ବେଶ୍ୱର ରଥ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଗୋଲଡେନ୍ ଷ୍ଟାର ଚାମ୍ପିଅନ

ଡେରାବିଶ,୨୮।୧(ସମିସ): ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଜହଙ୍ଗର ଖେଳପଡ଼ିଆରେ ଆଇଡିଆଲ ୟୁନିୟନ୍ ସ୍ପୋର୍ଟିଂ କ୍ଲବ ଦ୍ୱାରା ଆୟୋଜିତ ୨୮ତମ ରାଜ୍ୟସ୍ତରୀୟସର୍ବେଶ୍ୱରରଥମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିବା ବେଳେ ଆଜିର ଫାଇନାଲ୍ ମ୍ୟାଚ୍‌ରେ ଯାଜପୁରର ଗୋଲଡେନ୍ ଷ୍ଟାର ଓ ଆଇଡିଆଲ ୟୁଥ୍ କ୍ଲବ ପରସ୍ପରକୁ ଭେଟିଥିଲେ। ପ୍ରଥମେ ଗୋଲଡେନ୍ ଷ୍ଟାର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫୯ ରନ୍ କରିଥିଲେ। ଏହାର ଜବାବରେ ଆଇଡିଆଲ୍ ୟୁଥ୍ କ୍ଲବ ତା'ର ସମସ୍ତ ୱିକେଟ୍ ହରାଇ ୧୪୭ ରନ୍ କରିବାକୁ ସମର୍ଥ ହୋଇଥିଲେ। ପରେ କ୍ଲବର ସଦସ୍ୟ ଗୋପିନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥିଭାବେ ସମାଜସେବୀ ସଂଜୟ କୁମାର ସାହୁ ଓ ସମ୍ମାନିତ ଅତିଥିଭାବେ ବିଶ୍ୱମୋହନ ଦାସ ଯୋଗଦେଇ ଚମ୍ପିଆନ ଗୋଲଡେନ୍ ଷ୍ଟାର ଟିମ୍‌କୁ ଚମ୍ପିଆନ୍ ଟ୍ରଫି ଓ ରନର୍ସଅପ୍ ଆଇଡିଆଲ୍ ୟୁଥ୍‌କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ କିଶୋର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଭାଷକାର ଭାବେ ଚନ୍ଦ୍ରକା" ରାଉତ ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣମେଣ୍ଟକୁ ପ୍ରଣବ ଦାସ ଓ ଦେବାଶିଷ ମହାନ୍ତି ପରିଚାଳନା କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।



## ଗୋ ଚାଲାଣ ଘଟଣାରେ ୨ଗିରଫ

ମହାକାଳପଡ଼ା,୨୮।୧(ସମିସ): ଗୋରୁ ଚୋରି ଓ ଗୋ ଚାଲାଣ ଘଟଣାରେ ଆଜି ମହାକାଳପଡ଼ା ପୁଲିସ ଗୋଟିଏ ପିକଅପ୍ ଭ୍ୟାନ୍ ସହିତ ଦୁଇଟି ଗୋରୁ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ଗୁରୁବାର ଭୋର ପ୍ରାୟ ୩ଟା ସମୟରେ ଜମ୍ବୁ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଆଶୋକ ଲେଲ୍ୟାଣ୍ଡ ପିକଅପ୍ ଭାନ୍ (ନମ୍ବର ଓଡି-୨୧-ଏଚ-୪୦୫୪) କୁ ପୁଲିସ ଚିହ୍ନଟ କରିଥିଲା। ପୁଲିସକୁ ଦେଖି ଗାଡ଼ି ଚାଳକ ଗାଡିକୁ ବେପରୁଆ ଭାବେ ଚଳାଇ ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ପୁଲିସ ନିଜ ଯାନବାହନ ରାସ୍ତାରେ ରଖି ଭ୍ୟାନ୍‌କୁ ଅଟକାଇଥିଲା। ଭ୍ୟାନ୍ ରୁ ଦୁଇଜଣ ବ୍ୟକ୍ତି ପଳାଇବାକୁ ଚେଷ୍ଟା କରିଥିଲେ ବି ପୁଲିସ ଦ୍ୱାରା ସେମାନେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ଏସ୍.କେ. ଆକିପୁଦ୍ଦିନ(୨୬) ଓ ଏସ୍.କେ. ମନୱର (୪୫)। ଉଭୟେ କେନ୍ଦ୍ରାପଡ଼ା ସହର ଥାନା ଅନ୍ତର୍ଗତ ବଡ଼ହାଟ, କୁରେଶୀ ମହଲ୍ଲା ଗ୍ରାମର ବାସିନ୍ଦା। ଯାଞ୍ଚ୍ ବେଳେ ଭ୍ୟାନ୍‌ର ଡାଲାରେ ଦୁଇଟି ଗାଇ କୁ ଅତ୍ୟନ୍ତ ଅମାନବିକ ପରିସ୍ଥିତିରେ ନେଯାଉଥିବା ଦେଖାଯାଇଥିଲା। ଅଭିଯୁକ୍ତମାନେ ଗାଇ ପରିବହନ ସମ୍ପର୍କିତ କୌଣସି ବୈଧ ଦଲିଲ, ଲାଇସେନ୍ସ ବା କ୍ରୟ ପତ୍ର ପ୍ରଦର୍ଶନ କରିପାରିନଥିଲେ। ପଚରାଉଚରାରେ ସେମାନେ ବିଭିନ୍ନ ଗାଁରୁ ଗାଇ ଚୋରି କରି ଦୀର୍ଘଦିନ ଧରି ଅବୈଧ ଗୋ-ଚାଲାଣ ବ୍ୟବସାୟରେ ଜଡିତ ଥିବା କଥା ସ୍ୱୀକାର କରିଥିଲେ। ଏହି ଘଟଣାରେ ମହାକାଳପଡ଼ା ପୁଲିସ ଦୁଇ ଜଣଙ୍କୁ ଗିରଫ କରି କେସ୍ ନଂ ୩୬ ରେ ଅଭିଯୁକ୍ତମାନଙ୍କ ବିରୋଧରେ ବିଏନଏସ ଧାରା ୩୦୩(୨)/୩୧୭(୨)/୩(୫) ପଶୁ ନିର୍ଯାତନା ଆଇନ ଧାରା ୧୧(୧)(ଏ)(ଡି)(ଇ) ଏବଂ ଓଡ଼ିଶା ଗୋ-ହତ୍ୟା ନିଷେଧ ଆଇନ ଧାରା ୭ ଅନୁସାରେ ମାମଲା ରୁଜୁ କରିଛି ବୋଲି ଥାନା ଅଧିକାରୀ ମାନସ ମଲ୍ଲିକ ସୂଚନା ଦେଇଛନ୍ତି।

### କେନ୍ଦ୍ରାପଡ଼ାରେ ବନ୍ଦ ପାଳନ

## ରାସ୍ତାରେ ବସିଲେ ଆନ୍ଦୋଳନକାରୀ, ଯାତାୟାତ ଠପ୍

କେନ୍ଦ୍ରାପଡ଼ା,୨୮।୧(ସମିସ): ନବନିର୍ମାଣ କୃଷକ ସଂଗଠନର ଡାକରାରେ ଓ କଂଗ୍ରେସ ଦଳର ସମର୍ଥନରେ ଆଜି କେନ୍ଦ୍ରାପଡ଼ାରେ ବନ୍ଦ ପାଳନ କରାଯାଇଛି। ଧାନମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ଲୋକଙ୍କ ଠାରୁ ଅନାବଶ୍ୟକ ଫାଇନ ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଉପଭୋକ୍ତାଙ୍କ ଶୋଷଣ ଓ କୃଷି ମନ୍ତ୍ରୀଙ୍କ ଉପସ୍ଥିତିରେ ନବନିର୍ମାଣ ସଂଗଠନର ନେତୃତ୍ୱ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁହୁରିଆ ଛକଠାରେ ସକାଳ ୬ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରାସ୍ତାରୋକ ଓ ଆନ୍ଦୋଳନ କରାଯାଇଥିଲା। ଫଳରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଗାଡ଼ିମଟର ଅଟକି ରହିଥିଲା। ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ଏହି ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନର ସଭାପତି ଅକ୍ରୁର ପଲେଇ, ଦାଶରଥି ସାହୁ, ଦୋଳଗୋବିନ୍ଦ ସାହୁଙ୍କ ସହ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ବିଧୁଭୂଷଣ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ହରିଶ ପଟ୍ଟନାୟକ, ଜିଲ୍ଲା ସାମାଜିକ ଗଣମାଧ୍ୟମ ସଂଯୋଜକ ହିମାଂଶୁ ଭୂଷଣ ନନ୍ଦ, ରଶ୍ମୀରଞ୍ଜନ ଚୌଧୁରୀଙ୍କ ସମେତ ଗୟାଧର ଧଳ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଜଗତଜୀବନ ଦାଶ ପ୍ରମୁଖ ଶତାଧିକ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଆନ୍ଦୋଳନକାରୀ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଚେତନ କହିଥିଲେ।



## ଅଙ୍ଗନବାଡ଼ି କର୍ମୀଙ୍କୁ ନିର୍ଯାତନା; ଜେଲ ଗଲେ ସ୍ୱାମୀ




ରାଜନଗର,୨୮।୧(ସମିସ): ପୁଅ ନହୋଇ ଦୁଇଟି ଝିଅ ହେବା ଯୋଗୁଁ ଜଣେ ମହିଳାଙ୍କୁ ତାଙ୍କ ଶାଶୁଘର ଲୋକେ ନିର୍ଯାତନା ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ମହିଳାଙ୍କ ସ୍ୱାମୀଙ୍କୁ ଜେଲ୍ ଯିବାକୁ ପଡ଼ିଛି। ମହିଳା ଜଣଙ୍କ ଜରାଜନଗର ବ୍ଲକ୍ କୋଇଲିପୁର ଗାଁ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ବେଲପାଳ ଗାଁର ଶୁଭମିତ୍ରା ସ୍ୱାଇଁ(୩୪)। ତାଙ୍କ ଅଭିଯୋଗ ପରେ ସ୍ୱାମୀ ଉତ୍ତମ କୁମାର ସ୍ୱାଇଁଙ୍କୁ ଜେଲ୍‌କୁ ଯିବାକୁ ପଡ଼ିଛି। ରାଜନଗର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପ୍ରାୟ ୧୧ବର୍ଷ ପୂର୍ବେ ବୈଦିକ ରୀତିନୀତି ଅନୁସାରେ ଉଭୟଙ୍କ ବିବାହ ହୋଇଥିଲା। ଶାଶୁଘରର ଦାବି ମୁତାବକ ଟଙ୍କା, ସୁନା ସହ ଆସବାବପତ୍ର ଯୌତୁକ ଭାବେ ଦିଆଯାଇଥିଲା। ତାଙ୍କର ୧୦ବର୍ଷ ଓ ୮ବର୍ଷର ଦୁଇଟି ଝିଅ ଅଛନ୍ତି। ତେବେ ଅଧିକ ଯୌତୁକ ଦାବି ସହ ପୁଅ ନହେବାରୁ ବିଭିନ୍ନ ସମୟରେ ଶାଶୁ ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କ ସ୍ୱାମୀ ଉତ୍ତମଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରହିଥିବାରୁ ସେ ତା'ର ବିରୋଧ କରିଥିଲେ। ଫଳରେ ସ୍ୱାମୀ ଉତ୍ତମ, ଶ୍ୱଶୁର ଗୌରାଙ୍ଗ ତାଙ୍କୁ ଜୀବନରୁ ମାରି ଦେବାକୁ ଚକ୍ରାନ୍ତ କରି ଆସୁଥିଲେ। ବିଭିନ୍ନ ସମୟରେ ମାଡ଼ଗାଳି ଦେଇ ସେ ଅଙ୍ଗନବାଡ଼ି ଚାକିରିରୁ ପାଉଥିବା ଦରମା ଜୋରଜବରଦସ୍ତ ନେଇଯାଉଥିଲେ। ଏ ସମ୍ପର୍କରେ ଶୁଭମିତ୍ରା ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୮/୨୬ରେ ମାମଲା ରୁଜୁ କରି ତାଙ୍କ ସ୍ୱାମୀ ଉତ୍ତମଙ୍କୁ ଗିରଫ କରି ରାଜନଗର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସେବାନିବୃତ୍ତ ବନକର୍ମଚାରୀଙ୍କ ପରଲୋକ



ରାଜନଗର,୨୮।୧(ସମିସ): ରାଜନଗର ବନ୍ୟପ୍ରାଣୀ ଡିଭିଜନର ବରିଷ୍ଠ ତଥା ଅବସରପ୍ରାପ୍ତ କର୍ମଚାରୀ ଶିବପ୍ରସାଦ ଦାସଙ୍କର ବୁଧବାର ସକାଳ ପ୍ରାୟ ୪ଟା ସମୟରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସ୍ୱର୍ଗତ ଦାସ ଅବସର ନେବା ପରେ ବି ବନ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ଜଣେ କର୍ତବ୍ୟ ନିଷ୍ଠ, ଦାୟିତ୍ୱ ସଂପନ୍ନ କର୍ମଚାରୀ ଭାବରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ବନବିଭାଗର କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳି ଯାଇଛି। ଶବ ବ୍ୟବଚ୍ଛେଦ ପରେ ତାଙ୍କ ଜନ୍ମସ୍ଥାନ କଟକ ଜିଲ୍ଲା ଆଠଗଡ ଅଂଚଳର ବଡପଡା ଗ୍ରାମକୁ ନିଆଯାଇଛି। ସେଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ ବୋଲି ଜଣାପଡିଛି।

### ଏସ୍‌ଏସ୍ ବିଦ୍ୟା ନିକେତନର ବାର୍ଷିକ ଉତ୍ସବ

## ଛାତ୍ରଛାତ୍ରୀ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ ହେବାକୁ ପରାମର୍ଶ

ପଟ୍ଟାମୁଣ୍ଡାଇ,୨୮।୧(ସମିସ): ଛାତ୍ରଛାତ୍ରୀ ସମୟାନୁବର୍ତ୍ତୀ ଓ କର୍ତ୍ତବ୍ୟନିଷ୍ଠ ହେଲେ ନିଜକୁ ଜଣେ ସୁନାଗରିକ ଭାବେ ଗଢ଼ି ତୋଳିବାରେ ସକ୍ଷମ ହୋଇପାରିବେ। ଏଥିସହିତ ଛାତ୍ରଛାତ୍ରୀ ଚରିତ୍ରବାନ ହେବା ଉଚିତ୍ ବୋଲି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଏସ୍‌ଏସ୍ ବିଦ୍ୟା ନିକେତନର ଅଷ୍ଟମ ବାର୍ଷିକ ଉତ୍ସବ "ପ୍ରୟାସ'ରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଅମୃତ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂ ସୌଦାଗର ବେହେରା କାର୍ଯ୍ୟ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ମହା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବ୍ୟଙ୍ଗକବି ଜ୍ଞାନ ହୋତା, ସମ୍ମାନିତ ଅତିଥି ଡ. ପ୍ରାଚୀ ପଟ୍ଟନାୟକ, ସାମ୍ବାଦିକ ମାତୃଦତ୍ତ ମହାନ୍ତି, ଡା. ରବିନାରାୟଣ ଦାଶ, ବିଦ୍ୟାଳୟର ମୁଖ୍ୟ ଉପଦେଷ୍ଟା ସୁବାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାରିକ ବିବରଣୀ ପାଠ କରିଥିଲେ। ବସନ୍ତ ମଞ୍ଜରୀ ଦାସ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କୈଳାସ ଗେରୁ, ଲିପିକା ଜେନା ସଙ୍ଗୀତ ପରିବେଷଣ କରିଥିଲେ। ନରେଶ ସ୍ୱାଇଁ, ଗୀତାଞ୍ଜଳି ସାହୁ, ସସ୍ମିତା କର, ଅଙ୍କିତା କର, ସୁଜାତା କୁଣ୍ଡୁ, ଦୀପାଞ୍ଜଳି ସାହୁ, ଭାବନା ବିହାନୀ, ଲିପିକା ଜେନା, ସୁପ୍ରିୟା ଦାସ, ସ୍ମୃତିରଞ୍ଜନ ମହାନ୍ତି, ସନ୍ତୋଷ ସାହୁ, ବିଶ୍ୱଜିତ୍ ସାହୁ, ରଶ୍ମିତା ନାୟକ, ରାଜେଶ କୁମାର ସାହୁ ପ୍ରମୁଖ ପରିଚାଳନା କରିଥିଲେ।




## ଆୟୁଷ୍ମାନ କାର୍ଡ ନାହିଁ, ହୋଇପାରୁନି ଅସ୍ତ୍ରୋପଚାର

### ହସ୍ତକ୍ଷେପ ପାଇଁ ପ୍ରଶାସନକୁ ନିବେଦନ କଲେ ପରିବାର ଲୋକେ

କେନ୍ଦ୍ରାପଡ଼ା,୨୮।୧(ସମିସ)

ଗରିବ ଲୋକଙ୍କ ପାଇଁ ଥିବା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ସଙ୍କଟ ସମୟରେ କିଭଳି କାମରେ ଆସୁଛି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଆଜି ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଦିଆ ଗାଁର ଜୟଶ୍ରୀ ଦାଶଙ୍କ ଘଟଣା ପରେ ଏହାର କାର୍ଯ୍ୟକାରିତା ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଗ୍ରାମର ସୁକାନ୍ତ ଦାଶଙ୍କ ୨୮ ବର୍ଷୀୟ ଝିଅ ଜୟଶ୍ରୀ ଗତ କିଛିଦିନ ପୂର୍ବେ ଏକ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କର ଗୋଡ଼ରେ ଗୁରୁତର ଆଘାତ ଲାଗିଥିବାରୁ ବର୍ତ୍ତମାନ ସେ ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଡାକ୍ତରମାନେ ତୁରନ୍ତ ଅପରେସନ ଆବଶ୍ୟକ ବୋଲି ମତ କହିଥିବାବେଳେ ଅର୍ଥାଭାବରୁ ଚିକିତ୍ସା ଅଟକି ରହିଛି। ପେସାରେ ଜଣେ ଘରୋଇ ପୂଜକ ଥିବା ସୁକାନ୍ତ ଦାଶଙ୍କ ପରିବାରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଦୟନୀୟ। ଦିନକୁ ଦିନ ଜୟଶ୍ରୀଙ୍କ ଗୋଡ଼ରେ ଯନ୍ତ୍ରଣା ବଢ଼ୁଥିବାବେଳେ ଅସ୍ତ୍ରୋପଚାରରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଉଛି। ଯାହାକି ପରିବାର ପକ୍ଷେ ସମ୍ଭବ ନୁହେଁ। ଅନ୍ୟପକ୍ଷରେ ପରିବାର ପାଖରେ ରାସନ କାର୍ଡ ଥିଲେ ମଧ୍ୟ ଆୟୁଷ୍ମାନ ଭାରତ କାର୍ଡ ମିଳିନଥିବାରୁ ଏହି ସମସ୍ୟାକୁ ଆହୁରି ଗୁରୁତର ହୋଇଛି। ରାସନ କାର୍ଡ ନୂଆ ହୋଇଥିବାରୁ ଏକ ମାସ ପରେ ଆୟୁଷ୍ମାନ କାର୍ଡ ମିଳିବ ବୋଲି କୁହାଯାଉଥିବା ନିୟମକୁ ନେଇ ପରିବାର ସହ ଅଞ୍ଚଳବାସୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଗରିବ ଲୋକମାନେ ସହଜରେ ମାଗଣା ଚିକିତ୍ସା ସୁବିଧା ପାଉଥିଲେ। କିନ୍ତୁ ବର୍ତ୍ତମାନ ନିୟମ ଓ ପ୍ରକ୍ରିୟାର ଜଟିଳତା ଗରିବ ଓ ନିଷ୍ପେସିତ ପରିବାରମାନଙ୍କୁ ଗଭୀର ସଙ୍କଟରେ ପକାଇଛି।

ଏହି ଘଟଣାକୁ ନେଇ ସଚେତନ ନାଗରିକ ଓ ସ୍ଥାନୀୟ ସଂଗଠନ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ସରକାରଙ୍କ ନିକଟରେ ଜୟଶ୍ରୀ ଦାଶଙ୍କ ଅପରେସନ ପାଇଁ ତୁରନ୍ତ ବିଶେଷ ସହାୟତା ଓ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହା କେବଳ ଜଣେ ଯୁବତୀଙ୍କ ସମସ୍ୟା ନୁହେଁ; ବରଂ ହଜାର ହଜାର ଗରିବ ପରିବାରଙ୍କ ସମସ୍ୟା ହୋଇଥିବାରୁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।



# ଗାଁକୁ ନାହିଁ ରାସ୍ତା, ପାଣି ଓ ବିଜୁଳି



## ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚେତାବନୀ

ବୈପାରୀଗୁଡ଼ା, ୨୮।୧(ସମିସ): ଗାଁକୁ ନାହିଁ ରାସ୍ତା,ବିଜୁଳି ଓ ପାଣି। ଅନ୍ଧାର ଦୂର ପାଇଁ ଡିବିରି ଭରସା। ଚୁଆ ପାଣିରେ ମେଣ୍ଟୁଛି ଶୋଷ। ପାହାଡିଆ, ଜଙ୍ଗଲ ଜମି ହିଡ଼ ସାଜିଛି ରାସ୍ତା। ବୈପାରୀଗୁଡା ବ୍ଲକ ରାମଗିରି ପଞ୍ଚାୟତ ଉପାନ୍ତ ଅଞ୍ଚଳ ଆମପାଣିଗୁଡା ଗାଁର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ଦୁର୍ବିସହ ଜୀବନ ଅତିବାହିତ କରୁଛନ୍ତି। ଗାଁରେ ୧୫ଟି ପରିବାରର ୭୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ସମସ୍ତ ପରିବାର କୁଲିମଜୁରି କରି ଜୀବିକା ନିର୍ବାହ କରୁଛନ୍ତି। ଗାଁରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ପହଞ୍ଚି ପାରି ନାହିଁ । ଯାତାୟତ ପାଇଁ ମାଟି ରାସ୍ତାଟିଏ ମଧ ନାହିଁ। ବିଦ୍ୟୁତ ସେବା, ପାନୀୟ ଜଳ ବ୍ୟବସ୍ଥା ନାହିଁ । ଶୀତ ଓ ଖରାଦିନେ ପାହାଡିଆ ରାସ୍ତାରେ କଷ୍ଟେ ମଷ୍ଟେ ଯାତାୟତ କରିବାକୁ ପଡୁଛି। କିନ୍ତୁ ବର୍ଷା ଦିନେ ରାସ୍ତା ମଝିରେ ପାହାଡିଆ ନାଳ ଯୋଗୁଁ ପାଣି ଭରିଯାଏ ।ଯାତାୟତ ଏକ ପ୍ରକାଶ ଠପ୍ ହୋଇଯାଏ । ବାହ୍ୟ ଜଗତରୁ ବିଛିନ୍ନ ହୋଇଯାଏ ଗାଁ । ରାସ୍ତା ନଥିବାରୁ ଗାଁରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ଜରୁରୀକାଳୀନ ପରିସ୍ଥିତିରେ ପାହାଡିଆ।ଜଙ୍ଗଲକାଦୁଅରାସ୍ତାରେନାଳପାର ହୋଇ ବିପଦ ସଂକୁଳ ଅବସ୍ଥାରେ ଦୁଇ କିଲୋମିଟର ରୋଗୀଙ୍କୁ ବୁହାହୁଏ। ବେଳେ ବେଳେ ଗର୍ଭବତୀ ମହିଳା ମାନେ ନଦୀ ପାର ହୋଇ ନପାରି ଗାଁରେ ହିଁ ଛୁଆ ଜନ୍ମ କରନ୍ତି। ଗାଁରେ ନଳକୂଅ ଟିଏ ନଥିବାରୁ ଚୁଆ ଖୋଳି ପାଣି ସଂଗ୍ରହ କରିଥାନ୍ତି ଗାଁର ମହିଳା ମାନେ। ବାଧ ହୋଇ ଦୂଷିତ ପାଣି ଉପରେ ନିର୍ଭର କରୁଥିବା ବେଳେ ଅଧିକାଂଶ ସମୟରେ ରୋଗଗ୍ରସ୍ତ ହୁଅନ୍ତି ଗ୍ରାମବାସୀ। ଛୋଟ ପିଲା ମାନେ ସ୍କୁଲ ଓ ଅଙ୍ଗନବାଡିରେ କେବଳ ନାଁ ଅଛି, କିନ୍ତୁ ପାଠ ପଢନ୍ତି ନାହିଁ। ଗାଁକୁ ଭଲ ରାସ୍ତା ନଥିବାରୁ ଅନେକ ପିଲା ସ୍କୁଲକୁ ନଯାଇ ଗାଈ ଚରାଇ ଥାନ୍ତି। ସେହିପରି ଗାଁରେ ବିଦ୍ୟୁତ ସେବା ଆଜି ପର୍ଯ୍ୟନ୍ତ ଯୋଗାଇ ଦିଆଯାଇ ନାହିଁ ଓ ବିଦ୍ୟୁତ ଆଲୋକ ନଥିବାରୁ ରାତିରେ ଡିବିରୀ ଆଲୁଅ ଓ କାଠ ନିଆଁ ଯୋଗାଇଥାଏ ଗ୍ରାମବାସୀଙ୍କୁ ଆଲୋକ। ସନ୍ଧ୍ୟା ହେଲେ ବଢିଯାଏ ଏମାନଙ୍କ ସମସ୍ୟା। ପିଲାଙ୍କ ପାଠପଢ଼ା ହେଉ ଅବା ରୋଷେଇ ସବୁ ଡିବିରୀ ଆଲୁଅରେ ହିଁ ହୁଏ। ଘରୁ ବାହାରିଲେ ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଥିବା ବେଳେ ଟର୍ଚ୍ଚ ଆଲୁଅ ହିଁ ଭରସା। ବିଦ୍ୟୁତ ସଂଯୋଗ ନ ଥିବାରୁ ନିକଟସ୍ଥ ଗ୍ରାମରୁ ମୋବାଇଲ ଫୋନ, ଟର୍ଚ୍ଚ ଲାଇଟ୍ ଚାର୍ଜ କରି ଆଣିବାକୁ ପଡୁଛି। ଆଉ ଏଠାରେ ନେଟୱର୍କ ନାହିଁ । ଯେଉଁଠି ପାଣି ବିଜୁଳି ରାସ୍ତା ନାହିଁ, ସେଇଠି କିଏ ବୁଝିବ ନେଟୱର୍କ କଥା। ଏନେଇ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି ପରେ ଗତ ଦୁଇ ସପ୍ତାହ ହେବ ସୋଲାର ଲାଇଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ସେ ବି ସଠିକ ଜଳୁନି। ୫ ବର୍ଷରେ ଥରେ ନେତାମାନେ ଗାଁକୁ ଆସି ଭୋଟ ମାଗୁଛନ୍ତି। ସମସ୍ତ ପ୍ରକାର ପ୍ରତିଶ୍ରୁତି ଦେଉଛନ୍ତି। ଜିଣିଗଲା ପରେ ଗାଁ କଥା ଭୁଲି ଯାଉଛନ୍ତି। ଏନେଇ ବହୁବାର ସ୍ଥାନୀୟ ବିଧାୟକ, ସାଂସଦ, ଏବଂ ମିଳିତ ଜନ ଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇଲେ ମଧ ଫଳ ଶୂନ। ଏଣୁ ତୁରନ୍ତ ଗାଁର ମୌଳିକ ସମସ୍ୟା ଦୂର କରା ନଗଲେ ଆଗାମୀ ଦିନରେ ରାଜ ରାସ୍ତା ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ସମିତି ସଭ୍ୟ ମୋହନ ଚାନ୍ଦ ମାଛ, ଗାଁର ଈଶ୍ୱର ଦୋରା, ଜଗବନ୍ଧୁ ପ୍ରଧାନୀ, ନରେଶ ମାଥିଲିଆ ପ୍ରମୁଖ ଚେତାବନୀ ଦେଇଛନ୍ତି।

# କୋଷାଗୁମୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା



କୋଷାଗୁମୁଡା,୨୮।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେ କୋଷାଗୁମୁଡା ବ୍ଲକ ସଦର ମହକୁମା ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସ୍ତରରେ ଥିବା ବିଭିନ୍ନ ଆବଶ୍ୟକ କାର୍ଯ୍ୟ ଗୁଡିକୁ ନିର୍ମାଣ କରିବା ପାଇଁ ପ୍ରାୟ ୩୦ରୁ ଅଧିକ ନୂତନ ପ୍ରକଳ୍ପ ଖସଡ଼ାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୟ ମହାଙ୍କୁଡ ସର୍ବସମ୍ମତି ପ୍ରକାରେ ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ହରିବନ୍ଧୁ ମାଝୀ, ନବରଙ୍ଗପୁର ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଭୁବନେଶ୍ୱର ନାୟକ, ଦେବାନନ୍ଦ ପଟ୍ଟନାୟକ, ବାଲାଜୀ ପଟ୍ଟନାୟକ, ହଟକେଶ୍ୱର ପ୍ରଧାନ, ହିମାଂଶୁ ଶେଖର ବାଘ, ସନ୍ତୋଷ କୁମାର, ଚିତ୍ରସେନ ନାୟକ,ରାଧାମୋହନ ବିଧାର, ପଞ୍ଚାୟତର ବୁଦ୍ଧିଜୀବୀ, ପଞ୍ଚାୟତର ସମସ୍ତ ୧୩ ୱାର୍ଡମେମ୍ବର ପ୍ରମୁଖଙ୍କ ସହ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

# ବନ୍ଧୁଗାଁ ଥାନାରେ ନୂତନ ଆଇଆଇସିଙ୍କ ଯୋଗଦାନ



ବନ୍ଧୁଗାଁ,୨୮।୧ (ସମିସ): ବନ୍ଧୁଗାଁ ଥାନାରେ ନୂତନ ଥାନା ଆଇଆଇସି ସିନ୍ଧୁ ସାରାକା ଦାୟତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କୋଟିଆ ଥାନା ଆଇଆଇସି ଭାବେ ରହି ଦାୟିତ୍ୱ ତୁଲାଇଥିଲେ। ସ୍ଥାନୀୟ ପ୍ରିଣ୍ଟ ଓ ୱେବ ମିଡ଼ିଆ ସାମ୍ବାଦିକ ମାନଙ୍କ ସହ ପ୍ରଥମ ବୈଠକ କରିଥିଲେ। ଥାନା ଅଧୀନରେ ଥିବା ଅଞ୍ଚଳର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ବନ୍ଧୁଗାଁ ବ୍ଲକ ରେ ଶାନ୍ତି ଶୃଙ୍ଖଳା ଯୋଗାଇବା ସହିତ ଗ୍ରାମାଞ୍ଚଳରେ ଥିବା ଲୋକଙ୍କ ଥାନା ଓ ପୋଲିସ ମଧ୍ୟରେ ଯେଉଁ ଦୂରତା ରହିଛି, ତାହାକୁ ଅତି ନିକଟତର କରିବା ପାଇଁ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଏଥିପାଇଁ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ନୀଳାବାଡି ମାଆ ଅଗ୍ନିଗାଙ୍ଗମା ଯାତ୍ରା ଶାନ୍ତି ଶୃଙ୍ଖଳାରେ କରିବା ପାଇଁ ସମସ୍ତଙ୍କ ପରାମର୍ଶ ଗ୍ରହଣ କରିଥିଲେ।

# ଜାତୀୟ ମତଦାତା ଦିବସ ପାଳିତ

ନବରଙ୍ଗପୁର,୨୮।୧(ସମିସ): ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳଡ. ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ବୈଠକରେ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ୍ ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମିଶନ ଶକ୍ତି ସମ୍ମିଳନୀ ଗୃହ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଏଲ୍ଓ, ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ସାମିଲ ହୋଇଥିଲେ। ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ଏହି ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜାତୀୟ ମତଦାତା ଦିବସ ଉପଲକ୍ଷେ "ମୋ ଭାରତ ମୋ ଭୋଟ" ବିଷୟ ଉପରେ ପ୍ରବନ୍ଧ, ବିତର୍କ, କୁଇଜ୍ ଭଳି ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରାଗଲା। ୪ ଟି ନିର୍ବାଚନମଣ୍ଡଳୀର ଭଲ ପ୍ରଦର୍ଶନ କରିଥିବା ବିଏଲଓ ଏବଂ ବିଏଲଓ ପର୍ଯ୍ୟବେକ୍ଷକମାନଙ୍କୁ ଏବଂ ସମସ୍ତ ଇଆରଓ ଏବଂ ଏଇଆରଓ ମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଗଲା। କାର୍ଯ୍ୟକ୍ରମ ଶେଷେ ଡେପୁଟି କଲେକ୍ଟର (ନିର୍ବାଚନ) ଚିନ୍ମୟ ସାହୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବିଧାୟକଙ୍କ ଉପରକାଣ୍ଟି ଗ୍ରାମପଞ୍ଚାୟତ ପରିଦର୍ଶନ



ସେମିଳିଗୁଡ଼. ୨୮।୧ (ସମିସ): ପଟାଙ୍ଗୀ ନିର୍ବାଚନ ମଣ୍ଡଳୀର ବିଧାୟକ ରାମଚନ୍ଦ୍ର କାଡ଼ାମ୍ କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡା ବ୍ଲକର ଉପର କାଣ୍ଟି ଗ୍ରାମପଞ୍ଚାୟତ ଗସ୍ତ କରି ବିଭିନ୍ନ ସରକାରୀ କାର୍ଯ୍ୟକୁ ମଙ୍ଗଳବାର ସମୀକ୍ଷା କରିଛନ୍ତି। ସେ ଲୋକଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝି ଥିଲେ। ପଞ୍ଚାୟତରେ ଚାଲୁଥିବା ଉନ୍ନୟନ କାର୍ଯ ସମୀକ୍ଷା ହୋଇଥିଲା। ଉପରକାଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ହଷ୍ଟେଲ ପରିଦର୍ଶନ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଓ ଛାତ୍ରାବାସର ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଦେଓମାଳି ଆଇକନିକ ଯୁଥ କ୍ଲବ ଆନୁକୂଲ୍ୟରେ ଅୟୋଜିତ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ରାମଚନ୍ଦ୍ର କାଡାମ୍ ଯୋଗ ଦେଇଥିଲେ। କାର୍ଯକ୍ରମରେ ସେମିଳିଗୁଡ଼ା ବ୍ଲକ ଜୋନ୍ ୨ ଜିଲ୍ଲା ପରିଷଦ ସଭ୍ୟ ମୋହନ ଜାନି, ନିର୍ବାଚନମଣ୍ଡଳୀ ଯୁବ ସଭାପତି ଜଗଦୀଶ ବାଘ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ନାଏବ ସରପଞ୍ଚଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ନନ୍ଦପୁର ତହସିଲଦାରଙ୍କୁ ପ୍ରେସ କ୍ଲବ୍‌ର ସମ୍ବର୍ଦ୍ଧନା

ନନ୍ଦପୁର, ୨୮।୧ (ସମିସ): କୋରାପୁଟ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଅବସରରେ ଜିଲ୍ଲାର ଶ୍ରେଷ୍ଠ ତହସିଲଦାର ଭାବେ ନନ୍ଦପୁର ତହସିଲଦାର ଦେବବ୍ରତ ମହାରଣାଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଏସ୍‌ପି ରହିତ ବର୍ମା ଉପସ୍ଥିତ ରହିଥିଲେ। ତାଙ୍କର ଏହି ସଫଳତା ନନ୍ଦପୁର ପାଇଁ ଗୌରବ ଆଣି ଦେଇଛି ବୋଲି କହିବା ସହ ଶୁଭେଚ୍ଛା ଶୁଭ କାମନା ଜଣାଇଛନ୍ତି ବିଧାୟକ ରାମଚନ୍ଦ୍ର କାଡ଼ାମ। ଏହି ପରିପ୍ରେକ୍ଷୀରେ ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ରମେଶ କୁମାର ଅଧିକାରୀ, ଦୁର୍ଗା ପ୍ରସାଦ ପାଢ଼ି, ବିମଳ ରାଓ ଶ୍ମିଥ, ସାମୁଏଲ୍ ଖେମୁଣ୍ଡୁ, ସୁନିଲ ପଣ୍ଡା ପ୍ରମୁଖ ତାହସିଲଦାରଙ୍କୁ ସାକ୍ଷାତ କରି ତାଙ୍କୁ ଶୁଭକାମନା ଜଣାଇ ସମ୍ବର୍ଦ୍ଧିତ କରିଥିଲେ।

# ବିଦେଶୀ ମଦ ଜବତ,୨ ଗିରଫ

 କୋରାପୁଟ,୨୮।୧(ସମିସ): କୋରାପୁଟ ସଦର ଅବକାରୀ ଟିମ୍ ଚଢ଼ଉ କରି ବିପୁଳ ପରିମାଣର ବିଦେଶୀ ମଦ ସହ ଦେଶୀ ମଦ ଏବଂ ବିୟର ଜବତ କରିଥିବା ବେଳେ ଦୁଇଜଣଙ୍କୁ ଗିରଫ କରିଥିବା ସଦର ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରା ଯାଇଥିଲା। ନନ୍ଦପୁର ଥାନା ସୁବାଇ ଗ୍ରାମରେ ଚଢ଼ଉ କରି ଘନ ଆଡାରି ନାମକ ଜଣକୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୯.୬ଲିଟର ବିୟର ଏବଂ ୧୭.୨୮ ଲିଟର ବିଦେଶୀ ମଦ ଜବତ କରିଥିଲେ। ସେହିପରି ପଟ୍ଟାଙ୍ଗି ଥାନା କୁନ୍ଦୁଲିରେ ଚଢ଼ାଉ କରି ୬ ଲିଟର ଦେଶୀ ମଦ ଜବତ କରି ସନ୍ତୋଷ କିର୍ଷାନି ନାମକ ଜଣଙ୍କୁ ଗିରଫ କରିଥିଲେ। ଉଭୟଙ୍କ ବିରୁଦ୍ଧରେ ମାମଲା ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ଅବକାରୀ ବିଭାଗ କୋର୍ଟ ଚାଲାଣ କରିଛି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଅବକାରୀ ଓଆଇସି ଜଗବନ୍ଧୁ ଜାନି, ମମତା ମୟୀ ମହାନ୍ତି, ଧନୁର୍ଜୟ ପୂଜାରୀ ଏବଂ ଅନ୍ୟମାନେ ସାମିଲ ହୋଇଥିଲେ।



# ସରସ୍ୱତୀ ବିଦ୍ୟାମନ୍ଦିରରେ ସଡ଼କ ସୁରକ୍ଷା ସପ୍ତାହ

ଦାମନଯୋଡ଼ି/ ସେମିଳିଗୁଡ଼ା,୨୮।୧ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡି ନାଲ୍‌କୋ ଶିକ୍ଷାଞ୍ଚଳସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ମଙ୍ଗଳବାର ନାଲକୋ ପରିବେଶ ଓ ସୁରକ୍ଷା ବିଭାଗ ଓ ଏସଭିଏମ୍‌ର ଯୁବ ରେଡ୍ କ୍ରସ୍ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରଦୀପ କୁମାର ଜଗତିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ନାଲକୋ ଖଣି ବିଶୋଧନ ପ୍ରକଳ୍ପର ପରିବେଶ ଓ ସୁରକ୍ଷା ବିଭାଗର ଉପ ମହାପ୍ରବନ୍ଧକ ୟୁ ମେହେଟ୍ଟା ଓ ରଶ୍ମି ରଞ୍ଜନ ସେଠୀ, ମୁରଲୀ ଧର ଦାସ ଓ ନିହାର ରଞ୍ଜନ ରାୟ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଡ଼ଃ ଗୋଧୂଳି ଦୋରା,ଡ଼ଃ ନିରୋଦ କୁମାର ପ୍ରଧାନ, କଲ୍ୟାଣୀ ଦାସ, ମୃଣ୍ମୟୀ ନନ୍ଦ ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡ୍ କ୍ରସ ପରାମର୍ଶଦାତା ଡକ୍ଟର ନରେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଡ଼ଃ ଗୋଧୂଳି ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିର ସଂପାଦକ ସମ୍ବର୍ଦ୍ଧିତ

ଦାମନଯୋଡି/ ସେମିଳିଗୁଡା, ୨୮।୧(ସମିସ): ଦାମନଯୋଡିର ନାଲ୍‌କୋ ନେତାଜୀ ଷ୍ଟାଡିୟମଠାରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ନାଲକୋ ତରଫରୁ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ରଙ୍କୁ ତାଙ୍କର ସମର୍ପିତ କାର୍ଯ୍ୟ ଓ ସେବା ମନୋବୃତ୍ତି ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଡକ୍ଟର ମିଶ୍ର ସେମିଳିଗୁଡା ମହାବିଦ୍ୟାଳୟର ରାଜନୀତି ବିଭାଗ ମୁଖ୍ୟ ରହି ଅବସରଗ୍ରହଣ କରିଛନ୍ତି। ୧୩ବର୍ଷ ଧରି ସେ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଂପାଦକ ଥିଲେ। ତାଙ୍କ ସମୟରେ ବିଦ୍ୟାମନ୍ଦିରର ଅନେକ ଦୃଷ୍ଟାନ୍ତମୂଳକ ବିକାଶ ହୋଇଛି। ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ, ଅନୁଗୁଳ ନାଲକୋର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୀମସେନ ପ୍ରଧାନ, ମାନବସମ୍ବଳ ମୁଖ୍ୟ ପ୍ରବନ୍ଧକ ଆନନ୍ଦ ବାସୁ, ସିଆଇଏସଏଫ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ ଉପସ୍ଥିତ ରହି ଡକ୍ଟର ମିଶ୍ରଙ୍କୁ ଉପଢୌକନ ଓ ଫଳକ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ପୁରୁଷୋତ୍ତମ ମହନ୍ତ, ସମସ୍ତ ସିଜେଏମ,ଜିଏମ୍, ଡିଜିଏମ୍, ଡିପିଏସ ଓ ଏସଭିଏମର ଅଧକ୍ଷ, ମିଡିଆ ହାଉସ, ଜନସାଧାରଣ ଉପସ୍ଥିତ ଥିଲେ।

# ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନ୍‌ସିପରେ କୋରାପୁଟ ଜିଲ୍ଲାର ସଫଳତା

ଜୟପୁର, ୨୮।୧ (ସମିସ): ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନ୍‌ସିପ୍ ପ୍ରତିଯୋଗିତାରେ କୋରାପୁଟ ଜିଲ୍ଲାର ଖେଳାଳିଙ୍କୁ ସଫଳତା ମିଳିଛି। ପୁରୀ ସହରରେ ଗତ ୨୪ ଏବଂ ୨୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ୪୪ତମ ଓଡିଶା ରାଜ୍ୟ ଜିମ୍ନାଷ୍ଟିକ ଚାମ୍ପିଅନସିପର ଜିଲ୍ଲା ବାଳାଳିକ ଓ ବାଳକ ବର୍ଗର ଖେଳାଳି ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ଜିଲ୍ଲାର ଜୟପୁରର ପ୍ରତିଭାଶାଳୀ ଜିମ୍ନାଷ୍ଟିକ ଖେଳାଳି ମାନେ ବିଭିନ୍ନ ବର୍ଗରେ ଗୋଟିଏ ସ୍ୱର୍ଣ୍ଣ, ରୌପ ଏବଂ ବ୍ରୋଞ୍ଜ ସମୁଦାୟ ୩ ପଦକ ପାଇଁ ଜିଲ୍ଲାର ସୁନାମ ରଖିଛନ୍ତି। ଏଥିରେ ୧୦ ବର୍ଷରୁ କମ ବାଳିକା ବିଭାଗରେ ବେଲେନ୍ସି ବିମ୍‌ରେ ଖାଲାଳି ସାନଭୀ ସୁଆର ରାଜ୍ୟ ସ୍ତରରେ ଚାମ୍ପିଅନ୍ ହୋଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୧୦ ବର୍ଷରୁ କମ୍ ବାଳିକା ବିଭାଗରେ ଫ୍ଲୁର ଏକ୍ସସାଇଜରେ ରୀତିକା ଦଳ ରୌପ ପଦକ ପାଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ଏମ.କେ. ସାଜିଦ ହୁସେନ ବ୍ରୋଞ୍ଜ ପଦକ ପାଇ ଜିଲ୍ଲାର ସୁନାମ ରାଜ୍ୟ ସ୍ତରରେ ପହଞ୍ଚାଇଛନ୍ତି। ଗତକାଲି ବିଜେତା ହୋଇ ଫେରିବା ପରେ ସ୍ଥାନୀୟ ରେଲଷ୍ଟେସନ ଠାରେ ୩ ଜଣ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନବରଙ୍ଗପୁର, ୨୮।୧ (ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସିଆର୍‌ପିଏଫ୍ ଯବାନ, ସରକାରୀ କର୍ମଚାରୀ,ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ ରକ୍ତଦାନ କରିଥିଲେ। ମୋଟ ୧୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ଏଡିଏମ୍‌ଓ ଡ. ସୁକାନ୍ତ ଶତପଥୀ, ଏଡିଏମଓ ଡ଼ ମଳୟ ତ୍ରିପାଠୀ, ଡିଆଇପିଆର୍ ମନୋଜ ବେହେରା, ହସ୍ପିଟାଲ ମ୍ୟାନେଜର ରିତେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତ୍ତା ଓ ସାଇବର୍ ସୁରକ୍ଷା ପ୍ରଶିକ୍ଷଣ ଶିବିର

କୋରାପୁଟ,୨୮।୧(ସମିସ): କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓକାକ୍ ପକ୍ଷରୁ କୃତ୍ରିମବୁଦ୍ଧିମତ୍ତା, ରୋବୋଟିକ୍ସ ଓ ସାଇବର୍ ସୁରକ୍ଷା ନେଇ ଦିନକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ ଶେଖର ଦାସ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ୮ମ ଓ ନବମ ଶ୍ରେଣୀର ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରୋବୋଟିକ୍ସ, କୃତ୍ରିମ ବୁଦ୍ଧିମତ୍ତା ସହ ସାଇବର ସୁରକ୍ଷା ଉପରେ ପିଲାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏ ନେଇ ଜିଲ୍ଲା କୋର୍ଡିନେଟର ଶଶାଙ୍କ ଶେଖର ମିଶ୍ର ସୂଚନା ଦେଇଛନ୍ତି।

# ନାଲ୍‌କୋର ବାର୍ଷିକ କ୍ରୀଡ଼ା ଉଦଯାପିତ

ଦାମନଯୋଡ଼ି,୨୮।୧ (ସମିସ): ନାଲକୋ ଟାଉନ୍‌ସିପ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମରେ ବାର୍ଷିକ କ୍ରୀଡ଼ା ୨୦୨୫-୨୬ ସୋମବାର ଉଦଯାପିତ ହୋଇଯାଇଛି। ନାଲକୋ ସ୍ପୋର୍ଟସ ସେଲ ପକ୍ଷରୁ ଅନୁଷ୍ଠିତ ଏହି କ୍ରୀଡ଼ାର ପ୍ରଥମ ଦିବସରେ ଗତ ୧୮ ତାରିଖ ଦିନ ବାଲବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଲମ୍ବ ଡିଆଁ, ସର୍ଟପୁଟ, ଚକୋଲେଟ ଦୌଡ଼ ଆଦି ୩୦ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ଉପସ୍ଥିତ ଥିଲେ। ୨୬ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ନାଲକୋ କର୍ମଚାରୀ ଓ ପରିବାର ମହିଳା ମାନଙ୍କୁ ନେଇ ୩୬ଟି ବିଭିନ୍ନ ପ୍ରକାର କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଉଦଯାପନୀ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା।ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମୁଖ୍ୟ ମହାପ୍ରବନ୍ଧକ ସୁଗାତୋ ଆନନ୍ଦ ବାସୁ, ଦିଲ୍ଲୀପ କୁମାର ବାଗ, ଏନ୍.ଏସ.ସୁଧାକର ଓ ଦୁର୍ଯ୍ୟୋଧନ ବେହେରା ଏବଂ ମହାପ୍ରବନ୍ଧକ କୁନ୍ତଳ ଆନନ୍ଦ ଅତିଥି ରୂପେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ତଥା ରେଫାରୀ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ଡ. ନିରୋଦ କୁମାର ପ୍ରଧାନ ଓ ନବକିଶୋର ପଣ୍ଡା କ୍ରୀଡ଼ା ପରିଚାଳନା କରିଥିଲେ। ଦୀପ୍ତି ପ୍ରକାଶ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ନିର୍ମଳ କୁମାର ରାଉତ ମଞ୍ଚ ସଂଯୋଜନା କରିଥିଲେ। ଶ୍ରୀକାନ୍ତ ସାହୁ, ମୋହନ କଟିମ, ଦିଲ୍ଲୀପ କୁମାର ନାୟକ, ମହେନ୍ଦ୍ର ବେହେରା, ଲଳିତ ଗୌଡ଼, ତ୍ରିନାଥ ମାଳି,ପୁତୁଲ ମହାକୁଡ଼, ହରେକୃଷ୍ଣ ଏକୁଡୁ, ପ୍ରଭାତ କୁମାର ସାହୁ, ସୁଶାନ୍ତ ହିକୋକା ଓ ଏମ.କ୍ରିଷ୍ଣା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ୍ ପ୍ରତିଯୋଗିତା

# ଧୋଡ୍ରା ଚୈତନ୍ୟ ଏକାଦଶ ଚାମ୍ପିଅନ୍

ଚନ୍ଦାହାଣ୍ଡି,୨୮।୧(ସମିସ), ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ଦଣ୍ଡାମୁଣ୍ଡା ଗଦାଧର ଷ୍ଟାଡିୟମ ଠାରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୨୬ ତମ ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉମରକୋଟ ଦୁର୍ଯ୍ୟ ଏକାଦଶକୁ ୧୧୧ ରନରେ ପରାସ୍ତ କରି ଧୋଡ୍ରା ଚୈତନ୍ୟ ଏକାଦଶ ଚମ୍ପିଆନ ହୋଇଛି। ସୋମବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଚୈତନ୍ୟ ଏକାଦଶ ପ୍ରଥମେ ବ୍ୟାଟିଙ୍ଗ କରି ସନ୍ଦୀପ ପଟ୍ଟନାୟକଙ୍କ ୬୪, ଲୀଳାଧର ପ୍ରଧାନଙ୍କ ୪୯ ଓ ବିମଳ ମହାପାତ୍ରଙ୍କ ୪୮ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୨୦୪ ରନ ସଂଗ୍ରହ କରିଥିଲା। ଏହାକୁ ପିଛାକରି ଦୁର୍ଯ୍ୟ ଏକାଦଶ ବ୍ୟାଟିଙ୍ଗ ବିପର୍ଯ୍ୟୟ ହୋଇ ୧୫. ୩ ଓଭରରେ ମାତ୍ର ୯୩ ରନ କରି ଅଲଆଉଟ ହୋଇଯାଇଥିଲା। ୧୧୧ ରନରେ ବିଜୟ ସହ ଚୈତନ୍ୟ ଏକାଦଶ ଚାମ୍ପିଆନ ହୋଇଛି। ପଲ୍ଲୀଶ୍ରୀ ଯୁବକ ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣି ସମାରୋହରେ ମୂଖ୍ୟ ଅତିଥିଭାବେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନେତା ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ,ଉପାଧକ୍ଷ ବାସୁଦେବ ଗୌଡ଼, ଜିଲ୍ଲା ପରିଷଦ ସଭ୍ୟା ବର୍ଷାରାଣୀ ପଟେଲ ଓ କେତକୀ ମଲ୍ଲୀ ଗୌଡ଼,ସରପଞ୍ଚ ଦୁର୍ଲ୍ଲବ ପୂଜାରୀ,ବରିଷ୍ଠ ନେତା ଗୌରହରି ନାୟକ,କିଶୋର ଖମାରୀ, ପୁରୁଷୋତ୍ତମ ପାରି, ନୀଳମଣି ଗୌଡ଼,କମଲୁ ମନହିରା,ମଞ୍ଜୁଲତା ନାୟକ,ଭୋଜରାମ ସିହ୍ନା,ମହମ୍ମଦ ହୁସେନ, ଯୁଗେଶ୍ୱର ନାଗ, କରୁଣା ପୂଜାରୀ, ଭବେଶ ଗଇଁତା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ। ଚାମ୍ପିଆନ ଚୈତନ୍ୟ ଏକାଦଶକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳ ଦୁର୍ଯ୍ୟ ଏକାଦଶକୁ ୭୦ ହଜାର ଟଙ୍କା ସହ ଟ୍ରଫି ଅତିଥି ମାନେ ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଓ ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ଚୈତନ୍ୟ ଏକାଦଶର ସନ୍ଦୀପ ପଟ୍ଟନାୟକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଓ ପ୍ଲେୟାର ଅଫ ଦି ସିରିଜ ପୁରସ୍କାର, ବେଷ୍ଟ ସିକ୍ସର ଲିଲୁ ବେହେରା, ବେଷ୍ଟ ଫିଲଡ଼ର୍ସ ପୂର୍ଣ୍ଣ ଚନ୍ଦ୍ର ମାଝୀ, ବେଷ୍ଟ ବୋଲର ବବି ଠାକୁର, ଲାଇଭ ଷ୍ଟ୍ରିମର ଦେବ ଷ୍ଟୁଡିଓକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରେ ଆମ୍ପାୟାର ଭାବେ ପବିତ୍ର ନାୟକ ଓ ପ୍ରକାଶ ମାଝୀ, ଭାଷ୍ୟକାର ଭାବେ ବିନୟ ସାହୁ, ତେଜରାଜ ଠାକୁର ଓ ନରେନ୍ଦ୍ର ନାୟକ, ସ୍କୋରର ଭାବେ ପ୍ରତାପ ଗୌଡ଼, ରାକେଶ ପଟ୍ଟନାୟକ, ମାନସ ନାୟକ, ଗୁପ୍ତେଶ୍ୱର ମାଝୀ, ଦିଲ୍ଲୀପ ନାୟକ ଓ ରାକେଶ ବେଶ୍ରା ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ସଦସ୍ୟ ସଂଗ୍ରାମ କେଶରୀ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପଲ୍ଲୀଶ୍ରୀ ଯୁବକ ସଂଘ ସମ୍ପାଦକ ଧନେଶ୍ୱର ସେଠି,ସହ ସମ୍ପାଦକ ମନୋଜ କୁମାର ମାଝୀ, କୋଷାଧକ୍ଷ ହୃଷିକେଶ ମହାନ୍ତି, ବରିଷ୍ଠ ସଦସ୍ୟ ମହମ୍ମଦ ହନିଫ, ବଳରାମ ପଟ୍ଟନାୟକ, ମାୟାଧର ମାଝୀ, ନଳିନୀ ମାଝୀ, ଶିଶିର ମାଝୀ, ପରମେଶ୍ୱର ମାଝୀ, ଜୟସିଂ ନାୟକ, ସୌରୀ ରଞ୍ଜନ ସାହୁ, ବସନ୍ତ ବିଶୋଇ, ରତ୍ନାକର ସାହୁ, ଲୋଚନ ନାୟକ, ଅକାଲୁ ନାୟକ, ରତ୍ନାକର ପୋଟା, କନ୍ଦର୍ପ ନାୟକ, ମକର ପୋଟା, ରବୀନ୍ଦ୍ର ନାୟକ, ଡ଼ିକ୍ସନ ନାୟକ,ବିଦ୍ୟାଧର ଗୋପାଳ, ଦିନେଶ ସେଠି,ଗଙ୍ଗାଧର ମାଝୀ, ଲିଙ୍ଗରାଜ ମାଝୀ, କୈଳାସ ସୋରି, ବିଲୁ ସେଠି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ଏନ୍‌ଏସ୍‌ଏସ୍ ଶୀତକାଳୀନ ଶିବିର ଉଦଯାପିତ



ନାରାୟଣପାଟଣା,୨୮।୧(ସମିସ): ସ୍ଥାନୀୟ ରାଧାକ୍ରିଷ୍ଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏହାର ପୋଷ୍ୟଗ୍ରାମ ଓଡ଼ିଆପେଣ୍ଟ ଠାରେ ୭ ଦିନ ଧରି ଶୀତକାଳୀନ ସ୍ୱତନ୍ତ୍ର ଶିବିର ହୋଇଥିଲା। ଏହି ଶିବିରର ଅନ୍ତିମ ଦିବସରେ ଉଦଯାପନ ଉତ୍ସବରେ ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ଏନ୍‌ଏସ୍‌ଏସ୍‌ର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ସୁରେନ୍ଦ୍ର କୁମାର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ କାମେଶ୍ୱର ପଟ୍ଟନାୟକ, ଅବସରପ୍ରାପ୍ତ କୃଷି ଅଧିକାରୀ ଗାବ୍ରିଏଲ୍ ଡୁଙ୍ଗଡୁଙ୍ଗ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅଧକ୍ଷ ସୁଧିର କୁମାର ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ବିଭିନ୍ନ କ୍ଷେତ୍ରରେ ମନୋନୀତ ହୋଇଥିବା ଉତ୍ତମ ସ୍ୱେଚ୍ଛାସେବୀଙ୍କୁ ସ୍ମାରକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ତ୍ରିବେଣୀ ପ୍ରଧାନ ଉଦଯାପନ ଉତ୍ସବର ସୁପରିଚାଳନା କରିବା ସହିତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଇଂରାଜୀ ଅଧାପକ ପ୍ରଜାରଞ୍ଜନ ମିଶ୍ର, ଅର୍ଥନୀତି ଅଧାପକ ସୁଶାନ୍ତ କୁମାର ପରିଡା ଏବଂ କ୍ରୀଡ଼ା ଶିକ୍ଷକ ରଜତ କୁମାର ହିଆଲ ସହଯୋଗର ହାତ ବଢାଇଥିବା ବେଳେ ଅନୁଷ୍ଠାନର ସମସ୍ତ ଅଧାପକ ଓ କର୍ମଚାରୀ ଉପସ୍ଥିତ ରହି ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

### ଅବକାରୀ ବିଭାଗ ପଞ୍ଝାରେ ୨ ନିଶାବେପାରୀ

# ୨୭ ଗ୍ରାମ ହେରୋଇନ, ୧ କେଜି ଗଞ୍ଜେଇ ଜବତ

ଜଗତସିଂହପୁର,୨୮।୧(ସମିସ)



ଆଜି ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ବିଭାଗ। ଜଗତସିଂହପୁର ଥାନା ଅନ୍ତର୍ଗତ ସିଂହାରପୁର ଗ୍ରାମରେ ଦୀର୍ଘ ଦିନ ହେବ ବ୍ରାଉନସୁଗାର କାରବାର ଲୁଚାଛପାରେ ଚାଲୁଥିବାର ଏକ ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଇନ୍ସପେକ୍ଟର ବନ୍ଦନା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ ନୂଆପୋଲ ଛକ ନିକଟରେ ଜଗି ରହିଥିଲେ। ଅଭିଯୁକ୍ତ ଜଣଙ୍କ ଗ୍ରାହକଙ୍କୁ ହେରୋଇନ ବିକ୍ରି କରିବା ପାଇଁ ଆସିଥିବା ବେଳେ ପୂର୍ବରୁ ଛକି ରହିଥିବା ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୨୭ ଗ୍ରାମର ହେରୋଇନ, ଏକ ବାଇକ ଏବଂ ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୩,୨୦,୦୦୦ ଟଙ୍କା ହେବ। ଗିରଫ ଅଭିଯୁକ୍ତ ଜଣକ ହେଲେ ସିଂହାରପୁର ଗ୍ରାମର ଅଶୋକ ସିଂଙ୍କ ପୁଅ ଜିତେନ୍ଦ୍ର ସିଂ(୩୮)। ସେହିପରି ଅନ୍ୟ ଏକ ଘଟଣାକ୍ରମରେ ତିର୍ତ୍ତୋଲ ତହସିଲଦାର ମହେଶ୍ୱର ବେହେରାଙ୍କ ଉପସ୍ଥିତରେ ତିର୍ତ୍ତୋଲ ଅବକାରୀ ଥାନାର ସବ୍-ଇନ୍ସପେକ୍ଟର ସ୍ମିତା ପଟ୍ଟନାୟକଙ୍କ ନେତୃତ୍ୱରର ଏକ ଟିମ ସ୍ଥାନୀୟ ରଥିପୁର ଛକରେ ଚଢ଼ଉ କରି ୧ କେଜି ୨୦୦ ଗ୍ରାମର ଗଞ୍ଜେଇ ଜବତ କରିବା ସହ ଗଞ୍ଜେଇ ବ୍ୟବସାୟରେ ଜଡ଼ିତ ଥିବା ବାଇଁଗୋଳ ଗ୍ରାମର ପଦ୍ମନାଭ ମହାନ୍ତିଙ୍କ ପତ୍ନୀ ରୁନୁ ମହାନ୍ତି(୪୨)ଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ହଜାର ଟଙ୍କା ହେବ। ଆଜିର ଏହି ଚଢ଼ଉରେ ଜଗତସିଂହପୁର ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ଏଏସ୍ଆଇ ସନ୍ତୋଷ ନାୟକ, ଏଏସ୍ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ସବିତା ନାୟକ, ବିଶ୍ୱରଞ୍ଜନ ସ୍ୱାଇଁ, ସୁକାନ୍ତ ମାଝୀ ଏବଂ ତିର୍ତ୍ତୋଲ ଅବକାରୀ ଥାନାର କନଷ୍ଟେବଳ ସୁମନ୍ତ ମହନ୍ତ, କଲ୍ୟାଣୀ ସେଠୀ ପ୍ରମୁଖ ସାମିଲ ଥିଲେ। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଦୁଇଟି ଅଲଗା ଅଲଗା ମାମଲାରେ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତ ଦ୍ୱୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଆଗାମୀ ଦିନରେ ଏହିଭଳି ଚଢ଼ଉ ଜାରି ରହିବ ବୋଲି ଜିଲ୍ଲା ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା




ଜଗତସିଂହପୁର,୨୮।୧(ସମିସ): ଜିଲ୍ଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆଠାରେ ଜାନୁଆରୀ ୨୭ରୁ ୩୧ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଛି ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା। ମୁଖ୍ୟଅତିଥି ଭାବେ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରି ପ୍ରଦର୍ଶନୀ ମଣ୍ଡପ ଗୁଡିକୁ ପରିଦର୍ଶନ କରିଥିଲେ। ଜିଲ୍ଲାପାଳ ତଥା ସଭାପତି ଜେ ସୋନାଲ, କୃଷିର ଗୁରୁତ୍ୱ ଏବଂ କୃଷି ମାଧ୍ୟମରେ କିପରି ନିଯୁକ୍ତି ବୃଦ୍ଧି କରାଯାଇପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ପୌରପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ମୁଖ୍ୟବକ୍ତା ଭାବେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା ଯୋଗଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କୁଳମଣି ବାରିକ। ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପାଳପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ରଘୁନାଥପୁର,୨୮।୧(ସମିସ): ରଘୁନାଥପୁର ବ୍ଲକ ଗୋପାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ସୁକାନ୍ତ କୁମାର ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଡିନ୍ ପ୍ରଫେସର ଗୌରାଙ୍ଗ ଚରଣ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ନଳିନୀପ୍ରଭା ମୁଦୁଲି, ବରିଷ୍ଠ ସିନେ କଳାକାର ବୀରେନ ମିଶ୍ର, ଏବିଇଓ ଆଶୁତୋଷ ବାନାର୍ଜୀ, ପିନାକୀ ବିଶ୍ୱାସ, ରତନ ସିହ୍ନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରନାଥ ସାହୁ ଓ ପଞ୍ଚସଖା ଶିକ୍ଷା ସେତୁ ସଭାପତି ଭାସ୍କର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାଭିତ୍ତିକ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ କ୍ରୀଡା ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୯୦ ଜଣ ପ୍ରତିଯୋଗୀଙ୍କୁ ଅତିଥିଙ୍କ ପକ୍ଷରୁ ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଜୟପ୍ରକାଶ ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ପରେ ଶିକ୍ଷୟତ୍ରୀ ଦୀପ୍ତି ମଲ୍ଲିକ, ସୁଶ୍ରୀସଂଗୀତା ଦାସ, କବିତା ରାଉତରାୟ ଓ ପ୍ରଭାତିପ୍ରୀୟା ବିଶ୍ୱାଳଙ୍କ ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗ୍ରାମେଶ୍ୱର ମହାଦେବଙ୍କ ଜାଗର ମେଳା ପ୍ରସ୍ତୁତି ବୈଠକ

ଏରସମା,୨୮।୧(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ନାରଦିଆ ପଞ୍ଚାୟତର ପଞ୍ଚପଲ୍ଲୀ ଠାରେ ବିଜେ ଗ୍ରାମେଶ୍ୱର ମହାଦେବଙ୍କ ପବିତ୍ର ଜାଗର ମେଳା ପାଇଁ ପ୍ରସ୍ତୁତି ବୈଠକ ମନ୍ଦିର କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଶିଶିର କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି ବୋର୍ଡ ସଭ୍ୟ ଜନ୍ମଞ୍ଜୟ ନାୟକ, ଗୌରାଙ୍ଗ ମିଶ୍ର, ସୀମାଇ ଚନ୍ଦ୍ର ଭୋଳ, ନାରାୟନ ମହାନ୍ତି, ଶୁଭନାରାୟଣ ମିଶ୍ର, ହେଡ୍ ଟ୍ରଷ୍ଟି ଶିବବ୍ରତ ଦାସ, ଗ୍ରାମେଶ୍ୱର କ୍ଲବ ସମ୍ପାଦକ ଶିବାନନ୍ଦ ମିଶ୍ର ପ୍ରମୁଖଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ରହି ମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିଶେଷ ଭାବରେ ଅଲୋକୀକରଣ, ସାଜସଜ୍ଜା, ଭାମ୍ୟମାଣ ଶୌଚାଳୟ, ପାନୀୟ ଜଳ, ଶୃଙ୍ଖଳା ଦର୍ଶନ ଉପରେ ଆଲୋଚନା ହୋଇଥିଲା। ଗ୍ରାମେଶ୍ୱରଙ୍କ ଜାଗର ମେଳାକୁ ଜିଲ୍ଲା ସହିତ ପୁରୀ, କେନ୍ଦ୍ରାପଡ଼ା ଜିଲ୍ଲାରୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥାନ୍ତି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

## ମୋବାଇଲ ଚୋର ଗିରଫ

ପାରାଦୀପ,୨୮।୧(ସମିସ): ପାରାଦୀପ ଲକଥାନା ଅଧୀନ ନିମିଡ଼ି ଗ୍ରାମର ସୁରେନ୍ଦ୍ର ପ୍ରଜାପତିଙ୍କ ଘରୁ ଗତ ୨୩ ତାରିଖରେ ଗୋଟିଏ ମୋବାଇଲ କେହି ଚୋରି କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ପୁଲିସ ଘଟଣାର ତଦନ୍ତ କରି ଆଜି ସେହି ନିମିଡ଼ି ଗ୍ରାମର ସୌମେନ୍ଦ୍ର ଲେଙ୍କା ଓରଫ ଜଟିଆକୁ ତାର ଘରୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମୋବାଇଲ ଦୋକାନରୁ ଚୋରି ଅଭିଯୋଗ

ପାରାଦୀପ,୨୮।୧(ସମିସ): ପାରାଦୀପ ଲକ୍ ଥାନା ଅଧୀନ ଭୁତମୁଣ୍ଡାଇ ବଜାରରୁ ଗତକାଲି ବିଳମ୍ବିତ ରାତିରେ କୁମର ବର ସାହୁ (ରାଜୁ)ଙ୍କ ମୋବାଇଲ ଦୋକାନରୁ କେତେକ ମୋବାଇଲ ଚୋରି ହୋଇଥିଲା। ସେ ଆଜି ସକାଳୁ ଦୋକାନ ଖୋଲି ଦେଖନ୍ତି ତାଙ୍କ ଦୋକାନ ପଛ ପଟୁ ଦୁର୍ବୃତ୍ତମାନେ ପଶି ସବୁ ତକ ମୋବାଇଲ ଚୋରି କରି ନେଇଯାଇଛନ୍ତି। ତେବେ ଦୋକାନୀ ରାଜୁ ଏ ସମ୍ପର୍କରେ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ପୁଲିସ ଆଜି ସନ୍ଧ୍ୟାରେ ସନ୍ଧାନୀ କୁକୁରର ସହାୟତା ନେଇଥିଲେ। ସନ୍ଧାନୀ କୁକୁର ପ୍ରଥମେ ସେହି ଭୁତମୁଣ୍ଡାଇ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘରେ ପଶି ଅଟକି ଯାଇଥିଲା। ତେବେ ପୁଲିସ ସନ୍ଦେହରେ ସେହି ଘର ମାଲିକଙ୍କୁ ଘଟଣା ସମ୍ପର୍କରେ ପଚରା ଉଚରା ପାଇଁ ଥାନାକୁ ଆଣି ଅଟକ ରଖିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ତେବେ ପଚରା ଉଚରା ପରେ ସତ୍ୟତା ଜଣାପଡିବ।

## ଟାଇମ୍‌ସ ଗୁରୁକୁଳରେ ସାଧାରଣତନ୍ତ୍ର ଦିବସ

ଜଗତସିଂହପୁର,୨୮।୧(ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ତରଡାପଡା ସ୍ଥିତ ଟାଇମ୍‌ସ ଗୁରୁକୁଳ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁକୁଳର ଅଧ୍ୟକ୍ଷ ରଶ୍ମିରଞ୍ଜନ ମିଶ୍ର ଓ ଶିକ୍ଷାବିତ୍ ଚନ୍ଦ୍ରଜିତ୍ ପରିଜା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ଶିକ୍ଷୟିତ୍ରୀ ପୂଜାରାଣୀ ବାରିକ, ସୌମ୍ୟ ଶୁଭଦର୍ଶିନୀ, ଲକ୍ଷ୍ମୀପ୍ରିୟା ସାହୁ, ଶର୍ମିଷ୍ଠା ପ୍ରିୟଦର୍ଶିନୀ, ଜ୍ୟୋତିର୍ମୟୀ ମହାନ୍ତି, ଚିନ୍ମୟୀ ରାୟ, ଲକ୍ଷ୍ମୀପ୍ରିୟା ସାହୁ, ଏଲିନା ଦାସ, ଫାରହିନ୍ ଆୟେଷା ଓ ବିଚିତ୍ରାନନ୍ଦ ତ୍ରିପାଠୀ ପ୍ରମୁଖ ସହାୟତା କରିଥିଲେ। ଶେଷରେ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଅର୍ପଣ କରିଥିଲେ।

## ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ

ପାରାଦୀପ,୨୮।୧(ସମିସ): ସାଧାରଣତନ୍ତ୍ର ଦିବସ ଅବସରରେକଳିଙ୍ଗ ମହିଳା ଶକ୍ତି ପକ୍ଷରୁ ଗରିବ ନିଷ୍ପେସିତ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏନେଇ ମହିଳା ସଙ୍ଗଠନର ସଭାପତି ମନୋରମା ଖଟୁଆଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ପାରାଦୀପ ଲେପର୍ସ କଲୋନୀ ଓ ଷଣ୍ଢକୁଦର ୧୭, ୧୮ ଓ ୧୯ ନମ୍ବର ୱାର୍ଡରେ ରହୁଥିବା ବୃଦ୍ଧବୃଦ୍ଧାଙ୍କୁ ବୁଲି ବୁଲି କମ୍ବଳ ବଣ୍ଟନ କରିଥିଲେ। ଏହି ମହିଳା ସଙ୍ଗଠନ ପାରାଦୀପ ଅଞ୍ଚଳରେ ଗରିବ ଲୋକଙ୍କୁ, ମାନସିକ ଭିନ୍ନକ୍ଷମ ଲୋକଙ୍କୁ, ବସ୍ତିର ଗରିବ ଅବହେଳିତ ଲୋକଙ୍କୁ ବିଭିନ୍ନ ସମୟରେ ସହାୟତାର ହାତ ବଢ଼ାଇଛନ୍ତି। କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ରବୀନ୍ଦ୍ର ମଲ୍ଲିକ ଓ ଗଦାଧର ମହାନ୍ତିଙ୍କ ସମେତ କଲ୍ୟାଣି ସ୍ୱାଇଁ, ଉର୍ମିଳା ସାହୁ, ମୌସୁମୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ପାଲ, ପ୍ରମିଳା ଗୋଚ୍ଛାୟାତ ଓ ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ତିମି ଅସ୍ଥି ବନ୍ଦରେଇରେ ରଖିବାକୁ ଦାବି



ବାଲିକୁଦା,୨୮।୧(ସମିସ): ମା' ବନ୍ଦରେଇ ପର୍ଯ୍ୟଟନ କ୍ଷେତ୍ରରେ ତିମି ମାଛ କଙ୍କାଳ ସଂଗ୍ରହାଳୟରେ ରଖିବା ପାଇଁ ବାଲିକୁଦା ବ୍ଲକ ୪ ନଂ. ଜୋନର ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ବନ୍ଦର ସାମୁଦ୍ରିକ ଥାନା ଅଧୀନ ଓ ବନ୍ଦର ବନବିଭାଗ ଅନ୍ତର୍ଗତ ବଙ୍ଗୋପସାଗର ଓ ଦେବୀ ନଦୀ ମୁହାଣରୁ ଉଦ୍ଧାର ତିମିମାଛ ମୃତଦେହକୁ ବନ ବିଭାଗ ପକ୍ଷରୁ ବ୍ୟବଚ୍ଛେଦ କରାଯାଇ କେମିକାଲ ପ୍ରଲେପ ଦିଆଯାଇଛି। ଏହାର କଙ୍କାଳକୁ କେନ୍ଦ୍ରାପଡ଼ାର ଭିତରକନିକା ନେବା ପାଇଁ ସ୍ଥିର କରାଯାଇଛି। କିନ୍ତୁ ଏହାକୁ ମା' ବନ୍ଦରେଇ ପୀଠରେ ସଂଗ୍ରହାଳୟ କରି ରଖିବାକୁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି ଗ୍ରାମବାସୀ। ଏହାଦ୍ୱାରା ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ରେ ପରିପୂର୍ଣ୍ଣ ବନ୍ଦର ଅଞ୍ଚଳକୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ତିମି କଙ୍କାଳ ଦେଖିବା ପାଇଁ ଆକର୍ଷିତ ହେବା ସହ ଏହା ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ମିଳିବା ପାଇଁ ବାଟ ଖୋଲିବ ବୋଲି ଉଲ୍ଲେଖ କରିଥିଲେ। ଅଭିଯୋଗକୁ ଗ୍ରହଣ କରିବା ସହ ଜିଲ୍ଲାପାଳ ତୁରନ୍ତ ଡିଏଫଓ ରାଜନଗରଙ୍କ ସହ ଆଲୋଚନା କରିଥିଲେ। ଯେଉଁଥିରେ ଡିଏଫ୍ଓ କହିଥିଲେ ଯଦି ଜିଲ୍ଲା ପ୍ରଶାସନ ପକ୍ଷରୁ ସଂଗ୍ରହାଳୟ ନିର୍ମାଣ କରି ତାଙ୍କୁ ତିମି ମୃତଦେହ କଙ୍କାଳରେ ପରିଣତ ହେବା ସମୟ ଅବିଧି ୫ ମାସ ମଧ୍ୟରେ ଦିଆଯିବ ତେବେ ସେଠାରେ ରଖିବାର କୌଣସି ଅସୁବିଧା ନାହିଁ ବୋଲି କହିଥିଲେ। ଏଣୁ ଜିଲ୍ଲାପାଳ ତୁରନ୍ତ ଏନେଇ ଅର୍ଥ ମଞ୍ଜୁରୀ ପାଇଁ ପ୍ରସ୍ତୁତ ହେଉଥିବା ପ୍ରକାଶ କରିବା ସହ ଯଦି ନିର୍ମାଣ କାର୍ଯ୍ୟ ବିଳମ୍ବ ହୁଏ ତେବେ ଡିଏଫଓଙ୍କ ସହ ଚୁକ୍ତିନାମା ସ୍ୱାକ୍ଷର କରି ଅନ୍ୟତ୍ର ସ୍ଥାନାନ୍ତର କରିବା ପରେ ଏଠାରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ ପରେ ହସ୍ତାନ୍ତର ପକ୍ରିୟା କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ମା' ବନ୍ଦରେଇ ପୀଠରେ ଏହି ତିମି ମାଛ କଙ୍କାଳ ରହିବା ନେଇ ଆଶା ସଂଚାର ହୋଇଛି। ସଂଗ୍ରହାଳୟ କାର୍ଯ୍ୟ କିପରି ଶୀଘ୍ର ଆରମ୍ଭ ହେବ ସେ ନେଇ ଉଦ୍ୟମ କରାଯିବ ବୋଲି ଦାବିପତ୍ର ନେଇ ଯାଇଥିବା ଅଞ୍ଚଳର ପ୍ରତିନିଧି ସତ୍ୟବ୍ରତ ବିଶ୍ୱାଳ, ସୁବାସ ନାୟକ, ରୁଦ୍ରନାରାୟଣ ପ୍ରଧାନ, ଅନାଦି ବେହେରା, କିଶୋର ମହାନ୍ତି ପ୍ରମୁଖ ପ୍ରକାଶ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଦାସଙ୍କ ଜୟନ୍ତୀ

ଜଗତସିଂହପୁର,୨୮।୧(ସମିସ): ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପରିଷଦ, ଜଗତସିଂହପୁର ଆନୁକୂଲ୍ୟରେ ସ୍ଥାନୀୟ ବଡବଜାରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଅଳକା ଆଶ୍ରମ ସ୍ମୃତି ଭବନରେ ଗଣତନ୍ତ୍ର ଦିବସ ଏବଂ ସଂଗ୍ରାମର ତୀର୍ଥଭୂମି ବାଗଲପୁରର ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ୧୨୭ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପରିଷଦର ସଭାପତି ଆଇନଜୀବୀ ମୁରଲୀଧର ସାହୁ ଓ ସମ୍ପାଦକ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମିଳିତ ଭାବେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଭାପତି ଶ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶ, ବିରିଡ଼ି ବ୍ଲକର ସହକାରୀ ଶିକ୍ଷା ଅଧିକାରୀ ପ୍ରକାଶ ରଞ୍ଜନ ଦାଶ, ଶିକ୍ଷାବିତ୍ ବସନ୍ତ କୁମାର ମହାପାତ୍ର ଓ ସୋମନାଥ ସ୍ୱାଇଁ, ଶିଶୁବିଦ୍ୟାମନ୍ଦିରର ବରିଷ୍ଠ ଗୁରୁଜୀ ଗୋବିନ୍ଦ ପ୍ରସାଦ ନାୟକ ଓ ଗୁରୁମା ମଧୁସ୍ମିତା ମହାନ୍ତି, ମୁଖ୍ୟବକ୍ତା ଭାବେ ପରିଷଦର ପ୍ରମୁଖ ଉପଦେଷ୍ଟା ପ୍ରଶାନ୍ତ ଦାସ ଏବଂ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦର ପୂର୍ବତନ ସଭାପତି ନଟବର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର ବିରିଷ୍ଠ ବିଭାଗର ପ୍ରତୀକ୍ଷା ମୁଦୁଲି, ଶ୍ରୀୟା ଜେନା ଓ ବର୍ଣ୍ଣାଲି ଦାସ ଏବଂ ଦେଶାତ୍ମବୋଧକ ସଙ୍ଗୀତଗାନରେ କନିଷ୍ଠ ବିଭାଗରେ ସୁଶ୍ରୀ ଶ୍ରାବଣୀ ସାହୁ, ପ୍ରିତିସ୍ମା ସାହୁ ଓ ସ୍ୱନ୍ଦନା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟଓ ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ। ଶେଷରେ ଦାୟାଦ ଲାଲା ସଂଗ୍ରାମ କେଶରୀ ରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରଲି ଫ୍ରେମରେ ପଶିଗଲା ଷଣ୍ଢ ମୁଣ୍ଡ

ପାରାଦୀପ,୨୮।୧(ସମିସ): ପାରାଦୀପ ଲକଥାନା ଅଧୀନ ପ୍ଲାଷ୍ଟିକ ପାର୍କ କମ୍ପାନୀ ନିକଟରେ ଏକ ଷଣ୍ଢ ତିନିଚକିଆ ଟ୍ରଲି ଫ୍ରେମରେ କୌଣସି କାରଣରୁ ମୁଣ୍ଡ ପୂରାଇ ଦେଇଥିଲା। ମୁଣ୍ଡଟି ପଶିଯିବା ପରେ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଷଣ୍ଢ ତାର ମୁଣ୍ଡକୁ ସେଠାରୁ ବାହାର କରି ପାରିନଥିଲା। ଘଟଣାଟି ପାଖାପାଖି ୧୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ଉଦ୍ଧାର ହୋଇ ପାରି ନଥିଲା।



ଏହାକୁ ଦେଖି ସିଜୁର ମାନସ ଦାସ, ଦୁଆଡ଼ିଆ ନବୀନ ଦାସ ଫୋନ କରି ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓରଫ ଦିପୁଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ତାଙ୍କ ସହଯୋଗୀ ପ୍ରଭାତ ବେହେରା, ବାବୁନି ବାବା ଓ ମଣିଶଙ୍କର ପରିଡ଼ା ଘଟଣା ସ୍ଥଳରେ ପହଞ୍ଚି ବହୁ ଚେଷ୍ଟା କରିଥିଲେ ମଧ୍ୟ ମୁଣ୍ଡ ବାହାରି ନଥିଲା। ପରେ କୁଜଙ୍ଗ ଅଗ୍ନିଶମ ବାହିନୀଙ୍କୁ ଜଣାଇବା ପରେ କର୍ମଚାରୀମାନେ ପହଞ୍ଚି କଟର ମେସିନରେ ଟ୍ରଲି ଫ୍ରେମ କାଟି ଷଣ୍ଢଟିକୁ ଉଦ୍ଧାର କରିଥିଲେ।

## ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା



ପାରାଦୀପ,୨୮।୧(ସମିସ): ସାହିତ୍ୟ ବ୍ୟକ୍ତିର ନୁହେଁ, ପରିବାରର। ସାହିତ୍ୟ ଜୀବନ ଦିଏ, ସଠିକ ବାଟ ଦେଖାଏ। ସମାଜପ୍ରତି କୃତଜ୍ଞତା ହିଁ ସାହିତ୍ୟ ବୋଲି ନୂଆ ସଜଳ ସାହିତ୍ୟ ସଂସ୍କୃତି ପରିଷଦ ଓ ଶୁଭସକାଳ ଆନୁକୂଲ୍ୟରେ ଅୟୋଜିତ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଭାବେ ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ସ୍ତମ୍ଭକାର ଅକ୍ଷୟ ରାଉତ ମତବ୍ୟକ୍ତ କରିଛନ୍ତି। କୁଜଙ୍ଗ ବ୍ଲକ ଅଧୀନ ଶ୍ରୀରାମ ଜ୍ଞାନମନ୍ଦିର ପରିସରରେ ନୂଆସକାଳ ସାହିତ୍ୟ ସଂସ୍କୃତି ପରିଷଦ କୁଜଙ୍ଗର ସଭାପତି ହରିଗୁରୁ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ ଅତିଥୀ ଭାବେ ଶିକ୍ଷାବିତ୍ ଓ କବି ଡ. ପ୍ରବୀର ପ୍ରଧାନ, କବି ନିକୁଞ୍ଜ ବିହାରୀ ପୃଷ୍ଟି ମୁଖ୍ୟବକ୍ତା ଭାବେ ଆଡଭକେଟ୍ ମଞ୍ଜୁଲତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ପବିତ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶୁଭସକାଳ ସମ୍ପାଦକ ବାବାଜୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ ସୁବାସ ସେନାପତିଙ୍କ ସଂଯୋଜନାରେ ପାରାଦୀପ ଅଞ୍ଚଳର ବହୁ କବି ଓ କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଆର୍ଜନ କରିଥିବା ସର୍ବଶ୍ରୀ ନିର୍ମଳ ରାଉତ, ଡ. ପ୍ରବୀର ପ୍ରଧାନ, ଜିତେନ୍ଦ୍ର ମହାପାତ୍ର, ସ୍ୱର୍ଗତ ବନମାଳୀ ସାହୁ, ମିନର୍ଭା ସ୍ୱାଇଁ, ନିଲୁଞ୍ଜ ବିହାରୀ ପୃଷ୍ଟି, ସୁବାସ ସେନାପତି, ନିରଞ୍ଜନ ରାଉତ ଶିକ୍ଷାବିତ୍ ପବିତ୍ର ସ୍ୱାଇଁ ଓ ରଞ୍ଜନ ଲେଙ୍କା ପ୍ରଭୃତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ମଦ ଜବତ; ଜଣେ ଗିରଫ

ପାରାଦୀପ,୨୮।୧(ସମିସ): ପାରାଦୀପ ଲକ୍ ଥାନା ଅଧୀନ ଚୂନ ଛକ ନିକଟରୁ ଆଜି ସନ୍ଧ୍ୟାରେ ଜଣେ ଚୋରା ମଦ ବେପାରୀକୁ ପୁଲିସ ଗିରଫ କରିଛି। ସେ ହେଲା କତକୁଲା ଗ୍ରାମର ତୁଷାର କାନ୍ତ ବେହେରା। ତା' ନିକଟରୁ ୫.୪ ଲିଟର ଦେଶୀ ମଦ ଜବତ କରିଛି ପୁଲିସ। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଆସନ୍ତାକାଲି ଅଭିଯୁକ୍ତକୁ କୋର୍ଟଚାଲାଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ପ୍ରଭାବ

ଜଗତସିଂହପୁର,୨୮।୧(ସମିସ)







ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଆଜି ଓଡିଶା ବନ୍ଦ୍ ଡାକରା ଦିଆ ଯାଇଥିଲା। ଆଜି ଜଗତସିଂହପୁର ଜିଲ୍ଲା ସଦର ମହକୁମା ଠାରେ ସଂଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନଙ୍କ ନେତୃତ୍ୱରେ ପ୍ରତୀକାତ୍ମକ ଭାବେ ଜଗତସିଂହପୁର ଥାନା ଛକ ନିକଟ ରାସ୍ତାକୁ ଅବରୋଧ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହ ସତ୍ୟାଗ୍ରହ ଚାଲିଥିଲା। ରାସ୍ତା ଅବରୋଧ ପୂର୍ବରୁ ନବନିର୍ମାଣ କୃଷକ ସଂଗଠନର ଚାଷୀ ନେତୃତ୍ୱମାନେ ବଜାର ପରିକ୍ରମା କରି ସାଧାରଣ ଲୋକଙ୍କୁ ମାଇକ୍ ମାଧ୍ୟମରେ ଓଡ଼ିଶା ବନ୍ଦ୍ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହା ପରେ ସତ୍ୟାଗ୍ରହ ସ୍ଥଳ ନିକଟରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରି ରାଜରାସ୍ତା ଉପରେ ଓଡ଼ିଶା ବନ୍ଦ୍ ପରିପ୍ରେକ୍ଷୀରେ ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁଙ୍କ ସଭାପତିତ୍ୱରେ ସଭା କରିଥିଲେ। ଜନତାଙ୍କ ତରଫରୁ ଆନ୍ଦୋଳନକୁ ସମର୍ଥନ ମିଳିଥିଲା। ସ୍ୱେଚ୍ଛାକୃତ ଭାବେ ଦୋକାନ ସବୁ ବନ୍ଦ୍ ରହିଥିଲା। ଆଜିର ଏହି ଓଡ଼ିଶା ବନ୍ଦ୍ ସତ୍ୟାଗ୍ରହକୁ ବିଜେଡି, କଂଗ୍ରେସ ଭଳି ରାଜନୈତିକ ଦଳମାନେ ସମର୍ଥନ ଜଣାଇଥିଲେ। ସଂଗଠନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା ବିଜେପି ସରକାର ବାସ୍ତବରେ ଲୋକ ସରକାର ନୁହେଁ, ଏହା ଜୋକ ସରକାର ବୋଲି କହିଥିଲେ। ଏହି ସତ୍ୟାଗ୍ରହରେ ରଘୁନାଥ ନାୟକ, ଅଶୋକ କୁମାର ସ୍ୱାଇଁ, ଗୋପାଳ ପୃଷ୍ଟି, ଭୁବନାନନ୍ଦ ନାୟକ, ପ୍ରଫୁଲ୍ଲ ପରିଡ଼ା, ସହଦେବ ସାହୁ, ସଚ୍ଚିଦାନନ୍ଦ ଦାସ, ମହେନ୍ଦ୍ର ସାହୁ, ମିଟୁ ଦାସ, ବୈକୁଣ୍ଠ ବିଶ୍ୱାଳ, କୈଳାଶ ଦାସ, ଦେବେନ୍ଦ୍ର ତ୍ରିପାଠୀ, କିଶୋର ମଲ୍ଲିକ, ରଶ୍ମିରଞ୍ଜନ ରଥ, ପ୍ରସନ୍ନ ରାଉଳ, ରମଣୀ ରଞ୍ଜନ ବେହେରା, ପ୍ରଭାତ ରାଉତ, ସଞ୍ଜୟ ସାହୁ, ସୁବାସ ମହାନ୍ତି, ବିଜୟ ପତି, ପ୍ରମୋଦ ଦାସ, କରୁଣାକର ଦଳବେହେରା, ହାଡିବନ୍ଧୁ ନାୟକ, ବିନୋଦ ନାୟକ, ଅରକ୍ଷିତ ପାଳ, କ୍ଷେତ୍ରମୋହନ ପାଳ, ଦେବଦତ୍ତ ସାହୁ, ଅନନ୍ୟ ମହାନ୍ତି ପ୍ରଭୃତି ଚାଷୀ ନେତୃତ୍ୱ ମାନେ ସାମିଲ ଥିଲେ।

**ବାଲିକୁଦା:** ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବାଲିକୁଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ବାଲିକୁଦା, ମାଛଗାଁ, ବୋରିକିନା, ନହରଣା ମୁଖ୍ୟ ରାସ୍ତା ଅବରୋଧ କରି ବନ୍ଦ ଡାକରା ପାଳନ କରିଥିଲା। ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହେବା ସହ ବ୍ଲକ କାର୍ଯ୍ୟାଳୟ ଫାଟକ ଓ ତହସିଲ କାର୍ଯ୍ୟାଳୟ ଫାଟକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ବାଲିକୁଦା ତହସିଲଦାର ବିକାଶ ରଞ୍ଜନ, ଅତିରିକ୍ତ ତହସିଲଦାର ଜଗତଜ୍ୟୋତି ପଟ୍ଟନାୟକଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିଥିବା ଦେଖିବାକୁ ମିଳିଥିଲା। ସଂଗଠନର ହେମନ୍ତ ସ୍ୱାଇଁ, ସତ୍ୟବ୍ରତ ଦାସ, ସୁଧୀର ସ୍ୱାଇଁ, ମାନସ ପରିଡା, ଦିଲ୍ଲୀପ କାନୁନଗୋ, ଗୋବିନ୍ଦ ନାୟକ, ଶରତ ମଲ୍ଲିକ, ଦୁର୍ଗା ଚରଣ ସ୍ୱାଇଁ, ବଂଶୀଧର ଖଟୁଆ, ବ୍ରହ୍ମାନନ୍ଦ ମହାନ୍ତି, ଶରତ ବାରିକ, ବାବାଜୀ ଜେନା, ବିଭୁତି ଜେନା, ରଞ୍ଜନ ମହାନ୍ତି, କୈଳାଶ ବିଶ୍ୱାଳ, ସୁରେଶ ମହାନ୍ତି, ଜୟପ୍ରକାଶ ମହାନ୍ତି, ବୃନ୍ଦାବନ ବିଶ୍ୱାଳ, ରବି ପାଇଟଲ, ସୌମ୍ୟରଞ୍ଜନ ରାଉତ, ଗଙ୍ଗାଧର ଖଟୁଆ, ଯୁଧିଷ୍ଠିର ମହାନ୍ତି, ବିକ୍ରମ ପରିଡା, ସୁଶାନ୍ତ ଭଟଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇ ଓଡିଶା ବନ୍ଦ ଡାକରାକୁ ସମର୍ଥନ କରିଥିଲେ।।

## ଘୋଷର କପ୍ କ୍ରିକେଟ୍; ରେଢ଼ାଖୋଲ ଚାମ୍ପିଅନ

କିଶୋରନଗର,୨୮ ।୧(ସମିସ): କିଶୋରନଗର ବ୍ଲକ ଘୋଷରଠାରେ ମା' ମାହେଶ୍ୱରୀ ୟୁଥ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସିଲୁ, ତ୍ରୈଲୋକ୍ୟ ଓ ଯୁଗ କିଶୋର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ରେଢ଼ାଖୋଲ ଦଳ ଓ ଭୀମଭୋଇ କଲେଜ ଦଳ ମଧ୍ୟରେ ଖେଳାଯାଇଥିଲା। ରେଢ଼ାଖୋଲ ଦଳ ୬ ୱିକେଟରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ବିଜେପି ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ପଟ୍ଟନାୟକ, ଆଠମଲ୍ଲିକ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସାହୁ, କିଶୋରନଗର ପ୍ରତିନିଧି ସରୋଜ ସାହୁ, ଛେଣ୍ଡିପଦା ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ବେହେରା, ରେଢ଼ାଖୋଲ ଉପଖଣ୍ଡର ଯୁବ ବୈଜ୍ଞାନିକ ଶେଷଦେବ କିଷାନ ସମାଜସେବୀ କୃପାସିନ୍ଧୁ ବିଶ୍ୱାଳ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ ରଞ୍ଜିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ସାହୁ। ଅମ୍ପାୟାର ରାହୁଲ ପ୍ରଧାନ ଓ ବିକି ଦେହୁରୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଆକାଶ ରାଉତ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଦୀପକ ଶଙ୍କର ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ୟୁଥ କ୍ଲବ କର୍ମକର୍ତ୍ତା ପୁଲିନ ପ୍ରଧାନ, ରାଜା ଦେହୁରୀ, ଟୁକୁନା ଦେହୁରୀ, ମିଟୁ ଶତପଥୀ, ସିକୁ ବିଶ୍ୱାଳ, ଲିଜୁ ସାଏ, ଚାଚା, ସୋହନ, ବୁନୁ ପ୍ରମୁଖ ସହଯୋଗ କରିଥିଲେ।

## ପଞ୍ଚଧାର ସାହିତ୍ୟ ସଂସଦର ସାରସ୍ୱତ ଆସର

କିଶୋରନଗର,୨୮ ।୧(ସମିସ): ଆଠମଲ୍ଲିକର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚଧାର ସାହିତ୍ୟ ସଂସଦ ଆନୁକୂଲ୍ୟରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଛି। ଦେଶର ଏକତା, ଅଖଣ୍ଡତା ଓ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିବାକୁ ଆମେ ପ୍ରତ୍ୟେକ ଭାରତୀୟ ଦୃଢ଼ ସଂକଳ୍ପ ନେବା ଆବଶ୍ୟକ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ସୂଚନା କେନ୍ଦ୍ରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡା ଅଶୋକ କୁମାର ମଲ୍ଲିକ ମୁଖ୍ୟଅତିଥି, ଅତିରିକ୍ତ ତହସିଲଦାର ପାର୍ଥସାରଥି ବିଶ୍ୱାଳ ଓ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଦୀପେଶ କୁମାର ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚଧାର ସାହିତ୍ୟ ସଂସଦ ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ବିବେକାନନ୍ଦ ବେହେରା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଇଂ ଆଭାସ କୁମାର କ୍ଷେତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଇଁଚକୂଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା କଳ୍ପନା ମହାନ୍ତି, ଯୋଗ ପ୍ରଶିକ୍ଷକ ମେଘନାଦ ସାହୁ, ଅଧ୍ୟାପକ ଡ. ହୃଷୀକେଶ ମହାଖୁଡ଼, କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଅମରଜିତ୍ ପଣ୍ଡା, ସଂଗ୍ରାମ ମିଶ୍ର, ସର୍ବେଶ୍ୱର ଘିବାଲା ପ୍ରମୁଖ ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି କରିଥିଲେ। କଣ୍ଠଶିଳ୍ପୀ ବିଭୂତି ଭୂଷଣ ରଥ, ଭୁବନ ମୋହନ ତ୍ରିପାଠୀ, ସର୍ବେଶ୍ୱର ବେହେରା, କଳିଙ୍ଗ ବେହେରାମାଳୀ, ପରମେଶ୍ୱର ପାତ୍ର, ବାବୁଲି ଦେହୁରିଆ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁ ଶ୍ରୀଧର ମହାନ୍ତି ଓ ମାନସ କର୍ଣ୍ଣ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହି ଅବସରରେ ଆଠମଲ୍ଲିକର ପ୍ରଖ୍ୟାତ ଦଣ୍ଡନାଟ କଳାକାର ଖେଡୁ ସାହୁ, ଗୁରୁ ଶ୍ରୀଧର ମହାନ୍ତି ଓ ଯୁବ ତବଲା ବାଦକ ମାନସ କର୍ଣ୍ଣଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ସଦାଶିବ ଦଳବେହେରା, ଚିତ୍ରଶିଳ୍ପୀ ଟୁକୁନୁ ବେହେରା, ଶିଳ୍ପୀ ରଣଜିତ୍ ରଣା ସହଯୋଗ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଉଦୀପ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

■ ନାବାଳିକା ଅପହରଣ ଓ ବଳାତ୍କାର ମାମଲା

## ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୨୮ ।୧(ସମିସ): ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଆଡହକ୍ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ଫାଷ୍ଟଟ୍ରାକ କୋର୍ଟ ବୁଧବାର ଦୋଷୀକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତି ହେଲେ କଟକ ମାହାଙ୍ଗା ବାଜପୁର ଗ୍ରାମର ଲିଟୁ ଓରଫ ହରିଶଙ୍କର ରାଉତ। ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଅକ୍ଟୋବର ୧୬ରେ ହରିଶଙ୍କର ଜଣେ ନାବାଳିକାଙ୍କୁ ଅପହରଣ କରି ନେଇ ଦୁଷ୍କର୍ମ କରିଥିଲେ। ଏନେଇ ନାବାଳିକା ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ମାମଲା ରୁଜୁ କରି ହରିଶଙ୍କରଙ୍କୁ କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୧୫ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ହରିଶଙ୍କରଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ରଞ୍ଜନ କୁମାର ପାତ୍ର ଏବଂ ଆସୋସିଏଟ ଲୟର ପ୍ରଶାନ୍ତ କୁମାର ରଥ ଏହି ମାମଲା ପରିଚାଳନା କରୁଥିଲେ।

# ଓଡ଼ିଶା ବନ୍ଦ ଅନୁଗୋଳରେ ସଫଳ



ଅନୁଗୋଳ,୨୮ ।୧(ସମିସ): ନବନିର୍ମାଣ କୃଷକ ସଂଗଠନ ଦ୍ୱାରା ବୁଧବାର ଓଡ଼ିଶା ବନ୍ଦ ଡାକରାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ନିର୍ଦ୍ଦେଶରେ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି। ଅନୁଗୋଳରେ ବନ୍ଦ ପାଳନ ସଫଳ ହୋଇଛି। ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ନେତା, କର୍ମୀମାନେ ବନ୍ଦ ପାଳନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବନ୍ଦ ପାଳନରେ ସାମିଲ ହେବାକୁ କଂଗ୍ରେସ ପକ୍ଷରୁ ଅନୁଗୋଳର ବିଭିନ୍ନ ସଂଗଠନ, ଅନୁଷ୍ଠାନ, ସଂଘକୁ ଆହ୍ୱାନ କରାଯାଇଥିଲା। ଲୋକେ ସ୍ୱତଃ ଦୋକାନ, ବଜାର, ଗାଡ଼ିମଟର ଚଳାଚଳ ବନ୍ଦ କରିଥିଲେ। କଂଗ୍ରେସ କର୍ମୀମାନେ ପିକେଟିଂ କରି ବିଭିନ୍ନ ଅଫିସ, ଦୋକାନ ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ଭାରୀଯାନ ଚଳାଚଳ ବ୍ୟାହତ ହୋଇଥିଲା। ବସଷ୍ଟାଣ୍ଡରୁ ବସଗୁଡ଼ିକ ବାହାରି ନ ଥିଲେ। ତେବେ ଜରୁରୀ କାଳୀନ ସେବାରେ ନିୟୋଜିତ ଗାଡ଼ି ଚଳାଚଳ ସ୍ୱାଭାବିକ ରହିଥିଲା। ବନ୍ଦ ପାଳନ ବେଳେ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସିଠାରେ ଅପ୍ରୀତିକର ପରିସ୍ଥିତି ଦେଖାଯାଇନି।

ଶାନ୍ତିଶୃଙ୍ଖଳାର ସହ ବନ୍ଦ ପାଳନ ସଫଳ ହୋଇଛି। ସୁରକ୍ଷା ଦୃଷ୍ଟିରୁ ସହର ଛକ ବଜାର, କାର୍ଯ୍ୟାଳୟଗୁଡ଼ିକରେ ବ୍ୟାପକ ପୁଲିସ ମୁତୟନ ହୋଇଥିଲେ। ନାଲକୋ ପ୍ଲାଣ୍ଟ କାର୍ଯ୍ୟ ପ୍ରଭାବିତ ହୋଇନାହିଁ। କର୍ମଚାରୀମାନେ ଡ୍ୟୁଟି କରିଥିଲେ। ବନ୍ଦ ପାଳନ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସମେତ ଯୁବ, ଛାତ୍ର, ମହିଳା କଂଗ୍ରେସ ସଂଗଠନ ସାମିଲ ହୋଇ କୃଷକ ପାଇଁ ନ୍ୟାୟ ଦାବି କରିଥିଲେ। ରାଜ୍ୟବ୍ୟାପୀ ଧାନକିଣାରେ ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଦଣ୍ଡ ଆଦାୟ, ବିଜୁଳି ଟାରିଫକୁ ନେଇ ରାଜ୍ୟରେ ସରକାର, ଓଇଆରସି ଓ ଟାଟା ପାୱାରର ମନମାନି ତଥା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଉଚ୍ଛେଦ ବିରୋଧରେ ସାରା ରାଜ୍ୟରେ ଏହି ବନ୍ଦ ପାଳନ କରାଯାଇଥିଲା।



### ପାଲଲହଡ଼ାରେ ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ

ପାଲଲହଡ଼ା: ରାଜ୍ୟ ସରକାରଙ୍କ ଚାଷୀମରଣା ନୀତି ବିରୋଧରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ସକାଳ ୬ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହାକୁ କଂଗ୍ରେସ ଦଳ ସମର୍ଥନ କରିଥିଲା। ତେବେ ପାଲଲହଡ଼ା ସଦର ମହକୁମାରେ ବନ୍ଦ ପ୍ରଭାବଶୂନ୍ୟ ଥିଲା। ସକାଳୁ ସମସ୍ତ ଘରୋଇ ବସ ବନ୍ଦ ଥିଲା। ତେବେ ସରକାରୀ ବସ ଚାଲୁଥିଲା ବେଳେ ସମସ୍ତ ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ ଖୋଲା ଥିଲା। ସରକାରୀ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ କଲେଜ ଖୋଲା ଥିଲା।

■ ସହିଦ ରଞ୍ଜନ ମହାନ୍ତି ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଝାଡ଼ଖଣ୍ଡ ଫରେଷ୍ଟର ଓ ରାଉରକେଲା ସେମିରେ

ତାଳଚେର,୨୮ ।୧(ସମିସ): ତାଳଚେରରେ ସହିଦ୍ ରଞ୍ଜନ ମହାନ୍ତି ସ୍ମାରକୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ "ସଞ୍ଜୀବ ଜେନା' କପ୍ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ତାଳଚେରରେ କିଛିଦିନ ବ୍ୟବଧାନରେ ଫ୍ରେଣ୍ଡସ କ୍ଲବ ପରେ ପୁଣି ଏକ ସର୍ବଭାରତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଥିବାରୁ ସ୍ଥାନୀୟ କ୍ରିକେଟ୍‌ପ୍ରେମୀଙ୍କ ଉତ୍ସାହକୁ ବିଧାୟକ ମହାନ୍ତି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ତାଳଚେର ପୌରାଧ୍ୟକ୍ଷ ପବିତ୍ର ଭୁତିଆ, ବିଜେପି ଅନୁଗୋଳ ଜିଲ୍ଲା ସଭାପତି ଯଯାତି ପଟ୍ଟନାକ, ବିଜେପି ଜିଲ୍ଲା ଉପ ସଭାପତି ମନୋଜ ପ୍ରଧାନ, ସହିଦ୍ ରଞ୍ଜନ ମହାନ୍ତି କ୍ରିକେଟ୍ କ୍ଲବ ସଭାପତି ଆଇନଜୀବୀ ପେସ୍କାର ଗଡ଼ନାୟକ, ସାଧାରଣ ସମ୍ପାଦକ ସତ୍ୟଭାନୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉଦଘାଟନ ମ୍ୟାଚ ଝାଡ଼ଖଣ୍ଡ ଫରେଷ୍ଟର ଦଳ ଓ ତାଳଚେର କଣିହାଁ ଦଳ ମଧ୍ୟରେ ଖେଳାଯାଇଥିଲା। ଝାଡ଼ଖଣ୍ଡ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଝାଡ଼ଖଣ୍ଡ ଦଳ ନିର୍ଦ୍ଧାରିତ ୧୬ ଓଭରରେ ୧୨୯ ରନ୍ କରିଥିଲା ବେଳେ ଏହାର ପିଛାକରି କଣିହାଁ ଦଳ ୭୯ ରନ୍ କରି ସମସ୍ତ ୱିକେଟ ହରାଇଥିଲା। ଝାଡ଼ଖଣ୍ଡର ଜୟନ୍ତ ଅଗସ୍ତି ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ସେହିପାରି ଦ୍ୱିତୀୟ ମ୍ୟାଚରେ ରାଉରକେଲା ଆରଏସପି ଦଳ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୧୬୭ ରନ୍ କରିଥିଲା। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ ଦଳ ୯୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ରାଉରକେଲାର ରାଜ ଯାଦବ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଅମ୍ପାୟର ଅବଦୁଲ ରହିମ ଖାଁ ଓ ଯଶବିନ୍ଦର ସିଂ ମ୍ୟାଚ୍ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମି ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଦେଶର ବିଭିନ୍ନ ରାଜ୍ୟରୁ ୮ଟି ଦଳ ଭାଗ ନେଇଛନ୍ତି। ସହିଦ୍ ରଞ୍ଜନ ମହାନ୍ତି କ୍ରିକେଟ୍ କ୍ଲବର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରୁଛନ୍ତି।

### ସରସ୍ୱତୀ ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକୋତ୍ସବ

## 'ନୈତିକ ମୂଲ୍ୟବୋଧ ହିଁ ଶିକ୍ଷାର ଆଧାର ହେବା ଆବଶ୍ୟକ'



କିଶୋରନଗର,୨୮ ।୧(ସମିସ): ପିଲାମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱ ବିକାଶିତ ହୋଇଥାଏ। ତେଣୁ ନୈତିକ ମୂଲ୍ୟବୋଧ ହିଁ ଶିକ୍ଷାର ଆଧାର ହେବା ଆବଶ୍ୟକ ବୋଲି ଶନିବାର ସ୍ଥାନୀୟ ଦୋହଲିସ୍ଥିତ ସରସ୍ୱତୀ ଇଣ୍ଟରନ୍ୟାସନାଲ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ ଚେୟାରମ୍ୟାନ ପ୍ରାଣବନ୍ଧୁ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କିଶୋରନଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଇଓ ରମଣୀ ରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ଡା. ଅଲେଖ କୁମାର ପ୍ରଧାନ, ପ୍ରଫେସର ପ୍ରଭୁଦତ୍ତ ହୋତା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ହିରଣ୍ମୟୀ ପଟ୍ଟନାୟକ ଓ ଛାତ୍ର ମୌସମ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଅର୍ଚ୍ଚନା ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ପିତୃମାତୃ ପୂଜନ ଓ ଦ୍ୱିତୀୟ ଅଧିବେଶନରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସରସ୍ୱତୀ ଟ୍ୟୁଟୋରିଆଲର ଛାତ୍ରଛାତ୍ରୀ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅନୁରାଗ ଦାଶ, ଅମିତ ଦାଶ, ମୋନାଲିସା ପ୍ରଧାନ, ଇପ୍ସିତା ପ୍ରଧାନ, ମନୀଷା ସାହୁ, ସ୍ୱର୍ଣ୍ଣସୁଧା ଦାଶଙ୍କ ସମେତ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟି ସଦସ୍ୟ ସହଯୋଗ କରିଥିଲେ।

## ବାଲ୍ୟବିବାହକୁ ରୋକିଲା ପ୍ରଶାସନ

ପାଲଲହଡ଼ା,୨୮ ।୧(ସମିସ): ଝିଅ ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଅତିଥିଙ୍କ ପାଇଁ ଖାଦ୍ୟ ରନ୍ଧା ସରିଥିଲା। କେବଳ ବରଯାତ୍ରୀଙ୍କୁ ଅପେକ୍ଷା କରାଯାଇଥିଲା। ନାବାଳିକାର ବାହାଘର ପାଇଁ କନ୍ୟାପକ୍ଷ ପୂରା ତତ୍ପର ଥିଲେ। କିନ୍ତୁ ଖେଳ ବିଗାଡ଼ି ଦେଇଥିଲା ପ୍ରଶାସନ। ଜିଲ୍ଲା କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ପାଲଲହଡ଼ା ସିଡିପିଓ ବିଜୟଲକ୍ଷ୍ମୀ ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟର ସୁପରଭାଇଜର ସୌଦାମିନୀ ଦେହୁରୀ, ସେକ୍ଟର ସୁପରଭାଇଜର ସୁଫଳା ନାଏକ ଏବଂ ଧାଡ଼ିପଥର ଗ୍ରାମ ଅଙ୍ଗନବାଡ଼ି କର୍ମୀ ସସ୍ମିତା ପରିଡ଼ା ପାଲଲହଡ଼ା ଥାନା ପୁଲିସ ସହ କରଡ଼ାପାଳ ପଞ୍ଚାୟତ ଧାଡ଼ିପଥର ଗାଁରେ ସଦଳବଳ ପହଞ୍ଚି ସବୁ ଭଣ୍ଡୁର କରିଦେଇଥିଲେ। ୧୮ ବର୍ଷ ପୂରି ନ ଥିବାରୁ ଝିଅର ବାହାଘର ନ କରାଇବା ପାଇଁ ବୁଝାସୁଝା କରିଥିଲେ। ଏହା ଆଇନ ବିରୁଦ୍ଧ, ବାହାଘର କଲେ ଉଭୟ ପକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଆଲୋଚନା ପରେ କନ୍ୟାପିତା ପୁଲିସ, ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ତଥା ବିଶ୍ୱ ଯୁବକେନ୍ଦ୍ର ପ୍ରକଳ୍ପ ସହାୟକ ଅଜୟ କୁମାର ସେଠୀ ଏବଂ ପୂର୍ଣ୍ଣଚନ୍ଦ୍ର କିଷାନଙ୍କ ଉପସ୍ଥିତରେ ଝିଅକୁ ୧୮ ବର୍ଷ ହେଲେ ବାହାଘର କରିବେ ବୋଲି ଲିଖିତ ଚୁକ୍ତି କରିଥିଲେ।

## ପଞ୍ଚଶ୍ରୀକ୍ଷେତ୍ରରେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ବଁଅରପାଳ,୨୮ ।୧(ସମିସ): ସ୍ଥାନୀୟ ପଞ୍ଚଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ଦ୍ୱିତୀୟ ବାର୍ଷିକ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଅପରାହ୍ନରେ ପାଞ୍ଚଗଡ଼ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଆସିଥିବା ଶତାଧିକ ମହିଳା କଳସ ଶୋଭାଯାତ୍ରା କରି ମନ୍ଦିର ପରିସରରେ ପହଞ୍ଚିବା ପରେ ସନ୍ଧ୍ୟାରେ ଅଧିବାସ ହୋଇଥିଲା। ନିକଟସ୍ଥ ଗ୍ରାମ ସମେତ ଆଠମଲ୍ଲିକ, ଅନୁଗୋଳ ଓ ଛେଣ୍ଡିପଦା ଅଞ୍ଚଳରୁ ୪୦ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୂର୍ବତନ ବିଧାୟକ ତଥା ଉପ ବାଚସ୍ପତି ରଜନୀକାନ୍ତ ସିଂହଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରତ୍ୟେକ ଦିନ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଅନ୍ତିମ ଦିନ ନଗର କୀର୍ତ୍ତନ କରାଯାଇଥିଲା। ଉତ୍ସବରେ ଶୁଭେନ୍ଦୁ କୁମାର ବେହେରା ଓ ଲିପିଶ୍ରୀ ବେହେରା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ପରିଚାଳନା କମିଟି ମୁଖ୍ୟ ଉପଦେଷ୍ଟା ନରେଶ ସାହୁ, ଉପ ସଭାପତି ପୀତାମ୍ବର ସାହୁ, ପ୍ରେମାନନ୍ଦ ପ୍ରଧାନ, ସୁଧୀର ବରାହ, ଅଭୟ ଭୁତିଆ, ସତ୍ୟବାନ ବରାହ, ବିପ୍ରଚରଣ ଜେନା, ପ୍ରଦୀପ୍ତ ମାଝୀ, ନିର୍ମଳ ଗଡ଼ନାୟକ, ଟେମୁଟୁ ସାହୁ, ଗଗନ ମହାଲିକ, ନିମେଇଁ ସାମଲ, ରଞ୍ଜିତା ଦେହୁରୀ, ପ୍ରମିଳା ରାଉତ, ସାବିତ୍ରୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ







କଣିହାଁ,୨୮ ।୧(ସମିସ): କଣିହାଁ ବ୍ଲକସ୍ଥିତ ପିଏମଶ୍ରୀ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସୋମବାର ବ୍ଲକସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ କୁମାର ସାହୁ, ବିଡିଓ ତ୍ରିବିକ୍ରମ କୁମାର, ପିଏମଶ୍ରୀ ପିଏମ ହାଇସ୍କୁଲ ଅଧ୍ୟକ୍ଷ ସିଦ୍ଧିପ୍ରସାଦ ସାହୁ, ଏବିଇଓ ସୁଜନ କୁମାର ସାହୁ, ପ୍ରାକ୍ତନ ସମିତିସଭ୍ୟ ଦେବେନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ପ୍ରଶାନ୍ତ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବକ୍ତୃତା, ପ୍ରବନ୍ଧ, ସଙ୍ଗୀତ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଜାମଣ୍ଡଳ ଭବନରେ ସଭାପତି ବିନାୟକ ପ୍ରଧାନ, ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, କୋଷାଧ୍ୟକ୍ଷ କର୍ଣ୍ଣ କୁମାର ଭୂତିଆଙ୍କ ଉପସ୍ଥିତରେ ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପତାକା ଉତ୍ତୋଳନ କରିଥିଲେ। ସେହିପରି ରେଙ୍ଗାଳି ପ୍ରକଳ୍ପ ଓ ଏହାର ଆଖପାଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। କୁଲୁମା ପଞ୍ଚାୟତ ଜଗମୋହନ କଲେଜରେ ଏହାର ପ୍ରତିଷ୍ଠାତା ଜଗମୋହନ ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଲେଜ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ରେଙ୍ଗାଳି ବନ୍ଧ ପ୍ରକଳ୍ପ ପ୍ରଶାସନିକ କାର୍ଯ୍ୟାଳୟରେ ଡ୍ୟାମର ସହକାରୀ ଯନ୍ତ୍ରୀ ଦାସମାତ ମୁର୍ମୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଓଏଚପିସି ପ୍ରଶାସନିକ କାର୍ଯ୍ୟାଳୟରେ ବରିଷ୍ଠ ସାଧାରଣ ପରିଚାଳକ ସରୋଜ କୁମାର ବହିଦାର, ଅଫିସର୍ସ କ୍ଲବରେ ଜିଏମ୍ ସୁବ୍ରତ କୁମାର ଷଡ଼ଙ୍ଗୀ, ଓଏଚପିସି ପାୱାର ପ୍ରୋଜେକ୍ଟ ୱାର୍କର୍ସ ୟୁନିୟନରେ ସମ୍ପାଦକ ବୀରେଶ ଚନ୍ଦ୍ର ପତି ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ମା' ତାରିଣୀ ମହିଳା ସମିତିରେ ସମାଜସେବୀ ଶଶିଶେଖର ସିଂ, ସେଣ୍ଟ ଜାଭିୟର୍ସ ସ୍କୁଲରେ ପ୍ରତିଷ୍ଠାତା ଫକିର ମୋହନ ସାମଲ, ପବିତ୍ର ମୋହନ ସ୍ମାରକୀ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ହେମନ୍ତ ପ୍ରଧାନ, ଶିଳ୍ପ ତାଲିମ କେନ୍ଦ୍ରରେ ଅଧ୍ୟକ୍ଷ ବିଜୟ ସାହୁ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ରେଙ୍ଗାଳି ପଞ୍ଚାୟତ କାର୍ଯ୍ୟାଳୟ, ପ୍ରକଳ୍ପ ମଧ୍ୟସ୍ଥ ଲକ୍ଷ୍ମୀ ବଜାର ବଣିକ ସଂଘ, ସୁରସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟ, ଡ୍ରାଇଭର ମହାସଂଘ, ବିଭିନ୍ନ ଶିକ୍ଷାନୁଷ୍ଠାନ, ଥାନା, ବ୍ୟାଙ୍କ, ପୋଷ୍ଟ ଅଫିସ ପ୍ରମୁଖ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି।

ଅନୁଗୋଳ: ବଗାଧର ପୀଠ ପରିସରରେ ସହର ଉପକଣ୍ଠ ରାଣୀଗୋଡ଼ା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ମଞ୍ଚର ବରିଷ୍ଠ ସଦସ୍ୟ ଅରୁଣ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ। ମଞ୍ଚ ସଦସ୍ୟ ଦାମୋଦର ଦାସ, ତ୍ରେତାନନ୍ଦ ସାମନ୍ତ, ଭଗବାନ ମହାପାତ୍ର, ଉତ୍ସବ ବେହେରା, ହୃଷୀକେଶ ସାହୁ, ବସନ୍ତ କୁମାର ଦାସ, ଶ୍ରୀପତୀ ମହାପାତ୍ର, ପ୍ରମୋଦ ଚନ୍ଦ୍ର ଦାସ, ଲମ୍ବୋଦର ସାହୁ, ସତ୍ୟବାଦୀ ଦାସ, ଧନେଶ୍ୱର ମହାପାତ୍ର, ନିମେଇଁ ଚରଣ ସାହୁ, ଦୁର୍ଯ୍ୟୋଧନ ବାରିକ, ସୁଧାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବିଜେଡି କାର୍ଯ୍ୟାଳୟ ଓ ଷ୍ଟେସନ ଛକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

ଅନୁଗୋଳ: ବାସନ୍ତୀ ଦୁର୍ଗାପୂଜା ପଡ଼ିଆରେ ଅନୁଗୋଳ ପୂର୍ବତନ ସୈନିକ ସଂଘ ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ସଂଘ ସଭାପତି ଅନିଲ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କ୍ୟାପଟେନ ଏସଏନ୍ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶମାତୃକାର ସେବା ପାଇଁ ପୂର୍ବତନ ସୈନିକମାନେ ସଦା ପ୍ରସ୍ତୁତ ବୋଲି କହିଥିଲେ। ଏକଦା ଭାରତର ସୀମା ସୁରକ୍ଷା, ଅଖଣ୍ଡତା ରକ୍ଷା କ୍ଷେତ୍ରରେ ଯବାନମାନେ ଅବସର ପରେ ବି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସିଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ସମାରୋହରେ ଅନେକ ଅଗ୍ନିବୀର୍ ଯୋଗଦେଇଥିଲେ। ପରେ ମହାନ୍ତିଙ୍କ ନେତୃତ୍ୱରେ ୬୦ରୁ ଊର୍ଦ୍ଧ୍ୱ ସଦସ୍ୟ ନିମନ୍ତ୍ରଣ ପାଇ ଜେଏସପିଏଲ ପକ୍ଷରୁ ଆୟୋଜିତ ଗଣତନ୍ତ୍ର ଦିବସ ସମାରୋହରେ ଯୋଗଦେଇଥିଲେ। ସେଠାରେ ଜିନ୍ଦଲ ଅଧିକାରୀଙ୍କ ସହ କମ୍ପାନୀର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପୂର୍ବତନ ସୈନିକ ସଂଘ ସଦସ୍ୟମାନେ ପିତାବଳି ମନ୍ଦିର ନିକଟରେ ଚାରାରୋପଣ ମଧ୍ୟ କରିଥିଲେ।



# ବିଶିଷ୍ଟ ଲୋକନାଟ୍ୟ କଳାକାର ତ୍ରିଲୋଚନ ପାଣ୍ଡେଙ୍କ ପରଲୋକ



ବଲାଙ୍ଗିର,୨୮ ।୧(ସମିସ) : ବଲାଙ୍ଗିର ଜିଲ୍ଲା ଦଶପୁର ପଞ୍ଚାୟତ ଅଧୀନ ମେଣ୍ଢିପାଲି ଗ୍ରାମର ବିଶିଷ୍ଟ ଲୋକନାଟ୍ୟ କଳାକାର ତ୍ରିଲୋଚନ ପାଣ୍ଡେଙ୍କ ମଙ୍ଗଳବାର ସକାଳେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହେଉଥିଲା। ଶ୍ରୀ ପାଣ୍ଡେ ମଙ୍ଗଳବାର ସକାଳେ ପ୍ରାତଃ ଭ୍ରମଣରେ ଯାଇଥିବା ସମୟରେ ନଳକୂପ ନିକଟରେ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ବଲାଙ୍ଗିର ମୁଖ୍ୟ ଡାକ୍ତରଖାନାକୁ ନେବା ସମୟରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ସେ ରାମଲୀଳା ଲୋକନାଟ୍ୟକୁ ତାଙ୍କ ଅଞ୍ଚଳରେ ବଞ୍ଚେଇ ରଖିଥିଲେ। ଏହା ବ୍ୟତୀତ ସେ ମେଣ୍ଢିପାଲି ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର, ୟୁ.ପି ସ୍କୁଲର ପୂର୍ବତନ ସଭାପତି, ଦଶପୁର ହାଇସ୍କୁଲର ପୂର୍ବତନ ସଂପାଦକ ତଥା ସଭାପତି , ସମବାୟ ସମିତିର ପୂର୍ବତନ ସଭାପତି, ଦଶପୁର ପଞ୍ଚାୟତ ଯାଦବ ସମାଜର ସଭାପତି ଭାବରେ ସଫଳତାର ସହ କାର୍ଯ୍ୟ କରି ଅଞ୍ଚଳ ର ଅନେକ ଅନୁଷ୍ଠାନ ସହିତ ଜଡିତ ରହିଥିଲେ।

# ଗଡ଼ିଲାନି ବସ, ଦୋକାନ ବଜାର ବନ୍ଦ







ବଲାଙ୍ଗିର,୨୮ ।୧(ସମିସ)

ରାଜ୍ୟରେ ଧାନକିଣା ଅବ୍ୟବସ୍ଥା, ଟୋକନ ସମସ୍ୟା, ହକ ପାଇଁ ଲଢେଇ କରୁଥିବା ଚାଷୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ପଲ୍ୟୁସନ ଓ ସ୍ମାର୍ଟ ମିଟର ନାମରେ ଲୋକଙ୍କୁ ଶୋଷଣ କରିବା ପ୍ରତିବାଦ ରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ଏହି ବନ୍ଦ ଆନ୍ଦୋଳନକୁ ବଲାଙ୍ଗିର ଜିଲ୍ଲାରେ

## ■ ନବନିର୍ମାନ କୃଷକ ସଂଗଠନ ଡାକରାରେ ମିଳିତ କୃଷକ ମଞ୍ଚ ପକ୍ଷରୁ ବନ୍ଦ

ବିଜେପିକୁ ଛାଡ଼ି ପ୍ରାୟ ସମସ୍ତ ରାଜନୈତିକ ଓ ଚାଷୀ ସଙ୍ଗଠନ ସମର୍ଥନ ଜଣାଇଥିଲେ। ଏହିକ୍ରମରେ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ସମର୍ଥନରେ ବଲାଙ୍ଗିରରେ ମିଳିତ କୃଷକ ମଞ୍ଚ ପକ୍ଷରୁ ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏଥିରେ ବଲାଙ୍ଗିର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋକାନ ବଜାର ବନ୍ଦ ହୋଇଥିବା ବେଳେ ଗାଡିମାଟର ଯାତାୟାତ ମଧ୍ୟ ବନ୍ଦ ରହିଥିଲା। ମିଳିତ କୃଷକ ମଞ୍ଚ ପକ୍ଷରୁ ଆବାହକ ଆକାଶ ମିଶ୍ର, ଚଗଲା ପରିଚ୍ଛା, ଅରୁଣ ମିଶ୍ର, ହିମାଂଶୁ ଶେଖର ସାହୁ, କସ୍ତୁବ ସାହୁଙ୍କ ନେତୃତ୍ୱରେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଥିଲା। ସହର ରେ ଥିବା ବ୍ୟାଙ୍କ, ବୀମା, ସ୍କୁଲ , କଲେଜ, ଦୋକାନ ବଜାରକୁ ଚାଷୀ ସଙ୍ଗଠନର କର୍ମକର୍ତ୍ତା ପିକେଟିଂ କରି ବନ୍ଦ କରିଥିଲେ। ବଡ ବଡ ସପିଂ ମଲ ଏହି ବନ୍ଦ କୁ ବିରୋଧ କରି ଦୋକାନ ଖୋଲିଥିବାରୁ ଏହାକୁ ପ୍ରତିବାଦ କରି ଚାଷୀ ସଙ୍ଗଠନ ସେମାନଙ୍କୁ ମନା କରିଥିଲେ। ଫଳରେ କାଁ ଭାଁ କିଛି ସ୍ଥାନରେ ଯୁକ୍ତିତର୍କ, କଥା କଟାକଟି ହୋଇଥିଲା। ଆନ୍ଦୋଳନକାରୀ ମାନେ ଡାକଘର ସହ ଅନ୍ୟ ସରକାରୀ ପ୍ରତିଷ୍ଠାନକୁ ବନ୍ଦ କରିବାରେ ସଫଳ ହୋଇଥିବାବେଳେ ଜିଲ୍ଲା କୋର୍ଟକୁ ବନ୍ଦ କରିବା ସମୟରେ ସେମାନଙ୍କୁ ବାରଣ କରାଯାଇଥିଲା। ପୁଲିସର ହସ୍ତକ୍ଷେପ ପରେ କୋର୍ଟ ସ୍ୱାଭାବିକ ଭାବେ ଚାଲିଥିବା ଦେଖିବାକୁ ମିଳିଥିଲା। ସକାଳ ୬ ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଲା। ଏହା କେବଳ ଟ୍ରେଲର ମାତ୍ର ଯଦି ଚାଷୀଙ୍କ ହକ୍ ପୂରଣ କରା ନ ଯାଏ ଓ ସମସ୍ୟାର ସମାଧାନ କରା ନ ଯାଏ ତେବେ ଏହି ଆନ୍ଦୋଳନ ଆହୁରି ତେଜିବ ଯେଉଁଥିପାଇଁ ସରକାର ନିଜେ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ମିଳିତ କୃଷକ ମଞ୍ଚ ଆବାହାକ ଆକାଶ ମିଶ୍ର। ସେହିପରି ନବ ନିର୍ମାଣ କୃଷକ ସଙ୍ଗଠନ ସର୍ବଦା ଚାଷୀଙ୍କ ସ୍ୱାର୍ଥ୍ୟ ପାଇଁ ଲଢେଇ କରିଆସୁଛି ରାଜ୍ୟରେ ଶାସନ ଗାଦିରେ ଯିଏ ବସିଥିଲେ ବି ଚାଷୀଙ୍କ ପାଇଁ ସଂଗଠନ ଲଢେଇ କରିଆସିଛି। ସରକାର ବିରୋଧରେ ବୁଧବାର ବନ୍ଦ ଡାକରା ଦିଆଯାଇଥିଲା। ଏହା ଆଗକୁ କେଉଁ ଦିଗରେ ଗତି କରିବ ତାହା କେହି କହିପାରିବେ ନାହିଁ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା ସଂଯୋଜକ ହିମାଂଶୁ ଶେଖର ସାହୁ ଚେତାବନୀ ଦେଇଛନ୍ତି।



### ● ବନ୍ଦକୁ କଂଗ୍ରେସର ସମର୍ଥନ

ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ଟାଉନ କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ଓ ଜିଲ୍ଲା କୃଷକ ସଂଘ ସଭାପତି ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ନବନିର୍ମାଣ କୃଷକ ସଂଗଠନ ଏବଂ ମିଳିତ କୃଷକ ସଂଘ ତରଫରୁ ଓଡ଼ିଶା ମହାବନ୍ଦରେ ବଲାଙ୍ଗିର ଟାଉନ କଂଗ୍ରେସ କମିଟି ଓ ଜିଲ୍ଲା କୃଷକ ସଂଘ ବଲାଙ୍ଗିର ର ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ଜିଲ୍ଲା କୃଷକ ସଂଘର କର୍ମକର୍ତ୍ତାମାନେ ମଟର ସାଇକେଲ ରାଲିରେ ବାହାରି ନଗର ପରିକ୍ରମା କରିଥିଲେ।

**ଖପ୍ରାଖୋଲ:** କୃଷିମନ୍ତ୍ରୀ ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କୁ ବହିଷ୍କାର ଦାବିରେ ଆଜି ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାକୁ ବିଭିନ୍ନ ସଂଗଠନ ସମର୍ଥନ ଦେଇଛି। ଏହି ଅବସରରେ ପଶ୍ଚିମ ଓଡ଼ିଶା ବଲାଙ୍ଗିର ଜିଲ୍ଲାର, ଖପ୍ରାଖୋଲ, ଲାଠୋର, ଧଣ୍ଡାମୁଣ୍ଡା ଏବଂ ଗ୍ରାମାଞ୍ଚଳର ସ୍କୁଲ କଲେଜ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ ଯାନ ବାହାନ ଚଳାଚଳ ବନ୍ଦ ରହିଥିଲା। ଏହି ବନ୍ଦ ଡାକରାରେ ଚାଷୀ ନେତା କ୍ଷମାନିଧି ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନ ଚାଷୀ ମୁଲିଆ ସଂଘ, ଗନ୍ଧମର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି, ଆଦିବାସୀ ସଂଘ ତଥା ବିଜେଡି ସହ ଦଳ ମତ ନିର୍ବିଶେଷ ସାଧାରଣ ଜନତା ସମ୍ପୂର୍ଣ ବନ୍ଦ ପାଳନକୁ ସମର୍ଥନ ଦେଇଛନ୍ତି।

### ● ଲୋଇସିଂହାରେ ସମର୍ଥନ

ଲୋଇସିଂହା : ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ମଧ୍ୟ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦକୁ ସମର୍ଥନ ମିଳିଥିବା ଦେଖିବାକୁ ମିଳିଛି। ବୁଧବାର ସକାଳୁ ନବ ନିର୍ମାନ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲା ସଂଯୋଜକ ହିମାଁଶୁ ଶେଖର ସାହୁ, କୃଷ୍ଣ ଚନ୍ଦ୍ର ନାଏକ, ରାମ ନାରାୟଣ ବ୍ରହ୍ମା, ସରପଞ୍ଚ ପ୍ରଶାନ୍ତ ତ୍ରିପାଠୀ, କଂଗ୍ରେସ ପକ୍ଷରୁ ଦିଲୀପ କୁମାର ବେହେରା, ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ପୂର୍ବରୁ ବନ୍ଦ ନେଇ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଥିବା ବେଳେ ସକାଳୁ ହିଁ ଦୋକାନ ବଜାର ବନ୍ଦ ଥିବା ଦେଖିବାକୁ ମିଳିଥିଲା।

**ଦେଓଗାଁ :** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ଦେଓଗାଁ ମୁଖ୍ୟାଳୟରେ ବୁଧବାର ନବନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ଓଡ଼ିଶା ବନ୍ଦ ପାଳନ ସଫଳ ହୋଇଛି। ଏହି ବନ୍ଦପାଳନକୁ କଂଗ୍ରେସ ସହଯୋଗ କରିଥିବାରୁ ଦେଓଗାଁରେ ଜିଲ୍ଲା କଂଗ୍ରେସର ଉପ-ସଭାପତି ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ କଂଗ୍ରେସର କର୍ମୀ ପିକେଟିଂ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ଓ ଦୋକାନ ବଜାରଗୁଡ଼ିକୁ ବନ୍ଦ କରିଥିଲେ। ଦେଓଗାଁ ମୁଖ୍ୟାଳୟସମେତ ବଙ୍ଗଳାଛକ ଜରାସିଂହା, ବନ୍ଧପଡା ଆଦି ଅଞ୍ଚଳରେ ଲୋକେ ସମର୍ଥନ ଜଣାଇଥିଲେ। ସ୍ଥାନୀୟ ବସ୍‌ଷ୍ଟାଣ୍ଡରେ କଂଗ୍ରେସର ନେତୃବୃନ୍ଦ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ଉପରେ ଗର୍ଜିଥିଲେ। ବନ୍ଦପାଳନରେ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ର, ଜରାସିଂହା ସମିତିସଭ୍ୟ ଅମିତ ତ୍ରିପାଠୀ, ବ୍ଲକ କଂଗ୍ରେସ କିଷାନସେଲ ସଭାପତି ପ୍ରଦ୍ୟୁମ୍ନ ସାହୁ, ବିଶାଳ ଦାସ, ସୁବଳ ରଣା, ମଦନ ସାହୁ, ଆର୍ତ୍ତ ଘିଭେଲା ତଥା ଅନ୍ୟମାନେ ସହଯୋଗ କରିଥିଲେ।

### ● ଟିଟିଲାଗଡ଼ରେ ଦୋକାନ ବଜାର ବନ୍ଦ

**ଟିଟିଲାଗଡ:** ଚାଷୀ ସମସ୍ୟା ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ଓଡ଼ିଶା ବନ୍ଦ ଡାକରା - ନବ ନିର୍ମାଣ କୃଷକ ସଙ୍ଗଠନକୁ ସମର୍ଥନ ଜଣାଇଲା କଂଗ୍ରେସ। ଅସାରା ଓଡ଼ିଶାରେ ବନ୍ଦ ଡାକରା ଦିଆଯାଇଛି, ଏହି ପରିପ୍ରେକ୍ଷୀରେ ଟିଟିଲାଗଡ଼ ସହରରେ ଏହାର ଆଂଶିକ ପ୍ରଭାବ ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତା କଡ଼ରେ ଥିବା ସମସ୍ତ ଦୋକାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିବା ବେଳେ ରିଲାଏନସ ମାର୍ଟ ଓ ଥାନା ସମ୍ମୁଖରେ କିଛି ଦୋକାନୀ ପରିବା ଓ ଫଳମୂଳ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏବେ ସମସ୍ତ ସଙ୍ଗଠନ ଓ କଂଗ୍ରେସ କର୍ମୀ ପିକେଟିଂ କରି ବନ୍ଦକରି ଦେଇଛନ୍ତି। ଏହି ବନ୍ଦ ଡାକରାକୁ ସମର୍ଥନ ଦେଇ କଂଗ୍ରେସ ନେତା ବିରେନ୍ଦ୍ର ବାଗ, ବ୍ଲକ ସଭାପତି ମଗନ ଲାଲ୍ ନାଗ, ସାଧାରଣ ସମ୍ପାଦକ ଡିଶିଶି ଶିବ ପରିଡ଼ା, ଜିଲ୍ଲା ସଭାପତି ଏସ ସି ସେଲ ଡମ୍ବରୁ ଧର ଛତ୍ରିଆ, ଜିଲ୍ଲା ଉପ ସଭାପତି ଦେବାନନ୍ଦ ସାହୁ, ସାତ ନମ୍ବର ଜୋନ କଂଗ୍ରେସ କୋର୍ଡି ନେଟର କିଶନ ନାଗ, ଆଦିବାସୀ ସମାଜର ନିତ୍ୟାନନ୍ଦ ମାଝୀ, ମାଇନୋରେଟେରି ତାଜୁଦ୍ଦିନ ଖାଁ, ଜୋନ କର୍ଡିନେଟର ଦୁର୍ଯ୍ୟୋଧନ ସୁନା, ଯାଦବ ନେତା ସୁବାସ ଛତର, ଡିସିସି ସମ୍ପାଦକ ଜୟ ସିଂ ତାଣ୍ଡି, ଡି ସି ସି ସେକ୍ରେଟାରୀ ମାଇନୋରିଟି ଏମ ଡି ସାହିଲ ଓ ଅନ୍ୟ ସଦସ୍ୟ ସାମିଲ ହୋଇଥିଲେ।



# ଆତଙ୍କ ଖେଳାଇଛି ହନୁମାଙ୍କଡ଼; ଛକିଛି ବନ ବିଭାଗ



ଲୋଇସିଂହା,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଧୀନ ପନେସରା ଗ୍ରାମରେ ହନୁମାଙ୍କଡ଼ ଆତଙ୍କରେ ଭୟଭୀତ ଗ୍ରାମବାସୀ। ଗାଁରେ ଥିବା ହନୁମାଙ୍କଡ଼ ପଲ ମଧ୍ୟରୁ ନିର୍ଦ୍ଦିଷ୍ଟ ଗୋଟିଏ ହନୁ ମାଙ୍କଡ଼ କିଛି ଦିନ ହେଲା ଗାଁରେ ଆତଙ୍କ ଖେଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହନୁଟି ଲୋକଙ୍କୁ ଦେଖିଲା ମାତ୍ରେ ଆକ୍ରମଣ କରୁଛି।

ଏନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେବାପରେ ବନବିଭାଗ ମଧ୍ୟ ଉକ୍ତ ହନୁମାଙ୍କଡ଼କୁ କାବୁ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ବନ ବିଭାଗର ଏକ ଟିମ୍ ଯନ୍ତା ରଖି ଧରିବା ପାଁ ଉଦ୍ୟମ ଚଲାଇଥିବାବେଳେ ତାକୁ କାବୁ କରିବା ପରେ ଉକ୍ତ ହନୁର ମାନସିକ ସ୍ଥିତି ଯାଞ୍ଚ କରାଯିବ । ପରେ ତାକୁ କେଉଁଠି ରଖାଯିବ ନା ଜଙ୍ଗଲରେ ଛାଡ଼ି ଦିଆଯିବ ସେନେଇ ନିଷ୍ପତ୍ତି ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ନବରତ୍ନ ଉଚ୍ଚବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଖପ୍ରାଖୋଲ,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଖପ୍ରାଖୋଲ ବ୍ଲକ୍ ତେଲେନପାଲି ଗ୍ରାମର ନବରତ୍ନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ଅତିରିକ୍ତ ତହସିଲଦାର ସତ୍ୟସୁନ୍ଦର ରାଉତ ରାୟ, ସମ୍ମାନିତ ଅତିଥି ଭାବରେ ଖପ୍ରାଖୋଲ ଗୋଷ୍ଠୀଶିକ୍ଷାଧିକାରୀ ଅଭିନବ ମିଶ୍ର, କୋଶଳୀ କବି ଅର୍ଜୁନ କୁମାର ସାହୁ, ତେଲେନପାଲି ପଞ୍ଚାୟତର ସରପଞ୍ଚ ଶକୁନ୍ତଳା ବେହେରା, ପୂର୍ବତନ ଜିଲ୍ଲାପରିଷଦ ତଥା ସମାଜସେବୀ ବିପ୍ର ବିଶି , ଫୁଲକିମୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳ ବେହେରା, ଘୁନସର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ନବକିଶୋର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳଶିକ୍ଷକ ପ୍ରମୋଦ ବାଗ, ସଂସ୍କୃତ ଶିକ୍ଷକ ଚୂଡ଼ାମଣି ପଟେଲ, କୁମୁଦଚନ୍ଦ୍ର ଠାକୁର, ପରମାନନ୍ଦ ମେହେର, ଶଶିକାନ୍ତ ବାଗ, ରାଜେନ୍ଦ୍ର ବେହେରା, ପିଅନ ଯୁଗୁନୁ ମାଝୀ, ଦେବାର୍ଚ୍ଚନ ମାଝୀ, ଯାଦବ ଶଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସ୍କୁଲ କରାଟେ ପ୍ରତିଯୋଗିତା ପାଇଁ ପ୍ରାଚୀଙ୍କ ପୁନେ ଗସ୍ତ



ବଲାଙ୍ଗିର,୨୮ ।୧(ସମିସ): ଆସନ୍ତା ୩୧ ରୁ ଫେବୃୟାରୀ ୨ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁନେ ଠାରେ ଜାତୀୟସ୍ତରୀୟ ସ୍କୁଲ କରାଟେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ବଲାଙ୍ଗିର ରେଲୱେଷ୍ଟେସନ ଛକ ସ୍ଥିତ ଅସୀମ କରାଟେ ଏକାଡେମୀର ଛାତ୍ରୀ ପ୍ରାଚୀ ବେହେରା (୧୭) କୁମିତେ ବିଭାଗରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ ବୋଲି ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସାଧାରଣ ସମ୍ପାଦକ ତଥା କରାଟେ କୋଚ ଅସୀମ କୁମାର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ଜିଲ୍ଲା କ୍ରୀଡ଼ାଧିକାରୀ ପରାଶର ବାଗ ପ୍ରଚୀ ବେହେରାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ରାସ୍ତାରେ ଭାସୁଛି ନଳକୂଅ ପାଣି

ଦେଓଗାଁ,୨୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଉଡ଼ାର ପଞ୍ଚାୟତ ଅଧୀନ ଉଡାର ଗାଁର ଉପରପଡ଼ା ମୁଖ୍ୟରାସ୍ତା ନଳକୂଅ ନିକଟରେ ନିର୍ମାଣ ହୋଇଥିବା ସୋ-ପିଟ୍ କାମରେ ଆସୁ ନ ଥିବାରୁ ଦୂଷିତପାଣି ରାସ୍ତାରେ ବାହାରି କାଦୁଅ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ନଳକୂଅ ପାଣି ବାରମ୍ବାର ରାସ୍ତା ଉପରେ ପଡ଼ିବାରୁ କାଦୁଅ ହୋଇ ମଶାମାଛି ବୃଦ୍ଧିପାଉଥିବାରୁ ଆଖପାଖ ଲୋକେ ବସବାସ କରିବା କଷ୍ଟକର ହୋଇପଡ଼ିଥିବାନେଇ ପଡ଼ାର ପ୍ରମୋଦ କୁମାର ବହିଦାର, ବିରଜ ନାଏକ, ଟିକେଟନ୍ଦ ସାହୁ, ଶେଷଦେବ ମାଝୀ, କଳଦାର ପଧାନ, ବୈଷାଖୁ ପଧାନ, ରାଜୀବ ପଧାନ, ସରସ୍ୱତୀ ଭଣ୍ଡା, ମହାଦେଇ ପଧାନ, ପ୍ରେମଶିଳା ପଧାନ ତଥା ଅନ୍ୟମାନେ ଅଭିଯୋଗ କରିଛନ୍ତି। ପଡ଼ାବାସୀଙ୍କ ଅଭିଯୋଗ ଅନୁସାରେ ଗାଁରେ ରହିଥିବା ନଳକୂଅ ମଧ୍ୟରୁ ବୈଶାଖୁ ପଧାନଙ୍କ ଘର ସାମ୍ନାରେ ରହିଥିବା ନଳକୂଅରେ ବର୍ଷସାରା ପାଣି ବାହାରେ ଓ ଖାଇବା ପାଇଁ ଉପଯୋଗୀ ହେଉଥିବାରୁ ଏହି ନଳକୂଅ ଉପରେ ପଡାର ପ୍ରାୟ ସମସ୍ତେ ନିର୍ଭରଶୀଳ ଅଟନ୍ତି। ଏଣୁ ଲୋକଙ୍କ ଦାବି ଅନୁସାରେ ବର୍ଷେତଳେ ପଞ୍ଚାୟତ ତରଫରୁ ଏକ ସୋ-ପିଟ ନିର୍ମାଣ କରାଯାଇଥିଲା। ହେଲେ ଉକ୍ତ ସୋ-ପିଟ ଠିକରୂପେ ନିର୍ମାଣ ହୋଇ ନ ଥିବାରୁ ବର୍ଷେ ନ ପୂରୁଣୁ ପାଣି ବାହାରି ରାସ୍ତାଉପରେ ମାଡ଼ିଯାଉଛି। ଏଣୁ ଗାଁ ପରିବେଶ ଦୂଷିତ ହୋଇପଡ଼ିଛି। ଏଣୁ ଏ ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟିଦେବାକୁ ପଡ଼ାବାସୀ ଦାବି କରିଛନ୍ତି।



# ୩୧ରେ ସିଏମ୍ ଟ୍ରଫି ପାଇଁ ଖେଳାଳି ଚୟନ

ବଲାଙ୍ଗିର,୨୮ ।୧(ସମିସ): ସିଏମ୍ ଟ୍ରଫି ଫୁଟବଲ ନିମନ୍ତେ ଉଭୟ ବାଳକ ଓ ବାଳିକା ବର୍ଗ ପାଇଁ ଆସନ୍ତା ୩୧ ତାରିଖ ଦିନ ସକାଳ ୯ଟାରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମ ଠାରେ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ଏଥିରେ ଯେଉଁ ଖେଳାଳିମାନେ ପୂର୍ବରୁ ପଞ୍ଜିକରଣ କରିଛନ୍ତି ସେମାନେ କେବଳ ଭାଗ ନେଇ ପାରିବେ। ଖେଳାଳିମାନେ ତାଙ୍କର ଜନ୍ମ ପ୍ରମାଣପତ୍ର, ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ସଙ୍ଗରେ ଧରି ଆସିବେ।

ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦଙ୍କୁ ମୋବାଇଲ ନଂ.୯୯୩୭୪୮୬୧୯୯ ରେ ଯୋଗାଯୋଗ କରିବାକୁ କ୍ରୀଡ଼ା ସଂସଦ ପକ୍ଷରୁ ଅନୁରୋଧ କରାଯାଇଛି।






ସର୍ବଭାରତୀୟ ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ

# ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲକୁ ହରାଇ କୁଚିଣ୍ଡା ଫାଇନାଲରେ





ବଲାଙ୍ଗିର,୨୮ ।୧(ସମିସ)

ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସର୍ବଭାରତୀୟ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ପ୍ରଥମସେମି ଫାଇନାଲ କୁଚିଣ୍ଡା ବିଏଫ୍‌ସି ବନାମ ଫୁଲବାଣି ସ୍ପୋର୍ଟ୍ସ ହଷ୍ଟେଲ ଖେଳ ୧-୧ ଗୋଲରେ ଡ୍ର ରହିଥିଲା। ଟ୍ରାଇବ୍ରେକର ୩-୧ ଗୋଲରେ କୁଚିଣ୍ଡା ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ବଲାଙ୍ଗିର ବିଧାୟକ ତଥା ଟୁର୍ଣ୍ଣାମେଣ୍ଟ କମିଟି ସଭାପତି କଳିକେଶ ନାରାୟଣ ସିଂଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ, ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଯୁବ ନେତା ମନ୍ମଥ ନାରାୟଣ ସିଂ ଦେଓ, କ୍ରୀଡାବିତ୍ ତଥା ଯୁବନେତା ଅଜୟ ଦାସ, କ୍ରୀଡ଼ା ସଂସଦର ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଅତିଥି ଭାବେ ଯୋଗଦେଇ ଥିଲେ। ଖେଳକୁ ସଞ୍ଜନ କୁଦେଇ, ଦୋଳ ଗୋବିନ୍ଦ ମୁଣ୍ଡା, ଦେବାଶିଷ ବାଗ, ସଞ୍ଜୀବ ମହାରଣା ପରିଚାଳନା କରିଥିଲେ। ଗୋଲକିପର ଅମିତ କୁଜୁରଙ୍କୁ ୨ ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ଅତିଥିମାନଙ୍କ ମଧ୍ୟରେ ଡ.ଶ୍ରୀକର ମିଶ୍ର, କ୍ରୀଡା ସଂସଦର ସାଧାରଣ ସଂପାଦକ ହରି ନାରାୟଣ ପୁଜାରୀ, ବିଧୁଭୂଷଣ ତ୍ରିପାଠୀ, ଉପ-ସଭାପତି ଶମ୍ଭୁ ପ୍ରସାଦ ନାଗ, ସଂପାଦକ ସାଗର ସଂଗମ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା ମଞ୍ଚ ସଞ୍ଚାଳନ କରିଥିଲେ।

# ବନ୍ଧୁତ୍ୱର ବାର୍ତ୍ତାବହ ସମାସିଂହା ମକରଯାତ୍ରା



ଝାରସୁଗୁଡ଼ା/କୋଲାବିରା,୨୮।୧(ସମିସ)

ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ୍ ଅଧୀନ ସମାସିଂହା ଗାଁରେ ୫୪ତମ ମକର ଯାତ୍ରା ପାଳନ ହୋଇଯାଇଛି। ଅପରାହ୍ଣରେ ହର ଓ ହରିଙ୍କୁ ଦୁଇଟି ରଥରେ ଅଣାଯାଇ ଦୁର୍ଗା ମଣ୍ଡପ ସମ୍ମୁଖରେ ମକର ମିଳନ କରାଯାଇଥିଲା। କ୍ଷୀରୋଦ ପୁଝାରୀ ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇଥିଲେ। ପ୍ରଗତି ସଂଘ ଆନୁକୂଲ୍ୟରେ ଆୟୋଜିତ ମକର ଯାତ୍ରାରେ ରାଜ୍ୟ ସମବାୟ, ବୟନ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯାତ୍ରାର ଉଦ୍‌ଘାଟନ କରିଥିଲେ। ପ୍ରଗତି ସଂଘର ସଭାପତି ମନୋଜ କାଲୋଙ୍କ ସଭାପତିତ୍ୱ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ମନୋଜ କାଲୋ, ସମ୍ପାଦକ ପ୍ରକାଶ ସାହୁ, କୋଷାଧ୍ୟକ୍ଷ ସରୋଜ ପଟେଲ, ଯୋଗେଶ୍ୱର ସେନାପତି, ଭୂଭାଗ ବଣ୍ଟନ ଅଧିକାରୀ ଭିଷ୍ମଦେବ ପଟେଲ, ପୂର୍ବତନ ସରପଞ୍ଚ ହେମନ୍ତ ସାହୁ, ସଚିନ୍ଦ୍ର ପଟେଲ, ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ ପୂଜାରୀ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ ପ୍ରମୁଖ ମଞ୍ଚାସୀନ ଥିଲେ।

ମଧ୍ୟାହ୍ନରେ ଶ୍ରୀଜଗନ୍ନାଥଙ୍କ ବେଢ଼ା ପରିକ୍ରମା ହେବାପରେ ରଥାରୂଢ଼ କରାଯାଇଥିଲା। ବିପରୀତ ଦିଗରୁ ଗୌରୀଶଙ୍କର ମନ୍ଦିରରୁ ହରଙ୍କ ପ୍ରତିମାକୁ ରଥରେ ଅଣାହୋଇଥିଲା। ଏହାପରେ ହରି-ହରଙ୍କ ଭେଟ ହୋଇଥିଲା। ଉଭୟ ଠାକୁର କୌଣସି ଯାନ ବାହାନରେ ବଦଳରେ ନିଜ ନିଜ ବାହନ ଗରୁଡ ଓ ବୃଷଭରେ ବିରାଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଏହାକୁ ଏକ ନିଆରା ପରମ୍ପରା ଭାବେ ବିବେଚନା କରାଯାଏ। ଯାତ୍ରାରେ ମୀନାବଜାର ସହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହୋଇଥିଲା। ଲଇକେରା ଆଇଆଇସି କୃଷ୍ଣ ଚନ୍ଦ୍ର ମେହେର ଓ କୋଲାବିରା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଓଁକାରମଲ ସାହୁ, ବିଜୟ ନାଏକ, ତୁଳାରାମ ସେନାପତି, ସରପଞ୍ଚ କରୁଣାକର ସେଟ୍, ରଞ୍ଜିତ ପଟେଲ, ଜିତୁ ସାହୁ, ଭୋଳାନାଥ ଟଣକାର, ସଞ୍ଜୟ ନାଏକ, ଚେତାନନ୍ଦ ପଟେଲ, ତୁଳେଶ୍ୱର ପଟେଲ, ଗୌତମ ନାଏକ, ଗୁରୁଚରଣ ସାହୁ ପ୍ରମୁଖଙ୍କ ସମେତ ସଂଘର ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ, ଗାଁର ଯୁବକ ମାନେ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ଯାତ୍ରା ୨୮ ତାରିଖ ଉଦ୍‌ଯାପିତ ହେବ।



# ଝାରସୁଗୁଡ଼ାରେ ପ୍ରଭାବହୀନ ଓଡ଼ିଶା ବନ୍ଦ



ଝାରସୁଗୁଡ଼ା,୨୮।୧(ସମିସ): ନବନିର୍ମାଣ କୃଷକ ସଂଘ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାର ପ୍ରଭାବ ଝାରସୁଗୁଡ଼ାରେ ପ୍ରତିଫଳିତ ହୋଇନାହିଁ। ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଦୋକାନ ବଜାର ପ୍ରାୟତଃ ଖୋଲା ରହିଥିବା ବେଳେ କାଁ ଭାଁ ବନ୍ଦ ହେବା ପରିଲକ୍ଷିତ ହୋଇଥିଲା। ଝାରସୁଗୁଡ଼ା ସହର ସହିତ ସମସ୍ତ ବ୍ଲକ୍, ପୌର ପରିଷଦ ଅଞ୍ଚଳରେ ପରିସ୍ଥିତି ସାମାନ୍ୟ ରହିଥିବା ବେଳେ ପ୍ରାୟ ସମସ୍ତ ଦୋକାନ ବଜାର ଖୋଲା ରହିଥିଲା। ଗାଡି ମୋଟର ଚଳାଚଳ ମଧ୍ୟ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଥିଲା। ବନ୍ଦ ପ୍ରଭାବରେ କେବଳ ଘରୋଇ ବସ୍ ଓ ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ କେତେକ ସ୍ଥାନରେ ସରକାରୀ ଓ ବେସରକାରୀ ସ୍କୁଲ ମଧ୍ୟ ବନ୍ଦ ରହିଥିଲା। ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପୁଲିସ ପକ୍ଷରୁ ଝାରସୁଗୁଡ଼ା ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ରେଳୱେ ଷ୍ଟେସନ, ବଡମାଳ ଛକ, ବଡ଼େଇମୁଣ୍ଡା, ବିଟିଏମର ପ୍ରମୁଖ ଅଞ୍ଚଳରେ ଫୋର୍ସ ମୁତୟନ କରାଯାଇଥିଲା।

## ଖଳିପଶି ସ୍କୁଲରେ ବାର୍ଷିକ କ୍ରୀଡ଼ା



କୁଣ୍ଡେଇଗୋଲା,୨୮।୧(ସମିସ): ଖଳିପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁ ସିଙ୍ଗରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆରସିସି ସୁଶାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ଚିନ୍ତାମଣି ବିଶାଳ ଓ ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ଷଡଙ୍ଗୀ ମଞ୍ଚାସୀନ ଥିଲେ। ସୁସ୍ଥ ଜୀବନ ଓ ମାନସିକ ବିକାଶରେ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ଉଦବୋଧନ ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ ପରିଚାଳନା କରିଥିଲେ। ସେହିପରି ଉତ୍ସବ ଆୟୋଜନରେ ଶିକ୍ଷୟିତ୍ରୀ ଝରଣା ପ୍ରଧାନ, ଅଳକା ଗଡନାୟକ, ସତ୍ୟବତୀ ସାହୁ ଓ ପଲ୍ଲବୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ଡିଏଭିରେ ଲାଲା ଲାଜପତ ରାୟଙ୍କ ଜୟନ୍ତୀ



ଝାରସୁଗୁଡ଼ା,୨୮।୧(ସମିସ): ଡିଏଭି ପବ୍ଲିକ ସ୍କୁଲ ଝାରସୁଗୁଡ଼ା ପରିସରରେ ଭାରତ ସ୍ୱାଧୀନତା ସଂଗ୍ରାମ ତଥା ଡିଏଭି ଆନ୍ଦୋଳନର ମହାନ କର୍ଣ୍ଣଧାର ପଞ୍ଜାବ କେଶରୀ ଲାଲା ଲାଜପତରାୟଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଲାଲାଜୀଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଲାଲାଜୀଙ୍କ ଭଳି ଅଦମ୍ୟ ସାହସୀ ଓ ନିର୍ଭୀକ, ସମର୍ପିତ ହେବାକୁ ଆହ୍ୱାନ କରିଥିଲେ। ଶିକ୍ଷୟିତ୍ରୀ ନମିତା ପାଣ୍ଡେ ଲାଲାଜୀଙ୍କ ଜୀବନ ଚରିତ ପାଠ କରିଥିଲେ। ଶିକ୍ଷୟିତ୍ରୀ ହେମଲତା ଜୟସ୍ୱାଲ, ଜୟନ୍ତୀ ପଟେଲ ଓ ନମିତା ପାଣ୍ଡେଙ୍କ ମିଳିତ ପ୍ରୟାସରେ ବିଦ୍ୟାଳୟର ବାଲ ବର୍ଗର ଛାତ୍ରଛାତ୍ରୀ ତଥା ବାଲ କଳାକାର ଦଳଗତ ଭାବେ ଲାଲାଜୀଙ୍କ ଜୀବନୀ ଆଧାରିତ ନାଟକ ପରିବେଷଣ କରିଥିଲେ।

## ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକ ସମ୍ମାନିତ



ଝାରସୁଗୁଡ଼ା,୨୮।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ମନମୋହନ ସ୍କୁଲ ପଡିଆ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କୁ ସେବା ଓ କର୍ତ୍ତବ୍ୟନିଷ୍ଠା ପାଇଁ ସମ୍ମାନିତ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ଆୟୋଜିତ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଙ୍ଗାଲି ଥାନା ଭାରପ୍ରାପ୍ତ ଅଧିକାରୀ ସମରେନ୍ଦ୍ର ନାୟକଙ୍କୁ ସମ୍ମାନିତ କରିଥିଲେ। ଏହି ସମୟରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ଥିଲେ।

## ବେଲଜିୟମ ହକି ଖେଳାଳିଙ୍କୁ ସମ୍ବର୍ଦ୍ଧନା

ଝାରସୁଗୁଡ଼ା,୨୮।୧(ସମିସ): ହକି ପ୍ରୋ-ଲିଗ ରାଉରକେଲା ବିର୍ସା ମୁଣ୍ଡା ଷ୍ଟାଡିୟମରେ ଖେଳିବା ପାଇଁ ବୁଧବାର ସନ୍ଧ୍ୟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ବେଲଜିୟମ ହକି ଦଳ ପହଞ୍ଚିଛନ୍ତି। ଦିଲ୍ଲୀରୁ ଆସିଥିବା ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଅମ୍ରିତ ଆଚାର୍ଯ୍ୟ, ପ୍ରଶାସନ ବିଭାଗର ଡେପୁଟି କଲେକ୍ଟର ସୋମେଶ ଆଚାର୍ଯ୍ୟ, ଓଡ଼ିଶା ହକି ଆସୋସିଏସନର ଉପସଭାପତି ଜୀବନ ମହାନ୍ତି, ଝାରସୁଗୁଡ଼ା ହକି ଆସୋସିଏସନର ସଭ୍ୟା ଜ୍ୟୋତି ଲାଟ, ସଭ୍ୟ ଅଶ୍ୱିନୀ ପାଣ୍ଡେ, କ୍ଲେମେଣ୍ଟ ରୋନାଲ୍ଡ, ବିମାନ ବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ଧଣ୍ଡିଆ, ସନ୍ଦିପ ମିଞ୍ଜ, ଗୁଣବନ୍ତ ଦୋରା ପ୍ରମୁଖ ଖେଳାଳି, ଟିମ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ଉପଢୌକନ ପ୍ରଦାନ କରିଥିଲେ। ଏହି ଦଳ ସ୍ୱତନ୍ତ୍ର ପୁଲିସ ବାହିନୀ ଦ୍ୱାରା ବସରେ ରାଉରକେଲା ଅଭିମୁଖେ ଯାତ୍ରା କରିଥିଲେ।



## ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ଝାରସୁଗୁଡ଼ା,୨୮।୧(ସମିସ): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ୨୦୦୩-୦୪ ବର୍ଷ ବିଜ୍ଞାନ ବିଭାଗର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଝାରସୁଗୁଡ଼ା ସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ର ତଥା ସଫ୍ଟୱେର ଯନ୍ତ୍ରୀ ଡିଲେଶ୍ୱର୍ ସାହୁଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାରାଜ୍ୟ ମୁକ୍ତ ବିଦ୍ୟାଳୟରେ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୁରାତନ ଛାତ୍ର ତଥା ସୁନ୍ଦରଗଡ ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ.ମୂରଲୀଧର ବେହେରା, କନକତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ତେଜରାମ୍ ସାହୁ, ବ୍ୟାଙ୍କ୍ ଅଫ ଇଣ୍ଡିଆର ବରିଷ୍ଠ ଅଧିକାରୀ ସୁମନ୍ତ ପ୍ରଧାନ, ବେଦାନ୍ତର ଅଧିକାରୀ ଘନଶ୍ୟାମ ସାହୁ ତଥା କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ବିରାଟରାଜା ପଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ପ୍ରତିବର୍ଷ ବନ୍ଧୁମିଳନ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ର ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ମାଁ ମହାମାୟୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପ୍ରସ୍ତୁତି

ଦେବଗଡ଼,୨୮।୧(ସମିସ): ପୌରାଞ୍ଚଳ ୧ ନମ୍ବର ୱାର୍ଡ ଖପର ସାହି ସ୍ଥିତ ନବ ନିର୍ମିତ ମାଁ ମହାମାୟୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ରବିବାର ମନ୍ଦିର ପ୍ରାଙ୍ଗଣରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଉମାଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଫେବୃଆରୀ ୧୯, ୨୦ ଓ ୨୧ ୩ ଦିନ ଧରି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫେବୃଆରୀ ୧୯ କଳସ ଶୋଭାଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ରହିଥିବା ବେଳେ ୨୦ ତାରିଖ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସହ ହୋମଯଜ୍ଞ ଆୟୋଜନ ହେବ ଏବଂ ୨୧ରେ ପୂର୍ଣ୍ଣାହୁତି ହେବ। ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ ମାଁ ମହାମାୟୀ ମନ୍ଦିର କମିଟି ପକ୍ଷରୁ ପ୍ରାୟ ୫ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ କମିଟିର ସନାତନ ସ୍ୱାଇଁ, ଶିବଶଙ୍କର ଭୁକ୍ତା, ପ୍ରକାଶ ପ୍ରଧାନ, ପ୍ରସନ୍ନ ବେହେରା, ଭୁବନେଶ୍ୱର ପ୍ରଧାନ, ପ୍ରଦୀପ ଛତ୍ରିଆ, ନିରଞ୍ଜନ ଛତ୍ରିଆ, ରାକେଶ ବେହେରା, ବୁଲୁ ଭୁକ୍ତା, ଚନ୍ଦ୍ର ଭୋଇ, ସଞ୍ଜୟ ଥାପ୍ପା, ମୀନା ସାହୁ, କୁମାରୀ ସାହୁ, ପବନି ସାହୁଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

## ଦଳୀୟ ସଂଗଠନରେ ଯୁବଶକ୍ତିଙ୍କୁ ଗୁରୁତ୍ୱ

**ରୋବିନ ପାଣ୍ଡେ ହେଲେ ଜିଲ୍ଲା ବିଜେଡି ସଭାପତି**

**ଶିବାଶିଷ ପଟ୍ଟନାୟକଙ୍କୁ ବିଜୁ ଛାତ୍ର ଜନତା ଦଳ ସଭାପତି ଦାୟିତ୍ୱ**

ଝାରସୁଗୁଡ଼ା,୨୮।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଭାବେ ରୋବିନ ପାଣ୍ଡେ ଓ ଝାରସୁଗୁଡ଼ା ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ଭାବେ ଶିବାଶିଷ ପଟ୍ଟନାୟକଙ୍କୁ ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଯୁବ ଓ ଛାତ୍ର ମାନଙ୍କୁ ବହୁ ମାତ୍ରାରେ ସଂଗଠନ କାର୍ଯ୍ୟରେ ସାମିଲ କରି ଦଳକୁ ତୃଣମୂଳ ସ୍ତରରୁ ମଜବୁତ କରିବା ପାଇଁ ବିଜେଡି ଯୁବ ସଭାପତି ପାଣ୍ଡେ ଓ ଛାତ୍ର ସଭାପତି ପଟ୍ଟନାୟକ ଗୁରୁତ୍ୱ ପ୍ରକାଶ କରିଛନ୍ତି। ଦୁଇ ନୂତନ ସଭାପତି ଦ୍ୱୟ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଧନ୍ୟବାଦ ଜଣାଇଛନ୍ତି। ନୂତନ ମନୋନୀତ ଦୁଇ ସଭାପତିଙ୍କୁ ପୂର୍ବତନ ବିଧାୟିକା ଦୀପାଳୀ ଦାସଙ୍କ ସମେତ ଜିଲ୍ଲା ବିଜୁ ଜନତା ଦଳ ସଭାପତି ହରିଶ ଗଣତ୍ରା, ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ପିଣ୍ଟୁ ପାଢ଼ୀ, ବରିଷ୍ଠ ନେତା ପ୍ରତାପ ନନ୍ଦ, ମଦନ ହାତୀ, ଅଶୋକ ଦାସ, ତୁଳସୀ ଦାସ, ଆଲୋକ ତ୍ରିପାଠୀ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଦେବଗଡ଼,୨୮।୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱ କ୍ରମେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ମଦ ବିକ୍ରି କରୁଥିବା ଢାବା ଗୁଡିକ ଯାଞ୍ଚ୍ କରିବା, ୪୯ ନମ୍ବର ଜାତୀୟ ରାଜପଥ ରାସ୍ତା ପାର୍ଶ୍ୱରେ ଜବରଦଖଲ ଦୋକାନ ଗୁଡିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ଦେବଗଡ଼ ରଜାମୁଣ୍ଡା ଆମ୍ବେଦକର ଛକରେ ହାଇମାଷ୍ଟ ଲାଇଟ୍ ସ୍ଥାପନ ଓ ଗାଡି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା ଉପରେ ବିଶେଷ ଆଲୋକପାତ କରିଥିଲେ। ଜାତୀୟ ସଡକ ସୁରକ୍ଷା ମାସ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ ଓଝା, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚମ୍ପକେଶ୍ୱର ବସତି ତରଫରୁ ବିଶାଳ ସମ୍ମିଳନୀ

ଦେବଗଡ଼,୨୮।୧(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆନୁକୂଲ୍ୟରେ ବିଶାଳ ହିନ୍ଦୁ ସମ୍ମିଳନୀ ହୋଇଯାଇଛି। ଚମ୍ପକେଶ୍ୱର ବସତିରେ ଦେବଗଡ଼ ଠାରେ ବସତିର ସଭାପତି ପ୍ରଦ୍ୟୁମ୍ନ ଭୁକ୍ତା ଆବାହକତ୍ୱରେ ମହା ସମାରୋହରେ ସମ୍ମିଳନୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଆମଘାଟ ଆଶ୍ରମର ମଠାଧିଶ ସ୍ୱାମୀ ଶଙ୍କର ଚୈତନ୍ୟ ଜୀ ମହାରାଜ ଯୋଗ ଦେଇ ଥିଲେ। ମୁଖ୍ୟ ବକ୍ତା ଭାବେ ଡ.ବିଭୁ ଦତ୍ତ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ସକାଳେ ପ୍ରଥମେ କଳସ ଯାତ୍ରା ପରେ ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ଓମ ପ୍ରକାଶ ଦ୍ୱିବେଦୀ ଓ ଓମ ସାଗର ଦ୍ୱିବେଦୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସୁରେନ୍ଦ୍ର କର, ଇନ୍ଦ୍ର ମଣି କାଲୋ ଓ ଶ୍ରୀଧର ବେହେରା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ସୁକାନ୍ତ ସାହୁ କରିଥିବା ବେଳେ ସୁରେନ୍ଦ୍ର ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତିବିକ୍ରମ ଶତପଥୀ, ପ୍ରମଥେସ ଗୁରୁ, ଜୟନ୍ତ ସାହୁ, ଦେବ ଶଙ୍କର ବେହେରା, ଗିରିଜା ପାଣି, ସରୋଜ ପ୍ରଧାନଙ୍କ ସମେତ ବହୁ ଲୋକ ଯୋଗ ଦେଇଥିଲେ। ଶେଷରେ ଭାରତ ମାତାଙ୍କ ଆରତି ପରେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

# କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା,୨୮।୧(ସମିସ): ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଝାରସୁଗୁଡ଼ା ଜିଲ୍ଲାରେ କଂଗ୍ରେସକୁ ସୁଦୃଢ଼ କରିବା ଏବଂ ପୁନଃ କଂଗ୍ରେସ ଗଡ଼ ରୂପେ ପରିଣତ କରିବାକୁ ସମସ୍ତ କଂଗ୍ରେସ ପ୍ରତିନିଧିଙ୍କ ସମେତ କର୍ମକର୍ତ୍ତା ବୁଧବାର ଦଳର କାର୍ଯ୍ୟକାରିଣୀ ବୈଠକ କରିଛନ୍ତି। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦେଶ ହିତ ପାଇଁ ରାହୁଲ ଗାନ୍ଧୀଙ୍କ ରାହୁଲ ଗାନ୍ଧୀଙ୍କ ଯୋଜନା ଓ ପ୍ରଚେଷ୍ଟା ବିଷୟରେ ଲୋକଙ୍କୁ ଅବଗତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଚାଷୀଙ୍କ ଧାନକିଣା, ବିଦ୍ୟୁତ ବିଭାଗ ଟାଟା ପାୱାରର ସ୍ମାର୍ଟ ମିଟରରେ ହରିଲୁଟ ଆଦି ସମସ୍ୟା ନେଇ ସରକାର ବିରୋଧୀ ସ୍ୱର ମଜଭୁତ କରିବା ପାଇଁ ଆଲୋଚନା ହୋଇଥିଲା। ନୂତନ କର୍ମକର୍ତ୍ତା ଉପ ସଭାପତି ରୂପେ ମନମୋହନ ଝା, ରାଜେଶ ଶୁକ୍ଲା, ଭାଗିରଥୀ ପାତ୍ର, ଅଲେଖ, ପ୍ରଶାନ୍ତ ସିଂଦେଓ, ସୁମିତ୍ରି ପେରେ, ରିଆଜ ହୁସେନ, ସାଧାରଣ ସମ୍ପାଦକ ମନୀଷ ବାଜପେୟୀ, ସତ୍ୟ ମହାନ୍ତି, ସଲିମ ଖାନ, ସିଦ୍ଧାର୍ଥ ପାଟଯୋଷୀ, ସୁକଦେବ ବାଗ, କୋଷାଧ୍ୟକ୍ଷ ଶୈଳେଶ ଅୱସ୍ଥୀ, ସମ୍ପାଦକ କାଜଲ ଘୋଷ, ମଦନ ସିଂ, ଦେବେନ୍ଦ୍ର ସ୍ୱାଇଁ, ପ୍ରକାଶ ଶ୍ରୀୱାସ, ପବିତ୍ର ଓରାମ, ସୁକାନ୍ତ ପଟେଲ, ସଲିମ ପଟେଲ, ଦୀପକ ସାହୁ, ଫୁଲେନ୍ଦ୍ର ଗର୍ଡିଆ, ତନ୍ମୟକୁସୁମ, ମନୋଜ ଜୟପୁରିଆ, ଦେବେନ୍ଦ୍ର ବାରିକ, ସୁନୀଲ ପାଢ଼ୀ, ଦୁଖବନ୍ଧୁ ପାନ, ଅର୍ଜୁନ ନାଏକ, ଜଗଦିଶ ପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭରତ ଅୱସ୍ଥୀ, ସିଆରାମ ଦାଶ, ପ୍ରଶାନ୍ତ ତ୍ରିପାଠୀ, ଅଶୋକ ମିଶ୍ର, କୃଷ୍ଣଚନ୍ଦ୍ର ଭୋଇ, ଛେଠି ପ୍ରସାଦ ଶୁକ୍ଲା, ପ୍ରମୋଦ ପଣ୍ଡା, ଆଲୋକ ପଣ୍ଡା, ବ୍ରିଜେଶ ଶର୍ମା, ଅଲିମୁଦ୍ଦିନ ୱାରସି, ସୁବ୍ରତ ପ୍ରଧାନ, ମାନବ ଘୋଷ, ଲକ୍ଷ୍ମୀନିବାସ କେତନ, ଅଶୋକ ମିଶ୍ର, ବ୍ଲକ୍ ସ୍ତରରେ ଝାରସୁଗୁଡ଼ା ନଗର ସଭାପତି ଭାବେ ଦେବାନନ୍ଦ ବାରିକ ବ୍ରଜରାଜନଗରନଗର ସଭାପତ ଆର୍ତ୍ତତ୍ରାଣ ବେନିଆଁ, ବେଲପାହାଡ ନଗର ସଭାପତି ଭାସ୍କର ପଟେଲ, ଝାରସୁଗୁଡ଼ା ବ୍ଲକ୍ ସଭାପତି ଡୋଲାମଣି ମହାନନ୍ଦ, ଲଖନପୁର ବ୍ଲକ୍ ସଭାପତି ନୃପଲାଲ ନାଏକ, କୋଲାବିରା ବ୍ଲକ୍ ସଭାପତି ପୂଜା ନାଏକ, କିର୍ମିରା ବ୍ଲକ୍ ସଭାପତି ଧୀରେନ ବିଶ୍ୱାଳ, ଲଇକେରା ବ୍ଲକ୍ ସଭାପତି ସୁରେଶ ଜୟପୁରିଆ ଏବଂ ଜିଲ୍ଲା ପ୍ରବକ୍ତା ବା ମୁଖପାତ୍ର ଭାବେ ଦେବେଶ ପଣ୍ଡା ପ୍ରମୁଖଙ୍କୁ ନୂତନ କର୍ମକର୍ତ୍ତା ଭାବେ ନିଯୁକ୍ତ କରାହୋଇଥିବା ଜିଲ୍ଲା କଂଗ୍ରେସ ସଭାପତି ସାର୍ଥକ ଦାସ ପ୍ରକାଶ କରିଛନ୍ତି।



## ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ପାଇଁ ଶୋଭାଯାତ୍ରା

ଝାରସୁଗୁଡ଼ା,୨୮।୧(ସମିସ): ବାଲ୍ୟ ବିବାହ ନିରାକରଣ ପାଇଁ ୧୦୦ ଦିନିଆ ଅଭିଯାନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ମିଳିତ ଆନକୂଲ୍ୟରେ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ ଏକ ସାଇକଲ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ରାଲିକୁ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ କିଷାନ ଛକ ପର୍ଯ୍ୟନ୍ତ ପରିକ୍ରମା କରି ସଚେତନତା ବାର୍ତ୍ତା ପହଞ୍ଚାଇଥିଲା। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଦସ୍ୟ ଏବଂ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ବାଲ୍ୟ ବିବାହ ଭଳି କୁପ୍ରଥାକୁ ଉଚ୍ଛେଦ କରି ପିଲାଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସାଇକଲ ରାଲି କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।

### ସର୍ବଭାରତୀୟ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା

# ସେମିରେ ବିହାର ବଏଜ୍

ଝାରସୁଗୁଡ଼ା,୨୮।୧(ସମିସ)



ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଓରିଏଣ୍ଟ ପେପର ମିଲ ଖେଳ ପଡିଆରେ ବୁଧବାର ସର୍ବଭାରତୀୟ ନକ ଆଉଟ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍ ବିହାର ବଏଜ ଦଳ ଓ ରାଜସ୍ଥାନ ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବିହାର ବଏଜ ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ରାଉରକେଲା ଓ ରାୟଗଡ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ ଦଳ ବିଜୟୀ ହୋଇଥିଲା। ପ୍ରତିଯୋଗିତାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାୟଗଡ ଦଳ ଓ ବିହାର ବଏଜ ଦଳ ମଧ୍ୟରେ ଖେଳାଯାଇଥିବା ବେଳେ ବିହାର ବଏଜ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିକୁ ପ୍ରବେଶ କରିଛି। ବ୍ରଜରାଜନଗର ଚ୍ୟାଲେଞ୍ଜର କ୍ଲବ୍ ପ୍ରତିଯୋଗିତାକୁ ଆୟୋଜନ କରିଛି। ଉଦ୍‌ଘାଟନୀ ସମାରୋହରେ ନଗରପାଳ କୃଷ୍ଣ ଗୋପାଳ ଶୀତାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚ୍ୟାଲେଞ୍ଜର କ୍ଲବ୍‌ର ମନୀଷ ରାୟ, ସଞ୍ଜୟ ବାହୁବଳେନ୍ଦ୍ର, ବାବଲା ନାଥ, ଏନ ଲିଙ୍ଗରାଜ ପ୍ରମୁଖ ସହଯୋଗ କରିଥିଲେ। ଗୁରୁବାର ପ୍ରଥମ ମ୍ୟାଚ୍ ସୁନ୍ଦରଗଡ ଓ ରାଞ୍ଚି ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଓ ଆୟୋଜକ ଚ୍ୟାଲେଞ୍ଜର କ୍ଲବ୍ ମଧ୍ୟରେ ଖେଳାଯିବ।

# କଟକ ସିଟି



# ମାଟି ଚୁଲି ଭାଙ୍ଗିବାରୁ ଯୁବକଙ୍କୁ ହତ୍ୟା

## ହରିଣପାର୍କ ବସ୍ତିରୁ ଅଭିଯୁକ୍ତ ଦାଦା-ପୁତୁରା ଗିରଫ

କଟକ,୨୮ ।୧(ସମିସ):

ସାମାନ୍ୟ ମାଟି ଚୁଲା ଭାଙ୍ଗିବା ଘଟଣାକୁ ନେଇ ତୁଳସୀପୁର ହରିଣପାର୍କ ବସ୍ତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ବସ୍ତିର ୩୨ ବର୍ଷୀୟ ଯୁବକ ସେଖ୍ ରାଜୁଙ୍କୁ ସେହି ବସ୍ତିର କୁନିଆ ଓରଫ ରମେଶ ଚନ୍ଦ୍ର ସାହୁ(୬୧) ଏବଂ ବାପି ଓରଫ ତପନ କୁମାର ସାହୁ(୪୨) ପିଟିପିଟି ହତ୍ୟା କରିଛନ୍ତି । ଏହି ଘଟଣାରେ ବିଡାନାସୀ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଦ୍ୱୟ ସମ୍ପର୍କରେ ଦାଦା ଏବଂ ପୁତୁରା ଅଟନ୍ତି । ଏମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ କାଠ ଖଣ୍ଡ, ଗୋଟିଏ ଅଟୋ (ଓଡି-୦୫-ଏନ-୬୭୧୮) ଜବତ ହୋଇଛି ବୋଲି ଡିସିପି ଖିଲାରୀ ରିଶିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି ।

ମହାନଦୀ ରିଂବନ୍ଧର ପୂର୍ଣ୍ଣେଶ୍ୱର ମନ୍ଦିର ପାଖ ହରିଣପାର୍କ ବସ୍ତିରେ ରାଜୁ ଏକୁଟିଆ ରହୁଥିଲେ । କିଛି ଦିନ ହେବ ତାଙ୍କ ମାଆ ରିହାନା ବେଗମ ପଦ୍ମପୁରସ୍ଥିତ ଝିଅ ଘରେ ଯାଇ ରହୁଛନ୍ତି । ମଙ୍ଗଳବାର ରିହାନା ଖବର ପାଇଥିଲେ କି, ପୁଅ ରାଜୁ ବସ୍ତିରେ କଳିଝଗଡା କରୁଛି । ଏମିତିକି ରାଜୁକୁ ମାରପିଟ କରାଯାଇଥିବା ସେଠାକାର ଲୋକ ଜଣାଇଥିଲେ । ପୂର୍ବରୁ ୨୫ ତାରିଖ ତଥା ରବିବାର ମଧ୍ୟ ରାଜୁ ଝଗଡା କରିଥିବା ସମ୍ପର୍କରେ ଜାଣିଥିବାରୁ ରିହାନା ଭୟଭୀତ ହୋଇପଡିଲେ । ପୁଅର ଭଲମନ୍ଦ ବୁଝିବା ପାଇଁ ରିହାନା ବସ୍ତିକୁ ଆସିଥିଲେ ମଧ୍ୟ ରାଜୁକୁ ପାଇନଥିଲେ । ଖୋଜାଖୋଜି କରି ପୁଅକୁ ନପାଇବାରୁ ସନ୍ଧ୍ୟାରେ ସେ ବିଡାନାସୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହା ଭିତରେ ରାତି ପ୍ରାୟ ସାଢେ ୮ଟା ସମୟରେ ନରାଜ ନିକଟ କାଠଯୋଡି

### ମୃତଦେହ ନଦୀକୁ ଫିଙ୍ଗିଥିଲେ

ନଦୀରୁ ଏକ ମୃତଦେହକୁ ଫେଜ-୨ ଥାନା ପୁଲିସ ଜବତ କରିଥିଲା । ପ୍ରାଥମିକ ଯାଞ୍ଚରୁ ମୃତଦେହକୁ କିଛି ସମୟ ପୂର୍ବରୁ ନଦୀରେ ଫିଙ୍ଗାଯାଇଥିବା ଜଣାପଡିଲା । ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଥ୍ୟ ପ୍ରମାଣ ଯୋଗାଡ କରିବା ସହ ଏକ ସ୍ୱତନ୍ତ୍ର ଟିମ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ନରାଜ ଯିବା ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଏକ ସନ୍ଦିଗ୍ଧ ଅଟୋ ଠାବ ହୋଇଥିଲା । ପରବର୍ତ୍ତୀ ସମୟରେ ମୃତକଙ୍କ ମାଆ ରିହାନା ଆସି ପୁଅର ଶବ ଚିହ୍ନଟ କରିଥିଲେ । ପୁଲିସ ଅଭିଯୁକ୍ତ ତପନ ଓ ରମେଶକୁ ଧରିଆଣି ଜେରା କରିବାରୁ ପୁରା ଘଟଣା ସାମ୍ନାକୁ ଆସିଥିଲା । ରାଜୁ ପ୍ରାୟ ସମୟ ନିଶାସକ୍ତ ଅବସ୍ଥାରେ ଆସି ବସ୍ତି ଓ ଆଖପାଖ ଅଞ୍ଚଳରେ ବିଶୃଙ୍ଖଳା କରୁଥିଲା । ପୂର୍ବଭଳି କୌଣସି କଥାକୁ ନେଇ ଗତ ରବିବାର ରାଜୁ ଓ ରମେଶ ଭିତରେ ପାଟିତୁଣ୍ଡ ହୋଇଥିଲା । ରାଜୁ ଉତକ୍ଷିପ୍ତ ହୋଇ ରମେଶଙ୍କ ଘରର ବାହାର ପଟକୁ ଲାଗିଥିବା ଏସି ଓ ଶୌଚାଳୟର ପାଇପ ଭାଙ୍ଗି ଦେଇଥିଲା । ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡା ଥମିଥିଲା । ଏହାର ଦୁଇ ଦିନ ପରେ ଅର୍ଥାତ ମଙ୍ଗଳବାର ରାଜୁ ପୁଣିଥରେ ରମେଶକୁ ଗାଳିଗୁଲଜ କରିଥିଲା । ଏମିତିକି ରମେଶଙ୍କ ଘର ଆଗରେ ଥିବା ଏକ ମାଟି ଚୁଲିକୁ ଭାଙ୍ଗିଦେଇଥିଲା । ଏହି ଘଟଣା ପରେ ରମେଶ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ । ଦୁଆର ମୁହଁରେ ପଡିଥିବା କାଠ ଫାଳିଆରେ ରାଜୁର ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ । ଏଥିଯୋଗୁଁ କ୍ଷଣିକରେ ରାଜୁର ମୃତ୍ୟୁ ଘଟିଥିଲା । ପରେ ରମେଶ ପୁତୁରା ତପନ ସହିତ ମିଶି ରାଜୁର ମୃତଦେହକୁ ପ୍ଲାଷ୍ଟିକ ଦଉଡିରେ ବାନ୍ଧି ଏକ ବଡ଼ ପଲିଥିନରେ ଗୁଡ଼ାଇ ଅଟୋରେ ଲଦିଥିଲେ । ଏହାପରେ ମୃତଦେହକୁ ନେଇ କାଠଯୋଡି ନଦୀର ନରାଜ ବ୍ରିଜ ନିକଟରେ ଫିଙ୍ଗି ଦେଇ ଚାଲିଆସିଥିଲେ ବୋଲି ଜେରା ବେଳେ ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଛନ୍ତି ।

## ବିଭିନ୍ନ ସ୍ଥାନରେ ୭୭ତମ ସାଧାରଣତନ୍ତ୍ର ଦିବସ

### ■ ନୂଆବଜାର ସେଣ୍ଟ ଜାଭିୟର୍ସ ହାଇସ୍କୁଲ



କଟକ,୨୮ ।୧(ସମିସ): ନୂଆବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡରୀ ଇଂରାଜୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଅଛି । ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଦୀପ ତ୍ରିପାଠୀ ଓ ବିଦ୍ୟାଳୟର ଉପାଧ୍ୟକ୍ଷଙ୍କ ମିଳିତ ତତ୍ତ୍ୱାବଧାନରେ ପାଳିତ ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶକ ଡଃ ପ୍ରଭୁଚରଣ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ପରିଚାଳିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସାଂସ୍କୃତିକ ସଚିବ ସୌମ୍ୟଦୀପ ପଣ୍ଡା ଧନ୍ୟବାଦ ଦେଇଥିଲେ ।

### ■ ବିଦ୍ୟାଧରପୁର ହାଉସିଂବୋର୍ଡ କଲୋନୀ



ବିଦ୍ୟାଧରପୁର ହାଉସିଂବୋର୍ଡ କଲୋନୀ ସଭାପତି ଚନ୍ଦନ କୁମାର ପ୍ରଧାନ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହରେ କର୍ପୋରେଟର ତାପସ ସାମନ୍ତରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କଲୋନୀର ସମ୍ପାଦକ କାର୍ତ୍ତିକଚନ୍ଦ୍ର ପ୍ରଧାନ, ଉମାକାନ୍ତ ମହାପାତ୍ର, ହେମନ୍ତ ଦାଶ, ଚିତ୍ତରଞ୍ଜନ ପଣ୍ଡା, ଏମ ଗଣେଶ, ଜେଏଲ ପାତ୍ର, ଶିବ ପ୍ରସାଦ ପଣ୍ଡା, ସତ୍ୟ ସ୍ୱରୂପ ବେହେରା, ସତ୍ୟଜିତ ବେହେରା, ଜ୍ଞାନ ରଞ୍ଜନ କର ଓ ସମିତିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ ।

## ଦୁଷ୍କର୍ମ ମାମଲାରେ ଧରାପଡ଼ିଲା ଅଭିଯୁକ୍ତ ନାବାଳକ

କଟକ,୨୮ ।୧(ସମିସ): କଟକ ସହରରେ ଜଣେ ସ୍କୁଲ ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଛନ୍ତି । ଏହି ଦୁଷ୍କର୍ମ ମାମଲାରେ ଜଣେ ନାବାଳକ ଧରାପଡ଼ିଛି । ମହିଳା ଥାନା ପୁଲିସ ନାବାଳକଙ୍କୁ ଧରିବା ପରେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା । ପରେ ଅନୁଗୁଳସ୍ଥିତ ବାଳ ସୁଧାରଗୃହକୁ ପଠାଇ ଦିଆଯାଇଛି । ପୁଲିସର ସୂଚନା ମୁତାବକ, କଟକ ସହରର ଜଣେ ୧୨ ବର୍ଷୀୟା ଛାତ୍ରୀଙ୍କ ଘର ନିକଟରେ କଟକ ଗ୍ରାମାଞ୍ଚଳ ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳକ ରୁହନ୍ତି । ଗତ ୩ ମାସ ତଳେ ପରସ୍ପର ମଧ୍ୟ ପରିଚୟ ହୋଇଥିଲା । ଏହି ପରିଚୟ ସୂତ୍ରରେ ନାବାଳକ ଜଣକ ବାରମ୍ବାର ଏହି ନାବାଳିକାଙ୍କ ସହିତ ଶାରୀରିକ ସମ୍ପର୍କ ରଖିଥିଲା । ଏ ସମ୍ପର୍କରେ ନାବାଳିକାଙ୍କ ପରିବାର ଲୋକେ ଜାଣିବା ପରେ ୨୭ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗ ଆଧାରରେ ନାବାଳକଙ୍କୁ କାବୁ କରିଥିବା ମହିଳା ଥାନା ଆଇଆଇସି ବିୟୁଟି ମହାନ୍ତି ସୂଚନା ଦେଇଛନ୍ତି ।

## ମହିଳାଙ୍କୁ ଅସଦାଚରଣ; ଭଣ୍ଡ ଜ୍ୟୋତିଷ ଗିରଫ

କଟକ,୨୮ ।୧(ସମିସ): ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଭଣ୍ଡ ଜ୍ୟୋତିଷକୁ ପୁରୀଘାଟ ଥାନା ପୁଲିସ ଗିରଫ କରିଛି । ଅଭିଯୁକ୍ତଜଣକ ହେଲା ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଅନ୍ତର୍ଗତ ମାହାତୁଲ ଗ୍ରାମର ଜଗନ୍ନାଥ ନାୟକ(୩୬) । ପୁଲିସର ସୂଚନା ମୁତାବକ, ସାଆନ୍ତସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ବିଭିନ୍ନ ସମସ୍ୟା ଲାଗିରହିଥିଲା । ଆର୍ଥିକ ସମସ୍ୟା, ପାରିବାରିକ ବିବାଦ ଓ ଅନ୍ୟାନ୍ୟ ସମସ୍ୟା ନେଇ ସମ୍ପୃକ୍ତ ପରିବାର ଲୋକେ ଭାଙ୍ଗିପଡିଥିଲେ । କିଛିଦିନ ତଳର ଘଟଣା । ଜଣେ ପରିଚିତ ବ୍ୟକ୍ତି ସେମାନଙ୍କୁ କହିଥିଲେ ଯେ ଅଭିଯୁକ୍ତ ଜଗନ୍ନାଥ ଜଣେ ଭଲ ଜ୍ୟୋତିଷ । ସେ ପୂଜାପାଠ ଜରିଆରେ ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ଅତି ସହଜରେ କରିପାରନ୍ତି । ଏହିକଥା ଶୁଣି ଅଭିଯୋଗକାରୀଙ୍କ ପରିବାର ଜଗନ୍ନାଥଙ୍କ ସହିତ ଯୋଗାଯୋଗ କରିଥିଲେ । ପୂଜାପାଠ ଜରିଆରେ ତାହାର ସଂପୂର୍ଣ୍ଣ ସମାଧାନ ହୋଇପାରିବ ବୋଲି କହି ୫୦ହଜାର ଟଙ୍କା ନେଇଥିଲା । ତଦନୁଯାୟୀ ମଙ୍ଗଳବାର ରାତିରୁ ପୂଜା ଆରମ୍ଭ ହୋଇଥିଲା । ଏତିକି ବେଳେ ଜଣେ ମହିଳା ସେଠାରେ ଆସି ବସିଥିଲେ । ଏକୁଟିଆ ସୁଯୋଗ ନେଇ ଜଗନ୍ନାଥ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିଥିଲା । ମହିଳାଜଣକ ପାଟି କରିବାରୁ ଭୟରେ ଜ୍ୟୋତିଷ ଜଣକ ସେଠାରୁ ଚମ୍ପଟ ମାରିଥିଲା । ମହିଳାଜଣକ ଘଟଣା ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଏତଲା ଦିଆଯାଇଥିଲା ।

## ବିଶିଷ୍ଟ ଶିକ୍ଷାବିତ ହରିଦ୍ୱାର ପଣ୍ଡାଙ୍କ ପରଲୋକ



କଟକ,୨୮ ।୧(ସମିସ): ଓଡ଼ିଶା ଶିକ୍ଷା ଜଗତର ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ତଥା ବିଶିଷ୍ଟ ଶିକ୍ଷାବିତ ହରିଦ୍ୱାର ପଣ୍ଡାଙ୍କ ଗତକାଲି ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା । ସେ କଟକ କନିକା ଛକସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ହେମଲତା ପଣ୍ଡା, ଏକମାତ୍ର ପୁତ୍ର ମୀନକେତନ, ପୁତ୍ରବଧୂ ମଞ୍ଜୁବାଳା, ଝିଅ ଶାନ୍ତି, ଜ୍ୱାଇଁ ହରିଶ୍ଚନ୍ଦ୍ର ମହାନ୍ତି, ଭଣଜା ଦେବ ପ୍ରସାଦଙ୍କ ସମେତ ସମସ୍ତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ । ଶ୍ରୀ ପଣ୍ଡା ବାଣିଜ୍ୟ ଓ ପରିସଂଖ୍ୟାନ ବିଷୟର ଜଣେ ଉଚ୍ଚକୋଟୀର ଅଧ୍ୟାପକ ଭାବେ ଖ୍ୟାତି ଅର୍ଜନ କରିଥିଲେ । ସେ ନିଜର ଶିକ୍ଷକତା ଜୀବନ ମଧ୍ୟରେ କଟକର ରେଭେନ୍ସା, ବ୍ରହ୍ମପୁରର ଖଲ୍ଲିକୋଟ କଲେଜ ଏବଂ ଜୟପୁରର ବିକ୍ରମଦେବ କଲେଜ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଜଣେ ପ୍ରାଧ୍ୟାପକ ଭାବେ ସେବା ପ୍ରଦାନ କରିଥିଲେ । ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଖଲ୍ଲିକୋଟ କଲେଜ ଶିକ୍ଷା କେନ୍ଦ୍ରର ମୁଖ୍ୟ ଭାବେ ବହୁ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥିଲେ । ବିଶେଷ କରି ଆନ୍ଧ୍ର ପ୍ରଦେଶ ଓ ଓଡ଼ିଶା ବିଚ୍ଛିନ୍ନାଞ୍ଚଳରେ ଶିକ୍ଷାର ପ୍ରସାର କ୍ଷେତ୍ରରେ ତାଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ । ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ଶ୍ରୀ ପଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ପୁଷ୍ପ ମହୋତ୍ସବ 'ଧରା ଅନୁଗ୍ରହ'




କଟକ,୨୮ ।୧(ସମିସ): ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି ଏକ ବିଶାଳ ପୁଷ୍ପ ପ୍ରଦର୍ଶନୀ "ଧରା ଅନୁଗ୍ରହ' । ବିଶ୍ୱବିଦ୍ୟାଳୟର କୃଷି ବିଭାଗ ପକ୍ଷରୁ ଆୟୋଜିତ ଏହି ପାଞ୍ଚଦିନିଆ ମହୋତ୍ସବ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ୭୦ତମ ଜନ୍ମ ବର୍ଷ ଏବଂ "ଆର୍ଟ ଅଫ୍ ଲିଭିଂ' ସଂସ୍ଥାର ୪୫ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏହି ମେଳାକୁ ଏକ ଦିବ୍ୟ ରୂପ ପ୍ରଦାନ କରାଯାଇଛି । କ୍ୟାମ୍ପସରେ ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଚାରାରୋପଣ କରି ପରିବେଶ ସୁରକ୍ଷାର ମାର୍ଗଦର୍ଶକ ସାଜିଥିବା ଏହି ବିଶ୍ୱବିଦ୍ୟାଳୟ ଏବେ ୧୦ ହଜାରରୁ ଅଧିକ ଫୁଲ କୁଣ୍ଡ ଓ ଜାତିଜାତିକା ଔଷଧୀୟ ବୃକ୍ଷର ପେଣ୍ଠସ୍ଥଳୀ ପାଲଟିଛି । ଏହି ପ୍ରଦର୍ଶନୀରେ ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟ ଏବଂ ୨୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ପରିବେଶ ଓ ପୁଷ୍ପ ଉଦ୍ୟାନ ସମ୍ବନ୍ଧୀୟ ପ୍ରତିଯୋଗିତାରେ ନିଜର କଳା ପ୍ରଦର୍ଶନ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ କଟକ ମେୟର ସୁବାସ ସିଂ ଏହି ଅଭିନବ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ । କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ବିଶ୍ୱବିଦ୍ୟାଳୟର ସବୁଜ ସୁନ୍ଦର କ୍ୟାମ୍ପସର ପରିକଳ୍ପନା ଉପରେ ଆଲୋକପାତ କରିଥିଲେ । ଓୟୁଏଟିର ପୂର୍ବତନ ନିର୍ଦ୍ଦେଶିକା ପ୍ରଫେସର ଶଶିକଳା ବେଉରା, କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ପ୍ରଫେସର ଅନିଲ ଶର୍ମା, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଏବଂ ଡିନ୍ ପ୍ରଫେସର ଏସ୍. କୁମାରସ୍ୱାମୀ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଡ. ବୁଲବୁଲ୍ ବଲଲୀନା ପରିଚାଳନା କରିଥିଲେ ।

### 'ଅପରେସନ ଜୀବନ ରକ୍ଷା'

## ୨୦ ଦିନରେ ୭ ଜିଲ୍ଲାରୁ ୧.୨୭ କୋଟି ଟଙ୍କା ଜରିମାନା ଆଦାୟ

କଟକ,୨୮ ।୧(ସମିସ): ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ ନିୟମକୁ କଡ଼ାକଡ଼ି କରିବା ପାଇଁ ସେଣ୍ଟ୍ରାଲ ରେଞ୍ଜ୍ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା "ଅପରେସନ ଜୀବନ ରକ୍ଷା' ଅଭିଯାନ ଜୋରଦାର ଚାଲିଛି । ଗତ ଜାନୁଆରୀ ୭ ତାରିଖରୁ ୨୭ ତାରିଖ ମଧ୍ୟରେ କେବଳ ରେଞ୍ଜ ଅନ୍ତର୍ଗତ ୭ଟି ଜିଲ୍ଲାରୁ ମୋଟ ୧କୋଟି ୨୭ ଲକ୍ଷ ୬୭ ହଜାର, ୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । କେବଳ ଜାନୁଆରୀ ୨୭ ତାରିଖ ଦିନ ଜିଲ୍ଲା ଗୁଡ଼ିକରେ ମୋଟ ୧,୧୬୪ଟି ଗାଡ଼ି ଯାଞ୍ଚ କରାଯାଇଥିଲା । ଏହି ଗୋଟିଏ ଦିନରେ ୫ ଲକ୍ଷ ୮୧ ହଜାର ୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି । ଗତ ୨୦ ଦିନରେ ପୁଲିସ ମୋଟ ୨୮,୦୫୧ଟି ଗାଡ଼ି ଯାଞ୍ଚ କରିଛି । ଏଥିମଧ୍ୟରେ ୩୪ଟି ବସ୍ ଏବଂ ୩୩୨ଟି ଭାରୀଯାନ ରହିଛି । ପୁରୀ ଜିଲ୍ଲାରେ ୬୨୭୩ ଗାଡି ଯାଞ୍ଚ ସହ ୪୮ ଲକ୍ଷ ୩୧ ହଜାର ଟଙ୍କା, ଖୋର୍ଦ୍ଧା ଜିଲ୍ଲାରେ ୨୯୪୭ ଗାଡି ଯାଞ୍ଚରୁ ୩୨ ଲକ୍ଷ ୭୭ ହଜାର ଟଙ୍କା, ନୟାଗଡରେ ୧୮ ଲକ୍ଷ ୮୦ ହଜାର, କେନ୍ଦ୍ରାପଡାରେ ୧୦ ଲକ୍ଷ ୮୬ ହଜାର, କଟକରେ ୮ ଲକ୍ଷ ୨୫ ହଜାର, ଯାଜପୁରରେ ୫ ଲକ୍ଷ ୯୯ ହଜାର, ଜଗତସିଂହପୁରରେ ୨ ଲକ୍ଷ ୫୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି ।

## ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ



କଟକ,୨୮ ।୧(ସମିସ): ମାଘ ସପ୍ତମୀ ପୂର୍ବାହ୍ନରେ କଟକର ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଅତିଥିମାନେ ସାରଳା ଭବନସ୍ଥିତ ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରି ସାରଳା ମହାଭାରତ ଆଞ୍ଚଳିକ ଭାଷାରେ ପ୍ରଥମ ପୂର୍ଣ୍ଣାଙ୍ଗ ମହାଭାରତ ବୋଲି କହିଥିଲେ । ଡକ୍ଟର ଜଷ୍ଟିସ ମଦନ ମୋହନ ଦାସ ମୁଖ୍ୟଅତିଥି, ମୁଖ୍ୟବକ୍ତା ପ୍ରଫେସର ଡ. ମହେଶ୍ୱର ମହାନ୍ତି, ସମ୍ମାନିତ ଅତିଥି କବିଶ୍ରୀ ପ୍ରସନ୍ନ ଜେନା, ଡ. ସୁନାମଣି ରାଉତ ସାରଳା ମହାଭାରତର ମୌଳିକତା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପ୍ରଫେସର ସତ୍ୟନାରାୟଣ ପଣ୍ଡା, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଅଧ୍ୟାପକ କ୍ଷୀରୋଦ ସାହୁ, କବି କାନ୍ତବାଳା ନାୟକ, ଲକ୍ଷ୍ମୀପ୍ରକାଶ ମହାପାତ୍ର, ରାମାକାନ୍ତ ପ୍ରଧାନ, ନଳିନୀକାନ୍ତ ପଣ୍ଡା, ଅଧ୍ୟାପକ ନିର୍ମଳଚନ୍ଦ୍ର ପହୀ ସାରଳା ଦାସଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।





# କଟକରେ ବନ୍ଦ ପାଳନର ମିଶ୍ରିତ ପ୍ରଭାବ

## ଗଡ଼ିଲାନି ଘରୋଇ ବସ୍, ଅର୍ବାନ ହାଟକୁ ଆସିଲେନି ଚାଷୀ

କଟକ,୨୮ ।୧(ସମିସ):



ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଡାକରା ଦିଆଯାଇଥିବା ଓଡିଶା ବନ୍ଦ ବୁଧବାର କଟକରେ ଶାନ୍ତିପୂର୍ଣ୍ଣ ରହିଛି । ୮ ଘଣ୍ଟିଆ ବନ୍ଦ ପାଇଁ କଟକରେ ମିଶ୍ରିତ ପ୍ରଭାବ ପରିଲକ୍ଷିତ ହୋଇଥିଲା । ଯଦିଓ ବନ୍ଦ ପାଇଁ ସମ୍ପୂର୍ଣ୍ଣ ଜୀବନଯାତ୍ରା ପ୍ରଭାବିତ ହୋଇ ନ ଥିଲା ତଥାପି ବସ ଚଳାଚଳ ବନ୍ଦ ରହିବା କାରଣରୁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ । ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ନବନିର୍ମାଣ କୃଷକ ସଂଗଠନର କର୍ମୀମାନେ ସହରର ପ୍ରମୁଖ ସ୍ଥାନରେ ରାସ୍ତା ଅବରୋଧ କରିବା, ଟାୟାର ଜାଳିବା ଏବଂ ପିକେଟିଂ କରିଥିଲେ । ବନ୍ଦ ପାଇଁ ଆଜି କଟକ ନେତାଜୀ ବସ ଟର୍ମିନାଲରୁ କୌଣସି ଘରୋଇ ବସ ଗଡି ନ ଥିଲା । କାଁ ଭାଁ ଆମ ବସଗୁଡିକ ଚଳାଚଳ କରୁଥିଲା । ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିଥିବା ବେଳେ କେତେକ ସ୍ଥାନରେ ଦୋକାନ ବଜାର ଖୋଲି ନ ଥିଲା । ବିଶେଷକରି ଛତ୍ରବଜାର ଅର୍ବାନ ହାଟରେ ଆଜି ବ୍ୟବସାୟ ବନ୍ଦ ରହିଥିଲା । ଚାଷୀ ଓ ବ୍ୟବସାୟୀମାନେ ବନ୍ଦ ପାଇଁ ଆସି ନ ଥିବା ଦେଖିବାକୁ ମିଳିଥିଲା । ବନ୍ଦ ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ଜରୁରିକାଳୀନ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବା ପ୍ରଭାବିତ ହୋଇ ନ ଥିଲା । ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, ମଣ୍ଡିରେ କଟନୀ ଛଟନୀ, ଉପଭୋକ୍ତାଙ୍କୁ ଅତିରିକ୍ତ ଦେୟ ନାଁରେ ଟାଟା ପାୱାରର ଶୋଷଣ ଓ ପ୍ରଦୂଷଣ ପ୍ରମାଣପତ୍ର ଜାରି ପାଇଁ ଗାଡି ଚାଳକଙ୍କଠାରୁ କୋଟି କୋଟି ଟଙ୍କା ଜରିମାନା ଆଦାୟକୁ ବିରୋଧ କରି ଏହି ବନ୍ଦ ଡାକରା ଦେଇଥିଲା ସଂଗଠନ ।

## କଟକ ନଗର କଂଗ୍ରେସ କମିଟି



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ ଆଜି କଟକ ନଗର କଂଗ୍ରେସ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ସକାଳ ୧୦ଟା ସମୟରେ ମଧୁପାଟଣା ଛକଠାରେ କଂଗ୍ରେସ କର୍ମୀମାନେ ଏକତ୍ରିତ ହୋଇ ରାସ୍ତାରୋକ କରିଥିଲେ । ଏକ ବିଶାଳ ମଟରସାଇକଲ ଶୋଭାଯାତ୍ରା ସହର ପରିକ୍ରମା କରି ବନ୍ଦ ଡକରାକୁ ସମର୍ଥନ କରିବା ସହ କୃଷକମାନଙ୍କ ହକ୍ ପାଇଁ ସ୍ୱର ଉତ୍ତୋଳନ କରିଥିଲା । ପିସିସି ସଭ୍ୟ ବିଶ୍ୱନାଥ ଶତପଥୀ, ଓବିସି ସଭାପତି ବରଦା ସାହୁ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ବେହେରା ଓ ରମେଶଚନ୍ଦ୍ର ବେହେରାଙ୍କ ସମେତ ସେଖ୍ କାଲା, ଦିବ୍ୟ ରଞ୍ଜନ ପ୍ରଧାନ, କୈଳାଶ ଚନ୍ଦ୍ର ଦାସ ଏବଂ ଉତ୍ତମ ବେହେରା ପ୍ରମୁଖ ସାମିଲ ହୋଇଥିଲେ ।

# ଅଜିତ ରାଉଳଙ୍କୁ ସାଳନ୍ଦୀ ମହୋତ୍ସବ ଶିକ୍ଷା ସମ୍ମାନ



**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ସହକାରୀ ଶିକ୍ଷକ ଅଜିତ୍ ରାଉଳଙ୍କୁ ଚଳିତ ବର୍ଷ ପାଇଁ ସାଳନ୍ଦୀ ମହୋତ୍ସବ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। କାନପୁରଠାରେ ୭ଦିନ ବ୍ୟାପୀ ଆୟୋଜିତ ଉତ୍ସବରେ ଅଭିନେତା ଭବାନୀ ପ୍ରସାଦ, ସାମ୍ବାଦିକ ବିଶ୍ୱରଞ୍ଜନ ପାଣିଗ୍ରାହୀ, ଶିକ୍ଷାବିତ୍ ବିଜୟ ଜେନା ପ୍ରମୁଖ ମାନପତ୍ର, ଉତ୍ତରୀୟ, ଫୁଲତୋଡ଼ା ଦେଇ ଶ୍ରୀ ରାଉଳଙ୍କୁ ସମ୍ମାନିତ କରିଛନ୍ତି। ଶ୍ରୀ ରାଉଳ ଜଣେ ଛାତ୍ରବତ୍ସଳ, ମେଧାବୀ ଶିକ୍ଷକ ଅଟନ୍ତି। ତାଙ୍କ ଶିକ୍ଷାଦାନଶୈଳୀ ଅନ୍ୟଠାରୁ ସ୍ୱତନ୍ତ୍ରତା ବାରି ହୋଇପଡ଼େ। ସେ ସରକାରୀ ବାଳିକା ହାଇସ୍କୁଲରେ ଯୋଗଦେବା ପରେ ତାଙ୍କ ପ୍ରଚେଷ୍ଟାରେ ଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ରାଜ୍ୟସ୍ତରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି କୃତିତ୍ୱ ଅର୍ଜନ କରିଛନ୍ତି। ଶ୍ରୀ ରାଉଳ ମର୍ଯ୍ୟାଦାଜନକ ଏହି ଶିକ୍ଷା ସମ୍ମାନ ପାଇଥିବାରୁ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାପତି ବର୍ଷାରାଣୀ ମଲ୍ଲିକ, ସଦସ୍ୟ ସାମ୍ବାଦିକ ଅକ୍ଷୟ ସିଂହ, ବରିଷ୍ଠ ଶିକ୍ଷକ ବିରେନ ମିଶ୍ର, ଭୀମସେନ ପାଳ, କୈଳାସ ପଣ୍ଡା, ସୁଶାନ୍ତ ଜେନା, ବନଜିନୀ ନାୟକ, ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଞ୍ଜିତା ଶିଅଳ, ସାଗରିକା ମହାନ୍ତି, ସାବିତ୍ରୀ ଦାଶ, ବଳରାମ ସେଠୀ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରତିଷ୍ଠା ଉତ୍ସବ ନେଇ ପ୍ରସ୍ତୁତି ବୈଠକ

**ବନ୍ତ/ଆଗରପଡ଼ା,୨୮।୧(ସମିସ):** ବନ୍ତ ବ୍ଲକ୍ ଛୟାଳସିଂହ ପଞ୍ଚାୟତ ଗୋପାଳପୁରସ୍ଥିତ ପଞ୍ଚସଖା ଭବମୁକ୍ତି ସେବାଶ୍ରମର ୪୦ତମ ପ୍ରତିଷ୍ଠା ଉତ୍ସବ ଓ ଜଗତ୍‌ଗୁରୁ ମହାପୁରୁଷ ଶ୍ରୀଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ୫୩୭ତମ ଜନ୍ମବାର୍ଷିକୀ ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ବ୍ରହ୍ମଚାରୀ ରବି ନାରାୟଣ ଦାସଙ୍କ ସଭାପତିତ୍ୱରେ ବାବା ବସନ୍ତ ପାତ୍ର, ଚକ୍ରଧର ଗିରି, ରାମଚନ୍ଦ୍ର ତ୍ରିପାଠୀ, ତୁଳସୀ ଦାସ, ପ୍ରକାଶ ଗିରି, ମାର୍କଣ୍ଡ ଗିରି, ଗୌରାଙ୍ଗ ଜେନା, ପଦ୍ମନାଭ ସାହୁ, ବିଜୟ ଗିରି, ସଞ୍ଜୟ ଗିରି, ରାଜୁ ଗିରି ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ଉତ୍ସବର ସୁପରିଚାଳନା ଉପରେ ମତବ୍ୟକ୍ତ କରିଥିଲେ।

## ଆଜିଠୁ ପ୍ରସିଦ୍ଧ ଦେବରକୁଣ୍ଡ ମେଳା

# ଭୌମୀକୁଣ୍ଡରେ ସ୍ନାନକଲେ ଜମଦଣ୍ଡରୁ ମୁକ୍ତି ମିଳେ

**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଭଦ୍ରକ ଜିଲ୍ଲା ସଦର ମହକୁମାରୁ ୧୦ କି.ମି. ଦୂର ସାଳନ୍ଦୀ ନଦୀ କୂଳରେ ଗଢ଼ି ଉଠିଛି କାଉପୁର ପଞ୍ଚାୟତ। ତିନି ଯୁଗର ଗରିମା ଯଥା- ସତ୍ୟ ଯୁଗର ବିରଞ୍ଚି ନାରାୟଣ ମନ୍ଦିର, ତ୍ରେତୟାର ସୀତା କୁଣ୍ଡ ଓ ଦ୍ୱାପରର ଭୀମ ଚୁଲିକୁ ଏହି କାଉପୁର ନିଜ କୋଳରେ ଧରି ଗର୍ବ ଅନୁଭବ କରିବା ସହ ଏ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗୁରୁବାର ଭୌମୀ ଏକାଦଶୀ ତିଥିରେ ପ୍ରସିଦ୍ଧ ଦେବରକୁଣ୍ଡ ମେଳା ଆରମ୍ଭ ହେବାକୁ ଯାଉଛି। ପୁରାଣ ବର୍ଣ୍ଣନା ଅନୁସାରେ, ତ୍ରେତୟାରେ ପିତୃ ସତ୍ୟ ରକ୍ଷା କରି ପ୍ରଭୁ ଶ୍ରୀରାମ ଚନ୍ଦ୍ର ବନବାସ ଜୀବନ ଅତିବାହିତ କରୁଥିବାବେଳେ ଦିନେ କାଉପୁର ଦେଇ ଯିବା ସମୟରେ ବସନ୍ତ ଋତୁରେ ପଳାସ ବନର ଶୋଭାରେ ବିମୁଗ୍ଧ ହୋଇ ସେହିଠାରେ ଥିବା ବିରଞ୍ଚି ନାରାୟଣ ମନ୍ଦିରରେ ରାତ୍ରିଯାପନ କରିଥିଲେ। ପ୍ରଭାତରେ ମା' ସୀତା ସ୍ନାନ କରିବା ନିମନ୍ତେ ଜଳ ପାଇଁ ପ୍ରଭୁ ରାମଚନ୍ଦ୍ରଙ୍କୁ ନିବେଦନ କରିଥିଲେ। ସ୍ଥାନଟି ମାଳଭୂମି ସଦୃଶ ଥିବାରୁ ପ୍ରଭୁ ଶ୍ରୀରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ଜଳ ବନ୍ଦୋବସ୍ତ ପାଇଁ ଆଦେଶ ଦେଇଥିଲେ। ପରେ ସେହି ମାଳଭୂମିରେ ଲକ୍ଷ୍ମଣ ତୀରବିଦ୍ଧ କରି ଏକ କୁଣ୍ଡ ଖନନ କରିଥିଲେ। ପରେ ମାତା ସୀତା ସେହି କୁଣ୍ଡର ଜଳରେ ସ୍ନାନ କରିଥିଲେ। ସେହିଦିନଠାରୁ ଉକ୍ତ କୁଣ୍ଡର ନାମ 'ସୀତା କୁଣ୍ଡ' ବା 'ଦେବର କୁଣ୍ଡ' ନାମରେ ନାମିତ। ମକର କିମ୍ବା କୁମ୍ଭ ମାସରେ ଭୌମୀ ଏକାଦଶୀରେ ପ୍ରାତଃ କାଳରୁ ରାତ୍ର ମଧ୍ୟରେ ଉକ୍ତ କୁଣ୍ଡରେ ସ୍ନାନ କଲେ, କୁଣ୍ଡର ଦୈବୀ ଆକର୍ଷଣ ଶକ୍ତି ବଳରେ ସବୁ ପାପ, ରୋଗ ବୈରାଗ ଆଦି ଭଲ ହେବା ସହ ବୈକୁଣ୍ଠପ୍ରାପ୍ତ ହୋଇ ପ୍ରଭୁ ବିଷ୍ଣୁଙ୍କର ଦର୍ଶନ ଲାଭ ହେବା ସହ ଜମଦଣ୍ଡରୁ ମୁକ୍ତି ମିଳିଥାଏ ଏବଂ ସ୍ୱର୍ଗପୁରିରେ ମହା ସୁଖପ୍ରାପ୍ତ ହୋଇଥାଏ ବୋଲି ଜନଶ୍ରୁତି କହେ। ଭୌମୀ ଏକାଦଶୀରେ ଏହି ସ୍ଥାନରେ ବହୁ ଜନସମାଗମ ହୋଇଥାଏ। ଭକ୍ତମାନେ କୁଣ୍ଡରେ ସ୍ନାନ କରି ଫୁଲ ଫଳ ଆଦି ଧରି ନଦୀ ପାଖରେ ଥିବା ବିରଞ୍ଚି ନାରାୟଣ ମନ୍ଦିର, ହନୁମାନ ସୂର୍ଯ୍ୟନାରାୟଣ, ବଟକେଶ୍ୱର, ଜଗନ୍ନାଥ ମନ୍ଦିର ଦର୍ଶନ କରି ନିଜର ଶୁଭକାମନା ପାଇଁ ପ୍ରାର୍ଥନା କରିଥା'ନ୍ତି। ଏଥିସହ ଦ୍ୱାପର ଯୁଗର ଗରିମାକୁ ଯଥା- ଭୀମ ଚୁଲି, ଭୀମ ଗଦା, ଅଜଣା ବୃକ୍ଷ, ଆଣ୍ଠୁଆ ଗଡ଼ିଆ ଓ ପାଦୁଆ ଗଡ଼ିଆ ଆଦି ଦର୍ଶନ କରିଥା'ନ୍ତି।



ସ୍ଥାନୀୟ ଗ୍ରାମବାସୀ ଓ ଭକ୍ତମାନଙ୍କ ମିଳିତ ଉଦ୍ୟମରେ ଏଠାରେ ଏକ ଶ୍ରୀରାମ ମନ୍ଦିର ୨୦୧୭ରେ ପ୍ରତିଷ୍ଠା କରାଯାଇଛି। ଉକ୍ତ ପୀଠକୁ ଦର୍ଶନ କରିବା ପାଇଁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ବିଭିନ୍ନ ଅଞ୍ଚଳରୁ ବେପାରୀମାନେ ଆସି ତାଙ୍କ ପସରା ମେଲାଇଥା'ନ୍ତି। ପୂର୍ବରୁ ଭୀମପୁର ଗ୍ରାମବାସୀଙ୍କ ଦ୍ୱାରା ଏହି ମେଳା ପରିଚାଳିତ ହେଉଥିବାବେଳେ ୨୦୧୦ରୁ ରାମ ମନ୍ଦିର ନିର୍ମାଣ କମିଟି ଦ୍ୱାରା ଏହା ପରିଚାଳିତ ହୋଇଆସୁଛି। ପୂର୍ବରୁ ଏହି ମେଳା ୧୫ ଦିନ ଧରି ଚାଲୁଥିବାବେଳେ କିଛି ବର୍ଷ ହେବ ଏହା ଭୌମୀ ଏକାଦଶୀରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲୁଛି। ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଅଞ୍ଚଳରୁ ବେପାରୀମାନେ ଆସି ତାଙ୍କ ପସରା ମେଲାଇବା ଆରମ୍ଭ କଲେଣି। ତେବେ ଏଠାରେ ଦୁଃଖର ବିଷୟ ଯେ, ଭକ୍ତମାନଙ୍କ ପାଇଁ କୌଣସି ଶୌଚାଳୟ, ପାନୀୟ ଜଳ, ବିଶ୍ରାମାଗାର ଆଦିର ବ୍ୟବସ୍ଥା ନାହିଁ। ଏହି ସବୁ ସମସ୍ୟାକୁ ସମାଧାନ କରାଯାଇପାରିଲେ ଏହା ଏକ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



# ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ବନ୍ଧୁ ମିଳନ ଉତ୍ସବ



**ଭଦ୍ରକ,୨୮।୧(ସମିସ):** ନୂତନ ବର୍ଷ ଅବସରରେ ଭଦ୍ରକ ଜିଲ୍ଲା ଦଳିତ ମହାସଂଘ ପକ୍ଷରୁ ନଳାଙ୍ଗସ୍ଥିତ ଝାଉଁବଣରେ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ଦଳିତ ନେତା ରାଜେନ୍ଦ୍ର ପ୍ରସାଦ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ ସମାଜସେବୀ ଦେବେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ସମାଜସେବୀ ସର୍ବଶ୍ରୀ ଅସରଫ ଅଲ୍ଲୀ ଖାଁ, ଦେବଦାସ ରାୟଗୁରୁ, ଶ୍ୟାମସୁନ୍ଦର ନାୟକ, ପ୍ରକାଶ ସାହୁ, ଜିଲ୍ଲା ଆଦିବାସୀ ନେତା ରାଜୁ ରାୟ, ଭଦ୍ରକ ଚା' ଖଟି ସଭାପତି ସୋମନାଥ ସାହୁ, ପ୍ରଭାତ ପାଢ଼ୀ, ସାମ୍ବାଦିକ ସର୍ବଶ୍ରୀ ତପନ ସ୍ୱାଇଁ, ଶିବାନନ୍ଦ ଦାସ, ପାର୍ଥସାରଥୀ ନାୟକ, ପ୍ରଭାତ ଦାସ, ଅଜୟ ପଣ୍ଡା, ନସୀମ ଅଖ୍ତର, କମଳ ଲୋଚନ ପଣ୍ଡା, ବିଜୟ କୁଅଁର, ସୁଭ୍ରକାନ୍ତ ରାଉତରାୟ, ଶୁଭଦୀପ ମଲ୍ଲିକ, କବି ନିର୍ମଳ ଚନ୍ଦ୍ର ବେହୁରିଆ, ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ସାମଲ, ଆଇନଜୀବୀ ସର୍ବଶ୍ରୀ ନାରାୟଣ ଚନ୍ଦ୍ର ମହାନ୍ତି, ତାହେର୍ ମହମ୍ମଦ, ପଙ୍କଜ ପରିଡ଼ା, ପ୍ରଭାତ ସାମଲ, ବିଚିତ୍ରାନନ୍ଦ ଜେନା, ବୁଦ୍ଧଦେବ ଜେନା, ସ୍ୱସ୍ତିକା ପଣ୍ଡା, ଶିକ୍ଷକ ନେତା ସର୍ବଶ୍ରୀ ତବରେଜ ଖାଁ, ଶରତ ମଲ୍ଲିକ, ଦୀପକ ନାୟକ, ସମାଜସେବୀ ବିଜୟ ସେଠୀ ଯୋଗଦେଇଥିଲେ। ସେହିପରି ବିନୟ ବଳ, ଅଶୋକ ଦାସ, ମନୋଜ ମହାନ୍ତି, ଯୁବନେତା ସର୍ବଶ୍ରୀ ବଳରାମ ରାଉତ, ଲାଲୁ ଖାଁ, ବିଜୟ ବାରିକ, ଇଲିଆସ ଖାଁ, ଦଳିତ ନେତା ସର୍ବଶ୍ରୀ ରବୀନ୍ଦ୍ର ଜେନା, ସମିତିସଭ୍ୟ ଗୟାଧର ସେଠୀ, ଗଣେଶ ମଲ୍ଲିକ, ସୁରେଶ ଜେନା, ଜଳଧର ମଲ୍ଲିକ, ରଞ୍ଜନ ଜେନା, ଶଶିକାନ୍ତ ଜେନା, ହରିହର ମଣ୍ଡଳ, ମନୋଜ ମଲ୍ଲିକ, ଦୀନବନ୍ଧୁ ଦାସ, ଖଗେଶ୍ୱର ଜେନା, ପଦ୍ମଲୋଚନ ବେହେରା, ହରିହର ମଲ୍ଲିକ, ପ୍ରତାପ ସାମଲ, ସଞ୍ଜୟ ଜେନା, ରଘୁଆ ଜେନା, ସନ୍ତୋଷ ଜେନା, ଚିନ୍ମୟ ଜେନା, ନାରୀନେତ୍ରୀ ସୁଦୀପ୍ତା ପଟ୍ଟନାୟକ, ଇନ୍ଦୁପ୍ରଭା ଜେନା, ଫାରୁକ୍ ଖାଁ, ତସ୍‌ଲିମ ଖାଁ, ଗଦାଧର ପଣ୍ଡାଙ୍କ ସମେତ ଦଳଗତ ନିର୍ବିଶେଷରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଶତାଧିକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହି ବନ୍ଧୁ ମିଳନ ଉତ୍ସବ ଅବସରରେ ସୁସ୍ଥ ସମାଜ ଗଠନ ଦିଗରେ ଆଜିର ଯୁବବର୍ଗଙ୍କ ଭୂମିକା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ଭଣ୍ଡାରିପୋଖରୀ ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ

# ମୃତ ବ୍ୟକ୍ତିଙ୍କୁ ଭତ୍ତା; ଜୀଅନ୍ତାଙ୍କୁ ଅବହେଳା

**ଭଣ୍ଡାରିପୋଖରୀ,୨୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ ଚର୍ଚ୍ଚାର ବିଷୟ ପାଲଟିଛି। କେତେବେଳେ ଜୀବିତ ଲୋକଙ୍କୁ ମୃତ ବୋଲି ଦର୍ଶାଇ ଭତ୍ତା ବନ୍ଦ କରାଯାଉଛି ତ ପୁଣି କେବେ ମୃତ ବ୍ୟକ୍ତିଙ୍କ ଭତ୍ତା ଟଙ୍କା ତାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଉଛି। ବ୍ଲକ୍ ପ୍ରଶାସନ ତଥା ବିଡିଓଙ୍କ ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆସିଛି ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ବଡ଼ବନସ୍ତା ଗ୍ରାମରୁ। ଉକ୍ତ ଗ୍ରାମର ବଂଶୀଧର ନାୟକଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ୧୪ ମାସ ପର୍ଯ୍ୟନ୍ତ ଭତ୍ତା ନିୟମିତ ଭାବେ ପ୍ରଦାନ କରାଯାଉଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଗୌରାଙ୍ଗ ଚରଣ ସେଠୀ, ଯେଗେନ୍ଦ୍ର ନାୟକ, ସରୋଜ ନାୟକ, ଶ୍ୟାମସୁନ୍ଦର ସେନାପତି, ସଦାନନ୍ଦ ସାମଲ ପ୍ରମୁଖ ବ୍ଲକ୍ ପ୍ରଶାସନ ପ୍ରତି ସନ୍ଦେହ ପ୍ରକଟ କରିଛନ୍ତି।

ବଂଶୀଧର ନାୟକଙ୍କର ୨୦୨୪ ନଭେମ୍ବର ୧୪ରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେସିଙ୍ଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବଂଶୀଧରଙ୍କ ପୁତ୍ରଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ମୃତ୍ୟୁକାଳୀନ ସଂସ୍କାର ଅର୍ଥ ପ୍ରଦାନ କରିଥିଲେ। ମାତ୍ର ବଂଶୀଧରଙ୍କ ଭତ୍ତା ବନ୍ଦ ପାଇଁ ରିପୋର୍ଟ କରି ନ ଥିଲେ। ଫଳରେ ଆଖୁଆପଦା ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ବଂଶୀଧରଙ୍କ ଜମାଖାତା ନଂ ୫୩୫୪୧୦୧୧୦୦୦୭୭୨୯କୁ ସିଧାସଳଖ ଭାବେ ଭତ୍ତା ଅର୍ଥ ଆସିବାରେ ଲାଗିଥିଲା। ପ୍ରାୟ ୩୫ ହଜାର ଟଙ୍କା ଭତ୍ତା ଅର୍ଥ ଏହି ଜମାଖାତାକୁ ଆସିଛି ବୋଲି ଅଭିଯୋଗକାରୀମାନେ ଉଲ୍ଲେଖ କରିଛନ୍ତି। ଜିଲ୍ଲାପାଳ ବେଆଇନ ଭାବେ ପ୍ରଦାନ କରାଯାଇଥିବା ଭତ୍ତା ଅର୍ଥ ଫେରସ୍ତ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବା ସହ ଦାୟୀ କର୍ମଚାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆସନ୍ତା ୧୦ ତାରିଖ ସୁଦ୍ଧା ଏ ସମ୍ପର୍କିତ ପଦକ୍ଷେପ ବିଷୟରେ ଜଣାଇବାକୁ ଜିଲ୍ଲାପାଳ ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗ୍ରାମର ଜୀବିତ ଥିବା ଗୌରାଙ୍ଗ ସାହୁ(୯୪)ଙ୍କୁ ମୃତ ଦର୍ଶାଇ ଭତ୍ତା ୩ ମାସ ବନ୍ଦ କରି ଦିଆଯାଇଥିଲା। ଅଭିଯୋଗ ହେବା ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଦେବଦତ୍ତ ଦାଶ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସେହିପରି ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଗ୍ରାମର ଭିନ୍ନକ୍ଷମ ବ୍ୟକ୍ତି ମାନସ କୁମାର ସାମଲଙ୍କ ଭତ୍ତା ଅନୁମୋଦନର ୧୫ ମାସ ପର୍ଯ୍ୟନ୍ତ ପ୍ରଦାନ କରାଯାଇ ନ ଥିଲା। ବାରମ୍ବାର ଅଭିଯୋଗ ହେବା ପରେ ଫେରିଯାଇଥିବା ୮ ମାସର ଭତ୍ତାକୁ ବାଦ୍ ଦେଇ କେବଳ ୭ ମାସର ଭତ୍ତା ପ୍ରଦାନ କରାଯିବ ବୋଲି କୁହାଯାଇଥିଲା। ବ୍ଲକ୍‌ରେ ଭତ୍ତା କେଳେଙ୍କାରୀ ପାଇଁ ବିଡିଓଙ୍କ ପ୍ରଶାସନିକ ଅପାରଗତାକୁ ଅଭିଯୋଗକାରୀମାନେ ଦାୟୀ କରିଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



**ଧାମନଗର,୨୮।୧(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଦ୍ରାସା ଗୌସିଆ-ଗୌଫିଆର ସହକାରୀ ଶିକ୍ଷକ ମହମ୍ମଦ ଗୋଲାମ ହୋସେନ ହବିବିଙ୍କୁ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଅଧ୍ୟକ୍ଷ ସୟଦ ଫାରୁକ ରଜା ହବିବିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସମାଜସେବୀ ଡ. ମହମ୍ମଦ ସାଦିକ୍ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଏମ୍‌ଡି ମୋଜାଫର ହୋସେନ ଯୋଗଦେଇଥିବା ବେଳେ ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଆଲହାଜ୍ ସେକ୍ ମନୋଓର ଅହେମ୍ମଦ, ସେକ୍ ଅବ୍‌ଦୁଲ ହାକିମ୍, ଏସାନୁଲ ହୋଦା, ସେକ୍ ଗୋଲାମ ମୋହିଉଦ୍ଦିନ, ସେକ୍ ଆଲାଉଦ୍ଦିନ୍, ସଭ୍ୟ ଗୋଲାମ ଜିଲାନି, ସେକ୍ ଜାଫର ଅଲ୍ଲୀଙ୍କ ସହ ଅନ୍ୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୋଲାମ ହୋସେନ ସାର୍ ଜଣେ ଭଲ ମଣିଷ ଶିକ୍ଷା ଉପରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ ପଦ ପୂରଣ କରିବା ପାଇଁ ସରାକର ଓ ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅତିଥି ବକ୍ତବ୍ୟ ମାଧ୍ୟମରେ ଦାବି କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିବା ବେଳେ ସହକାରୀ ଶିକ୍ଷକ ଏମ୍‌ଡି ଖଲିଲୁଲ୍ଲା (ମୁନ୍ନା), ଏମ୍‌ଡି ଫଏଜୁଲ ଓରା, ମହମ୍ମଦ ଅବ୍‌ଦୁଲ୍ ମାନ୍ନାନ, ସେକ୍ ଫରିଦ୍, ସେକ୍ ମତିଉଲା, ସେକ୍ ଆଜାଦଙ୍କ ସମେତ ଏସ୍‌ଏଚ୍‌ଜିର ମହିଳା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେକ୍ ମୁକ୍ତାର ଅହେମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁରୁଷଣ୍ଡ ମଣ୍ଡଳରେ ବିଶାଳ ହିନ୍ଦୁ ସମ୍ମିଳନୀ

**୫୦୮ କଳସ ଶୋଭାଯାତ୍ରା**



**ବନ୍ତ/ଆଗରପଡ଼ା,୨୮।୧(ସମିସ):** ଭଦ୍ରକ ଜିଲ୍ଲା ବନ୍ତ ଖଣ୍ଡ ଅନ୍ତର୍ଗତ ପୁରୁଷଣ୍ଡ ମଣ୍ଡଳର ରାମଗଡ଼ ପଦାଠାରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ପୁରୁଷଣ୍ଡ ମଣ୍ଡଳ ଅନ୍ତର୍ଗତ ୮ଟି ପଞ୍ଚାୟତରୁ ୨୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଚଣ୍ଡୀ ପୋଖରୀରୁ ୫୦୮ ଜଣ ମାତୃଶକ୍ତିଙ୍କ ଦ୍ୱାରା ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ରାମଗଡ଼ପଦା ପଡ଼ିଆରେ ପହଞ୍ଚିଥିଲା। ସେଠାରେ ବିଶ୍ୱଶାନ୍ତି ଉଦ୍ଦେଶ୍ୟରେ ଏକ ବିଶାଳ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞ କାର୍ଯ୍ୟରେ ଚିନ୍ତାମଣି ପଣ୍ଡା ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଭୋଳାନାଥ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଲଣା ରାମକୃଷ୍ଣ ମିଶନର ମଠାଧୀଶ ଅକ୍ଷରାନନ୍ଦ ଜି ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ, ଓଡ଼ିଶା ପୂର୍ବପ୍ରାନ୍ତ ସହ ବୌଦ୍ଧିକ ପ୍ରମୁଖ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବିଶ୍ୱମ୍ବର ପାଣି ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁ ସମାଜର ସାମ୍ପ୍ରତିକ ସମସ୍ୟା ଏବଂ ତା'ର ସମାଧାନ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ହରିହର ପାଣିଗ୍ରାହୀ, ବନ୍ତ ଖଣ୍ଡ ସଂଯୋଜକ ପ୍ରଦୀପ କୁମାର ପୁହାଣ, ଆର୍‌ଏସ୍‌ଏସ୍ ବନ୍ତ ଖଣ୍ଡ କାର୍ଯ୍ୟବାହ ସୁବାସ ସାହୁ ଏବଂ ବ୍ୟବସ୍ଥା ପ୍ରମୁଖ ରାମଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ। ଏଥିସହ ଭଦ୍ରକ ଶ୍ରୀରାମ ନବମୀ କମିଟି ସଂଯୋଜକ ଗୋବିନ୍ଦ ରାଉତ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବନ୍ତ ଖଣ୍ଡ ବୌଦ୍ଧିକ ପ୍ରମୁଖ କିରଣମୟ ବେହେରା, ବିଟିପୁର ପଞ୍ଚାୟତ ସଂଯୋଜକ ବାବୁରାମ ବେହେରା, କମଳାକାନ୍ତ ସିଂହ, ମହେଶ୍ୱର ସାହୁ, ହରିହର ନାୟକ, ସୌମ୍ୟରଞ୍ଜନ ପଣ୍ଡା, ଶରତ ପଣ୍ଡା, ବନିତା ପଣ୍ଡା, ଅଶୋକ ପରିଡ଼ା, ପ୍ରଦୀପ ମାଝୀ, କମଳାକାନ୍ତ ଜେନା, ଜଗନ୍ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଘନଶ୍ୟାମ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ




**ଭଣ୍ଡାରିପୋଖରୀ,୨୮।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁର ପାଲାମଣ୍ଡପରେ ଘନଶ୍ୟାମ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟଙ୍ଗ ସାହିତ୍ୟିକ ଗୋଲକ ଚନ୍ଦ୍ର ମହାନ୍ତି ମୁଖ୍ୟ ଅତିଥି, ଅଧ୍ୟାପକ ଅନାଦି ଚରଣ ସାହୁ, ଟ୍ରଷ୍ଟ ପକ୍ଷରୁ ଜ୍ୟୋତିର୍ମୟୀ ଦାଶ, ଦୁଃଖିଶ୍ୟାମ ଦାଶ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମୀନକେତନ ବେଉରିଆ, କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ଦାସ, ଷୋଳମପୁର ଶିଶୁମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରାମର ସଶସ୍ତ୍ର ସୁରକ୍ଷା ବାହିନୀରେ କାର୍ଯ୍ୟରତ ଯବାନ ଓ କୃଷି କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃଷକଙ୍କୁ ସମ୍ମାନିତ କରିଥିଲେ। ତାପସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଷୋଳମପୁର ଶିଶୁମନ୍ଦିର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ମନୋରମା ସ୍ମୃତି ସଂସଦ'ର ଦ୍ୱାଦଶ ବାର୍ଷିକ ଉତ୍ସବ

# ଶିଶିର ନାୟକଙ୍କୁ 'ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'

**ଭଦ୍ରକ,୨୮।୧(ସମିସ):** ସାଧାରଣ ଗୃହିଣୀରୁ ମମତାମୟୀ ଜନନୀ ଏବଂ ଜଣେ ସଂସ୍କାରିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତା ମନୋରମା ଦେବୀଙ୍କ ସ୍ମୃତିରେ ଆୟୋଜିତ 'ମନୋରମା ସ୍ମୃତି ସଂସଦ'ର ଦ୍ୱାଦଶ ବାର୍ଷିକ ଉତ୍ସବ ଭଦ୍ରକ ଭାଗବତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଟିର ଯଶସ୍ୱୀ କବି ଶିଶିର ନାୟକଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ 'ଶିକ୍ଷାବିତ୍ ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଛି। ସଂସଦର ଆବାହକ ତଥା ତ୍ୟାଗଭୂମିର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ବିଶିଷ୍ଟ କଥାଶିଳ୍ପୀ ତଥା ସ୍ମୃତିସଂସଦ ସଭାପତି ଡ. ରାଧାବିନୋଦ ନାୟକ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଦାମୋଦର ବେହେରା 'ଓଡ଼ିଆ ସାହିତ୍ୟରେ ବୋଉ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଥିଲେ ଯେ ମାଆ କେବଳ ଏକ ଶବ୍ଦ ନୁହେଁ, ସେ ହେଉଛନ୍ତି ସକଳ ସୃଷ୍ଟିର ଆଦ୍ୟ ସ୍ପନ୍ଦନ। ଓଡ଼ିଆ ସାହିତ୍ୟରେ ମାତୃତ୍ୱର ଯେଉଁ ଚିତ୍ର ରହିଛି, ତାହା ବିଶ୍ୱ ସାହିତ୍ୟରେ ବିରଳ। ମାଆ ମନୋରମାଙ୍କ ତ୍ୟାଗପୂର୍ଣ୍ଣ ଜୀବନ ଆଜିର ସମାଜ ପାଇଁ ଏକ ଶ୍ରେଷ୍ଠ ଦର୍ଶନ ବୋଲି ସେ ଅଭିହିତ କରିଥିଲେ। ବରେଣ୍ୟ ଅତିଥି ଭାବେ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ମାଆଙ୍କ ସଂସ୍କାର ଓ ସାଂସ୍କୃତିକ ଚେତନା ଉପରେ ଗୁରୁତ୍ୱାରୋପ କରି ମନୋରମା ଦେବୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।




ପ୍ରାରମ୍ଭରେ 'ମନମୋହନ ସଙ୍ଗୀତ ପରିଷଦ'ର ଶିଳ୍ପୀମାନେ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିବାବେଳେ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି ଏକ ଭାବପୂର୍ଣ୍ଣ ମାତୃସଙ୍ଗୀତ ଗାନକରି ଶ୍ରୋତାଙ୍କୁ ଅଭିଭୂତ କରିଥିଲେ। ମନୋରମାଙ୍କ କନ୍ୟା ସୁଲେଖିକା ସ୍ନେହଲତା ନାୟକ ମାନପତ୍ର ପାଠ କରିବା ସହିତ ମା'ଙ୍କ ସ୍ମୃତିରେ ଭାବପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ। ଅଧିବକ୍ତା ଗଦାଧର ବଳ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ସ୍ମୃତିସଂସଦ ସମ୍ପାଦକ ଡ. ଅଭୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବାଣୀକଲ୍ୟାଣ ମହାନ୍ତି, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, କବି ହୃଦାନନ୍ଦ ପାଣିଗ୍ରାହୀ, ନାଟ୍ୟକାର ଡ. ସୁଧାଂଶୁ ନାୟକ, ଡ. ରବୀନ୍ଦ୍ର କୁମାର ନାୟକ, ଇଂ. ଅଖିଳ କୁମାର ପାଢ଼ୀ, ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅଶୋକ ଦ୍ୱିବେଦୀ, ଶିବପ୍ରସାଦ ସତ୍ୟାନନ୍ଦ, ଗୌରାଙ୍ଗ ବାରିକ ଓ ଦେବେନ୍ଦ୍ରନାଥ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ମନୋରମାଙ୍କ କନିଷ୍ଠ କନ୍ୟା ତଥା ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ

ତିଗିରିଆ,୨୮।୧(ସମିସ): ସାରା ରାଜ୍ୟରେ ଧାନ କିଣାରେ ଅବ୍ୟବସ୍ଥା, ଯାନବାହନ ପ୍ରଦୂଷଣ ସାର୍ଟିଫିକେଟ ନାମରେ ମାତ୍ରାଧିକ ତଣ୍ଡ ଆଦାୟ, ଟାଟା କମ୍ପାନୀର ମନମାନୀ ବିରୁଦ୍ଧରେ ରାଜ୍ୟ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାର ଆଂଶିକ ପ୍ରଭାବ ତିଗିରିଆ ବ୍ଲକରେ ଦେଖିବାକୁ ମିଳିଛି। ନବ ନିର୍ମାଣ କୃଷକ ସଂଗଠନର ତିଗିରିଆ ବ୍ଲକ ସଭାପତି ହୃଷିକେଶ ରାଉତଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ପାଞ୍ଚଗାଁ ସ୍ଥିତ ପାଞ୍ଚଗାଁ କୁମ୍ଭୀପୁଟ ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସିଥିଲେ। ବ୍ଲକରେ କିଛି ସମୟ ପାଇଁ ଦୋକାନ ବଜାର ବନ୍ଦ ରହିଥିଲେ ମଧ୍ୟ ପରେ ସବୁକିଛି ସ୍ୱାଭାବିକ ହୋଇଥିଲା। ସ୍ଥାନୀୟ ପୁଲିସ ଅଧିକାରୀ ପ୍ରିୟଦର୍ଶିନୀ ଇସ୍ପିତାଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତ୍ରିଲୋଚନ ପ୍ରଧାନ, ଶ୍ରୀନିବାସ ନାୟକ, ଅଖିଳ ବେହେରା, ବନମାଳୀ ବେହେରା, ଶ୍ରୀଧର ପ୍ରଧାନ, ଗିରିଧାରୀ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବେହେରା, ବିଦ୍ୟାଧର ସାହୁ, ଅକ୍ଷୟ ଧଳ, ମୂରଲୀଧର ମହାରଣା, ରଘୁନାଥ ମହାପାତ୍ର, ପ୍ରାଣବନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ସାଲେପୁର: ୩ଟି ସମସ୍ୟା ନେଇ ନବ ନିର୍ମାଣ କୃଷକ ସଂଗଠନ ଦେଇଥିବା ୮ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ସାଲେପୁରରେ ପ୍ରଭାବଶୂନ୍ୟ ହୋଇଛି। ସାଲେପୁର ଅଞ୍ଚଳରେ ସମସ୍ତ ସରକାରୀ, ବେସରକାରୀ ସ୍କୁଲ କଲେଜ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସ୍ୱାଭାବିକ ଥିଲାବେଳେ ସଂଗଠନର କୌଣସି କର୍ମକର୍ତ୍ତା ଏଠାରେ ବିକ୍ଷୋଭ କରୁଥିବା ଦେଖିବାକୁ ମିଳି ନ ଥିଲା। ପ୍ରକାଶ ଯେ, ରାଜ୍ୟରେ ସରକାରଙ୍କ ପକ୍ଷରୁ ଖୋଲିଥିବା ଧାନମଣ୍ଡିରେ ଅବ୍ୟବସ୍ଥା, ବିଜୁଳି ଟାରିଫ୍ ଓ ପ୍ରଦୂଷଣ ସାର୍ଟିଫିକେଟ୍‌କୁ ବିରୋଧ କରି ନବନିର୍ମାଣ କୃଷକ ସଂଗଠନ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଥିଲା। ଆଜି ଓଡ଼ିଶାର କେତେକ ସ୍ଥାନରେ ବନ୍ଦ ପାଳନ ଦେଖାଯାଇଥିବାବେଳେ ସାଲେପୁରରେ ଓଡ଼ିଶା ବନ୍ଦ ଡାକରା ସଂପୂର୍ଣ୍ଣ ବିଫଳ ହୋଇଥିବା ଦେଖିବାକୁ ମିଳିଥିଲା। ସାଲେପୁର ସହର ସମେତ ବିଭିନ୍ନ ସ୍ଥାନରେ ଦୋକାନ ବଜାର ଖୋଲାରହିଥିବାବେଳେ ସ୍କୁଲ, କଲେଜ, ସରକାରୀ ବେସରକାରୀ କାର୍ଯ୍ୟାଳୟ ଖୋଲାରହିଥିଲା। ସେହିପରି ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା।

କଣ୍ଟାପଡ଼ା: କଟକ ଜିଲ୍ଲା କଣ୍ଟାପଡା ବ୍ଲକରେ ଆଜି ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ଭୋର ୭ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବନ୍ଦ ଓଡ଼ିଶା ବନ୍ଦ ଡାକରା ଥିଲେ ମଧ୍ୟ ରାତି ୩ଟାରୁ ଘନକୁହୁଡି ଦିନ ୧୦ଟା ପର୍ଯ୍ୟନ୍ତ ଲାଗି ରହିଥିଲା। କୁହୁଡି ଛାଡିବା ପରେ ଏବଂ ପୂର୍ବରୁ ବସ ଟ୍ରକକୁ ଛାଡି ଦେଲେ ଅନ୍ୟ ସମସ୍ତ ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ପେଟ୍ରୋଲ ପମ୍ପ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ ଖୋଲା ଥିଲେ ମଧ୍ୟ ଲୋକଙ୍କ ଯିବା ଆସିବା କମ ଥିଲା। ସେହିପରି କଣ୍ଟାପଡା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସ୍କୁଲ ଓ କଲେଜ ଖୋଲା ଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର ୫୦ପ୍ରତିଶତରୁ କମ ଥିବା ଦେଖିବାକୁ ମିଳିଥିଲା। ଉଭୟ ଓଲଟପୁର ଏବଂ ଗୋବିନ୍ଦପୁର ଥାନା ପୁଲିସ ପକ୍ଷରୁ ଭୋର ସମୟରୁ ପାଟ୍ରୋଲିଂ କରୁଥିବା ଦେଖିବାକୁ ମିଳିଛି।





ଟାଙ୍ଗୀ : ଅଭାବୀ ଧାନ ବିକ୍ରି, ଧାନମଣ୍ଡି ସମସ୍ୟା, ପଲ୍ୟୁସନ୍ ନାଁରେ ଜରିମାନା ଓ ଟାଟା ପାୱାର ଅତ୍ୟାଚାର ବିରୋଧରେ ନବ ନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରା ଟାଙ୍ଗୀ ଅଞ୍ଚଳରେ ପ୍ରଭାବହୀନ ସାବ୍ୟସ୍ତ ହୋଇଛି। ଟ୍ରାକ୍ଟରରେ ଧାନ ଲଦି ୧୬ନଂ ଜାତୀୟ ରାଜପଥ ଅବରୋଧ କରିବାକୁ ଆସି ୨୨ ଜଣ ଚାଷୀ ଟାଙ୍ଗୀ ପୁଲିସ ଦ୍ୱାରା ଅଟକ ରହିଥିଲେ। ପରେ ପୁଲିସ ସମସ୍ତଙ୍କୁ ଛାଡି ଦେଇଥିବା ଆଇଆଇସି ଡାଃ. ବିକାଶ ସେଠୀ ସୂଚନା ଦେଇଛନ୍ତି। ପୁଲିସ ପକ୍ଷରୁ ଏସଡିପିଓ ଉମାକାନ୍ତ ନାୟକଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା। ବ୍ଲକ ସଂଯୋଜକ ସୁବାସ ଜତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ବନ୍ଦ ଡାକରାରେ କାଶୀନାଥ ସ୍ୱାଇଁ, କୃପାସିନ୍ଧୁ ଦାସ, ଜୟନ୍ତ ସ୍ୱାଇଁ, ଭାଗ୍ୟଧର ପଣ୍ଡା, ମଙ୍ଗୁଳି ଚରଣ ସ୍ୱାଇଁ, ରାମଚନ୍ଦ୍ର ରାଉତ ଓ ପ୍ରଦିପ ଜଟ, କଂଗ୍ରେସ ନେତା ଆଶୁତୋଷ ବରାଳ ପ୍ରମୁଖ ସାମିଲ ହୋଇଥିଲା।




ନିଶ୍ଚିନ୍ତକୋଇଲି : ନବ ନିର୍ମାଣ କୃଷକ ସଂଗଠନ ନିଶ୍ଚିନ୍ତକୋଇଲି ଶାଖା ପକ୍ଷରୁ ଦିଆଯାଇଥିବା ଓଡିଶା ବନ୍ଦ୍ ଡାକରା ଆଂଶିକ ସଫଳ ହୋଇଛି। ଏହି ବନ୍ଦ୍ ଡକରାରେ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ସମର୍ଥନ କରିଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଏହା ସଂପୂର୍ଣ୍ଣ ସଫଳ ହୋଇପାରି ନ ଥିବା ଜଣାଯାଇଛି। କୃଷକ ସଂଗଠନର ବ୍ଲକ ସଭାପତି ଅର୍ଜୁନ ଜେନାଙ୍କ ଆହ୍ୱାନରେ ଏହି ବନ୍ଦ୍ କାର୍ଯ୍ୟକ୍ରମରେ ଉପସଭାପତି ଶରତ ସାହୁ, ନକୁଳି ଚରଣ ସାହୁ, ଜଗବନ୍ଧୁ ମଲିକ, ସନ୍ତୋଷ ନାୟକ, ସଞ୍ଜିବ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, ପ୍ରସନ୍ନ ଦାସ, ସନ୍ତୋଷ ସାଥୁଆ, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଥାନା ଛକ ନିକଟସ୍ଥ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାଖରେ ବିଜେପି ସରକାରଙ୍କର ଦୁର୍ନୀତି ମୂଳକ ଶାସନ ବିରୁଦ୍ଧରେ ତୀବ୍ର ପ୍ରତିବାଦ କରି ଜନସଚେତନତା କରାଇଥିଲେ। ଏହି ବନ୍ଦ୍‌କୁ ସମର୍ଥନ ଜଣାଇ ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ସେକ୍ ସଦ୍ଦାମ, ରମେଶ ସାହୁ, ମହେନ୍ଦ୍ର ବେହେରା, ଚିନ୍ତାମଣି ପୁହାଣ, ଅକ୍ଷୟ ସାହୁ, ଗଣେଶ୍ୱର ପାତ୍ର, ସୁଶୀଳ ଲେଙ୍କା, ଅଚ୍ୟୁତାନନ୍ଦ ଦାସ, ରମେଶ ଚନ୍ଦ୍ର ବାରିକ, ପିରୁ ଖାନ୍, ସର୍ବଜିତ୍ ଦାସ ପ୍ରମୁଖ ଯୋଗଦେଇଥିଲେ।

## ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଆଠଗଡ଼,୨୮।୧(ସମିସ): ଆଠଗଡ଼ ସହରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦଘାଟିତ ହୋଇଯାଇଛି। ରାଜବାଟୀ ନଗରସ୍ଥିତ ସ୍କୁଲରେ ଅନୁଷ୍ଠିତ କ୍ରୀଡା ଉତ୍ସବ ଜାଭିୟର ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଛାତ୍ରଛାତ୍ରୀଙ୍କ ବିଭିନ୍ନ କୃତିତ୍ୱକୁ ପ୍ରଶଂସା କରିଥିଲେ। ସମାଜସେବୀ ତଥା ମହିଳା ଉଦ୍ୟୋଗୀ ସ୍ନିଗ୍ଧା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଠଗଡ଼ ଅଞ୍ଚଳର ସମାଜସେବୀ ରବିନାରାୟଣ ବାରିକ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ପ୍ରେମରାଜ ପାତ୍ରୋ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଫ୍ରେଣ୍ଡ୍ସ ଜୋନ୍ କ୍ଲବ୍ ପକ୍ଷରୁ ପ୍ରତିଯୋଗିତା

ବଡମ୍ବା,୨୮।୧(ସମିସ): ଗମେଇଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ସାଧାରଣତନ୍ତ୍ର ଅବସରରେ ଫ୍ରେଣ୍ଡସ ଜୋନ କ୍ଲବ ଦ୍ୱାରା ଆୟୋଜିତ କ୍ଲଷ୍ଟରସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ଗମେଇଁ ନୋଡାଲ ବିଦ୍ୟାଳୟ ବାର୍ଷିକ ଉତ୍ସବ ଓ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ ତରଫରୁ ଆୟୋଜିତ ତର୍କ, ପ୍ରବନ୍ଧ ଲିଖନ, ସଂଗୀତ, ଚିତ୍ରାଙ୍କନ ଏବଂ ନୃତ୍ୟ ଭଳି ପ୍ରତିଯୋଗିତାଗୁଡିକରେ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଗ୍ରାମର ସରପଞ୍ଚ ଶତ୍ରୁଜିତ ପୁହାଣ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ବେହେରାଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟସଭ୍ୟା ଓ ଗ୍ରାମର ୱାର୍ଡମେମ୍ବର ତଥା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଫ୍ରେଣ୍ଡ୍ସ ଜୋନ କ୍ଲବର ସଭାପତି ଅୟସକାନ୍ତ ଭଞ୍ଜ, ସଭ୍ୟ ଯଥା ରଞ୍ଜିତ ବାରିକ, ଆକାଶ ବାରିକ, ଚିନ୍ମୟ ବାରିକ, ରାକେଶ ବାରିକ, ବିଶ୍ୱଜିତ ମଲ୍ଲିକ ଅଂଶଗ୍ରହଣ କରିଥିଲେ।



## ବ୍ଲକ୍ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା




ଟାଙ୍ଗୀ,୨୮।୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବିଜେଡି ସଭାପତି ଭାବେ ମନୋନୀତ ହୋଇଥିବା ଅବସରପ୍ରାପ୍ତ ଶିକ୍ଷକ ନେତା ଧିରେନ୍ଦ୍ର କୁମାର ଜେଠୀଙ୍କୁ ବୁଧବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ ସିଂ ମୁଖ୍ୟଅତିଥି ଭାବେ ଶ୍ରୀ ଜେଠୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଲେପୁର, ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର-କଟକ ବିଧାୟକ ପ୍ରତିନିଧି ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଆଠଗଡ଼ ବିଧାୟକ ପ୍ରତିନିଧି ସେକ୍ ସାହାଜାନ୍, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଯୁବ ବିଜେଡି ସଭାପତି ତଥା ସରପଞ୍ଚ ତପସ୍ୱୀ ନାରାୟଣ ସାହୁ, ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ପ୍ରାକ୍ତନ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ପ୍ରାକ୍ତନ ସରପଞ୍ଚ ତଥା ବିଜେଡି ସଙ୍ଗଠକ ସୁବୋଧ ସାମଲ, କୃଷ୍ଣଚନ୍ଦ୍ର ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ଜନ୍ମେଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଓ ସୋଫିଆ ବିବିଙ୍କ ସମେତ ବ୍ଲକ ଅଞ୍ଚଳର ବହୁ ନିର୍ବାଚିତ ଜନପ୍ରତିନିଧି ଓ ବହୁ ଆଗଧାଡିର କର୍ମୀ ଉତ୍ସବରେ ସାମିଲ ହୋଇଥିଲେ।

## ପ୍ରେମାଚାର୍ଯ୍ୟ ମଧୁସୂଦନଙ୍କ ପୂଜା ଉତ୍ସବ



କଟକ,୨୮।୧(ସମିସ): ସର୍ବଧର୍ମ ସମନ୍ୱୟର ପ୍ରଚାରକ ତଥା ପୁରୀ ଜିଲ୍ଲା ଗୋପ ବ୍ଲକ ନୟାହାଟ ସ୍ଥିତ ପ୍ରାଚୀ ଗୁରୁଧର୍ମ କ୍ଷେତ୍ରର ପ୍ରତିଷ୍ଠାତା ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ପୂଜା ଉତ୍ସବ ସିଡିଏ ସେକ୍ଟର-୭ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭକ୍ତ ପ୍ରଭାସ ଚୌଧୁରୀ ଏବଂ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱବଧାନରେ ବାବାଙ୍କ ଶ୍ରୀବିଗ୍ରହ ଓ ପାଦୁକା ଗତକାଲି ଏଠାରେ ପହଞ୍ଚିବା ପରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଶ୍ରଦ୍ଧାଳୁମାନଙ୍କ "ହରିବୋଲ', "ହୁଳହୁଳି' ଓ ଶଙ୍ଖଧ୍ୱନି ସାଙ୍ଗକୁ "ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ' ମହାମନ୍ତ୍ରର ନାମ କୀର୍ତ୍ତନରେ ସେକ୍ଟର-୭ ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଏକ ନବଜାତ ଶିଶୁର ଜନ୍ମ ଉତ୍ସବ ପାଳନ କରାଯିବା ସହ ବାବାଜୀ ଆତ୍ମାନନ୍ଦ ଦାସ ଶ୍ରୀଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରିଥିଲେ। ଆଶ୍ରମର ମୁଖ୍ୟ ବାବାଜୀ ଦାମୋଦର ଦାସ ଓ ବାବାଜୀ ଚିତ୍ତବିନୋଦ ଦାସ ଭକ୍ତଙ୍କୁ ଗୁରୁଙ୍କ ପାଖରେ ସମର୍ପିତ ଜୀବନ ବିତାଇବାକୁ ପରାମର୍ଶ ଦେଇଥିଲେ। ସୋନାଲି ମା', ବିଟୁ ମା', କଲ୍ୟାଣୀ ମା' ଏବଂ ସବିତା ମା' ପ୍ରମୁଖ ବାବାଙ୍କୁ ବନ୍ଦାପନା କରିଥିଲେ। ଶିଶୁ ବେଦାନ୍ତକୁ ଗୁରୁଦେବଙ୍କ ଶ୍ରୀଚରଣରେ ସମର୍ପଣ କରାଯାଇ ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ସେବକ ପ୍ରୀତିରଞ୍ଜନ ଦାସ, ଦେବୀ ପ୍ରସାଦ ଚୌଧୁରୀ ଏବଂ ମମତା ମହାନ୍ତି ସହଯୋଗ କରିଥିଲେ।

### ଟ୍ରାଫିକ୍ ନିୟମ କଡ଼ାକଡ଼ି

## ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ ଫୌଜଦାରୀ ମାମଲା

କଟକ,୨୮।୧(ସମିସ):

କଟକ ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ସୁଧାରିବା ଏବଂ ଜନସାଧାରଣଙ୍କ ସୁରକ୍ଷିତ ଯାତାୟତକୁ ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର-କଟକ ପୁଲିସ କମିଶନରେଟ ପକ୍ଷରୁ ଏକ ବଡ଼ ଧରଣର କଟକଣା ଜାରି କରାଯାଇଛି। ସହରର ପ୍ରମୁଖ ରାସ୍ତାଗୁଡ଼ିକରେ ଗାଡ଼ି ମୋଟରର ଅନିୟମିତ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଜଟିଳ ଭିଡ଼ ଏବଂ ଦୁର୍ଘଟଣାଜନିତ ବିପଦକୁ ଦୃଷ୍ଟିରେ ରଖି ପୁଲିସ କମିଶନର ଡକ୍ଟର ଏସ୍. ଦେବଦତ୍ତ ସିଂହ ଏକ ନୂତନ ଆଦେଶନାମା ପ୍ରଣୟନ କରିଛନ୍ତି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ୍-୨୦୦୩ର ଧାରା ୨୮ ଓ ୨୯ ସମେତ ଭାରତୀୟ ନାଗରିକ ସୁରକ୍ଷା ସଂହିତା -୨୦୨୩ର ଧାରା ୧୬୩ ଅନ୍ତର୍ଗତ ମିଳିଥିବା କ୍ଷମତା ଅନୁଯାୟୀ, ସହରର ଏକାଧିକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଯାନବାହନ ରଖିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି ହୋଇଛି।

ସୂଚନା ଅନୁସାରେ, ପୂର୍ବରୁ ପ୍ରକାଶ ପାଇଥିବା ସମସ୍ତ ପାର୍କିଂ କଟକଣା ବଳବତ୍ତର ରହିବା ସହ ବର୍ତ୍ତମାନର ବ୍ୟବସାୟିକ

**ବକ୍ସ ଡ୍ରେନ୍ ରୋଡ୍ ସମେତ ପ୍ରମୁଖ ରାସ୍ତାରେ 'ନୋ ପାର୍କିଂ'**

ଅଭିବୃଦ୍ଧି ଓ ଯାନବାହନ ଚଳାଚଳକୁ ଦେଖି "ବକ୍ସ ଡ୍ରେନ୍ ରାସ୍ତା'କୁ ଏହି ନିଷେଧାଦେଶ ପରିସରଭୁକ୍ତ କରାଯାଇଛି। ଦୈତାରୀ ସାହୁ ଆଳୁ ଗୋଦାମ ଠାରୁ ଆରମ୍ଭ କରି ବଜ୍ରକବାଟି ଟ୍ରାଫିକ୍ ଛକ ଦେଇ ବାରପଥର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରାସ୍ତାକୁ ଏବେ "ନୋ ପାର୍କିଂ' ଜୋନ୍ ଭାବେ ଘୋଷଣା କରାଯାଇଛି। ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ବ୍ୟବସାୟିକ ପ୍ରତିଷ୍ଠାନ ଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଯାନବାହନ ପାର୍କିଂ କଲେ ତାହାକୁ ଯାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ବୋଲି ବିବେଚନା କରାଯାଇ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ନିର୍ଦ୍ଦେଶକୁ ଅବମାନନା କଲେ ମୋଟର ଯାନ (ସଂଶୋଧନ) ଆଇନ୍-୨୦୧୯ ଏବଂ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ବିଭିନ୍ନ ଦଣ୍ଡନୀୟ ଧାରା ଅନୁଯାୟୀ ମାମଲା ରୁଜୁ ହେବ। ଏହାବ୍ୟତୀତ, ଯେଉଁ ଯାନବାହନ ଗୁଡ଼ିକ ଏହି ନିଷିଦ୍ଧାଞ୍ଚଳରେ ଛିଡ଼ା ହେବ, ସେଗୁଡ଼ିକୁ ପୁଲିସ କ୍ରେନ୍ ସାହାଯ୍ୟରେ ଟାଣି ନେବ। ଗାଡ଼ି ମାଲିକଙ୍କୁ ନିର୍ଦ୍ଧାରିତ ଜରିମାନା ସହିତ କ୍ରେନ୍ ବାବଦକୁ ହେଉଥିବା ଖର୍ଚ୍ଚ ମଧ୍ୟ ଅଲଗା ଭାବେ ପଇଠ କରିବାକୁ ପଡ଼ିବ। ସହରରେ ସୁନିୟନ୍ତ୍ରିତ ଟ୍ରାଫିକ୍ ପରିଚାଳନା ପାଇଁ କମିଶନରେଟ ପୁଲିସ ପକ୍ଷରୁ ଜାରି ହୋଇଥିବା ଏହି ଆଦେଶ ତତ୍କାଳ ପ୍ରଭାବରୁ ଲାଗୁ ହୋଇଛି ଏବଂ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସ୍ପଷ୍ଟ କରାଯାଇଛି।

## 'ପଦ୍ମ' ମନୋନୀତ ଶରତଙ୍କୁ ସମ୍ବର୍ଦ୍ଧନା

ତିଗିରିଆ,୨୮।୧(ସମିସ): ତିଗିରିଆ ବ୍ଲକ୍ ଅନ୍ତର୍ଗତ ହସ୍ତତନ୍ତ ଗ୍ରାମ ରୂପେ ପରିଚିତ ନୂଆପାଟଣାର ବରିଷ୍ଠ ବାନ୍ଧକଳା କାରିଗର ଶରତ କୁମାର ପାତ୍ରଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସେରିଫେଡ୍‌ର ଅଧ୍ୟକ୍ଷ ଭାଗୀରଥି ନନ୍ଦ, ସ୍ଥାନୀୟ ସରପଞ୍ଚ ସୋମନାଥ ଦାସ ଶ୍ରୀ ପାତ୍ରଙ୍କ ଘରେ ପହଞ୍ଚି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବୁଧବାର ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ କଟକ ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ଗିରିଜା ପ୍ରସାଦ ପଟ୍ଟନାୟକ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସରପଞ୍ଚ ପ୍ରତିନିଧି ମାନସ ଜେନା, ରାଜ୍ୟ ଯୁବ କଂଗ୍ରେସ ସଂପାଦକ ଅଭିଷେକ ପଟ୍ଟନାୟକ, ମୃଣ୍ମୟ ଦାଶ, ନିରଞ୍ଜନ ସାମଲ, ଅମର ବେହେରା, ମାୟାଧର ସାହୁ, ପ୍ରତାପ ରଣା, ବିଜୟ ସାମଲ ପ୍ରମୁଖ ଶ୍ରୀ ପାତ୍ରଙ୍କ ବାସଭବନକୁ ଯାଇ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



### ଜାନୁଆରୀ ୩୦ରୁ ଆରମ୍ଭ ହେବ ଆଧ୍ୟାତ୍ମିକ ସମ୍ମିଳନୀ

## ଦିବ୍ୟଜୀବନ ସଂଘର ୭୫ତମ ଅମୃତ ମହୋତ୍ସବ



କଟକ,୨୮।୧(ସମିସ): ତୁଳସୀପୁରସ୍ଥିତ ଦିବ୍ୟ ଜୀବନ ସଂଘ ଶିବାନନ୍ଦ ଆଶ୍ରମ କଟକ ଶାଖାର ୭୫ତମ ପ୍ରତିଷ୍ଠା ଦିବସ ବା "ଅମୃତ ମହୋତ୍ସବ' ଉପଲକ୍ଷେ ଏକ ବିଶାଳ ଆଧ୍ୟାତ୍ମିକ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ପର୍କରେ ଆଜି ଆଶ୍ରମ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ଜାନୁଆରୀ ୩୦ ତାରିଖରୁ ଫେବ୍ରୁଆରୀ ୨ ତାରିଖ ପର୍ଯ୍ୟନ୍ତ କଟକର ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଏହି ଭବ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଉଦଘାଟନୀ ସମ୍ମିଳନୀରେ ଋଷିକେଶ ଦିବ୍ୟ ଜୀବନ ସଂଘର ଉପସଭାପତି ପୂଜ୍ୟଶ୍ରୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗଦେଇ ଏହାର ଶୁଭାରମ୍ଭ କରିବେ। ଏହି ଅବସରରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ, ଋଷିକେଶ ଦିବ୍ୟ ଜୀବନ ସଂଘର ସମ୍ପାଦକ ସ୍ୱାମୀ ଅଦ୍ୱୈତାନନ୍ଦ ସରସ୍ୱତୀ, ପରମହଂସ ସ୍ୱାମୀ ପ୍ରଜ୍ଞାନନ୍ଦଜୀ ମହାରାଜ, ସତ୍ୟ ପ୍ରଜ୍ଞାନନ୍ଦଜୀ ମହାରାଜ, ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ ଏବଂ ବୃନ୍ଦାବନର ବାବା ଦୀନବନ୍ଧୁ ଦାସ ମହାରାଜ ପ୍ରମୁଖ ବିଶିଷ୍ଟ ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଚାରିଦିନିଆ ସମ୍ମିଳନୀରେ ଓଡ଼ିଶାର ପ୍ରାୟ ୩୦୦ ଶାଖାରୁ ହଜାର ହଜାର ଭକ୍ତ ଯୋଗଦେବେ। ଫେବ୍ରୁଆରୀ ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉଦଯାପନୀ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେବେ। ମୁଖ୍ୟ ପ୍ରଫେସର ଡ. ଗୀତା ମହାନ୍ତି, କଟକ ଦିବ୍ୟ ଜୀବନ ସଂଘର ସଭାପତି ଡ. ଜଷ୍ଟିସ ବାସୁଦେବ ପାଣିଗ୍ରାହୀ ଏବଂ ସମ୍ମିଳନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ମାଟି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି,୨୮।୧(ସମିସ): ଯାଜପୁର ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ଚୋରି ଉପରେ ଚଢ଼ଉ ଜାରି ରହିଛି । ବାଲି ଚୋରି ପରେ ଏବେ ମାଟି ଚୋରି ଆରମ୍ଭ ହୋଇଛି । ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ଠାରୁ ମାଟି ଚୋରା ଚାଲାଣର ଖବର ପାଇ ଖଣି ବିଭାଗ ଚଢ଼ଉ କରିଥିଲା । ବେଆଇନ ଭାବେ ଦୁଇ ଟ୍ରାକ୍ଟରରେ ମାଟି ଚାଲାଣ ହେଉଥିବା ଦେଖି ଖଣିବିଭାଗ ଅଧିକାରୀ ବିଶ୍ୱଜିତ ସ୍ୱାଇଁଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ମାଟି ବୋଝେଇ ଟ୍ରାକ୍ଟର ଦୁଇଟି କୌଣସି କାଗଜାଦି ନଥିବାରୁ ଉକ୍ତ ଦୁଇ ଟ୍ରାକ୍ଟରକୁ ପାଣିକୋଇଲି ପୁଲିସ ଜିମା ଦିଆଯାଇଛି । ପୁଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହ ତଦନ୍ତ ଜାରି ରହିଛି ।

# ଟ୍ରକ୍ ଧକ୍କାରେ ପାଟ୍ରୋଲିଂ ଗାଡ଼ି ସହ ବସ୍ କ୍ଷତିଗ୍ରସ୍ତ

ପାଣିକୋଇଲି,୨୮।୧(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ୍ ନିକଟରେ ଏକ ଆଇରନ ଟ୍ରକ୍ ଭାରସାମ୍ୟ ହରାଇ ରାଜପଥ ପାଟ୍ରୋଲିଂ ଗାଡ଼ିକୁ ବାଡ଼େଇ ଏକ ବସ୍ ପଛରେ ପିଟି ଦେବାରୁ ତିନୋଟି ଗାଡି କ୍ଷତିଗ୍ରସ୍ତ ହୋଇଛି । ସୋମବାର ବିଳମ୍ବିତ ରାତ୍ରୀରେ ପୁରୁଣା ଟୋଲଗେଟ ନିକଟରେ ରାଜପଥ ପାଟ୍ରୋଲିଂ ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହୋଇଥିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଲୁହାପଥର ବୋଝେଇ ଟ୍ରକ୍ ପ୍ରଥମେ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଇ ଆଗରେ ଅଟକିଥିବା ଗଜାନନ ନାମକ ଘରୋଇ ବସ୍ ପଛରେ ପିଟିଦେଇଥିଲା । ସୌଭାଗ୍ୟ ବଶତଃ ରାଜପଥ ପାଟ୍ରୋଲିଂ ଗାଡ଼ିରେ କେହି ନଥିବା ବେଳେ ବସ୍‌ର ତିନି ଜଣ ଯାତ୍ରୀ ଆହତ ହୋଇଥିଲେ । ସେମାନଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଯାଇଥିବା ବେଳେ ଟ୍ରକକୁ ପୁଲିସ ଜବତ କରିଛି । ଏନେଇ ପାଟ୍ରୋଲିଂ ଅଧିକାରୀ ଗଣେଶ୍ୱର କଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ।

# ଶତାୟୁ ସୁନ୍ଦରୀ ଦେଇଙ୍କ ପରଲୋକ



ସିଂହପୁର୨୭ ।୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସ୍ୱର୍ଗତ ବିମ୍ବାଧର ଦାସଙ୍କ ପତ୍ନୀ ସୁନ୍ଦରୀ ଦେଇ (୧୦୧) ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣା ତଥା ସ୍ନେହି ମହିଳା ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ରବୀନ୍ଦ୍ର ଦାସ, ନାରାୟଣ ଚନ୍ଦ୍ର ଦାସ, ବିଷ୍ଣୁଚରଣ ଦାସ ଓ ପରିବାର ଲୋକେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରଯାଇଥିଲା । ପୁତ୍ର ରାଜ୍ୟ ସମ୍ମାନପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତା ମହିଳାଙ୍କ ଦେହାନ୍ତରେ ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର, କୁଷ୍ଣଚନ୍ଦ୍ର ଜେନା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ମଳୟ କୁମାର ଥାଟୋଇ, କଳାକର ପାତ୍ର, ତ୍ରିଲୋଚନ ଥାଟୋଇ, ବିପିନ ବିହାରୀ ଜେନା, ସମିତିସଭ୍ୟା ଭାଗ୍ୟବତୀ ଧଳ, ରାମଚନ୍ଦ୍ର ମହାକୁଡ଼, ଅମର ଜେନା, ରମେଶ ଦାସ, ଅମିୟ କୁମାର ଥାଟୋଇ, ଅନନ୍ତ ସାହୁ, ତାପସ କୁମାର ଜେନା ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

# ପୃଥକ ଦୁର୍ଘଟଣାରେ ଦୁଇ ମୃତ

ବାଲିଚନ୍ଦ୍ରପୁର,୨୮।୧(ସମିସ): ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି । ସୂଚନା ମୁତାବକ ୫୩ ନମ୍ବର ଜାତୀୟ ରାଜପଥର ଓଲାଶୁଣୀ ଛକ ନିକଟସ୍ଥ ଓଭରବ୍ରିଜରେ ରାଜସ୍ଥାନ ଅଞ୍ଚଳର ରାମଦୟାଲ ମିନା (୨୧) ନାମକ ଜଣେ ଯୁବକ ରଙ୍ଗ ମାରୁଥିବା ବେଳେ ଏକ ହାଇୱା ଗାଡ଼ି (ଡବ୍ଲ୍ୟୁବି ୨୯ଇ ୨୬୬୭) ତାଙ୍କୁ ଧକ୍କା ଦେଇଥିଲା । ଏହି ଦୁର୍ଘଟଣାରେ ରାମ ଦୟାଲଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ମୁକୁନ୍ଦ ଚରଣ ମୋଦି ଅନ୍ୟ ସହଯୋଗୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ମୃତ ରାମଦୟାଲଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ପଠାଇଥିଲେ । ତେବେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର ହୋଇଯାଇଥିଲା । ଏନେଇ ଜାତୀୟ ରାଜପଥ ସମ୍ପ୍ରସାରଣ ଠିକା ସଂସ୍ଥା ପକ୍ଷରୁ ଉମେଶ ଜେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ ଶବ ବ୍ୟବଚ୍ଛେଦ ପରେ ରାଜସ୍ଥାନରୁ ଆସିଥିବା ପରିବାର ଲୋକଙ୍କୁ ମୃତ ରାମଦୟାଲଙ୍କ ଶବକୁ ହସ୍ତାନ୍ତର କରାଯାଇଥିବା ନେଇ ଏଏସଆଇ ଶ୍ରୀ ମୋଦି ସୂଚନା ଦେଇଛନ୍ତି । ସେହିପରି ଏହି ରାଜପଥର ବନ୍ଦରେଶ୍ୱର ନିକଟରେ ଘଟିଥିବା ଅନ୍ୟ ଏକ ଦୁର୍ଘଟଣାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରଶାନ୍ତ ଜତି (୪୪)ଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି । ମୃତ ପ୍ରଶାନ୍ତ ଯାଜପୁର ଅଞ୍ଚଳର ଏକ କାର୍ଯ୍ୟାଳୟରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ । ଆଜି ସେ ପଟ୍ଟାମୁଣ୍ଡାଇ ଫେରୁଥିବା ବେଳେ କୌଣସି କାମରେ ବନ୍ଦରେଶ୍ୱର ଠାରେ ଗାଡିରୁ ଓହ୍ଲାଇ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା । ଏଥିରେ ପ୍ରଶାନ୍ତଙ୍କର ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଅଞ୍ଚଳର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବଡ଼ଚଣା ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବର ପାଇ ତାଙ୍କ ପରିବାର ଲୋକେ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି ।

# କଂଗ୍ରେସ ନେତାଙ୍କ ପରଲୋକ

ବିଞ୍ଝାରପୁର,୨୮।୧(ସମିସ): ବିଞ୍ଝାରପୁର ବ୍ଲକର ବର୍ଷିୟାନ କଂଗ୍ରେସ ନେତା ଗୋବିନ୍ଦ ଚନ୍ଦ୍ର ପରିଡ଼ାଙ୍କ ଏକାଦଶାହ ଅବସରରେ ଅରେଇସ୍ଥିତ ତାଙ୍କ ବାସଭବନରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । କଏଣା ରଘୁନାଥପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟିକା ପ୍ରମିଳା ମଲ୍ଲିକ, ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବରିଷ୍ଠ କଂଗ୍ରେସ ନେତା ଶିଶିର ନାୟକ, ପ୍ରଦେଶ କଂଗ୍ରେସର ପୂର୍ବତନ ମୁଖପାତ୍ର ପଦ୍ମାକର ଗୁରୁ, କଂଗ୍ରେସ ନେତ୍ରୀ ବନ୍ଦିତା ପରିଡା, କନକଲତା ମଲ୍ଲିକ, ପ୍ରବୋଧ ଦାସ, ବ୍ଲକ ବିଜେପି ସଂଯୋଜକ ନିରଞ୍ଜନ ବେଉରିଆ, ଜିଲ୍ଲା ବିଜେପି ଉପସଭାପତି ପ୍ରତିଭା ସାହୁ, ଶ୍ରୀକାନ୍ତ ପ୍ରଧାନ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁଶାନ୍ତ କୁମାର ମିଶ୍ର, ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ସରପଞ୍ଚ ସ୍ମୃତିସମୀକ୍ଷା ମଲ୍ଲିକ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ ।

# କରଦା ହରିହାଟ ମହୋତ୍ସବ ଉଦ୍‌ଘାଟିତ

ପାଣିକୋଇଲି,୨୮।୧(ସମିସ):



କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ଗଣପର୍ବ ହରିହାଟ ମେଳା ଗତ ମାଘସପ୍ତମୀରେ ଶୁଭାରମ୍ଭ ହୋଇଥିବା ବେଳେ ମଙ୍ଗଳବାର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଆୟୋଜିତ ଉକ୍ତ ମହୋତ୍ସବକୁ ମୁଖ୍ୟଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହୋତ୍ସବ କମିଟି ପକ୍ଷରୁ ବିଶ୍ୱନାଥ ପଣ୍ଡା ସମ୍ପାଦକୀୟ ବିବିରଣୀ ପାଠ କରିଥିଲେ । ଅନ୍ୟତମ ଅତିଥି ଭାବେ କୋରେଇ ବିଡିଓ ଅବନୀକାନ୍ତ ସାହୁ, ମେଳା କମିଟିର ସମ୍ପାଦକ ଗଣେଶ ସାହୁ, କରଦା ସରପଞ୍ଚ ଅନିମା ମଳିକ ଓ ସମିତିସଭ୍ୟା ପଙ୍କଜିନୀ ସାହୁ, କରଦା ପଞ୍ଚାୟତ ବିଜେପି ସଭାପତି କାର୍ତ୍ତିକ ଚନ୍ଦ୍ର ସାହୁ, ମଠାଧିଶ କୃଷ୍ଣଚନ୍ଦ୍ର ଦାସ, ମେଳା କମିଟିର ସଭାପତି ଚିନ୍ତାମଣୀ ବେହେରା, ବିଜେପି ମଣ୍ଡଳ ସଭାପତି ଭାସ୍କର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମହୋତ୍ସବ କମିଟି ପକ୍ଷରୁ ଦୁର୍ଗାଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ପାଣିକୋଇଲି ଅଞ୍ଚଳର କାର୍ଯ୍ୟରତ ଗଣମାଧ୍ୟମର ସମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ମହୋତ୍ସବରେ ଯାଜପୁର ଜିଲ୍ଲା ଓରମାସ ଓ ନାବାର୍ଡ ତରଫରୁ ବିଭିନ୍ନ ହସ୍ତତନ୍ତ ଓ କାଇଁଚରେ ତିଆରି ସାମଗ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ପକ୍ଷରୁ ବିଭିନ୍ନ ବାଣିଜ୍ୟିକ ଷ୍ଟଲ ମନ ପ୍ରଦର୍ଶନ କରାଯାଇଥିଲା । ସଭା ପରେ ସ୍ଥାନୀୟ କଳାକାର ଓ ରାଜ୍ୟ ସଂସ୍କୃତି ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ମା' କଳା ପରିଷଦ ଓ କ୍ରିଷ୍ଣା ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରାଯାଇଥିଲା । ଚଳଚ୍ଚିତ୍ର ଅଭିନେତ୍ରୀ ପୁନମଙ୍କ ଉପସ୍ଥିତି ଦର୍ଶକଙ୍କୁ ବିଭୋର କରିଥିଲା । ସେହିପରି ମେଳାରେ ଆଜି ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ପିଲାମାନେ ଦୋଳିର ମଜା ଉଠାଇଥିଲେ । ଯୁବକ ଯୁବତୀ ମାନେ ଆଇ ଲଭ ହରିହାଟର ସେଲ୍‌ଫି ପଏଣ୍ଟ ଠାରେ ଛିଡ଼ା ହୋଇ ନିଜ ନିଜର ଫଟୋ ଉଠାଇଥିଲେ । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ମେଳା ଓ ମହୋତ୍ସବକୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ପାନୀୟଜଳ ପ୍ରକଳ୍ପ ଓ କମ୍ୟୁନିଟି ସେଣ୍ଟର ଭିତ୍ତିପ୍ରସ୍ତର ସ୍ଥାପନ

ମଙ୍ଗଳପୁର,୨୮।୧(ସମିସ): ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ଥ ବିମ୍ବାଧରପୁର ଗାଁରେ ପାନୀୟଜଳର ସମସ୍ୟା ଦୂର କରିବା ପାଇଁ ଆଜି ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଦ୍ୱାରା ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହିପରି



ବିମ୍ବାଧରପୁର ଯେନାସାହି ଠାରେ ମା' ତାରିଣୀ କମ୍ୟୁନିଟି ସେଣ୍ଟର ଘର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବିମ୍ବାଧରପୁର ଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟିକା ଯୋଗଦେଇଥିଲେ । ଏଥିସହ ଜନସାଧାରଣ ମାନଙ୍କର ମୌଳିକ ସମସ୍ୟା ହେଉ କିମ୍ବା କୌଣସି ବିକାଶ ମୂଳକ କାର୍ଯ୍ୟ ହେଉ ସେଥିପାଇଁ ଯାହା ଆବଶ୍ୟକ ତାହା କରିବା ପାଇଁ ମୁଁ ପ୍ରତିଶୃତି ବଦ୍ଧ ବୋଲି ଶ୍ରୀମତୀ ମଲ୍ଲିକ ମତବ୍ୟକ୍ତ କରିଥିଲେ । ଆଜିର ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କମାରଡ଼ିହି ପାକ୍ସ ସଭାପତି ଭାଗୀରଥି ସାହୁ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋସ୍ନାରାଣୀ ଦାସ, ଯୁବ ବିଜେଡି ଉପସଭାପତି ବିରଜା ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ପଞ୍ଚାୟତ ସଭାପତି ପରୀକ୍ଷିତ ଯେନା, ଶାନ୍ତନୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା କର୍ମଶାଳା

ଧର୍ମଶାଳା,୨୮।୧(ସମିସ): ଧର୍ମଶାଳା ବ୍ଲକ ଅଧୀନସ୍ଥ ଐତିହାସିକ ଧର୍ମଶାଳା ହାଟ ପଡ଼ିଆ ଠାରେ ସାଧାରଣ ତନ୍ତ୍ର ଦିବସ ଅବସରରେ ବୁଦ୍ଧ- ଆମ୍ବେଦକର ବିଚାର ସଂଗଠନର ଏକ ଦିନିକିଆ ସମ୍ବିଧାନ ସୁରକ୍ଷା କର୍ମଶାଳା ଆର୍ତ୍ତତ୍ରାଣ ମଲ୍ଲିକଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସଂଗଠକ ହରିହର ମଲ୍ଲିକ, ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଦେବବ୍ରତ ରାଉତ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶଙ୍କର ପ୍ରତାପ ଦାସ, କାହ୍ନୁଚରଣ ମଲ୍ଲିକ, ଆମ୍ବେଦକର ଫାଉଣ୍ଡେସନର ପ୍ରତିଷ୍ଠାତା ସୁରେନ୍ଦ୍ର ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ସମାଜ ସେବୀ ଗଙ୍ଗାଧର ବେହେରା ପ୍ରମୁଖ ଯୋଗ ଦେଇ ସମ୍ବିଧାନର ସୁରକ୍ଷା ପାଇଁ ଜନ ସଚେତନତା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସଂଗଠକ ବେଣୁଧର ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବସନ୍ତ ଜେନା ଅତିଥି ପରିଚୟ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ବେଣୁଧର ଜେନା, କେଶବ ମଲ୍ଲିକ, ପ୍ରଫୁଲ ଜେନା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଦୁଷ୍ମନ୍ତ ଜେନା, ମୋହନ ଦାସ ନିଜ ର ମତାମତ ଦେଇଥିଲେ । ଆୟୋଜନରେ ବିପିନ ମଲ୍ଲିକ, ପଙ୍କଜ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ଗୋପାଳ ମଲ୍ଲିକ, ବାବନ ମଲ୍ଲିକ, ମନୋଜ ମଲ୍ଲିକ, ଚନ୍ଦନ ମଲ୍ଲିକ, ଗୋବିନ୍ଦ ମଲ୍ଲିକ ସହଯୋଗ କରିଥିଲେ ଓ ଶେଷରେ ଗୌରାଙ୍ଗ ମଲ୍ଲିକ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ପ୍ରତିଭା ଚୟନ ଓ ଅଜାଣ ବନ ଶିଶୁ ମହୋତ୍ସବ



ବରୀ,୨୮।୧(ସମିସ): ପିଲାମାନଙ୍କ ମଧ୍ୟରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛି । ସେ ସବୁକୁ ଚିହ୍ନି ତା'ର ବିକାଶ କରିବା କ୍ଷେତ୍ରରେ ପିତାମାତା ଓ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅଜାଣବନ ଶିଶୁ ମହୋତ୍ସବର ଜିଲ୍ଲାସ୍ତରୀୟ ପ୍ରତିଭା ଚୟନ ଉତ୍ସବରେ ଉଦ୍‌ଘାଟକ ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗଦେଇ ପ୍ରକାଶ କରିଛନ୍ତି । ବରୀ ବ୍ଲକ୍ ଅନ୍ତର୍ଗତ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ମେଦୁଆକୂଳ ପରିସରରେ ଅନୁଷ୍ଠିତ ଶିଶୁ ମହୋତ୍ସବର ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠାନର ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟଅତିଥି ଭାବେ ଟେଟ୍ରା ହେଡେନ୍‌ର ନିର୍ଦ୍ଦେଶକ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ବରୀ ମଣ୍ଡଳ ଶିକ୍ଷା ଅଧିକାରିଣୀ ପ୍ରତିଶୃତି ସିଂହ, ଅନ୍ୟତମ ଅତିଥି ଭାବେ ଡ. ଭାଗ୍ୟଧର ସାହୁ, କର୍ଣ୍ଣଚନ୍ଦ୍ର ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁମାନଙ୍କ ପ୍ରତିଭା ବିକାଶ କ୍ଷେତ୍ରରେ ଗୁରୁଙ୍କର ଯେତିକି ଦାୟିତ୍ୱ ରହିଛି ଠିକ୍ ସେତିକି ଦାୟିତ୍ୱ ପିତାମାତାଙ୍କର ରହିଛି ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ବିଦ୍ୟାଳୟର ସମ୍ପାଦକ ପ୍ରିୟରଞ୍ଜନ ବେହେରା ସମ୍ପାଦକୀୟ ବିବରଣ ପାଠ କରିଥିବା ବେଳେ କୁନିକୁନି ପିଲାମାନଙ୍କ ଦ୍ୱାରା ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା । ବରୀ ବ୍ଲକ୍‌ସ୍ତରରେ ବିଭିନ୍ନ ବୃତ୍ତି ପରୀକ୍ଷା, ନବୋଦୟ ପାଇଥିବା ବିଭିନ୍ନ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀଙ୍କୁ ରମା ଦାସ ପ୍ରତିଭା ସମ୍ମାନ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ଗଣିତ ବିଶାରଦ ଗୋକୁଳାନନ୍ଦ ଦାସ ସ୍ମୃତି ସମ୍ମାନ ଓ ଶିକ୍ଷକ ନେତା ଲୋକନାଥ ଦାସ ସ୍ମୃତି ସମ୍ମାନରେ ଅତିଥିମାନେ ସମ୍ବର୍ଦ୍ଧିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।

# ଡିଏଭି ପବ୍ଲିକ ସ୍କୁଲରେ ସାଧାରଣତନ୍ତ୍ର ଦିବସ

ଯାଜପୁର ଟାଉନ,୨୮।୧(ସମିସ): ଯାଜପୁର ବ୍ଲକ ନିକଟସ୍ଥ ଡିଏଭି ପବ୍ଲିକ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ପବିତ୍ର ଅବସରରେ ମୁଖ୍ୟଅତିଥି ଭାବରେ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଦର୍ପଦଳନ ଲେଙ୍କା ଓ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟା ଶୁଭ୍ରା ମଲ୍ଲିକା ମହାପାତ୍ର ଯୋଗଦେଇଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା । ପ୍ରଧାନଶିକ୍ଷକ ଦେବବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷାବିତ୍ ଧରଣୀଧର ନାୟକଙ୍କ ପରଲୋକ



ସିଂହପୁର,୨୮।୧(ସମିସ): ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମର ଆଦର୍ଶ ଶିକ୍ଷକ ଧରଣୀ ଧର ନାୟକ (୯୦)ଙ୍କ ଆଜି ପରଲୋକ ହୋଇଯାଇଛି । ସେ ଜଣେ ଆଦର୍ଶ ଶିକ୍ଷକ ଭାବରେ ବରୀ ବ୍ଲକର ବିଭିନ୍ନ ସ୍କୁଲରେ କାର୍ଯ୍ୟ କରିଥିଲେ । ନିଜ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସେ ନିଜ ଗ୍ରାମ ସୁନ୍ଦରପୁର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ୩୫ ବର୍ଷ ଶିକ୍ଷକତା କରିଥିଲେ । ସେ ମଧୁସୂଦନପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ । ସେ ଅନୁକୂଳଚନ୍ଦ୍ରଙ୍କୁ ଆଦର୍ଶରେ ଜୀବନଯାପନ କରୁଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ସୁଚିତ୍ରା ମଲ୍ଲିକ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଆଡଭୋକେଟ ଅଜାମ୍ବର ମଲ୍ଲିକ, ଶିକ୍ଷାବିତ୍ ସମିତିସଭ୍ୟ ନଗେନ୍ଦ୍ର ଧଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ବିଦ୍ୟାଳୟ ପରିସରରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯାଇଥିଲା । ନିଜ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା । ଜ୍ୟେଷ୍ଠପୁତ୍ର ଶ୍ରୀକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ

# ବିଭିନ୍ନ ସ୍ଥାନରେ ଓଡ଼ିଶା ବନ୍ଦର ପ୍ରଭାବ






ଯାଜପୁର,୨୮।୧(ସମିସ):

ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ସାରାରାଜ୍ୟରେ ରାଜରାସ୍ତାକୁ ଓହ୍ଲାଇଛି ନବ ନିର୍ମାଣ କୃଷକ ସଙ୍ଗଠନ । କଂଗ୍ରେସ ମଧ୍ୟ ଏହି ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ କରିଛି । ସେହି କ୍ରମରେ ଯାଜପୁର ଜିଲ୍ଲାରେ ନବ ନିର୍ମାଣ ସଙ୍ଗଠନ ସମେତ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନାଙ୍କ ନେତୃତ୍ୱରେ ଆଜି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବନ୍ଦ କରାଯାଇଛି । ଚାଷୀ ସମସ୍ୟା, ଧାନ ମଣ୍ଡିରେ କଟଣୀ ଛଟଣୀ ସମସ୍ୟାକୁ ନେଇ ଆନ୍ଦୋଳନ ତେଜିବାରେ ଲାଗିଛି । ଏଥି ସହ ରାଜ୍ୟ ସରକାର ପ୍ରଦୂଷଣ ନାଁରେ ଫାଇନ ଆଦାୟ କରିବା ଓ ଟାଟା ପାୱାରର ମନ ମୁଖି କାର୍ଯ୍ୟ ବିରୋଧରେ ମଧ୍ୟ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଇଛି । ଏହି ପ୍ରତିବାଦରେ ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ସଭାପତି ସଂଗ୍ରାମ ସାହାଣୀ, ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ର, ନାରୀନେତ୍ରୀ କନକ ରାଉତ,ସାଧାରଣ ସମ୍ପାଦକ ଅର୍ଜିତ ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଓ ନେତା ମାନେ ଉପସ୍ଥିତ ରହି ଏହି ବନ୍ଦ ଡାକରାକୁ ସଫଳ କରିଥିଲେ ।

**ପାଣିକୋଇଲି:** ନବନିର୍ମାଣ କୃଷକ ସଂଗଠନ ପ୍ରତିବାଦ କରି ଆଜି ଓଡ଼ିଶା ବନ୍ଦର ଡାକରା ଦେଇଥିଲା । ଏହି ବନ୍ଦକୁ କଂଗ୍ରେସ, ସିପିଆଇ, ସିପିଏମ ସମର୍ଥନ କରିଥିଲା । ଆଜି ପାଣିକୋଇଲି ଠାରେ କୋରେଇ ବ୍ଲକ କଂଗେସ ପକ୍ଷରୁ ସଭାପତି ହରେକୃଷ୍ଣ ସାହୁଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା । ସିପିଆଇ ନେତା ଆଲୋକ ମହାନ୍ତି, ସିପିଏମ୍ ଜିଲ୍ଲା ସମ୍ପାଦକ ଡା. ନିର୍ମଳ ରଥଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା । ପାଣିକୋଇଲି ଓଭରବ୍ରିଜ ତଳେ ସମସ୍ତ ଗାଡ଼ିକୁ ଅଟକାଯାଇଥିଲା । ଜାତୀୟ ରାଜପଥ ୧୬ରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ବେଳେ ୨୦ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁ ବନ୍ଦ କରାଯାଇଥିଲା । ତିନି ଦଳର ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପରେ ପାଣିକୋଇଲି ଥାନାଧିକାରୀ ସମେତ ପୁଲିସ ବାହିନୀ ପହଞ୍ଚି ଅନ୍ଦୋଳନକାରୀଙ୍କୁ ବୁଝାସୁଝା କରି ଉଠାଇଥିଲେ । ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା । ରାକେଶ କୁମାର ସାହୁ, ନିରଞ୍ଜନ ନାୟକ, ସୁରେଶ ସାହୁ, ପ୍ରଫୁଲ୍ଲ ପାଢ଼ୀ, ଉମାକାନ୍ତ ମଳିକଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**ବ୍ୟାସନଗର:** ନବ ନିର୍ମାଣ କୃଷକ ସଂଗଠନ ଡାକରାରେ ଓଡ଼ିଶା ବନ୍ଦକୁ ସମର୍ଥନ କରିଛି ସିଆଇଟିୟୁ ଓ ସିପିଆଇଏମ୍ ଜିଲ୍ଲା କମିଟି । ଫଳରେ ଆଜି ଯାଜପୁର ରୋଡ୍ ରେଳଷ୍ଟେସନ ନିକଟରୁ ଏକ ଶୋଭାଯାତ୍ରା ବାହାରି ଗୋପବନ୍ଧୁ ଛକ ଠାରେ ପହଞ୍ଚିବା ପରେ ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସିଆଇଟିୟୁ ଜିଲ୍ଲା କମିଟି ସଭ୍ୟ ସୁରେଶ ସାହୁ, ପନି କିସ୍କୁ, ମାଳତୀ ହାଁସଦା, ତ୍ରିଲୋଚନ ରାଉତ, ମନ୍ମଥ ରାୟ, ଜୟରାମ ମୁର୍ମୁ, ଜଗା ମୁଣ୍ଡା, ଗୋବିନ୍ଦ ନାୟକ ଗୁରୁବାରି ଲାଗୁରୀ, ଗୌରୀ ନାଏକ, କୁନି ପୂର୍ତ୍ତୀ, ସୁରିଆ ହେମ୍ବ୍ରମ, ରସାଇ ବାଦ୍ରା, ସନ୍ତୋଷ ବରାଳ,ରାଜୁ ମୁଣ୍ଡା, ଲିଟା ଲାଗୁରୀ ଓ ନନ୍ଦିନୀ ମୁଣ୍ଡା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# ଭାରତୀବିହାର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁକିନ୍ଦା,୨୮।୧(ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ସ୍ଥିତ ଭାରତୀବିହାର ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଯୁକ୍ତ ୨ବିଭାଗର ଅଧ୍ୟକ୍ଷ ନନ୍ଦକିଶୋର ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବାଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ନିର୍ଦ୍ଦେଶିକା ପ୍ରୀତିପ୍ରତିଭା ଭୋଳ ଓ ସ୍ୱତନ୍ତ୍ର ଅତିଥି ଭାବେ କୋରେଇ ବିଧାୟକ ଆକାଶଦାସ ନାୟକ ଓ ସମ୍ମାନିତ ଅତିଥି ଭାବେ ସୁକିନ୍ଦା ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଯୁକ୍ତ ୩ ବିଭାଗର ଅଧ୍ୟକ୍ଷ ତ୍ରିଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ରଞ୍ଜନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ । କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଏଲିନା ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ ।





# ଚାରି ପେଣ୍ଡାଲରେ ବହି ରିପିଟ୍



## ଆଜିଠୁ ଓହ୍ଲାଇବେ ଶ୍ରୀମନ୍ଦିର ଓ ସ୍ୱର୍ଣ୍ଣମହଲ

ଭୁବନେଶ୍ୱର, ୨୮।୧ (ସମିସ): ଧୀରେ ଧୀରେ ଜମୁଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ। ପ୍ରସିଦ୍ଧ କୁମ୍ଭମେଳାକୁ ୪ ଦିନ ପୂରି ଯାଇଥିବାବେଳେ ଦ୍ୱିତୀୟ ଦିନରେ ପହଞ୍ଚିଛି ଯାତ୍ରା ମହାକୁମ୍ଭ। ପ୍ରଥମ ରାତିର ସଫଳତା ପରେ ୪ଟି ଯାକ ଅପେରା ପାର୍ଟି ଦ୍ୱିତୀୟ ଦିନରେ ମଧ୍ୟ ସେଇ ନାଟକକୁ ନେଇ ମଞ୍ଚକୁ ଓହ୍ଲାଇଛନ୍ତି। କାହାଣୀ ମନ ଛୁଉଁଥିବା ବେଳେ ଯଲିଉଡ ତାରକାଙ୍କ ଅଭିନୟ ଦର୍ଶକଙ୍କ ମନ ମୋହୁଛି। କଣ୍ଠଶିଳ୍ପୀଙ୍କ ସଙ୍ଗୀତ ସାଙ୍ଗକୁ ଷ୍ଟେଜ ବ୍ଲାଷ୍ଟିଂ ରେକର୍ଡ଼ ଡ୍ୟାନ୍ସ ଦର୍ଶକଙ୍କୁ ରାତି ଅଧରେ ମତୁଆଲା କରୁଛି। ୪ଟି ପାର୍ଟି ବହି ରିପିଟ୍ କରିଥିବା ବେଳେ ଆସନ୍ତାକାଲି ଠାରୁ ଅପେରା ଶ୍ରୀମନ୍ଦିର ଓ ସ୍ୱର୍ଣ୍ଣମହଲ ଯାତ୍ରା ମହାସମରରେ ସାମିଲ୍ ହେବେ। ଅପେରା ଶ୍ରୀମନ୍ଦିରରେ ଖଳନାୟକ କାହ୍ନା ନଜର ଆସିବେ। ୩ ରାତି ଧରି ଦୈତାରୀ ଓ ପୀୟୁଷ ଫାଇଟ୍ ଚାଲିଥିବା ବେଳେ ଗୁରୁବାର ଠାରୁ ତ୍ରିମୁଖୀ ଲଢେଇ ଦେଖିବାକୁ ପାଇବେ ଦର୍ଶକ।



ଅନନ୍ତ କେଶରୀ ଦେବ ସାଂସ୍କୃତିକ ପରିଷଦ ମଞ୍ଚରେ ଧଉଳି ଗଣନାଟ୍ୟ ଦ୍ୱିତୀୟ ଦିନରେ ମଧ୍ୟ ଦୁନିଆର ବାସ୍ତବତାକୁ ନେଇ ନେଇ ପ୍ରସ୍ତୁତ 'ସବୁ ଅଙ୍କ ଭୁଲ୍ ହେଇଗଲା' ନାଟକ ପରିବେଷଣ କରିଛି। ଗୁଣିଗାରେଡ଼ି ବା ଡାହାଣୀ ପ୍ରଥା ଆମ ସମାଜକୁ କିପରି ପ୍ରଭାବିତ କରିଛି, ତାକୁ ଦେଖିବା ଲାଗି ଦର୍ଶକଙ୍କ ଭିଡ଼ ଲାଗିଛି। ବେବି, ଲକ୍ଷ୍ମୀଧର, ମନ୍ଦାକିନୀ ଓ ଆକାଶଙ୍କ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି।

ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଅପେରା ଅଶୋକ ସମ୍ରାଟର ସମାନ ନାଟକ ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ରାତିରେ 'ଅଧା ରହିଗଲା ଆମ କାହାଣୀ' ନାଟକ ପରିବେଷଣ ହୋଇଛି। ନାୟକ-ନାୟିକା ଯୋଡ଼ି ମିଲନ ଓ ସାରାଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ମନୋଜ ଏବଂ ଗଣେଶ ଓ ନୃସିଂହଙ୍କ କମେଡି ଦେଖିବାକୁ ପାଇଛନ୍ତି ଦର୍ଶକ।

ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଯାତ୍ରା ରାଣୀ ସିଂହବାହିନୀ ମଧ୍ୟ 'ତୁ ମୋ ବଜରଙ୍ଗୀ' ନାଟକକୁ ରିପିଟ୍ କରିଛି। ପୀୟୁଷ ଓ କ୍ଷୀତିଶଙ୍କ ଅଭିନୟ ସାଙ୍ଗକୁ ବବୁଲ-ପିଙ୍କିଙ୍କ ଦମଦାର ଯୋଡ଼ି ଦର୍ଶକଙ୍କୁ ସାରା ରାତି ମଞ୍ଚ ନିକଟରେ ବାନ୍ଧି ରଖିଥିଲା। ଚଗନ, ଶଶି ଓ ଧଡ଼ିଆଙ୍କ କମେଡି ହାସ୍ୟ ରୋଳ ସୃଷ୍ଟି କରିଥିଲା।

ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲରେ କୋଣାର୍କ ଗଣନାଟ୍ୟ 'ତୁ ବୋଧେ ମୋ ଭାଗ୍ୟରେ ନାହୁଁ' ନାଟକକୁ ପୁଣି ରିପିଟ କରିଛି। ଚର୍ଚ୍ଚିତ ଖଳନାୟକ ଦୈତାରୀ ପଣ୍ଡା ଓ ଜିତୁ-ପୂଜା ଯୋଡ଼ିଙ୍କ ନିଖୁଣ ଅଭିନୟ ଦର୍ଶକୀୟ ଆଦୃତି ଲାଭ କରିଛି।

ସେପଟେ ଗୁରୁବାର ଠାରୁ ଆଉ ଦୁଇଟି ପାର୍ଟି ଖଣ୍ଡିଗିରି ମହାସମରରେ ପାଦ ଥାପିବେ। ମା' ମଙ୍ଗଳା ସାଂସ୍କୃତିକ ପରିଷଦ ମଞ୍ଚରେ ସ୍ୱର୍ଣ୍ଣମହଲ ଓ ଜୟଦୁର୍ଗା ସାଂସ୍କୃତିକ ପରିଷଦ ପେଣ୍ଡାଲରେ ଅପେରା ଶ୍ରୀମନ୍ଦିର ନାଟକ ପରିବେଷଣ ଆରମ୍ଭ କରିବେ। ସ୍ୱର୍ଣ୍ଣମହଲ ତା'ର ପ୍ରଥମ ରଜନୀରେ 'ଗୁହାରି ଶୁଣ ଦୀନବନ୍ଧୁ' ନାଟକ ପରିବେଷଣ କରିବ। ସୁବାସ ବେହେରା, ଭାବନା ଯୋଡ଼ି



ସାଙ୍ଗକୁ ଖଳନାୟକ ଭୂମିକାରେ ନବ ଘୋଷଙ୍କୁ ଦେଖିବାକୁ ମିଳିବ। ସେହିପରି ଶ୍ରୀମନ୍ଦିର 'ଜାନୁଆର୍' ନାଟକ ସହିତ ଖଣ୍ଡଗିରିରେ ପାଦ ରଖିବ। ଏଥିରେ ଅଜୁ-ଆପୁ, ଜିନୁ-ଟିକିଙ୍କ ଅଭିନୟ ସହିତ ଭେଟେରାନ ଖଳନାୟକ କାହ୍ନାଙ୍କ ଦମଦାର ଡାଇଲଗ୍ ଶୁଣିବାକୁ ପାଇବେ ଦର୍ଶକ।

# 'ସବୁଠି ଯାତ୍ରା କରୁ; ଖଣ୍ଡଗିରିରେ ପରୀକ୍ଷା ଦେଉ'



ଖଣ୍ଡଗିରି ଯାତ୍ରା ମହାକୁମ୍ଭ ପରିପ୍ରେକ୍ଷୀରେ ଖଳନାୟିକା ବେବି ମଣ୍ଡଳଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସାକ୍ଷାତକାର

**- ଯାତ୍ରାକୁ କିପରି ଓ କାହିଁକି ଆସିଲେ?**

ଉ - ଛୋଟବେଳେ ଯାତ୍ରା ଦେଖିବାକୁ ଯିବାବେଳେ ସେଥିରେ ଅଭିନୟ କରିବାକୁ ଇଚ୍ଛା ଥିଲା। ହେଲେ ସୁଯୋଗ ମିଳିନଥିଲା। ସିରିଏଲରେ କାମ କରିବା ଭିତରେ ଯାତ୍ରା ପାଇଁ ଅଫର୍ ଆସିଥିଲା। ନୂଆ ପ୍ଲାଟଫର୍ମରେ କାମ କରିବାର ଇଚ୍ଛା ଯୋଗୁଁ ଯାତ୍ରା ଜଗତରେ ଅଭିନୟ କରିଲି।

**- ଖଣ୍ଡଗିରିକୁ ନେଇ କ'ଣ କହିବେ?**

ଯେମିତି ଆମେ ବର୍ଷ ଶେଷରେ ପରୀକ୍ଷା ଦେଉ, ଆଉ ସେହି ପରୀକ୍ଷା ଫଳ ଆମକୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଏ। ଅନ୍ୟ ସ୍ଥାନରେ ଓ ଖଣ୍ଡଗିରିରେ ନାଟକ କରିବା ଠିକ୍ ସେହିପରି। ଖଣ୍ଡଗିରି ଯାତ୍ରା ହେଉଛି ଯାତ୍ରା ଜଗତ ପାଇଁ ପରୀକ୍ଷାର ସମୟ।

**- ଯାତ୍ରାରେ ଅଶ୍ଳୀଳତାକୁ ନେଇ ଆପଣଙ୍କ ମତାମତ କଣ?**

ଉ - ଯାତ୍ରା ହେଉଛି କଳାର ମଞ୍ଚ। ରେକର୍ଡ ଡ୍ୟାନ୍ସ ହେଉଥିଲେ ମଧ୍ୟ ଅଧିକାଂଶ ଦର୍ଶକ ନାଟକ, ଅଭିନୟ ଦେଖିବାକୁ ଆସୁଛନ୍ତି। ତେଣୁ ଅଶ୍ଳୀଳ ପୋଷାକ ପିନ୍ଧିବା କି ଅଶ୍ଳୀଳ ନୃତ୍ୟ କରିବାର ଆବଶ୍ୟକତା ନାହିଁ। ଅଶ୍ଳୀଳତା ଦ୍ୱାରା ପରିବାର ନେଇ ଆସୁଥିବା ଲୋକ ଦେଖିପାରୁ ନାହାନ୍ତି ଓ ଦ୍ୱିତୀୟଥର ଆସିବାକୁ ବହୁବାର ଚିନ୍ତା କରୁଛନ୍ତି।

**- ନବାଗତାମାନେ ଆଗକୁ ଯିବାରେ ବରିଷ୍ଠ ଅଧିକାରୀମାନେ ବାଧକ ସାଜନ୍ତି କି?**

- ଯାତ୍ରାକୁ ଆସିବା ପୂର୍ବରୁ ବରିଷ୍ଠମାନେ ନବାଗତାଙ୍କ ବାଟରେ ବାଧା ଦେଉଥିବା କଥା ଶୁଣିଥିଲି। କିନ୍ତୁ ଏପର୍ଯ୍ୟନ୍ତ କେବେ ଅନୁଭବ କରିନାହିଁ। ମୁଁ ଯେଉଁ ପାର୍ଟିରେ କାମ କରି ଆସିଛି, ସେପରି କୌଣସି ଅସୁବିଧାର ସମ୍ମୁଖୀନ କରିନାହିଁ।

**- ପାରିବାରିକ ଜୀବନରେ ଯାତ୍ରାର କ'ଣ ପ୍ରଭାବ?**

ଉ - ଧାରାବାହିକ କରିବା ସମୟରେ ପରିବାରକୁ ଅଧିକ ସମୟ ଦେଇ ହେଉଥିଲା ଓ ଜୀବନଶୈଳୀ ଅନ୍ୟମାନଙ୍କ ପରି ଥିଲା। କିନ୍ତୁ ଏବେ ତାହା ସମ୍ପୂର୍ଣ୍ଣ ଭିନ୍ନ। ପରିବାରର ସମର୍ଥନରେ ମୁଁ ଏହି ପେଶାକୁ ଆସିଥିବାରୁ କୌଣସି ପ୍ରଭାବ ପଡ଼ିନାହିଁ।

**- ଯାତ୍ରାରେ କଣ ପରିବର୍ତ୍ତନ ଆବଶ୍ୟକ?**

ଉ-ପ୍ରଥମେ ଅଶ୍ଳୀଳତାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦରକାର। ଅନ୍ୟ ଆର୍ଟିଷ୍ଟଙ୍କ ଭଳି ଯାତ୍ରା କଳାକାରଙ୍କୁ ଉଚିତ୍ ସମ୍ମାନ ମିଳୁନଥିଲା। କିନ୍ତୁ ଏହି ଧାରାରେ ଏବେ ପରିବର୍ତ୍ତନ ହୋଇଛି।

**- ଜଣେ କଳାକାର କିଭଳି ପ୍ରସିଦ୍ଧି ଲାଭ କରନ୍ତି?**

ଉ-ଭଲ କଳାକାରକୁ ଭଲ ବହି ମିଳିବା ଦରକାର, ଅନୁରୂପ ଭାବେ ଭଲ ବହି ପାଇଁ ଭଲ କଳାକାରଟିଏ ଆବଶ୍ୟକ। ମୋଟାମୋଟି କହିବାକୁ ଗଲେ, ଯାତ୍ରା କି କଳାକାର ପ୍ରସିଦ୍ଧି ପାଇବାକୁ ହେଲେ ଟିମ୍ ୱାର୍କ ଦରକାର। ସମସ୍ତେ ନିଜ ନିଜର ବେଷ୍ଟ ଦେଲେ ନାଟକ ଦର୍ଶକଙ୍କ ମନକୁ ଛୁଇଁବ।

**- ଯାତ୍ରାକୁ ବଞ୍ଚାଇ ରଖିବାକୁ ହେଲେ କ'ଣ କରିବା ଆବଶ୍ୟକ?**

ଉ-ଏଥିଲାଗି କମିଟି, ଯାତ୍ରା ପାର୍ଟି ମାଲିକମାନେ ମିଶି ଟିକଟର ଦର ନିର୍ଦ୍ଧାରଣ କରିବାକୁ ହେବ। ଯାହା ଦ୍ୱାରା ମୂଳ ଲାଗୁଥିବା ଲୋକ ଠାରୁ ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ, ସମସ୍ତେ ଯାତ୍ରା ଦେଖିବାକୁ ଆସିପାରିବେ।

# ଉପରେ ମେଳା, ତଳେ ମେଳଣ




ଭୁବନେଶ୍ୱର, ୨୮।୧(ସମିସ): ଚତୁର୍ଥ ଦିନରେ ପହଞ୍ଚିଛି ଖଣ୍ଡଗିରି ମେଳା। ଧୀରେ ଧୀରେ ପାହାଡ ଉପରେ ଶ୍ରଦ୍ଧାଳୁଙ୍କ ଭିଡ ମଧ୍ୟ ବଢ଼ିବଢ଼ି ଯାଉଛି। ଦିନ ବେଳା ହୋମ ଯଜ୍ଞ ହେଉଥିବାବେଳେ ସନ୍ଧ୍ୟାରେ ଭଜନ କୀର୍ତ୍ତନ ଆହୁରି ଆଧ୍ୟାମିଠକ ପରିବେଶ ସୃଷ୍ଟି କରୁଛି। ଏହା ସାଙ୍ଗକୁ ଲୋକ ଖାଇବାଠୁ ଆରମ୍ଭ କରି କିଣାକିଣି ପାଇଁ ବେଶ୍ ଗହଳି କରୁଛନ୍ତି।

### ଖୋଜା ପଡୁଛି ବାଉଁଶ ତିଆରି ସାମଗ୍ରୀ

ଏହି ମେଳାରେ ବିଭିନ୍ନ ପଥର ଏବଂ ବାଉଁଶରେ ତିଆରି ସାମଗ୍ରୀର ଆସର ମେଲାଇଥିବା ଦେଖିବାକୁ ମିଳୁଛି। ଯେଉଁଠି ରହିଛି ବିଭିନ୍ନ ଘରକରଣା ସାମଗ୍ରୀ ଯଥା - କୁଲା, ପାଛିଆ, ଚାଙ୍ଗୁଡି, ବିଞ୍ଚଣା, ଆସନ, ଛାଞ୍ଚୁଣି ଆଦି ଜିନିଷ। ଯାହାର ମୂଲ୍ୟ ୫୦ଟଙ୍କାରୁ ଆରମ୍ଭ ହୋଇ ୩ ଶହ ପର୍ଯ୍ୟନ୍ତ ରହିଛି। ବର୍ଷକରେ ଏଠାରୁ ଥରେ ଏସବୁ ଘରକରଣା ସାମଗ୍ରୀ ସଂଗ୍ରହ କରିଥାନ୍ତି ବୋଲି ଉପକଣ୍ଠବର୍ତ୍ତୀ ଅଞ୍ଚଳର ଗ୍ରାମରୁ ଆସିଥିବା ମହିଳାମାନେ କହିଛନ୍ତି।

### ଫେରିଛି ଛପା ମେହେନ୍ଦୀ

ପୂର୍ବରୁ ବିଭିନ୍ନ ମେଳା ମହୋତ୍ସବରେ ମହିଳାଙ୍କ ଚାହିଦା ସାଉଁଟୁଥିଲା ଛାପା ମେହେନ୍ଦି। ନାଲି ରଙ୍ଗର ସେହି ଛାପା ମେହେନ୍ଦୀ ପାଖରେ ଝିଅମାନେ ବେଶୀ ଗହଳି କରିଥାନ୍ତି। କାଠରେ ହୋଇଥିବା ବିଭିନ୍ନ ଡିଜାଇନକୁ ନାଲି ରଙ୍ଗରେ ମେହେନ୍ଦୀ ଭଳି ହାତରେ ଛପା ଯାଏ। ଯାହା ଆଗରୁ ୫ରୁ ୧୦ ଟଙ୍କା ଭିତରେ ହୋଇଯାଏ। ହେଲେ ଧୀରେ ଧୀରେ ସେସବୁ ମେଳା ମହୋତ୍ସବରେ ଆଉ ଦେଖିବାକୁ ମିଳୁ ନ ଥିଲା। ବର୍ତ୍ତମାନର ଯୁବପିଢ଼ି ଟାଟୁ କରିବାକୁ ପସନ୍ଦ କରୁଥିବା ବେଳେ ସେହି ପୁରୁଣା ଛାପା ମେହେନ୍ଦୀକୁ କେହି ଖୋଜୁ ନ ଥିଲେ। ହେଲେ ବର୍ତ୍ତମାନ ତାକୁ ପୁଣି ଖଣ୍ଡିଗିରି ମେଳାରେ ଦେଖିବାକୁ ମିଳିଛି। ବର୍ତ୍ତମାନ ତାର ଦାମ ଡିଜାଇନ ମୁତାବକ ୩୦ରୁ ୪୦ ଟଙ୍କା ରହୁଛି।

### ଆକର୍ଷଣ ସାଜିଛି କାଠର ଉପକରଣ

ମେଳାର ଅନ୍ୟତମ ଆକର୍ଷଣ ସାଜିଛି କାଠର ଉପକରଣ ପାଇଁ ଥିବା ଏକ ଷ୍ଟଲ। ଯେଉଁଠି ଦେଖିବାକୁ ମିଳେ



କାଠର ବିଭିନ୍ନ ଉପକରଣ। ଏଠାରେ କାଠର ଛୋଟ ଚାମଚ, ପାନିଆ, ବେଲଣା ପେଡ଼ି ଠାରୁ କାଠର ପେନ, ପେନ ଷ୍ଟାଣ୍ଡ, କାଠର ଡିଜାଇନ କୁମ୍ଭି ଯେପରି ଲେଟର ବକ୍ସ, ଟ୍ରେନ୍, ଲ୍ୟାମ୍ପ୍, ଗିନା, ଥାଳି, ଘଣ୍ଟା, ଆଇନା, ସିନ୍ଦୁର ଫରୁଆ, ବହି ଷ୍ଟାଣ୍ଡ, ବାକ୍ସ ଆଦି ସମସ୍ତ ଘରୋଇ ଉପକରଣ କାଠରେ ନିର୍ମିତ ହୋଇଥିଲା। ଏହି ସବୁ ଜିନିଷ ନିମ୍ବ ଏବଂ ଆକାଶିଆ କାଠରେ ନିର୍ମିତ ଦୋକାନୀ ରାକେଶ କୁହନ୍ତି। ଯାହାର ମୂଲ୍ୟ ୨୦ ଟଙ୍କାରୁ ଆରମ୍ଭ ହୋଇ ୫ ଶହରୁ ଅଧିକ ଯାଏଁ ରହିଛି। ଘରକୁ ସଜେଇବା ପାଇଁ ଲୋକ ଏହାକୁ ଅଧିକ କିଣୁଥିବା ସେ କହିଛିନ୍ତି।

# ମାଟି ଚୁଲି ଭାଙ୍ଗିବାରୁ ଯୁବକଙ୍କୁ ହତ୍ୟା

## ହରିଣପାର୍କ ବସ୍ତିରୁ ଅଭିଯୁକ୍ତ ଦାଦା-ପୁତୁରା ଗିରଫ

କଟକ,୨୮।୧(ସମିସ):

ସାମାନ୍ୟ ମାଟି ଚୁଲା ଭାଙ୍ଗିବା ଘଟଣାକୁ ନେଇ ତୁଳସୀପୁର ହରିଣପାର୍କ ବସ୍ତିରେ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ବସ୍ତିର ୩୨ ବର୍ଷୀୟ ଯୁବକ ସେଖ୍ ରାଜୁଙ୍କୁ ସେହି ବସ୍ତିର କୁନିଆ ଓରଫ ରମେଶ ଚନ୍ଦ୍ର ସାହୁ(୬୧) ଏବଂ ବାପି ଓରଫ ତପନ କୁମାର ସାହୁ(୪୨) ପିଟିପିଟି ହତ୍ୟା କରିଛନ୍ତି। ଏହି ଘଟଣାରେ ବିଡାନାସୀ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ସମ୍ପର୍କରେ ଦାଦା ଏବଂ ପୁତୁରା ଅଟନ୍ତି। ଏମାନଙ୍କ ପାଖରୁ ହତ୍ୟାକାଣ୍ଡରେ ବ୍ୟବହୃତ ଗୋଟିଏ କାଠ ଖଣ୍ଡ, ଗୋଟିଏ ଅଟୋ (ଓଡି-୦୫-ଏନ-୬୭୧୮) ଜବତ ହୋଇଛି ବୋଲି ଡିସିପି ଖିଲାରୀ ରିଶିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ମହାନଦୀ ଗିଂବନ୍ଧର ପୂର୍ଣ୍ଣେଶ୍ୱର ମନ୍ଦିର ପାଖ ହରିଣପାର୍କ ବସ୍ତିରେ ରାଜୁ ଏକୁଟିଆ ରହୁଥିଲେ। କିଛି ଦିନ ହେବ ତାଙ୍କ ମାଆ ରିହାନା ବେଗମ ପଦ୍ମପୁରସ୍ଥିତ ଝିଅ ଘରେ ଯାଇ ରହୁଛନ୍ତି। ମଙ୍ଗଳବାର ରିହାନା ଖବର ପାଇଥିଲେ କି, ପୁଅ ରାଜୁ ବସ୍ତିରେ କଳିଝଗଡା କରୁଛି। ଏମିତିକି ରାଜୁକୁ ମାରପିଟ କରାଯାଇଥିବା ସେଠାକାର ଲୋକ ଜଣାଇଥିଲେ। ପୂର୍ବରୁ ୨୫ ତାରିଖ ତଥା ରବିବାର ମଧ୍ୟ ରାଜୁ ଝଗଡା କରିଥିବା ସମ୍ପର୍କରେ ଜାଣିଥିବାରୁ ରିହାନା ଭୟଭୀତ ହୋଇପଡିଲେ। ପୁଅର ଭଲମନ୍ଦ ବୁଝିବା ପାଇଁ ରିହାନା ବସ୍ତିକୁ ଆସିଥିଲେ ମଧ୍ୟ ରାଜୁକୁ ପାଇନଥିଲେ। ଖୋଜାଖୋଜି କରି ପୁଅକୁ ନପାଇବାରୁ ସନ୍ଧ୍ୟାରେ ସେ ବିଡାନାସୀ ଥାନାର

### ମୃତଦେହ ନଦୀକୁ ଫିଙ୍ଗିଥିଲେ

ଦ୍ୱାରସ୍ଥ ହୋଇଥିଲେ। ଏହା ଭିତରେ ରାତି ପ୍ରାୟ ସାଢେ ୮ଟା ସମୟରେ ନରାଜ ନିକଟ କାଠଯୋଡି ନଦୀରୁ ଏକ ମୃତଦେହକୁ ଫେଜ-୨ ଥାନା ପୁଲିସ ଜବତ କରିଥିଲା। ପ୍ରାଥମିକ ଯାଞ୍ଚରୁ ମୃତଦେହକୁ କିଛି ସମୟ ପୂର୍ବରୁ ନଦୀରେ ଫିଙ୍ଗାଯାଇଥିବା ଜଣାପଡିଲା। ପୁଲିସ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଥ୍ୟ ପ୍ରମାଣ ଯୋଗାଡ କରିବା ସହ ଏକ ସ୍ୱତନ୍ତ୍ର ଟିମ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନରାଜ ଯିବା ରାସ୍ତାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଏକ ସନ୍ଦିଗ୍ଧ ଅଟୋ ଠାବ ହୋଇଥିଲା। ପରବର୍ତ୍ତୀ ସମୟରେ ମୃତକଙ୍କ ମାଆ ରିହାନା ଆସି ପୁଅର ଶବ ଚିହ୍ନଟ କରିଥିଲେ। ପୁଲିସ ଅଭିଯୁକ୍ତ ତପନ ଓ ରମେଶକୁ ଧରିଆଣି ଜେରା କରିବାରୁ ପୁରା ଘଟଣା ସାମ୍ନାକୁ ଆସିଥିଲା। ରାଜୁ ପ୍ରାୟ ସମୟ ନିଶାସକ୍ତ ଅବସ୍ଥାରେ ଆସି ବସ୍ତି ଓ ଆଖପାଖ ଅଞ୍ଚଳରେ ବିଶୃଙ୍ଖଳା କରୁଥିଲା। ପୂର୍ବଭଳି କୌଣସି କଥାକୁ ନେଇ ଗତ ରବିବାର ରାଜୁ ଓ ରମେଶ ଭିତରେ ପାଟିତୁଣ୍ଡ ହୋଇଥିଲା। ରାଜୁ ଉତକ୍ଷିପ୍ତ ହୋଇ ରମେଶଙ୍କ ଘରର ବାହାର ପଟକୁ ଲାଗିଥିବା ଏସି ଓ ଶୌଚାଳୟର ପାଇପ ଭାଙ୍ଗି ଦେଇଥିଲା। ପଡୋଶୀଙ୍କ ହସ୍ତକ୍ଷେପ ପରେ ଝଗଡା ଥମିଥିଲା। ଏହାର ଦୁଇ ଦିନ ପରେ ଅର୍ଥାତ ମଙ୍ଗଳବାର ରାଜୁ ପୁଣିଥରେ ରମେଶକୁ ଗାଳିଗୁଲଜ କରିଥିଲା। ଏମିତିକି ରମେଶଙ୍କ ଘର ଆଗରେ ଥିବା ଏକ ମାଟି ଚୁଲିକୁ ଭାଙ୍ଗିଦେଇଥିଲା। ଏହି ଘଟଣା ପରେ ରମେଶ ନିଜ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ଦୁଆର ମୁହଁରେ ପଡିଥିବା କାଠ ଫାଳିଆରେ ରାଜୁର ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ଏଥିଯୋଗୁଁ କ୍ଷଣିକରେ ରାଜୁର ମୃତ୍ୟୁ ଘଟିଥିଲା। ପରେ ରମେଶ ପୁତୁରା ତପନ ସହିତ ମିଶି ରାଜୁର ମୃତଦେହକୁ ପ୍ଲାଷ୍ଟିକ ଦଉଡିରେ ବାନ୍ଧି ଏକ ବଡ଼ ପଲିଥିନରେ ଗୁଡ଼ାଇ ଅଟୋରେ ଲଦିଥିଲେ। ଏହାପରେ ମୃତଦେହକୁ ନେଇ କାଠଯୋଡି ନଦୀର ନରାଜ ବ୍ରିଜ ନିକଟରେ ଫିଙ୍ଗି ଦେଇ ଚାଲିଆସିଥିଲେ ବୋଲି ଜେରା ବେଳେ ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଛନ୍ତି।

● ଜେଏମପି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

## ମନ ମୋହିଲା ଗଡ଼ଜାତ ଆନ୍ଦୋଳନ ନାଟକ



କାମାକ୍ଷାନଗର,୨୮ ।୧(ସମିସ): କାମାକ୍ଷାନଗର ସହରସ୍ଥିତ ଜେଏମପି ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଢେଙ୍କାନାଳ ଗଡ଼ଜାତ ଆନ୍ଦୋଳନକୁ ନେଇ କାମାକ୍ଷାନଗର ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗ ଅଧ୍ୟାପିକା ଲିପ୍ସା ପ୍ରଧାନଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଉଠକଙ୍କାଳ'କୁ ଛାତ୍ରଛାତ୍ରୀମାନେ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସମ୍ମାନିତ ଅତିଥି ଭାବେ କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲ୍ଲା ବିଜେପି ସଭାପତି ରାସବିହାରୀ ବେହେରା, କାମାକ୍ଷାନଗର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅରବିନ୍ଦ କାନ୍ତ ରାୟ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷ ଦୀନେଶ ସେନାପତି ସଭା ପରିଚାଳନା କରିଥିବା ବେଳେ ସମ୍ପାଦକ ଚିରଞ୍ଜୀବ ମଲ୍ଲିକ, କୋଷାଧ୍ୟକ୍ଷ ମଙ୍ଗତଲାଲ କଟରୁକା ସହଯୋଗ କରିଥିଲେ ।

## ରାମେଶ୍ୱର ମହାଦେବ ମନ୍ଦିରର ସ୍ୱନକ୍ଷତ୍ର ଉତ୍ସବ

ଢେଙ୍କାନାଳ,୨୮ ।୧(ସମିସ): ସ୍ଥାନୀୟ ରାମକୃଷ୍ଣ ବିହାର ସାନ ଷାଠିଏବାଟିଆ ହାଉସିଂବୋର୍ଡ କଲୋନୀରେ ଶ୍ରୀଶ୍ରୀ ରାମେଶ୍ୱର ମହାଦେବଙ୍କ ଜନ୍ମବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଛି । ସକାଳେ ଗୁରୁପୂଜା, ସୂର୍ଯ୍ୟପୂଜା, ଶାଳା ପ୍ରବେଶ, ଅଗ୍ନିସ୍ଥାପନ, ମହାରୁଦ୍ରାଭିଷେକ, ମହାଆଳତି, ବାଳଭୋଗ ଅର୍ପଣ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଭକ୍ତମାନେ ପ୍ରସାଦସେବନ କରିଥିଲେ । ମୁଖ୍ୟ ପୂଜକ ଜଗନ୍ନାଥ ତ୍ରିପାଠୀ, କର୍ତ୍ତା ଦେବପ୍ରସାଦ ମିଶ୍ର, ଗୀତାଞ୍ଜଳି ମିଶ୍ର ଓ ମନ୍ଦିର ପୂଜକ ଭୁବନେଶ୍ୱର କବି ଶତପଥୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ରାମକୃଷ୍ଣ ବିହାର ପରିଷଦ ସଭାପତି ହରେକୃଷ୍ଣ କର, ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ, ରାମେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ସଭାପତି ଦେବପ୍ରସାଦ ମହାରଣା, କୋଷାଧ୍ୟକ୍ଷ ପଞ୍ଚାନନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଅଫିସରେ ଲୋକଙ୍କୁ ତାଲାପକାଇ ପଳାଇଲେ କର୍ମଚାରୀ

ହିନ୍ଦୋଳ,୨୮ ।୧(ସମିସ): ହିନ୍ଦୋଳ ବ୍ଲକ ନବକିଶୋର ପଞ୍ଚାୟତ ଖଇରାବାହାଲି ଅଞ୍ଚଳର ବଟକୃଷ୍ଣ ସାହୁ, ଜଗନ୍ନାଥ ବାରିକ ଓ ଅନ୍ୟଜଣେ ବ୍ୟକ୍ତି କୌଣସି କାର୍ଯ୍ୟରେ ହିନ୍ଦୋଳ ସବରେଜିଷ୍ଟ୍ରାର ଅଫିସ ଆସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ କାହାକୁ କିଛି ନ ଜଣାଇ ସମସ୍ତ କର୍ମଚାରୀ ଓ ଅଧିକାରୀ ଅଫିସ ତାଲାପକାଇ ୧୨ଟାରୁ କୁଆଡ଼େ ଚାଲିଯାଇଥିଲେ । ଅପରାହ୍ନ ପ୍ରାୟ ୩ଟା ଯାଏଁ ସେମାନେ ଜେଲରେ ବନ୍ଦୀ ଥିବାଭଳି ଅଫିସରେ ରହିଥିଲେ । କର୍ମଚାରୀମାନେ କୁଆଡ଼େ ନରସିଂହପୁର ଅଞ୍ଚଳକୁ ଭୋଜି କରିବାକୁ ଯାଇଥିବା କୁହାଯାଇଛି । ବୁଧବାର ସରକାରୀ ଛୁଟି ନ ଥିବାବେଳେ କିପରି ଏହି ଦାୟିତ୍ୱସମ୍ପନ୍ନ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତିନିଜଣଙ୍କୁ ଅଫିସରେ ତାଲା ପକାଇ ଚାଲିଯାଇଥିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ଅତ୍ୟନ୍ତ ଦାୟିତ୍ୱହୀନତାର ପରିଚୟ ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।



## ୭୦ ଭରି ସୁନା, ୫୦ ଭରି ରୁପା ଓ ଦେଢ଼ ଲକ୍ଷ ଟଙ୍କା ଲୁଟ୍

କାମାକ୍ଷାନଗର,୨୮ ।୧(ସମିସ): ମଙ୍ଗଳବାର ରାତିରେ ଅନନ୍ତପୁର ରାମ ମନ୍ଦିର ନିକଟରେ ଥିବା ଗୋପାଳ ଚନ୍ଦ୍ର ମଲଙ୍କ ଘରେ କଳାକନା ବୁଲାଇଛନ୍ତି ଚୋର । ଗୋପାଳଙ୍କ ପରିବାର ଲୋକେ ମେଡିକାଲ କାମରେ ଭୁବନେଶ୍ୱର ଯାଇଥିବା ବେଳେ ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରକୁ ଟାର୍ଗେଟ କରିଥିଲେ । ଘରେ ଲାଗିଥିବା ସିସିଟିଭି କ୍ୟାମେରା ଭାଙ୍ଗିବା ସହ ଠାକୁରଘର ଝରକା ଗ୍ରୀଲ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ । ଆଲମିରା ଭାଙ୍ଗି ପ୍ରାୟ ୭୦ ଭରି ସୁନା, ୫୦ ଭରି ରୁପା ସହ ଦେଢ଼ ଲକ୍ଷ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି । ଗୋପାଳଙ୍କ ପରିବାର ଲୋକେ ବୁଧବାର ଘରେ ପହଞ୍ଚିବା ପରେ ଚୋରି ସମ୍ପର୍କରେ ଜାଣି କାମାକ୍ଷାନଗର ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି ।



# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବନ୍ଦ ପାଳନ

ଢେଙ୍କାନାଳ,୨୮ ।୧(ସମିସ):

ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ ଜଣାଇ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ଏଥିରେ ସାମିଲ ହୋଇଥିଲା । ମଣ୍ଡି ଖୋଲିବାରେ ଅବ୍ୟବସ୍ଥା, ଟୋକନ ସମସ୍ୟା, କଟନୀ ଛଟନୀ ପ୍ରତିବାଦରେ ଏହି ବନ୍ଦ ଡାକରା ଦିଆଯାଇଥିଲା । ସେହିପରି ରାଜ୍ୟ ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କଠାରୁ ହଜାର ହଜାର ଟଙ୍କା ଜରିମାନା ନେଉଥିବା ବେଳେ ବଡ଼ କମ୍ପାନୀମାନଙ୍କ ଦ୍ୱାରା ହେଉଥିବା ଭୟଙ୍କର ପ୍ରଦୂଷଣକୁ ରୋକିବାରେ ବିଫଳ ହୋଇଛନ୍ତି । ଖଣି କମ୍ପାନୀମାନଙ୍କ ଉପରେ ୩,୯୬୬ କୋଟି ଟଙ୍କା ବାକି ପଡ଼ିଥିବା ବେଳେ ୪୨ଟି ଶିଳ୍ପ କରିଥିବା କମ୍ପାନୀମାନ ଉପରେ ୩,୭୯୭ କୋଟି ଟଙ୍କା ଜଳକର ବାକି ପଡ଼ିଛି । ଅନ୍ୟପଟେ ସାଧାରଣ ଲୋକଙ୍କଠାରୁ ଗାଡ଼ି ପ୍ରଦୂଷଣ ନାମରେ କୋଟି ଟଙ୍କା ଆଦାୟ କରିବା କେତେଦୂର ଯଥାର୍ଥ ବୋଲି ପ୍ରଶ୍ନ ଉଠିଛି । ଓଡ଼ିଶାରେ ବିଦ୍ୟୁତ ଉତ୍ପାଦନ ହେଉଥିଲେ ମଧ୍ୟ ରାଜ୍ୟର ଉପଭୋକ୍ତାମାନେ ଅଧିକ ଦାମରେ ଟାଟା ପାୱରକୁ ବିଦ୍ୟୁତ ପାଉଣା ଦେଉଥିବା ବେଳେ ଆମେ ବିଜୁଳି ଯୋଗାଉଥିବା ଆନ୍ଧ୍ର, ତେଲେଙ୍ଗାନା ଓ ତାମିଲନାଡୁ ଆଦି ରାଜ୍ୟରେ ଉପଭୋକ୍ତାମାନେ କମ ଦାମରେ ପାଉଛନ୍ତି । ସେହି ରାଜ୍ୟରେ ଚାଷୀମାନେ ଚାଷ ପାଇଁ ମାଗଣା ବିଦ୍ୟୁତ ପାଉଥିବା ବେଳେ ଆମ ଚାଷୀ ବିଦ୍ୟୁତ ପାଉଣା କାହିଁକି ଦେବେ ବୋଲି ପ୍ରଶ୍ନ ଉଠିଛି । ଏଥିସହ ସ୍ମାର୍ଟ ମିଟର ନାମରେ ଟାଟା ପାୱାର ଶୋଷଣ କରିବାର ଷଡ଼ଯନ୍ତ୍ରରୁ ସାଧାରଣ ବ୍ୟକ୍ତି ମୁକ୍ତ କିପରି ହେବ ବୋଲି ଏହି ବନ୍ଦ କାର୍ଯ୍ୟକ୍ରମରେ ଯୋଗଦେଇ ପଚାରିଥିଲେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ପ୍ରଭାରୀ ଅଶ୍ୱିନୀ କୁମାର । ଏତଦ୍‌ବ୍ୟତୀତ୍ ଚାଷୀମାନେ ଆନ୍ଦୋଳନ କଲେ । ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଚାଷୀଙ୍କୁ ନୌଟଙ୍କୀ ଓ ଦଲାଲ କହିବା ଏବଂ ପ୍ରତିବାଦ କରିବାକୁ ଗଲେ ଗୁଣ୍ଡା ଓ ପୁଲିସ ଲଗାଇ ମାଡ଼ ମାରିବା ଅତି ନିନ୍ଦନୀୟ ବୋଲି କହିଥିଲେ । ଏ ସବୁର ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ଓ କଂଗ୍ରେସ ନେତୃତ୍ୱରେ ଚାଷୀମାନେ ପଞ୍ଚୁବଟୀଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରହଲ୍ଲାଦ ସାହୁ, ସମ୍ପାଦକ ସୁଧାକର ପରିଡ଼ା, ସଂଯୋଜକ ଚନ୍ଦ୍ରଶେଖର ବରାଳ, ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ସାଧାରଣ ସମ୍ପାଦକ ନୁରୁଲିଷ୍ଣନ୍ ଖାନ୍, କୃଷକ ମୋର୍ଚ୍ଚା ସଭାପତି ବିପ୍ରବର ସାହୁ, ନବନିର୍ମାଣ କୃଷକ ସଂଗଠନର ହିନ୍ଦୋଳ ସଂଯୋଜକ ଦୁଷ୍ମନ୍ତ ଗଡ଼ନାୟକ, ପ୍ରଫୁଲ୍ଲ ମହାନ୍ତି, ବାସନ୍ତୀ ସ୍ୱାଇଁ, ଅନିତା ବରାଳ, ବିଜୁ ରଥଙ୍କ ସହ ଅନେକ କର୍ମୀ ସାମିଲ ହେଇଥିଲେ । ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିଛି ।



### କଙ୍କଡ଼ାହାଡ଼ରେ ବନ୍ଦ ସଫଳ



କଙ୍କଡ଼ାହାଡ଼,୨୮ ।୧(ସମିସ): ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯାଇଛି । କଙ୍କଡ଼ାହାଡ଼ ବ୍ଲକରେ ବନ୍ଦ ପ୍ରଭାବ ଦେଖିବାକୁ ମିଳିଥିଲା । ବ୍ଲକ ସଦର ମହକୁମାରେ ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା । କଣ୍ଟାପାଳ ଛକ ନିକଟରେ ନବନିର୍ମାଣ କୃଷକ ସଙ୍ଗଠନ ଓ କଂଗ୍ରେସ ପକ୍ଷରୁ ରାସ୍ତା ଅବରୋଧ କରାଯାଇଥିଲା । ଏଥିରେ ଜିଲ୍ଲା କଂଗ୍ରେସ ସାମ୍ପାଦକ ଧୀର ଜେନା, ଅବିନାଶ ପଣ୍ଡା, ଧନେଶ୍ୱର ସାହୁ, ଅଜୟ ସାହୁ, ରାମଚନ୍ଦ୍ର ସାହୁ, କୃଷକ ସଙ୍ଗଠନ ସଭ୍ୟ ରଘୁ ସିଂହ, ଦୁଃଶାସନ ସିଂହ, ବିମଳ ସାହୁ, ଲିଙ୍ଗା ସିଂହ, ନକୁଳ ପାତ୍ର, ଛାୟାକାନ୍ତ ପାତ୍ର, ଡମ୍ବରୁଧର ବେହେରା, ଶିଶିର ପାତ୍ର, ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ସାମିଲ ଥିଲେ ।

## ପ୍ରଦୂଷଣ ବିରୋଧରେ ବିଶାଳ ବାଇକ୍ ଶୋଭାଯାତ୍ରା

ଢେଙ୍କାନାଳ,୨୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆଠାରେ ଗଡ଼ି ଉଠିଥିବା ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜା ସଂଘ ଓ ବ୍ରାହ୍ମଣୀ ଟ୍ରକ ମାଲିକ ସଂଘ ଆନୁକୂଲ୍ୟରେ ସଂଘ କାର୍ଯ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପ୍ରଦୂଷଣକୁ ନେଇ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆୟୋଜନ କରାଯାଇଛି । ଡ. ଅବିନାଶ ସାମଲ ଏହାର ନେତୃତ୍ୱ ନେଇଥିଲେ । ଶୋଭାଯାତ୍ରା ମଶାଣିଆ ଛକରୁ ବାହାରି ସଂଘ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପତକା ଉତ୍ତୋଳନ କରାଯାଇଥିଲା । ସାମାଜସେବୀ ତଥା କ୍ଷତିଗ୍ରସ୍ତ ପ୍ରଜା ସଂଘ ସଭାପତି ଗଙ୍ଗାଧର ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବରିଷ୍ଠ ନେତା ଲକ୍ଷ୍ମୀଧର ରାଉତ, ଉପସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ବିଜୟ କୁମାର ଧଳ, ବିନୋଦ ସାହୁ, ଅଖିଳ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ରାଉତ, ମହେଶ୍ୱର ବେହେରା, ରାମଚନ୍ଦ୍ର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ । ଶିଳ୍ପାଞ୍ଚଳ ସଂଲଗ୍ନ ପ୍ରାୟ ୧୨ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ତଥା ଜନସାଧାରଣ ଉପସ୍ଥିତ ଥିଲେ । ଜିଲ୍ଲାରେ ଗଡ଼ି ଉଠିଥିବା କଳକାରଖାନା ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣକୁ ନେଇ ଘୋର ଉଦବେଗ ପ୍ରକାଶ ପାଇଥିଲା । ସରକାର କାରଖାନା ପରେ କାରଖାନା ବସାଇବାରେ ବ୍ୟସ୍ତ ଥିବା ବେଳେ ସାଧାରଣ ଜନତାଙ୍କ ପାଇଁ କୌଣସି ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହୋଇଥିଲା । ଏହି ଅଞ୍ଚଳରେ ଜିଏମଆର, ନବଭାରତ, ଟାଟା ଷ୍ଟିଲ, ରିମଝିମ ଓ ରୁଙ୍ଗଟା ମାଇନ୍ସ ଭଳି କାରଖାନା ଥିବା ବେଳେ ଅଞ୍ଚଳବାସୀ ନିଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଡ. ଅବିନାଶ ସାମଲ କହିଥିଲେ । ସେହିଭଳି ଲାନୋକୋ ମାଇନ୍ସ ଦେବାଳିଆ ହୋଇ ଅନ୍ୟ କମ୍ପାନୀକୁ ଜାଗା ବିକ୍ରି କରିଦେଇଛି । ଜମିହରାମାନଙ୍କୁ ଉପଯୁକ୍ତ ଥଇଥାନ ସହ କ୍ଷତିପୂରଣ ନ ଦେଲେ କମ୍ପାନୀକୁ ଆମେ ଜାଗା ହସ୍ତାନ୍ତର କରିବୁ ନାହିଁ ବୋଲି କ୍ଷତିଗ୍ରସ୍ତ ପ୍ରଜାସଂଘ ସମ୍ପାଦକ ବିଜୟ କୁମାର ଧଳ କହିଥିଲେ । ସମ୍ବିଧାନ ଅନୁଯାୟୀ ଆମକୁ ବଞ୍ଚିବାକୁ ଦିଆଯାଉ । ଆମ ଅଞ୍ଚଳକୁ ଆଉ ଶିଳ୍ପ ନ ଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଆଯାଉ ଓ ବ୍ରାହ୍ମଣୀ ନଦୀରୁ ନେଉଥିବା ପାଣିକୁ ଶିଳ୍ପସଂସ୍ଥାମାନେ ନେବା ବନ୍ଦ କରନ୍ତୁ ନଚେତ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ହେବ ବୋଲି ଡ. ଅବିନାଶ ସାମଲ ଚେତାବନୀ ଦେଇଛନ୍ତି । ସଞ୍ଜୟ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା ବକ୍ତବ୍ୟ ରଖିଥିଲେ । ଶେଷରେ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।




## ବିଜେଡି କାର୍ଯ୍ୟାଳୟରେ ପତାକା ଉତ୍ତୋଳନ



ଖଜୁରିଆକଟା,୨୮ ।୧(ସମିସ): ୭୭ତମ ସାଧାରଣତନ୍ତ୍ର ଦିବସରେ ପୂର୍ବତନ ସାଂସଦ ମହେଶ ସାହୁ ହିନ୍ଦୋଳ ବିଧାନସଭା କ୍ଷେତ୍ର ସାତମାଇଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । କାର୍ଯ୍ୟକ୍ରମରେ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ମମତାଞ୍ଜଳି ବେହେରା, ହିନ୍ଦୋଳ ବାର କାଉନସିଲ ସଭାପତି ସୁଶିଲ ଗଡ଼ନାୟକ, ପୂର୍ବତନ ରାଜ୍ୟ ଯୁବ ବିଜେଡି ସମ୍ପାଦକ ଦେବୀପ୍ରସାଦ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ସନ୍ତୋଷ ଗଡ଼ନାୟକ, ପୂର୍ବତନ ସରପଞ୍ଚ ସୁକୁଟୁ ପତି, ନୂଆବଗ ସମିତି ସଭ୍ୟା ରୀନା ପଟ୍ଟନାୟକ, ଠୋକର ସମିତି ସଭ୍ୟା ବନ୍ଦନା ସାମଲ, ବରିଷ୍ଠ ବିଜେଡି କର୍ମୀ ସୁମ ସାମଲ, ବାବୁଲି ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ରାସୋଳର ଯୁବ କର୍ମୀ ଟୁଟୁ ଖାଁ, ମାଧପୁରର ବିଜେଡି କର୍ମୀ ଉତ୍କଳ ଲେଙ୍କା, ପ୍ରଫୁଲ୍ଲ ପଟ୍ଟନାୟକ, ଜନମଙ୍ଗଳ ରାସୋଳ ସଂଗଠନର ପ୍ରତିଷ୍ଠାତା ବିଜୁ ଶତପଥୀ, ସଭାନେତ୍ରୀ ନିରୁପମା ମିଶ୍ର, ସମ୍ପାଦକ ପ୍ରଦୀପ ନାୟକ, ଉପ ସଭାନେତ୍ରୀ ପ୍ରତିମା ପାଲ, ଆଜୀବନ ସେବିକା ପ୍ରତିମା ବୈଦ୍ୟ ପ୍ରମୁଖ ଯୋଗଦେଇଥିଲେ ।

## ବାଲ୍ୟ ବିବାହ ବନ୍ଦ କରାଗଲା



ଢେଙ୍କାନାଳ,୨୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ କୁସୁପାଙ୍ଗା, ମଙ୍ଗଳପୁର, ନୟାଭାଗୀରଥିପୁର, ବିଡ଼ୋ, ଗଦାଶିଳା, କାଶିଆଡିହି ଆଦି ୬ ପଞ୍ଚାୟତକୁ ବାଲ୍ୟ ବିବାହମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି । ମାତ୍ର ଗଦାଶିଳା ପଞ୍ଚାୟତ ଚାଇଁପୁର ଗ୍ରାମରେ ଏକ ବାଲ୍ୟ ବିବାହ ହେଉଥିବା ଖବର ପାଇ ବିଶ୍ୱ ଯୁବକେନ୍ଦ୍ର ଅନୁଷ୍ଠାନ ତରଫରୁ ମନସ୍ମିତା ନାୟକ, କୁମୁଦିନୀ ସ୍ୱାଇଁ ସେଠାରେ ପହଞ୍ଚିଥିଲେ । ଗଦାଶିଳା ସରପଞ୍ଚ ପ୍ରତାପ କୁମାର ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଶଶିରେଖା ସିଂହ, ଜିଲ୍ଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ଅଙ୍ଗନବାଡ଼ି କର୍ମୀ ସସ୍ମିତା ପୃଷ୍ଟି, ଝାରଗଡ଼ିଆ ଫାଣ୍ଡି ଏସଆଇ ଦିବ୍ୟଜ୍ୟୋତି ପ୍ରଧାନ, ଅହଲ୍ୟା ପ୍ରଧାନ ପ୍ରମୁଖଙ୍କ ସହଯୋଗରେ ପରିବାର ଲୋକଙ୍କୁ ବୁଝାସୁଝା କରାଯାଇ ବିବାହ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଛି । ନାବାଳିକା କନ୍ୟାକୁ ଶିଶୁମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି ।

## ଗ୍ୟାସ ଟାଙ୍କିରେ ଲାଗିଲା ନିଆଁ

ଭୁବନ,୨୮ ।୧(ସମିସ): ମନ୍ଦିର ପୂଜକଙ୍କ ରୋଷେଇ ଘର ଗ୍ୟାସ ଟାଙ୍କିରେ ନିଆଁ ଲାଗିଥିବା ବେଳେ ଦମକଳ ବାହିନୀ ପହଞ୍ଚି ଏକ ଗଡ଼ ଦୁର୍ଘଟଣାକୁ ଏଡ଼ାଇ ଦେଇପାରିଛି । ଭୁବନ ଥାନା ପୁରୁଷୋତ୍ତମପୁର ଗ୍ରାମରେ ଏହି ଘଟଣା ଘଟିଛି । ଭୁବନ ବୁଦ୍ଧେଶ୍ୱର ମନ୍ଦିର ମୁଖ୍ୟ ପୂଜକ ମାନସ ଦ୍ୱିବେଦୀଙ୍କ ଘରେ ରୋଷେଇ ହେଉଥିବା ବେଳେ ହଠାତ୍ ଗ୍ୟାସ ଟାଙ୍କିରେ ନିଆଁ ଲାଗିଯାଇଥିଲା । ପରିବାର ଲୋକେ ଚିତ୍କାର କରିବାରୁ କରିବାରୁ ଗ୍ରାମବାସୀ ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି ।

## ନର୍ଭେରାମ ୱାର୍କର ୟୁନିଅନ କାର୍ଯ୍ୟାଳୟ ଉଦ୍‌ଘାଟିତ




ଢେଙ୍କାନାଳ,୨୮ ।୧(ସମିସ): ଗୁଣ୍ଡିଚାପଡ଼ାସ୍ଥିତ ନର୍ଭେରାମ ଷ୍ଟିଲ ପ୍ଲାଣ୍ଟରେ ନିୟମିତ କାର୍ଯ୍ୟ କରୁଥିବା ଶ୍ରମିକଙ୍କ କଲ୍ୟାଣ ପାଇଁ ଏକ ଶ୍ରମିକ ୟୁନିଅନ ଗଠନ ହୋଇଛି । ବୁଧବାର ୟୁନିୟନର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । ମୁଖ୍ୟଅତିଥି ଭାବେ ନର୍ଭେରାମ କମ୍ପାନୀର ପ୍ଲାଣ୍ଟ ମ୍ୟାନେଜର ଅନନ୍ତ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏଜିଏମ ସରୂପ କୁମାର ନାୟକ ଯୋଗଦେଇଥିଲେ । କମ୍ପାନୀର ଶ୍ରମିକଙ୍କ ସମେତ ନବଗଠିତ ନର୍ଭେରାମ ୱାର୍କର ୟୁନିଅନ ସଭାପତି କାର୍ତ୍ତିକ କୁମାର ସାହୁ, ସାଧାରଣ ସମ୍ପାଦକ ସରୋଜ କୁମାର ମଲ୍ଲିକ, ଉପସଭାପତି ଦୁଷ୍ମନ୍ତ ବେହେରା ଓ ଏସ୍‌କେ ମୋଜାର, ସମ୍ପାଦକ ଅପସାକ ଅଲ୍ଲୀ ଓ କୋଷାଧ୍ୟକ୍ଷ ଅଭୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥଲେ । କମ୍ପାନୀରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ ଶ୍ରମିକମାନଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧା ସୁଯୋଗକୁ ପ୍ରାଧାନ୍ୟ ଦିଆଯିବ ବୋଲି ୟୁନିଅନ ସଭାପତି କହିଛନ୍ତି ।

● ଦୁଇଦିନ ପରେ ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା

## ସାଧୁସନ୍ଥଙ୍କ ସୁଅ ଛୁଟିଲାଣି

ଗଁନ୍ଦିଆ,୨୮ ।୧(ସମିସ): ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆଉ ଦୁଇ ଦିନ ବାକି ଅଛି । ମହିମା ଧର୍ମର ସାଧୁ, ଭକ୍ତ, ସ୍ଥାନୀୟ ବାସିନ୍ଦା ଓ ଉଠା ଦୋକାନୀଙ୍କ ସମାଗମରେ ମହିମାଗାଦି ଚଳଚଞ୍ଚଳ ହୋଇଉଠିଛି । ଚଳିତ ବର୍ଷ ଭଲ ଫସଲ ହୋଇଥିବାରୁ ଓ ସନ୍ନ୍ୟାସୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଥିବାରୁ ମେଳା ଶାନ୍ତିଶୃଙ୍ଖଳାର ସହ ହେବ ବୋଲି ଆଶା କରାଯାଉଛି । ପ୍ରାୟ ୫ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବବୋଲି ଅନୁମାନ କରାଯାଉଛି । ଓଡ଼ିଶାର ନିଜସ୍ୱ ଧର୍ମର ଆଦିପୀଠ ମହିମାଗାଦି ଯୋରନ୍ଦାର ମହିମାସ୍ୱାମୀ ନିଜ ଲୀଳାଖେଳା ସମ୍ବରଣ କରି ଏହି ପୀଠକୁ ସମଗ୍ର ବିଶ୍ୱରେ ପରିଚିତ କରି ପାରିଛନ୍ତି । ୧୮୭୪ରେ ମହିମାସ୍ୱାମୀଙ୍କ ମହାପ୍ରୟାଣ ପରଠାରୁ ପ୍ରତିବର୍ଷ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ମେଳା ହୁଏ । ମହିମା ଧର୍ମାବଲମ୍ବୀମାନେ ଯୋରନ୍ଦା ମେଳାରେ ଗୁରୁଗାଦି ମହିମାଗାଦିକୁ ଆସି ଶୂନ୍ୟ ପ୍ରଭୁଙ୍କୁ ଆରାଧନା କରି ଜଗତ କଲ୍ୟାଣ ଉଦ୍ଦେଶ୍ୟରେ ଘୃତାହୁତି ଦେବା ପାଇଁ ଅପେକ୍ଷା କରିଥାନ୍ତି । ମହିମା ଗାଦିରେ ଥିବା ଉପାସନା ପୀଠ ଗାଦିମନ୍ଦିର, ଶୂନ୍ୟମନ୍ଦିର, ଧୁନିମନ୍ଦିର, ଏକୋଇଶିହାତି ଟୁଙ୍ଗି ଓ ଅଖଣ୍ଡଜ୍ୟୋତି ମନ୍ଦିର ଆଦିରେ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ଓ ପୂର୍ଣ୍ଣମୀ ତିଥିରେ ବୃହତ ଝାଡ଼ ଦୀପରେ ଘୃତାହୁତି କରାଯାଏ । ଏହି ପବିତ୍ର ତିଥିରେ ଘୃତାହୁତି କଲେ ଅଶେଷକୃପା ଲାଭ ହୁଏ ବୋଲି ବିଶ୍ୱାସ ରହିଛି । ଏହି ମେଳାକୁ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ, ଯୋରନ୍ଦା ଗ୍ରାମପଞ୍ଚାୟତ, ମହିମା ସନ୍ନ୍ୟାସୀ, ଭକ୍ତ ଓ ସ୍ଥାନୀୟ ଜନସାଧାରଣ ଉଦ୍ୟମ ଅବ୍ୟାହତ ରଖିଛନ୍ତି ବୋଲି ଯୋରନ୍ଦା ସରପଞ୍ଚ ଆରତୀ ନାୟକ କହିଛନ୍ତି । ମହିମା ସମାଜର ପକ୍ଷରୁ ମେଳା ପାଇଁ ପ୍ରସ୍ତୁତି ଚାଲିଛି । ସନ୍ନ୍ୟାସୀମାନେ ନିଜ ନିଜ ଅଞ୍ଚଳରୁ ମହିମାଗାଦିକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଦୂରଦୂରାନ୍ତରୁ ସନ୍ନ୍ୟାସୀମାନେ ମାସେ ହେଲା ଚାଲିଚାଲି ଆସି ମହିମା ଗାଦିରେ ପହଞ୍ଚିଲେଣି । ମହିମା ସମାଜ ପକ୍ଷରୁ ପ୍ରଭୁ ମହିମା ସ୍ୱାମୀଙ୍କ ଝାଡ଼ଜଳା ପାଇଁ ବୃହତ ଝାଡ଼ ସବୁ ପ୍ରସ୍ତୁତ ହୋଇ ରହିଛି । ଚଳିତ ବର୍ଷ ବହୁ ସଂଖ୍ୟାରେ ସାଧୁ ଓ ଶ୍ରଦ୍ଧାଳୁ ଯୋଗଦେବା ଆଶା କରାଯାଉଛି । ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ପଡ଼ୋଶୀ ବିହାର, ଝାଡ଼ଖଣ୍ଡ, ଆସାମ, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗରୁ ଭକ୍ତ, ଯାତ୍ରୀ ଓ ସନ୍ନ୍ୟାସୀମାନେ ଗୁରୁ ଗାଦିରେ ପହଞ୍ଚିବାରେ ଲାଗିଛନ୍ତି ।

### ଓଆଇଏସ ତାଲିମର ଶୁଭାରମ୍ଭ

# 'ଲୋକସମ୍ପର୍କ ଅଧିକାରୀ ଜନତା ଓ ସରକାରଙ୍କ ମଧ୍ୟରେ ସେତୁ'

ଢେଙ୍କାନାଳ,୨୮ ।୧(ସମିସ):

ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ଓଡିଶା ଇନଫରମେସନ ସର୍ଭିସ (ଓଆଇଏସ୍) ଗ୍ରୁପ-ବି ଜରିଆରେ ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତାଲିମ ଓ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଆଇଏମସିର କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ଆଭାସୀ ଜରିଆରେ ସମ୍ବୋଧିତ କରିବା ସହ ନୂତନ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ଲୋକସମ୍ପର୍କ ଅଧିକାରୀମାନେ ହେଉଛନ୍ତି ଜନତା ଓ ସରକାରଙ୍କ ମଧ୍ୟରେ ସେତୁ । ଏଣୁ ଲୋକ, ଗଣମାଧ୍ୟମ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା କ୍ଷେତ୍ରରେ ଲୋକସମ୍ପର୍କ ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଥିବା ସେ କହିଥିଲେ । ବର୍ତ୍ତମାନର ଡିଜିଟାଲ ଓ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ମିଥ୍ୟା ଖବରର ଯାଞ୍ଚ ତଥା ପ୍ରତିହତ କରିବାର କଳା ଜାଣିବା ଜରୁରୀ ବୋଲି ପରାମର୍ଶ ଦେଇଥିଲେ ।

● ପୂର୍ବରୁ ସରକାରଙ୍କୁ ପ୍ରଶ୍ନ କରୁଥିଲେ, ଏବେ ନିଜେ ଉତ୍ତରଦାୟୀ

● ଏଆଇ ଯୁଗରେ ଜରୁରୀ ହୋଇଛି ମିଥ୍ୟା ଖବରର ଯାଞ୍ଚ



ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ପ୍ରଧାନ ସ୍ୱାଗତ ଅଭିଭାଷଣ ରଖିବା ସହ ପ୍ରଶିକ୍ଷାର୍ଥୀ ପଦାଧିକାରୀଙ୍କୁ ମାର୍ଗଦର୍ଶନ କରିଥିଲେ । ନିଯୁକ୍ତ ଅଧଇକାରୀମାନେ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ସାମ୍ବାଦିକ ଭାବେ କାର୍ଯ୍ୟ କରି ସରକାରଙ୍କୁ ପ୍ରଶ୍ନ କରୁଥିବା ବେଳେ ବର୍ତ୍ତମାନ ନିଜେ ଜନତାଙ୍କ ନିକଟରେ ଉତ୍ତରଦାୟୀ ରହିବେ । ଏଣୁ ବିଭିନ୍ନ ବିଭାଗ ତଥା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ସରକାରଙ୍କ ବିଭିନ୍ନ ନୀତି ଓ ଯୋଜନାକୁ ଜନତାଙ୍କ ନିକଟରେ ପହଞ୍ଚାଇବାକୁ ସେ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଷୟ ବିଶେଷଜ୍ଞଙ୍କ ଦ୍ୱାରା ଆଇଆଇଏମସି ପକ୍ଷରୁ ଅଧିକରୁ ଅଧିକ ବ୍ୟବହାରଗତ ଜ୍ଞାନ ଉପରେ ତାଲିମ ଦିଆଯିବ ବୋଲି ସୂଚନା ଦେଇଥିଲେ । ପ୍ରତିଷ୍ଠାନର ପ୍ରଫେସର ମୃଣାଳ ଚାଟାର୍ଜୀ ନିରପେକ୍ଷ ଭାବେ ସୂଚନାର ପ୍ରସାର ନିମନ୍ତେ ପରାମର୍ଶ ଦେଇଥିଲେ । ପରେ ପ୍ରଶ୍ନୋତ୍ତର ଓ ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଅଧ୍ୟାପିକା ଡ. ଚିରସ୍ରୋତା ଜେନା ପ୍ରାରମ୍ଭିକ ବକ୍ତବ୍ୟ ରଖିଥିବା ବେଳେ ଆଭା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ ଧନ୍ୟବାଦ ଦେଇଥିବା ବେଳେ ହରେକୃଷ୍ଣ ପ୍ରଧାନ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ଫେବୃଆରୀ ୬ ପର୍ଯ୍ୟନ୍ତ ଚାଲିବ ।





**ବିଏମ୍‌ସିର ୩୮ ତମ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି**

# ଜୋର୍‌ଦାର ହେବ ଗୁଟଖା ଏନ୍‌ଫୋର୍ସମେଣ୍ଟ

ଭୁବନେଶ୍ୱର, ୨୮।୧(ସମିସ): ବିଏମ୍‌ସିର ୩୮ ତମ ସାଧାରଣ ପରିଷଦ ଓ ସ୍ୱତନ୍ତ୍ର ଚିଠା ବଜେଟ୍ ଉପସ୍ଥାପନ ବୈଠକ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ଗୁଟଖା ବିକ୍ରି ବନ୍ଦ ବିଏମ୍‌ସି ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷେଧ ହେବ ଗୁଟଖା ବିକ୍ରି। ଭେଣ୍ଡିଂ ଜୋନ୍ ଓ ଓମ୍ଫେଡ୍ ବୁଥ୍‌ରେ ଗୁଟଖା ବିକ୍ରି କଲେ, ସେମାନଙ୍କର ଲାଇସେନ୍ସ ବାତିଲ କରାଯିବ। ଅନ୍ୟ ସବୁ ଅଞ୍ଚଳରେ ଗୁଟଖା ବିକ୍ରିକୁ ନିଷେଧ କରାଯିବ ସହ ଗୁଟଖା ଏନଫୋର୍ସମେଣ୍ଟକୁ ଜୋରଦାର କରାଯିବ। ସରକାର କରିଥିବା ଗୁଟଖା ନିଷେଧ ଆଇନକୁ କଡାକଡି ଭାବେ ବିଏମ୍‌ସି କାର୍ଯ୍ୟକାରୀ କରିବାକୁ ଆଜିର ସାଧାରଣ ପରିଷଦ ବୈଠକରେ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏପରକି ବିଏମ୍‌ସି ଅଞ୍ଚଳରେ ଗୁଟଖା ହୋର୍ଡିଂକୁ ହଟାଇ ଦିଆଯିବ। ଯଦି କୌଣସି ଏଜେନ୍ସି ଗୁଟଖା ହୋର୍ଡିଂ ମାରନ୍ତି, ତେବେ ସେମାନଙ୍କଠାରୁ ଜୋରିମାନା ଆଦାୟ କରାଯିବ ବୋଲି କୁହାଯାଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ କର୍ପୋରେଟର ଅପନି ପାଟଶାଣୀ ଓ ନିହାର ସାହୁଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରାକୁ ସୁରଖୁରୁରେ କରିବା ପାଇଁ ମଧ୍ୟ ସମସ୍ତ କର୍ପୋରେଟରଙ୍କର ସହଯୋଗ କାମନା କରିଥିଲେ କମିଶନର ଚଞ୍ଚଳ ରାଣା। ନିଜ

**ଗୁଟଖା ହୋର୍ଡିଂ ମାରିଲେ ଲାଗିବ ଜରିମାନା**

ନିଜ ୱାର୍ଡକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରିବା ପାଇଁ କର୍ପୋରେଟରମାନେ ଜୋରଦାର ଉଦ୍ୟମ କରିବାକୁ କମିସନର ଅନୁରୋଧ କରିଛନ୍ତି। ୧୫ତମ ଫାଇନାନ୍ସ କମିଶନରଙ୍କ ଅର୍ଥ ଆସିବାର ଅଛି। ଗୋଶାଳା, ବିଭିନ୍ନ ମାର୍କେଟ ଆଦିର ନବୀକରଣ ନିମନ୍ତେ ମଧ୍ୟ ସରକାରୀ ଅନୁଦାନ ମିଳିବ। ସେହିପରି ରାସ୍ତା, ଡ୍ରେନ, ଆଦି କାର୍ଯ୍ୟ ପାଇଁ ମଧ୍ୟ ସରକାରୀ ସହାୟତା ମିଳିବ। କେତେକ କାର୍ଯ୍ୟପାଇଁ ଟେଣ୍ଡର ହୋଇଥିବା ବେଳେ ଆଉ କେତେକ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ ରହିଥିବା ଗୃହକୁ ଅବଗତ କରାଇଥିଲେ କମିଶନର।

ମେୟର ତାଙ୍କ ଅଭିଭାଷଣରେ ବିଏମ୍‌ସିର ଆୟ ବୃଦ୍ଧି କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ବିଏମ୍‌ସିର ଆୟ ଯେଉଁ ଅନୁପାତରେ ବୃଦ୍ଧି ପାଇବ, ସେହି ଅନୁପାତରେ ୧୫ ଓ ୧୬ ତମ ଫାଇନାନ୍ସ କମିଶନରଙ୍କ ଅନୁଦାନ ମିଳିବ। ଭଡାରେ ଚାଲିଥିବା ଅର୍ବାନ ହେଲ୍ଥ ଆଣ୍ଡ ଓ୍ୱେଲନେସ୍ ସେଣ୍ଟରକୁ ଏଣିକି ସରକାର ଭଡା ଦେବେ ନାହିଁ। ତେବେ ବିଏମ୍‌ସିର କୌଣସି ୟୁଏଚ୍ ଡବ୍ଲ୍ୟୁସିକୁ ବନ୍ଦ କରାଯିବ ନାହିଁ ବୋଲି ଗୃହରେ ନିଷ୍ପତ୍ତି ହୋଇଛି। ପାଣ୍ଡରା ନିକଟରେ ଅତ୍ୟାଧୁନିକ ମାଛ ମାର୍କେଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବର୍ଷା ଦିନ ପୂର୍ବରୁ ଇସ୍କନ ଓ ରସୁଲଗଡ଼ ଡ୍ରେନ କାମ ବର୍ଷା ଋତୁ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରମୁଖ ଡ୍ରେନ ସହ ବିଭିନ୍ନ ଗଳିକନ୍ଦିରେ ଥିବା ଡ୍ରେନଗୁଡିକରୁ ପଙ୍କୋଦ୍ଧାର କାର୍ଯ୍ୟ ମଧ୍ୟ ବର୍ଷାଋତୁ ପୂର୍ବରୁ ସାରିବା ପାଇଁ କୁହାଯାଇଛି। ଚନ୍ଦ୍ରଶେଖରପୁର କଲ୍ୟାଣ ମଣ୍ଡପ ନବୀକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ ହେବ। ୧ ନମ୍ବର ହାଟପୋଡି ପ୍ରଭାବିତଙ୍କୁ ୩୦ ଦିନ ମଧ୍ୟରେ ଥଇଥାନ କରିବା ପାଇଁ ମଧ୍ୟ ଗୃହରେ ଆଲୋଚନା ହୋଇଛି। ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ୱାର୍ଡରେ ୱାର୍ଡ ଅଫିସ ନିର୍ମାଣ କରିବାକୁ ମାନନୀୟା ମେୟର ପ୍ରସ୍ତାବ ଆଗତ କରିଥିଲେ। ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ଫାଇନାନ୍ସ ଓ ଟାକ୍ସେସନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାଜକିଶୋର ଦାସ, ସିଟି ଇଂଜିନିୟର ନାରଦ ଚନ୍ଦ୍ର ରଥ, ଅତିରିକ୍ତ କମିସନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ମଞ୍ଚାସୀନ ଥିଲେ।

**ସ୍ଥାୟୀ ରେଷ୍ଟରୁମ୍ ପାଇଁ ରେଳବାଇ କୁଲିଙ୍କ ଦାବି**

# ଡିଆରଏମ୍ ଓ ସିନିୟର ଡିସିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ



ଭୁବନେଶ୍ୱର, ୨୮।୧(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନଠାରେ କଟକ, ଭୁବନେଶ୍ୱର, ଯାଜପୁର, ଖୋର୍ଦ୍ଧା, ପୁରୀ ଓ ବ୍ରହ୍ମପୁର ଷ୍ଟେସନର କୁଲିମାନେ ଖୋର୍ଦ୍ଧା ଡିଆରଏମ୍ ଓ ସିନିୟର ଡ଼ିସିଏମ୍ ଉଭୟଙ୍କୁ ଭେଟି ସ୍ଥାୟୀ ବିଶ୍ରାମ ଗୃହ ଯୋଗାଇଦେବା ସହ କୁଲିମାନଙ୍କ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଡିଆରଏମ୍ ଏହାକୁ ଦାବି ନୁହେଁ ତୁମର ହକ୍। ଲାଇନ, ପାଣି ଓ ପାଇଖାନା ମଧ୍ୟ ଯୋଗାଇଦେବାକୁ ରେଳ ବିଭାଗର ଗାଇଡଲାଇନରେ ଅଛି। କେବଳ ଖୋର୍ଦ୍ଧା ନୁହେଁ, ସମସ୍ତ ଷ୍ଟେସନରେ ଏହି ସୁବିଧା ସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଇଷ୍ଟକୋଷ୍ଟ ରେଳବାଇ ପୋଟର୍ସ ୟୁନିୟନର କାର୍ଯ୍ୟକାରୀ ସଭାପତି ସୁର ଜେନା, ଉପସଭାପତି ଅମରେନ୍ଦ୍ର ମହାନ୍ତି, ଜେନେରାଲ ସେକ୍ରେଟାରୀ ଶିବ ବେହେରା, ସଭାପତି କେ. ବାବୁଲି, ଗନ୍ଧର୍ବ ବେହେରା, ପ୍ରକାଶ ଜାଲି, ଦଣ୍ଡପାଣି ପାତ୍ର ଓ କେ, ଭୀମସେନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆକ୍ରମଣ କରି ଲୁଟ୍ ଅଭିଯୋଗ; ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୮।୧(ସମିସ): ଆକ୍ରମଣ କରି ଲୁଟ୍ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଅଉ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବଳବନ୍ତ ବାଇ। ପୂର୍ବରୁ ଏହି ମାମଲାରେ ପୁଲିସ ୨ଜଣଙ୍କୁ ଗିରଫ କରିଥିଲା।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡକଣ ଗ୍ରାମରେ ରୁହନ୍ତି। ଗତ ତା ଡିସେମ୍ବର ୨୬ ତାରିଖ ସାନ୍ଧ୍ୟ ପ୍ରାୟ ୮ ଟା ସମୟରେ, ସେ ମାମୁଙ୍କ ସହ ମିଶି ନିଜର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଯାଉଥିଲେ। ନିମ୍ନୋକ୍ତ ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ଦୁଇ ସହଯୋଗୀ ସେମାନଙ୍କର ପିଛା କରିବା ସହ ଏକ ନିଛାଟିଆ ସ୍ଥାନ ଦେଖି ଲାଠି ସାହାଯ୍ୟରେ ଉଭୟଙ୍କୁ ହଠାତ ମରଣାନ୍ତକ ଆକ୍ରମଣ କରିଥିଲ। ଫଳରେ ଉଭୟ ଅଭିଯୋଗକାରୀ ଏବଂ ତାଙ୍କ ମାମୁ ଅଚେତ ହୋଇ ତଳେ ପଡ଼ିଯାଇଥିଲେ। ତଳେ ପଡ଼ିଯିବା ପରେ ମଧ୍ୟ ଅଭିଯୁକ୍ତ ମାନେ ଉଭୟଙ୍କୁ ପ୍ରବଳ ମା? ମାରିଥିଲେ ଓ ଅଭିଯୋଗକାରୀଙ୍କ ପକେଟରେ ଥିବା ୧୫, ୦୦୦ ଟଙ୍କା ଜୋରଜବରଦସ୍ତ ଲୁଟିନେଇ ଫେରାର ହୋଇଯାଇଥିଲେ। ତଦନ୍ତ ସମୟରେ, ପୁଲିସ ପୂର୍ବରୁ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ଅଧିକ ତଦନ୍ତ ଚାଲିଥିବା ବେଳେ, ଅନ୍ୟ ଜଣେ ଅଭିଯୁକ୍ତ ବଳବନ୍ତ ବାଇ ଓରଫ ଗୋଧିକୁ ପୁଲିସ ଆଜି ଗିରଫ କରିଥିଲେ। ପଚରାଉଚରା ସମୟରେ ସେ ଅପରାଧରେ ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ। ଅଭିଯୁକ୍ତ ବଳବନ୍ତ ବାଇ ଓରଫ ଗୋଧି ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ଚନ୍ଦ୍ରଶେଖରପୁର ଥାନାରେ ୫ଟି ଓ ମଞ୍ଚେଶ୍ୱର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି।

# ବନ୍ଦ ପ୍ରଭାବ; ଗଡ଼ିଲାନି ବସ୍

ଭୁବନେଶ୍ୱର, ୨୮।୧(ସମିସ): ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଥିଲା। ଯାହା ପ୍ରଭାବରେ ରାଜଧାନୀରେ ଓଡ଼ିଶା ବନ୍ଦର ପ୍ରଭାବ ଦେଖାଯାଇଥିଲା। ରାଜଧାନୀରେ କୌଣସି ଗୋଟିଏ ବି ବସ୍





ଚଳାଚଳ କରି ନ ଥିଲ। ବହୁ ସଂଖ୍ୟାରେ ଯାତ୍ରୀ ହନ୍ତସନ୍ତ ହୋଇଥିଲେ। ନିଜ ଗନ୍ତବ୍ୟସ୍ଥଳକୁ ପହଞ୍ଚି ପାରି ନ ଥିଲେ। ଘଣ୍ଟା ଘଣ୍ଟା ଧରି ବସ୍‌କୁ ଅପେକ୍ଷା କରି ରହିଥିଲେ ମଧ୍ୟ ଗୋଟିଏ ବି ବସ୍‌ର ଦେଖା ନ ଥିଲା। ଶେଷ ମୂହୁର୍ତ୍ତରେ ଘରୋଇ ବସ୍ ଚଳାଚରା କରିବ ନାହିଁ ବୋଲି ସକାଳୁ ସ୍ପଷ୍ଟ ହେବା ପରେ ଯାତ୍ରୀମାନେ ନିଜ ନିଜ ବ୍ୟବସ୍ଥା କରିଥିଲେ। କିଏ ଭୁବନେଶ୍ୱରସ୍ଥିତ ଘରକୁ ଫେରି ଯାଇଥିଲା। ଆଉ କିଏ କ୍ୟାବ୍ କରି ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ଥିଲା। ଅଟୋଗୁଡ଼ିକ ଯାତ୍ରୀଙ୍କ ଠାରୁ ବହୁ ଟଙ୍କା ନେଇଥିଲା ବେଳେ ଘରୋଇ କମ୍ପାନୀର କ୍ୟାବ୍ ସର୍ଭିସ ଯାତ୍ରୀଙ୍କ ଠାରୁ ବହୁ ପରିମାଣରେ ଟଙ୍କା ଚାର୍ଜ କରିଥିଲେ।

ଭୁବନେଶ୍ୱରରେ ହାଇଟେକ୍ ଛକ ଓ ଉତ୍ତରାରେ ସଂଗଠନ କର୍ମକର୍ତ୍ତାମାନେ ପ୍ରାରମ୍ଭରୁ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ନିଜର ଦାବି ଓ ପ୍ରତିବାଦ ଜାହିର କରିଥିଲେ। ଗାଡି ଚଳାଚଳରେ କିଛି ସମୟ ପାଇଁ ବ୍ୟାହତ ହୋଇଥିଲା। ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାସହ କିଛି ଦୋକାନ ବଜାର ବନ୍ଦ ରହିଥିଲା। ଲୋକେ ଘରୁ ବାହାରକୁ ବାହାରି ନଥିଲେ। ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ବାଇକ ର୍‍ୟାଲି କରାଯାଇଥିଲା। ମାଷ୍ଟରକ୍ୟାଣ୍ଟିନ୍ ଛକାରେ ବାଇକ୍ ର୍‍ୟାଲି ସମୟରେ ପରିସ୍ଥିତି ଅଣଆୟତ ହୋଇଯାଇଥିଲା। ବାଇକ୍ ର୍‍ୟାଲି ହେବା ମାତ୍ରେ ପୁଲିସ ସଂଗଠନକର କର୍ମକର୍ତ୍ତା ମାନଙ୍କୁ ଅଟକାଇ ଦେଇଥିଲା। ସେମାନଙ୍କ ଗାଡିକୁ ସିଜ୍ କରି ଦେଇଥିଲା। ପୁଲିସ କର୍ମକର୍ତ୍ତଙ୍କୁ ଉଠାଇ ନେଇଥିଲା।



# ଭୁବନେଶ୍ୱରର ନୂତନ ଏଡିଏମ୍



ଭୁବନେଶ୍ୱର, ୨୮।୧(ସମିସ): ଭୁବନେଶ୍ୱରର ନୂତନ ଅତିରିକ୍ତ ଜିଲ୍ଲାପାଳ ଭାବେ ବରିଷ୍ଠ ଓଏଏସ୍ ଅଧିକାରୀ ରମେଶ ଚନ୍ଦ୍ର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଦାୟୀ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମହାନ୍ତିଙ୍କ କଟକ ଅବକାରୀ ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି। ଏହି ଅବସରରେ ଅଧିକାରୀ ଓ କର୍ମଚାରୀ ମାନେ ନୂତନ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ବିଦାୟୀ ଅଧିକାରୀଙ୍କ ନିମନ୍ତେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖିଳ ଉତ୍କଳ ଦର୍ଶନ ପରିଷଦର ବାର୍ଷିକ ଅଧିବେଶନ





ଭୁବନେଶ୍ୱର, ୨୮।୧(ସମିସ): ନିଖିଳ ଉତ୍କଳ ଦର୍ଶନ ପରିଷଦର ୩୮ ତମ ବାର୍ଷିକ ଅଧିବେଶନ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପ୍ରଫେସର ଲକ୍ଷ୍ମୀନାରାୟଣ ଲେଙ୍କା ପ୍ରମୁଖ ଦର୍ଶନଶାସ୍ତ୍ର ସମ୍ପର୍କରେ ଆଲୋକପାତ କରିଛନ୍ତି। ସଂଗଠନ ସମ୍ପାଦକ ପ୍ରଫେସର ନନ୍ଦିନୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେପରିଷଦରସଧାରଣସମ୍ପାଦକଡ.ଶଚୀନ୍ଦ୍ରରାଉଳବାର୍ଷିକବିବରଣୀପାଠକରିଥିଲେ। ଏହି ଅବସରରେ ୧୬ ଜଣ ଦର୍ଶନଶାସ୍ତ୍ରବିତ୍‌ଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ୯୮ ଜଣ ଶିକ୍ଷକ ଓ ଗବେଷକଙ୍କ ସମେତ ଛାତ୍ରଛାତ୍ରୀମାନେ ସ୍ୱରଚିତ ନିବନ୍ଧମାନ ପାଠ କରିଥିଲେ।

# ମୋରମ ବୋଝେଇ ଟ୍ରକ ଜବତ; ଚାଳକ ଗିରଫ

ଯାଁଳା, ୨୮।୧(ସମିସ): ବୁଧବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ଇନଫୋଭ୍ୟାଲି ଥାନା ପୁଲିସ ଏକ ଚୋରା ମୋରମ ବୋଝେଇ ହାଇୱା ଜବତ କରିବା ସହ ଚାଳକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା କଟକ ଜିଲ୍ଲା ବୈଦେଶ୍ୱର ଥାନା ନୁଆଗାଁର ନିରଞ୍ଜନ ଦାସ। ମିଳିଥିବା ସୂଚନା ଅନୁସାରେ ଗତକାଲି ରାତିରେ ଇନଫୋଭ୍ୟାଲି ଥାନା ପୁଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ସେହି ସମୟରେ ଏକ ହାଇୱା ଯୋଗେ ଚୋରା ମୋରମ ଚାଲଣ ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ପାଟ୍ରୋଲିଂ ଦଳ ତୁରନ୍ତ ଟ୍ରକକୁ ପିଛା କରିଥିଲେ। ଟ୍ରକଟି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ମାଡି ବସିଥିଲେ। କାଗଜପତ୍ର ଯାଞ୍ଚ କରିବା ବେଳେ ଅବୈଧ ଭାବେ ଗାଡିଟି ଅଲକର ମୌଜାରୁ ଚୋରା ମୋରମ ଚାଲାଣ କରୁଥିବା ଜଣାପଡ଼ିଥିଲା। ପୁଲିସ ଟ୍ରକ ଜବତ କରିବା ସହ ଚାଳକକୁ ଗିରଫ କରିଛି।

**● ଆଜାଦ୍ ନଗର ବୋମା ବିସ୍ଫୋରଣ ମାମଲା**

# ଏନ୍‌ଆଇଏ ଅଧିକାରୀଙ୍କ ତନାଘନା

ଭୁବନେଶ୍ୱର, ୨୮।୧(ସମିସ): ଏୟାରଫିଲ୍ଡ ଥାନା ଆଜାଦ୍ ନଗର ଅଞ୍ଚଳରେ ବୋମା ବିସ୍ଫୋରଣ ମାମଲାରେ ତନାଘନା ଆରମ୍ଭ କଲା ଏନ୍‌ଆଇଏ। ଏନ୍‌ଆଇଏ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଠାରେ କେଉଁ ପ୍ରକାର ବୋମା ଭିଡା ଯାଉଥିଲା। ଗଣବିଧ୍ୱଂସକାରୀ ବୋମା ଭିଡା ଯାଉଥିଲା ନା ରାଜ୍ୟରେ ସାମାନ୍ୟ ଅପରାଧ ଘଟାଇବାକୁ ଯୋଜନା କରାଯାଉଥିଲା ଏନ୍‌ଆଇଏ ତାହାର ତଦନ୍ତ ଆରମ୍ଭ କରିଛି। ଏହି ବିସ୍ଫୋ।ରଣ ପଛରେ କୌଣସି ଆତଙ୍କବାଦୀ ଲିଙ୍କ ଅଛି ନା ନାହିଁ ତାର ଖୋଳତାଡ କରୁଛନ୍ତି। ଘଟଣାସ୍ଥଳରୁ ମଧ୍ୟ ସମସ୍ତ ତଥ୍ୟ ସଂଗ୍ରହ କରିଛି ସାଇଣ୍ଟିଫିକ୍ ଟିମ୍। କୌଣସି ଦେଶ ବିରୋଧି ମାମଲା ସେମାନଙ୍କ ନାମରେ ରହିଛି କି ନାହିଁ, ତାହାର ଛାନ୍‌ଭିନ୍ କରୁଛି ଏନଆଇଏ। ଆହୁରି ମଧ୍ୟ ବିସ୍ଫୋରଣ ଘଟିଥିବା ଘର ମାଲିକ ଏବଂ ଏକାଧିକ ପଡୋଶୀଙ୍କୁ ଏନ୍‌ଆଇଏ ଟିମ୍ ପଚରାଉଚରା କରିଛନ୍ତି। ଯେଉଁମାନେ ବୋମା ତିଆରି କରୁଥିଲେ ସେମାନଙ୍କ ବିରୋଧରେ ବିଭିନ୍ନ ଥାନାରେ ପୂର୍ବରୁ ୭ଟି ମାମଲା ରହିଛି। ତେଣୁ କୌଣସି ଅପରାଧ ଘଟାଇବାକୁ ବୋମା ତିଆରି କରୁଥିଲେ କି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟରେ ଏନ୍‌ଆଇଏ ଅଧିକାରୀ କହିଛନ୍ତି ଯେ, ପୁଲିସକୁ ଆମେ ତଦନ୍ତରେ ସହଯୋଗ କରୁଛୁ। ଏଥିରେ କୌଣସି ଦେଶଦ୍ରୋହୀ ଏବଂ ବାହାର ଲିଙ୍କ୍ ରହିଛି କି ନାହିଁ ସେନେଇ ଆମେ ତଦନ୍ତ କରୁଛି।

# ମୋବାଇଲ୍ ଚୋରି ଅଭିଯୋଗ; ଯୁବକ ଗିରଫ

ଭୁବନେଶ୍ୱର, ୨୮।୧(ସମିସ): ଦୋକାନରୁ ମୋବାଇଲ ଚୋରି ଅଭିଯୋଗରେ ସହିଦନଗର ଥାନା ପୁଲିସ ଜୀବନ ବଲ୍ଲବ ପାଣି ନାମକ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କ ଠାରୁ ୬ଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀଙ୍କର ସହିଦ ନଗରସ୍ଥିତ ଆଇନକ୍ସ ମଲ ସମ୍ମୁଖରେ "ସିନଟେଲ" ନାମରେ ଏକ ମୋବାଇଲ ଦୋକାନ ଅଛି। ଗତ ୧୯ ତାରିଖରେ ଅଭିଯୁକ୍ତ ଜୀବନ ଅଭିଯୋଗକାରୀଙ୍କ ମୋବାଇଲ ଦୋକାନକୁ ମୋବାଇଲ ସଜାଡ଼ିବା ଲାଗି ଯାଇଥିଲେ। ଅଭିଯୋଗକାରୀ ଦୋକାନ ଭିତରେ କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାର ସୁଯୋଗ ନେଇ ଅଭିଯୁକ୍ତ ଜଣକ କୌଶଳକ୍ରମେ ଦୋକାନରୁ ଏକ ଆଇଫୋନ ଚୋରିକରି ଫେରାର ହୋଇଯାଇଥିଲେ। ପରେ ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ କରିବା ସହ ଚକେଇସିଆଣି ଅଞ୍ଚଳରେ ଚଢଉ କରି ଜୀବନ ବଲ୍ଲଭ ପାଣିଙ୍କୁ ଗିରଫ କରି ତାଙ୍କ ଠାରୁ ମୋଟ ଛଅଟି ଚୋରା ଦାମୀ ମୋବାଇଲ ଫୋନ ଜବତ କରିଥିଲେ। ଉକ୍ତ ମୋବାଇଲ ଫୋନ ସବୁକୁ ସେ ଭୁବନେଶ୍ୱର ସହରର ବିଭିନ୍ନ ସ୍ଥାନରୁ ତଥା ଭିନ୍ନଭିନ୍ନ ଦିନରେ ଚୋରିକରିଥିବା ନେଇ ଅଭିଯୁକ୍ତ ଜଣକ ତଦନ୍ତ ବେଳେ ପ୍ରକାଶ କରିଥିଲେ।

**ତୃତୀୟ ଦିନରେ 'ରାଜ୍ୟସ୍ତରୀୟ ଆଦିବାସୀ ମେଳା'**

# ଜନଜାତି ଗ୍ରାମରେ ପରମ୍ପରା ଓ ପ୍ରଗତିର ଝଲକ୍

ଭୁବନେଶ୍ୱର, ୨୮।୧(ସମିସ): ଆଦିବାସୀ ଭାଷା ଏବଂ ସଂସ୍କୃତି ଏକାଡେମୀ, ଅନୁସୂଚୀତ ଜନଜାତି ଏବଂ ଅନୁସୂଚୀତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେଉଥିବା 'ରାଜ୍ୟସ୍ତରୀୟ ଆଦିବାସୀ ମେଳା-୨୦୨୬' ତୃତୀୟ ଦିନରେ ପହଞ୍ଚିଛି। ତେବେ ମେଳାର ଆକର୍ଷଣ ସାଜିଛି ଜନଜାତି ଗ୍ରାମ

ବଣପାହାଡ଼ ଘେରା ଆଦିବାସୀ ଅଞ୍ଚଳରେ ରହିଥିବା ଗ୍ରାମଗୁଡ଼ିକର ଅବିକଳ ରୂପନେଇ ମେଳା ପରିସରରେ ଜନଜାତି ଗୋଷ୍ଠୀର ଘରର ମଡେଲ ପ୍ରଦର୍ଶିତ ହୋଇଛି। ଏଥିରେ ପରମ୍ପରା ସହିତ ପ୍ରଗତିର ଝଲକ ଦେଖିବାକୁ ମିଳୁଛି। ବିଭିନ୍ନ ଜନଜାତି ବର୍ଗ ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା କିଭଳି ସ୍ୱାବଲମ୍ବୀ ହୋଇ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି ତାହାର ଚିତ୍ର ଏହି ମଡେଲ ଗୁଡ଼ିକରେ ଦର୍ଶାଯାଇଛି। ଏଥିରେ ନୂଆପଡ଼ା ଜିଲ୍ଲା ଚୁକୁଟିଆ ଭୁଞ୍ଜିଆଙ୍କ ଘର ପାରମ୍ପରିକ ସାଜସଜ୍ଜାରେ ବିକାଶର ବାର୍ତ୍ତା ବଖାଣୁଥିବା ବେଳେ ଏମାନଙ୍କ ଲାଲ ବଙ୍ଗଳା କେବଳ ସଂସ୍କୃତି ଦୃଷ୍ଟିରୁ ମହାନ୍ ନୁହେଁ ବରଂ ଏମାନଙ୍କ ରକ୍ଷଣଶୀଳତାକୁ ଦର୍ଶାଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲାର କୁଟିଆ କନ୍ଧ ଘର ସାଂସ୍କୃତିକ ବିବିଧତାର ସୂଚନା ଦେଉଛି। ଗଜପତି, ରାୟଗଡ଼ା ଜିଲ୍ଲା ସଉରା ଓ ଲାଞ୍ଜିଆ ସଉରା ଘର ସାଙ୍ଗକୁ ଡଙ୍ଗରିଆ କନ୍ଧମାନଙ୍କର



ନିଜସ୍ୱ ଶୈଳୀ ଦର୍ଶକଙ୍କୁ ଆକର୍ଷିତ କରୁଛି। ସେହିପରି ବଣ୍ଡାମାନଙ୍କର ମଧ୍ୟ ଘର ଗୃହ ପାଳିତ ପଶୁ, ଚାଷ ଜମି ଆଦିକୁ ଦେଖିବାକୁ ଦର୍ଶକଙ୍କ ଉତ୍କଣ୍ଠା ଦେଖିବାକୁ ମିଳିଛି। ସହରରରେ କୋଠାଘର ଏବଂ ଆପାର୍ଟମେଣ୍ଟରେ ଜୀବନ ବିତାଉଥିବା ସହରୀ ମଣିଷଙ୍କୁ ଏହି ମେଳା ଇତିହାସ କଥା ମନେପକାଇ ଦେଉଥିବା କହିଛନ୍ତି। ସେମାନଙ୍କ ପରିଧାନ, ଖାଦ୍ୟ, ଅଳଙ୍କାର ବେଶଭୂଷା ଓ ଜୀବନଶୈଳୀ, ଜୀବିବା ଆଦି ସମ୍ପୂର୍ଣ୍ଣ ଭିନ୍ନ ହୋଇଥିଲେ ବି ସେମାନେ ନିଜ ଜୀବନ ସହ ବେଶ୍ ଖୁସି ରହୁଥିବାର ଅର୍ଥକୁ ବୁଝିବାକୁ ସହରବାସୀମାନେ ଏହି ଜନଜାତିଙ୍କ ସହ ବାର୍ତ୍ତାଳପ କରୁଥିବା ଦେଖିବାକୁ ମିଳିଛି। ସେମାନଙ୍କ ବାଦ୍ୟଯନ୍ତ୍ର, ଦେବାଦେବୀଙ୍କ ସମ୍ପର୍କରେ ଅନେକ ରୋଚକ କଥା ମଧ୍ୟ ଶୁଣିବାକୁ ଛାତ୍ରଛାତ୍ରୀଙ୍କ ଭିଡ଼ ଜମୁଛି। ମାଛ ଚାଷ ଠାରୁ ଆରମ୍ଭ କରି ମାଣ୍ଡିଆ ଚାଷ ସେମାନଙ୍କୁ କିଭଳି ଆତ୍ମନିର୍ଭରଶୀଳ କରିପାରିଛି ତାହାର ଚିତ୍ର ଉପସ୍ଥାପିତ କରାଯାଇଛି। ଏହି ଘର ଗୁଡ଼ିକର ସୌନ୍ଦର୍ଯ୍ୟ ମେଳା ପରିସରକୁ ଆସୁଥିବା ପ୍ରତ୍ୟେକ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଯେଉଁଥିପାଇଁ ଫଟୋ ଉଠାଇବାକୁ ଜମା ହେଉଛନ୍ତି ଶହଶହ ଦର୍ଶକ।

ଅପରପକ୍ଷେ ମେଳା ପରିସରରେ ଆଦିବାସୀଙ୍କ ଖାଦ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବିଭିନ୍ନ ହସ୍ତକଳା ଓ ହସ୍ତଶିଳ୍ପ ସାମଗ୍ରୀ କିଣିବାକୁ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଜନଜାତିଙ୍କ ଜୀବନଶୈଳୀକୁ ଅତି ନିକଟରୁ ଦେଖିବାର ସୁଯୋଗକୁ ହାତଛଡ଼ା କରୁନାହାନ୍ତି ରାଜଧାନୀବାସୀ। ତେବେ ତୃତୀୟ ଦିନରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ନିଜ ମନ ପସନ୍ଦର ସାମଗ୍ରୀ କିଣିବା ସହ ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ସହ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସେଲଫି ନେବାକୁ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଛି। ମେଳା ପରିସରରେ କିଣାକିଣି ସାଙ୍ଗକୁ ଗ୍ରାହକଙ୍କ ମନୋରଞ୍ଜନ ନିମନ୍ତେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ପରିବେଷିତ ହେଉଛି ଜନଜାତିଙ୍କ ବିଭିନ୍ନ ପାରମ୍ପରିକ ନୃତ୍ୟ।



## ସାଙ୍ଗରେ ଆଜି

ମୁକ୍ତି ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୨୧୨ ତମ ଆଲୋଚନାଚକ୍ର
ସ୍ଥାନ- ଭାରତୀୟ ବିଦ୍ୟା ଭବନ, ସମୟ-ସନ୍ଧ୍ୟା ୫.୩୦

ବ୍ରଜ ଗୋପିକା ସେବା ମିଶନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ
ସ୍ଥାନ-ହୋଟେଲ ପ୍ରାଚୀ (ମ୍ୟାରିଅନ) ସମୟ-ଅପରାହ୍ଣ ୪ଟା

କଳାଭୂମି ସାହିତ୍ୟ ଉତ୍ସବ
ସ୍ଥାନ-ଜୟଦେବ ଭବନ, ସ୍ଥାନ-ଦିନ ୧୦ ଟା

ଜନତା ସବୁ ଜାଣନ୍ତି

# କଳାବଜାରୀଙ୍କୁ ସୁହାଉଛି କି ଗୁଟ୍‌ଖା ବ୍ୟାନ୍

ଭୁବନେଶ୍ୱର, ୨୮ ।୧(ସମିସ): କଥାରେ ଅଛି 'ପାନ ବିଡ଼ି ନୁହେଁ ଛୋଟିଆ ନିଶା; ଜଣା ପଡ଼େନାହିଁ ଟାଣେ ପାଇସା' ଏହି କଥାକୁ ଲୋକମାନେ ଜାଣି ମଧ ନିଶା କବଳରେ ବୁଡ଼ି ରହୁଛନ୍ତି। ବିଶେଷ କରି ଯୁବପିଢ଼ିଙ୍କ କ୍ଷେତ୍ରରେ ଗୁଟ୍‌କା, ସିଗାରେଟ୍, ଜର୍ଦ୍ଦା, ଖଇନି ସମେତ ଅନ୍ୟାନ୍ୟ ନିଶା ସେବନ କରିବା ଫେଶନ ପାଲଟିଛି। ଯାହା ଫଳରେ ଅନେକ ଲୋକ ତମାଖୁ ସେବନ କରି କ୍ୟାନ୍ସର ଗଳା ରୋଗରେ ଆକ୍ରାନ୍ତ ହେଉଛନ୍ତି। ପୂର୍ବରୁ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ୨୦୧୩ ମସିହାରେ ପୂର୍ବ ସରକାର ଗୁଟ୍‌କା ସେବନ ଉପରେ କଟକଣା ଲଗାଇଥିଲେ ହେଲେ ଏହି କଟକଣା କେବଳ କିଛି ଦିନ ପାଇଁ ଚାଲିଥିବା। ପରେ ଖୁଲ୍‌ମ୍‌ଖୁଲା ଖୋଲା ମେଲାରେ ବିକ୍ରି ହେଲା। ଏବେ ପୁଣିଥରେ ସରକରା ତମାଖୁ ଉପରେ କଟକଣା ଲଗାଇଛନ୍ତି। ହେଲେ ଏହି କଟକଣା କେବଳ କିଛି ଦିନ ପାଇଁ ନା ସବୁଦିନ ପାଇଁ ଏହା




ଉପରେ ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ହେଉ ଅବା ରାଜଧାନୀ ସବୁ ଟା, ପାନ ଦୋକାନରେ ଗୁଟ୍‌କା ଝୁଲୁଥାଏ। ହେଲେ ଗତ ସପ୍ତାହ ତଳେ ସରକାର ଏହି ତମାଖୁ ଉପରେ କଟକଣା ଜାରି କରିଛନ୍ତି ଯାହା ଫଳରେ ଦୋକାନମାନଙ୍କରେ ଏବେ ଲୁଚାଛପାରେ ବିକ୍ରି ଚାଲିଛି। ଯାହା ଫଳରେ କଳାବଜାରୀ ବଢ଼ି ଯାଇଛି। ଯେଉଁ ଗୁଟ୍‌କା ଏବେ ୫ଟଙ୍କାରେ ମିଳୁଥିଲା ତାହା ଏବେ ୧୫ ଟଙ୍କାରେ ମିଳୁଛି ବୋଲି ପାତ୍ରପଡ଼ା ଅଞ୍ଚଳର ଜଣେ ଦୋକାନୀ କହିଛନ୍ତି। ଏପଟେ ସହରର ବିଭିନ୍ନ ଛକମାନଙ୍କରେ ତମାଖୁ ହୋଡ଼ିଂ ଲଗାଯାଇଛି। ଏହାକୁ ନେଇ ସାଧାରଣ ଲୋକମାନେ ସରକାରଙ୍କୁ ଆଙ୍ଗୁଳି ଉଠାଇଛନ୍ତି। ହଜାର ହଜାର କୋଟି ଟଙ୍କା ତମାଖୁରୁ ରାଜସ୍ୱ ପାଉଥିବା ସରକାର ସାଧାରଣ ଲୋକଙ୍କ ପାଇଁ କଟକଣା ଲଗାଇଛନ୍ତି ହେଲେ ନିଜ ପକେଟ୍ ଗରମ ପାଇଁ ତମାଖୁ ହୋଡ଼ିଂ ଉପରେ ନଜର ଅଢୁଆଳ କରି ରଖିଛନ୍ତି।

## କାହା ମୁହଁରେ କୋଉ କଥା



ଗୁଟ୍‌ଖା ବ୍ୟାନ୍ ସରକାରଙ୍କର ଭଲ ପଦକ୍ଷେପ। ହେଲେ ଏହାକୁ ଉପକଣ୍ଠ ସହ ଗାଁଗୁଡ଼ିକରେ କଡ଼ାକଡ଼ି ଯାଞ୍ଚ୍ କରିବା ଦରକରା। ସହରରେ କଟକଣା ଓ ଯାଞ୍ଚ୍ ହେଉଛି ହେଲେ ଗାଁଗୁଡ଼ିକରେ ଏହା ଖୁଲୁମ୍‌ଖୁଲା ଉପଲବ୍ଧ ହେଉଅଛି ଓ ସେଠାରେ ଯାଞ୍ଚ୍ ହେଉନାହିଁ। ପ୍ରଥମେ ମୂଳସ୍ତରରୁ ଯାଞ୍ଚ୍ କରିବା ଦରକାର। ତେବେ ସରକାରଙ୍କର ଏହି ବ୍ୟାନ୍ ଏକ ଦୃଷ୍ଟାନ୍ତ ପଦକ୍ଷେପ ହୋଇ ପାରିବ

-ସତ୍ୟଜିତ୍ ପଣ୍ଡା, ସ୍ୱାସ୍ଥ୍ୟମିତ୍ର, ଭୁବନେଶ୍ୱର



ଗୁଟ୍‌ଖା ବ୍ୟାନ୍ ସ୍ୱାସ୍ଥ୍ୟ ଓ ସମାଜ ପାଇଁ ଅତ୍ୟାବଶ୍ୟକ। ଯୁବପିଢ଼ି ନିଶାରୁ ଦୂରରେ ରହିବା ସହ ଶିକ୍ଷା ଓ କାର୍ଯ୍ୟକ୍ଷେତ୍ରରେ ଉତ୍ପାଦନଶୀଳତା ବଢ଼ିବ। କିନ୍ତୁ ସରକାର ଏହାକୁ ବିକ୍ରି କରି ଚଳୁଥିବା ପ୍ରଭାବିତ ବ୍ୟବସାୟୀଙ୍କ ପାଇଁ ବିକଳ୍ପ ଜୀବିକା ଯୋଜନା କରିବା ମଧ ଆବଶ୍ୟକ। ଯାହା ଫଳରେ ଅନ୍ୟ ଉପାୟରେ ରୋଜଗାର ସହ ଦକ୍ଷତା ମଧ ବଢ଼ିବ। ଏଥିସହିତ ଏହି କଟକଣା ଉପରେ କଡ଼ା ନିରୀକ୍ଷଣ ସହ ଜନସଚେତନତା ନିତ୍ୟାନ୍ତ ଅବଶ୍ୟକ।

-ଅରିଜିତ୍ ପଣ୍ଡା, ସିଏମ୍ଏ ଛାତ୍ର, ଭୁବନେଶ୍ୱର

ଗୁଟ୍‌ଖା ବ୍ୟାନ୍ ଏକ ଭଲ ପଦକ୍ଷେପ। ଗୁଟ୍‌ଖା ବ୍ୟାନ୍ ହେବା ଦ୍ୱାରା ପରିବେଶ କିଛି ମାତ୍ରାରେ ସୁରକ୍ଷିତ ହେବ। ପରିବାରଗୁଡ଼ିକର ଚିକିତ୍ସା ଖର୍ଚ୍ଚ କମିବା ସହ ଜୀବନ ଗୁଣମାନ ବଢ଼ିବ। ତଥାପି ଏହି ବ୍ୟାନ ଦ୍ୱାରା ଗୁଟ୍‌ଖା ବିକ୍ରୟ ସହିତ ଜଡିତ ଛୋଟ ବ୍ୟବସାୟୀଙ୍କ ଆୟ ପ୍ରଭାବିତ ହେଉଛି। କେତେକ ସ୍ଥାନରେ ଅବୈଧ ଭାବେ ଗୁଟ୍‌ଖା ବିକ୍ରୟ ହେବାର ସମସ୍ୟା ମଧ ଦେଖାଯାଉଛି। ସେଥିପାଇଁ ବ୍ୟାନ ସହିତ ସଚେତନତା ଓ ବିକଳ୍ପ ରୋଜଗାର ବ୍ୟବସ୍ଥା ଅତ୍ୟାବଶ୍ୟକ।



-ରାଜେଶ କୁମାର ପଟ୍ଟନାୟକ,
ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ, ଭୁବନେଶ୍ୱର



ଅଯଥା ଖର୍ଚ୍ଚ କିଛି ମାତ୍ରାରେ ଲୋକମାନେ ରକ୍ଷା ପାଇଯିବେ। ଏଥିସହିତ ଲୋକଙ୍କ ପାଖରେ ବିଭିନ୍ନ ରୋଗ କମିବ। ତମ୍ବାଖୁ ପଲିଥିନ ଜରି ନପଡ଼ିବା ଦ୍ୱାରା ସହରକୁ ପ୍ରଦୂଷଣରୁ ରକ୍ଷା ମିଳିବ। ଯଦି ଏହା ସବୁଦିନ ପାଇଁ ବନ୍ଦ ହୁଏ ବହୁ ତେବେ କମ୍ପାନୀଗୁଡ଼ିକରେ ଅନେକ ଲୋକେ ନିଯୁକ୍ତି ହେରେଇବେ। ଏଥିପାଇଁ ସରକରା ବିକଳ୍ପ ଭାବିବା ଦରକରା

-ରଞ୍ଜନ କୁମାର ମଲ୍ଲିକ୍, ଛାତ୍ର, ଯାଜପୁର



ସର୍ବସାଧାରଣସ୍ଥାନରେଗୁଟ୍‌ଖାଛେପପାକାଇବା ଦ୍ୱାର ସେହି ସ୍ଥାନ ଅପରିଷ୍କାର ହେଉଥିବାର ମଧ ଦେଖାଯାଉଛି। ଗୁଟ୍‌ଖା ବିକ୍ରି ରୁ ମିଳୁଥିବା ରାଜସ୍ୱ ତୁଳନାରେ ଏହା ଯୋଗୁଁ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟଗତ ତଥା ସାମାଜିକ ସମସ୍ୟା ର ସମାଧାନ ପାଇଁ ହେଉଥିବା ଖର୍ଚ୍ଚ ଯଥେଷ୍ଟ ଅଧିକ। ଏହାର ବିକ୍ରି ତଥା ଉତ୍ପାଦନ ସମ୍ପୂର୍ଣ୍ଣ ନିଷେଧ ହେବା ସହିତ କଡ଼ାକଡ଼ି ଯାଞ୍ଚ୍ କରାଯିବାର ଆବଶ୍ୟକତା ରହିଛି।

-ଚନ୍ଦନ କୁମାର ରାଉତ, ସହକାରୀ ଶିକ୍ଷକ, ବହୁଦରଡା ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ

## ଉତ୍ତର ପୁରୁଷ ନାଟକ ପରିକ୍ରମା: 'କର୍ଣ୍ଣ' ମଞ୍ଚସ୍ଥ



ଭୁବନେଶ୍ୱର, ୨୮ ।୧(ସମିସ): ପୁରାଣ ଯୁଗରୁ ଇତିହାସ ବାଟ ଦେଇ ଆଧୁନିକ ସମାଜକୁ ଆସିଥାନ୍ତି କର୍ଣ୍ଣମାନେ। ଆଉ ବାରମ୍ବାର ନିଜର ପରିଚୟ ଖୋଜିଥାନ୍ତି। ଉପେକ୍ଷିତ ହୋଇ ବଞ୍ଚନ୍ତି ଓ ନିଜର ପ୍ରତିଷ୍ଠା ଖୋଜିଥାନ୍ତି ଏବଂ ଶେଷରେ ଯୁଦ୍ଧରେ ପ୍ରାଣପାତ କରିଥାନ୍ତି। ଏମିତି କିଛି କଥାକୁ ନେଇ ବୁଧବାର ଉତ୍ତର ପୁରୁଷ ନାଟକ ପରିକ୍ରମାର ଦ୍ୱିତୀୟ ସନ୍ଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି ନାଟକ 'କର୍ଣ୍ଣ' ଏହି ନାଟକର ନାଟ୍ୟ ରଚନା ବିଜୟ ଶତପଥୀ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଡ଼. ପ୍ରସନ୍ନ କୁମାର ମିଶ୍ର ଓ ସଙ୍ଗୀତରେ ପ୍ରତାପ ରାଉତ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଲଲାଟେନ୍ଦୁ ରଥ, ବିନାୟକ ମିଶ୍ର, ନାଟ୍ୟକାର ବିଜୟ କୁମାର ଶତପଥୀ, ନାଟ୍ୟ ନିର୍ଦ୍ଦେଶକ ହରେନ ସାହୁ ଉପସ୍ଥିତ ରହିଥିଲେ। ଅଭିନୟରେ ପ୍ରସନ୍ନ କୁମାର ମିଶ୍ର, ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଦେବଦତ୍ତ ପତି, ରାଣେଶ, ରୁପେଶ, ଗୌରବ, ଶତାବ୍ଦୀ, ସୌମ୍ୟ, ସାଇ, ଅନୀଲ, ମାମା ଓ ପ୍ରଣତି ରହିଥିବା ବେଳେ ଦେବଦତ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଟିଆ କନ୍ଧଙ୍କ ଜୀବନୀ ଆଧାରିତ ଉପନ୍ୟାସ ଉନ୍ମୋଚିତ

ଭୁବନେଶ୍ୱର, ୨୮।୧(ସମିସ): କୁଟିଆ କନ୍ଧମାନଙ୍କ ଜୀବନୀ ଆଧାରିତ ଉପନ୍ୟାସ 'ମୁଖ୍ୟସ୍ରୋତ' ଉନ୍ମୋଚିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଏହା ହେଉଛି ପ୍ରଥମ ଉପନ୍ୟାସ। ସ୍ଥାନୀୟ ବୁଦ୍ଧ ମନ୍ଦିର ଅଡିଟୋରିୟମରେ ଆୟୋଜିତ ଉନ୍ମୋଚନ ଉତ୍ସବରେ ଔପନ୍ୟାସିକା ସରୋଜିନୀ ସାହୁ, ସାହିତ୍ୟିକ ଅଜୟ ସ୍ୱାଇଁ, ପୁସ୍ତକର ପ୍ରକାଶକ ଆଦିତ୍ୟ ଭାରତ ନିର୍ଦ୍ଦେଶକ ଦେବାଶିଷ ସାମନ୍ତରାୟ, କଥାଶିଳ୍ପୀ ଚିରଶ୍ରୀ ଇନ୍ଦ୍ରସିଂ, ସାହିତ୍ୟପ୍ରେମୀ ଓ ସବୁ ବର୍ଗର ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। ପ୍ରଶାସନିକ କାର୍ଯ୍ୟରୁ ସମୟ ବାହାର କରି ଏହି ଅଞ୍ଚଳର ଜନଜାତି ମାନଙ୍କ ସହ ବିତିଥିବା ସମୟର ଅନୁଭବ ଓ ଅନୁଭୂତି ସମ୍ପର୍କରେ ଔପନ୍ୟାସିକ ଶ୍ରୀ ଋତୁରାଜ ଉଲ୍ଲେଖ କରିଛନ୍ତି।

## ୩୦ରୁ ମୟୂରଭଞ୍ଜ ଉତ୍ସବ

ଭୁବନେଶ୍ୱର, ୨୮ ।୧(ସମିସ): ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ଉତ୍କଳ ମଣ୍ଡପଠାରେ ଚଳିତ ଜାନୁଆରୀ ୩୦ରୁ ଫେବୃଆରୀ ୧ ତାରିଖ ଯାଏ ତିନିଦିନ ଧରି ମୟୂରଭଞ୍ଜ ଉତ୍ସବ ପାଳନ କରାଯିବ। ମୟୂରଭଞ୍ଜର କଳା, ସଂସ୍କୃତି ଏବଂ ଐତିହ୍ୟକୁ ନେଇ ପ୍ରକମ୍ପିତ ହେବ ଉତ୍କଳ ମଣ୍ଡପ। ଏହି ଉତ୍ସବରେ ବିଶ୍ୱପ୍ରସିଦ୍ଧ ଛଉ ନୃତ୍ୟ, ଝୁମର ନୃତ୍ୟ, ପ୍ରାଚୀନ ନୃତ୍ୟ ସାଙ୍ଗକୁ ଆଗଧାଡିର କଳାକାର ନୃତ୍ୟସଙ୍ଗୀତ ପରିବେଷଣ କରିବେ। ସେହିପରି ମୟୂରଭଞ୍ଜର ଆଦିବାସୀ ସମ୍ପ୍ରଦାୟର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ମୁଢି ମାଂସ, ଦଲାଖେରୁଡି, ପିଠା ପସରା ସହିତ କ୍ରାଫ୍ଟ୍ସ ମେଳାରେ ଖିଚିଙ୍ଗ୍‌ର ପଥର ବାସ, ମୟୂରଭଞ୍ଜର ଟସର ଉପରେ ସ୍ୱତନ୍ତ୍ର ଷ୍ଟଲ ଆଦି ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିବ ବୋଲି ଏନେଇ ବୁଧବାର ମୟୂରଭଞ୍ଜ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ମୟୂରଭଞ୍ଜର କଳାକାରଙ୍କୁ ନେଇ ସଫଳ ମଞ୍ଚ ଦେବା ତଥା ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ନିମନ୍ତେ ଏଭଳି ଆୟୋଜନ କରାଯାଉଥିବା ସଂସଦ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ, ଉପସଭାପତି ଗୋକୁଳଚନ୍ଦ୍ର ଦାସ, ସମ୍ପାଦକ ଚିନ୍ମୟ ଦାସପଟ୍ଟନାୟକ, ସ୍ୱରୂପ ଦାସ, ସଞ୍ଜୀବ ଆଚାର୍ଯ୍ୟ ଏବଂ ସୁକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ଆଶାବରୀ ପକ୍ଷରୁ ଚିର ସବୁଜ ସଙ୍ଗୀତ

ଭୁବନେଶ୍ୱର, ୨୮ ।୧(ସମିସ): ଆଶାବରୀ ସାଂସ୍କୃତିକ ସମାଜ ପକ୍ଷରୁ ଚିର ସବୁଜ ସଙ୍ଗୀତ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗୀଜ୍ଞ ଡ. ଗୀତା ମଞ୍ଜରୀ ବେହେରା, ସଙ୍ଗୀତ ଗୁରୁ ଉମେଶ ଚନ୍ଦ୍ର ଦାସଙ୍କୁ 'ଜୟରାମ ତୁଳସୀ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ତଥା ନର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ଆଇନଜୀବୀ ପ୍ରଫେସର ସ୍ୱୟଂପ୍ରଭା ଶତପଥୀ, ସମ୍ପାଦିକା ସ୍ୱନ୍ଦନିକା ପଟ୍ଟନାୟକ, ପ୍ରତିଷ୍ଠାତା ଗୁରୁ ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମଣିମା ଶୁଣିମା ହେଉ, ଜଗବନ୍ଧୁ ହେ ଗୋସାଇଁ, ଦୁଃଖ ନାଶନ ହେ ସୁଖ ନପାଇଲି ଦିନେ, ଝୁମୁ ଝୁମୁ ନାଦ ନଳିତାଙ୍କ ପାଦ, ରତି ସୁଖ ସାରେ, ବାସି ମୋ ହୋଇଲା ଫୁଲ ଶେଜ ଆଦି ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅନୁସୁୟା ସାହୁ।

## ରୋଟାରୀ ଅନ୍ତର୍ଜାତୀୟ ଜିଲ୍ଲା ସମ୍ମିଳନୀ 'ମିନର୍ଭା' ପାଇଁ ପ୍ରସ୍ତୁତି

ନନ୍ଦନକାନନ, ୨୮।୧(ସମିସ):ରୋଟାରୀ ଅନ୍ତର୍ଜାତୀୟ ଜିଲ୍ଲା ୩୨୬୨ସମ୍ମିଳନୀ 'ମିନାର୍ଭା' ଆସନ୍ତା ୩୧ ଓ ୧ ଫେବୃଆରୀ ରେ ଦୁଇ ଦିନ ବ୍ୟାପି ପୁରୀର ତାଜ ରିସଟଠାରେ ଅନୁଷ୍ଠିତ ହେବ। ଏହି ପ୍ରରିପ୍ରେକ୍ଷୀରେ ଏହାର ଉଦେଶ୍ୟ ଓ ବିଶେଷତ୍ୱ ଉପରେ ଧ୍ୟାନ ପାଇଁ ରୋଟାରୀ ଜିଲ୍ଲା ୩୨୬୨ର ପ୍ରାନ୍ତପାଳ ରୋଟାରିୟାନ ମନୋଜ ତ୍ରିପାଠୀଙ୍କ ତତ୍ୱାବଧାନରେ ଚନ୍ଦ୍ରଶେଖରପୁରସ୍ଥିତ ରୋଟାରୀ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷାବିତ ହରିଦ୍ୱାର ପଣ୍ଡାଙ୍କ ପରଲୋକ



ଭୁବନେଶ୍ୱର/କଟକ, ୨୮।୧(ସମିସ): ଶିକ୍ଷାବିତ ହରିଦ୍ୱାର ପଣ୍ଡା(୯୩)ଙ୍କର ମଙ୍ଗଳବାର ମଧ୍ୟରାତ୍ରରେ ପରଲୋକ ହୋଇଯାଇଛି। କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ସହ ସଂଗ୍ରାମ କରିବା ପରେ କଟକ କନିକା ଛକସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଧର୍ମପତ୍ନୀ ହେମଲତା ପଣ୍ଡା, ଏକମାତ୍ର ପୁତ୍ର ମୀନକେତନ, ପୁତ୍ରବଧୂ ମଞ୍ଜୁବାଳା, ଝିଅ ଶାନ୍ତି, ଜୋଇଁ ହରିଶ୍ଚନ୍ଦ୍ର ମହାନ୍ତି, ଭଣଜା ଦେବ ପ୍ରସାଦଙ୍କ ସମେତ ସମସ୍ତ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ଶ୍ରୀ ପଣ୍ଡା କଟକର ରେଭେନ୍ସା, ବ୍ରହ୍ମପୁରର ଖଲ୍ଲିକୋଟ କଲେଜ ଏବଂ ଜୟପୁରର ବିକ୍ରମଦେବ କଲେଜ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ପ୍ରାଧ୍ୟାପକ ଭାବେ ସେବା ପ୍ରଦାନ କରିଥିଲେ। ସେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଖଲ୍ଲିକୋଟ କଲେଜ ଶିକ୍ଷାକେନ୍ଦ୍ରର ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ।

## କମ୍ରେଡ୍ ଅନାଦି ବେହେରାଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୮।୧(ସମିସ): ବାମପନ୍ଥୀ ନେତା ତଥା ଚିଲିକା ମତ୍ସ୍ୟଜୀବୀ ଆନ୍ଦୋଳନର ପୁରୋଧା କମ୍ରେଡ୍ ଅନାଦି ବେହେରାଙ୍କ ସ୍ମୃତିରେ ସ୍ଥାନୀୟ ନାଗଭୂଷଣ ଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। କମ୍ରେଡ୍ ଅଶୋକ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସିପିଆଇ (ଏମଏଲ) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର କହିଥିଲେ ଅନାଦି ବେହେରା କେବଳ ଜଣେ ନେତା ନ ଥିଲେ, ସେ ଥିଲେ ଶୋଷିତ ମତ୍ସ୍ୟଜୀବୀଙ୍କ ସ୍ୱର। ତାଙ୍କର ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଚିଲିକା ଅଞ୍ଚଳରେ ଚାଲିଥିବା ବେଆଇନ ଚିଙ୍ଗୁଡ଼ି ଘେରି ବିରୋଧରେ ସଂଗ୍ରାମକୁ ଆହୁରି ଜୋରଦାର କରାଯିବ। ସଭାରେ ଫରୱାର୍ଡ ବ୍ଲକ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ରାଜେନ୍ଦ୍ର ବର୍ମା, ସିପିଆଇ (ଏମଏଲ) ରେଡଷ୍ଟାର ପ୍ରମିଳା ବେହେରା, ସିପିଆଇ (ଏମଏଲ) ଲିବରେସନ ରାଧାକାନ୍ତ ସେଠୀ, ପ୍ରଫେସର ବୀରେନ୍ଦ୍ର ନାୟକ ଓ ବିଶ୍ୱପ୍ରିୟ କାନୁନଗୋ, ଶ୍ରୀମନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କଳିଙ୍ଗ ହସ୍ପିଟାଲ୍‌ରେ ଗଣତନ୍ତ୍ର ଦିବସ




ଭୁବନେଶ୍ୱର, ୨୮।୧ (ସମିସ): କଳିଙ୍ଗ ହସ୍ପିଟାଲ୍ ଲିମିଟେଡ୍ ପରିସରରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ହସ୍ପିଟାଲ୍‌ର ଅଧ୍ୟକ୍ଷ ଡାକ୍ତର ସୀତାକାନ୍ତ ଦାଶ ଜାତୀୟ ପତାକା ଉତ୍ତୋଳନ କରି ଦେଶ, ସମ୍ବିଧାନ ଓ ଲୋକତନ୍ତ୍ର ପ୍ରତି ଆମ ସମସ୍ତଙ୍କର କର୍ତ୍ତବ୍ୟବୋଧକୁ ସ୍ମରଣ କରାଇଥିଲେ। ସମ୍ମାନିତ ଅତିଥି ଭାବେ କାର୍ଡିଆକ୍ ଏନେସ୍ଥସିଆ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ଯୋଗଦେଇ ଭାରତୀୟ ସମ୍ବିଧାନର ମୂଲ୍ୟବୋଧ, ନାଗରିକ ଦାୟିତ୍ୱ ଓ ମାନବ ସେବାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେହିପରି ହସ୍ପିଟାଲ୍‌ର ସିଇଓ ଡାକ୍ତର ଏସ୍. ଏସ୍. ସନ୍ତୋଷ କୁମାର ଦୋରା ନିଜ ଅଭିଭାଷଣରେ କହିଥିଲେ ଯେ କଳିଙ୍ଗ ହସ୍ପିଟାଲ୍ ସମାଜସେବା, ନୈତିକ ମୂଲ୍ୟବୋଧ ଓ ଉଚ୍ଚ ମାନଦଣ୍ଡର ସ୍ୱାସ୍ଥ୍ୟସେବା ପ୍ରଦାନକୁ ନିଜର ମୁଖ୍ୟ ଲକ୍ଷ୍ୟ ଭାବେ ଗ୍ରହଣ କରି ଆଗକୁ ବଢୁଛି। ସମସ୍ତ କର୍ମଚାରୀଙ୍କ ଏକତା ଓ ସହଯୋଗ ହିଁ ସଂସ୍ଥାର ସଫଳତାର ମୂଳ ଆଧାର ବୋଲି ସେ ଉଲ୍ଲେଖ କରିଥିଲେ। ମେଡିକାଲ୍ ସୁପରିନ୍‌ଟେଣ୍ଡେଣ୍ଟ ଡାକ୍ତର ମଦନ ମୋହନ ଦତ୍ତ, ପୂର୍ବତନ ଅଧ୍ୟକ୍ଷା ଡାକ୍ତର ଉମା ମିଶ୍ର ଓ ଶ୍ରୀମତୀ ଶାନ୍ତି ମିଶ୍ର ଉପସ୍ଥିତ ଥିଲେ। ଏଚ୍ଆର୍ ମ୍ୟାନେଜର ଡାକ୍ତର ନିତ୍ୟା ସୁନ୍ଦର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଏଚ୍ଆର୍ ମୁଖ୍ୟ ଇଲିନା ଭୂୟାଁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ

ଭୁବନେଶ୍ୱର, ୨୮।୧(ସମିସ): ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ତଥା ସଂସ୍କୃତି ବିଭାଗ ଏବଂ କଳିଙ୍ଗ ଇନ୍‌ଷ୍ଟିଟ୍ୟୁଟ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି ଅନୁକୁଲ୍ୟରେ ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ ମଙ୍ଗଳବାର ଜୟଦେବ ଭବନଠାରେ ପାଳିତ ହୋଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ପ୍ରଫେସର ବ୍ରଜବନ୍ଧୁ ପଣ୍ଡା, ମୁଖ୍ୟ ଅତିଥି ଭାବରେ ପୂର୍ବତନ ସୂଚନା ଲୋକସମ୍ପର୍କ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ସମ୍ମାନିତ ଅତିଥି ଏନଟିପିସିର ପୂର୍ବତନ ବିତ୍ତ ନିର୍ଦ୍ଦେଶକ ତଥା ସାହିତ୍ୟିକ କୁଳମଣି ବିଶ୍ୱାଳ ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାରୋହରେ ଶ୍ୟାମା ପ୍ରସାଦ ମିଶ୍ର, ରାକେଶ ବିଶ୍ୱାଳ, ସିଦ୍ଧାର୍ଥ ରାୟ, ଗୌରୀଶଙ୍କର ଦାଶ ପ୍ରମୁଖଙ୍କୁ 'ଉତ୍କଳ କମଳ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ମନୋଜ ନାୟକ ଆନୁଷ୍ଠାନିକ ସ୍ୱାଗତ ଭାଷଣ ଦେଇଥିବାବେଳେ ପବିତ୍ର ମହାରଥା ଧନ୍ୟବାଦ ଦେଇଥିଲେ।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର

ଭୁବନେଶ୍ୱର, ୨୮।୧(ସମିସ): ଶିକ୍ଷା ବର୍ଷରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଏକ 'ଜାତୀୟସ୍ତରୀୟ ଆଲୋଚନାଚକ୍ର' ଆୟୋଜିତ ହୋଇଛି। ଏହି ୪ ଦିନିଆ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଘାଟିତ ହୋଇଛି। ଓଡିଶୀ କଣ୍ଠ ସଙ୍ଗୀତ ପ୍ରଫେସର ଗୁରୁ ରାମହରି ଦାସ ଏବଂ ତବଲା ବାଦକ ପରିମଳ ଚକ୍ରବର୍ତ୍ତୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ବିଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗ ପାଇଁ ସନ୍ଦର୍ଭ ପାଠ କରିବା ସହ ଉପାଦେୟ ଗବେଷଣାତ୍ମକ ବିଭିନ୍ନ ବିଷୟ ସମ୍ବନ୍ଧରେ ନିମନ୍ତିତ ଗବେଷକମାନେ ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଗୁରୁ ବିଭୁତି ବଳବନ୍ତରାୟ ଧନ୍ୟବାଦ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମକୁ ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

## ବିଶ୍ୱ ଅଲଟରନେଟିଭ୍ ମେଡିସିନ୍ ଫୋରମ୍ ଗଠନ ଦିଗରେ କେନ୍ଦ୍ରର ପଦକ୍ଷେପ



ଭୁବନେଶ୍ୱର, ୨୮ ।୧(ସମିସ): ପାରମ୍ପରିକ ଓ ଆଧୁନିକ ଚିକିତ୍ସା ପଦ୍ଧତିଙ୍କ ସମନ୍ୱୟରେ ବିଶ୍ୱ ଅଲଟରନେଟିଭ୍ ମେଡିସିନ୍ ଫୋରମ୍ ଗଠନ ନେଇ କେନ୍ଦ୍ର ସରକାର ଚିନ୍ତା ଆରମ୍ଭ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଗୋଆରେ ଏକ ଉଚ୍ଚସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଦେଶର ବିଭିନ୍ନ ପ୍ରାନ୍ତରୁ ୨୧ ଜଣ ବିଶିଷ୍ଟ ଚିକିତ୍ସା ବିଶେଷଜ୍ଞ ଯୋଗଦେଇଥିବାବେଳେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମଧ ଉପସ୍ଥିତ ରହିଥିଲେ। ଦୀର୍ଘକାଳୀନ ଓ ଜଟିଳ ରୋଗ ଚିକିତ୍ସାରେ ଏଲୋପାଥି ସହ ପାରମ୍ପରିକ ପଦ୍ଧତିଙ୍କ ସଂଯୁକ୍ତ ବ୍ୟବହାର ଉପରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଏହି ଚିକିତ୍ସା ପଦ୍ଧତି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଲୋପାଥକ୍ ମେଡ଼ିସିନ୍ ସହ ସଂଯୁକ୍ତ କରାଯିବା ସହ ସ୍ୱାସ୍ଥ୍ୟ କିକିତ୍ସା କ୍ଷେତ୍ରରେ ଏକ ନବଦିଗନ୍ତ ଆସିବ ବୋଲି ଡ. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଆଶା କିରଣ ଗ୍ରୁପ ପକ୍ଷରୁ ଗଣତନ୍ତ୍ର ଦିବସ

ବଡ଼ରଘୁନାଥପୁର, ୨୮।୧(ସମିସ): ପଳାଶପୁରସ୍ଥିତ ଆଶା କିରଣ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍‌ରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଅଛି। ଏହି ଦିବସ ପାଳନ ଅବସରରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡକ୍ଟର କାହ୍ନୁଚରଣ ଧିର୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ତଥା ଆଶା କିରଣ ଗ୍ରୁପର ପ୍ରତିଷ୍ଠାତା ଓ ସମ୍ପାଦକ ଅବଦୁଲ୍ ମୁତାଲିବ୍ ଖାନ୍, ବରିଷ୍ଠ ଅଧ୍ୟାପକ ତଥା ନିର୍ଦ୍ଦେଶକ ପ୍ରଫେସର୍ (ଡକ୍ଟର) ଭୀମସେନ ସ୍ୱାଇଁ ଓ ବରିଷ୍ଠ ଅଧ୍ୟାପିକା ତଥା ନିର୍ଦ୍ଦେଶିକା ପ୍ରଫେସର୍ ପୂର୍ଣ୍ଣିମା ପଟ୍ଟନାୟକ, ରାଜ୍ୟ ସାମ୍ବାଦିକ ସଂଘର ଖୋର୍ଦ୍ଧା ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ଅନୁଷ୍ଠାନର ଅଧ୍ୟାପକ ପ୍ରଫେସର୍ ମନଜିତ୍ କୁମାର ସାମନ୍ତ ରାୟ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## 'ବିବିଧତାରେ ଏକତା' ଶୀର୍ଷକ ଆଲୋଚନା

ଭୁବନେଶ୍ୱର, ୨୮ ।୧(ସମିସ): ଇକ୍ରା ରିସର୍ଚ୍ଚ ଏକାଡେମୀ ତରଫରୁ ସମାଜରେ ଶାନ୍ତି ଓ ସଦଭାବନା ବଜାୟ ରଖିବା ପାଇଁ ସବୁ ଧର୍ମର ଧର୍ମଗୁରୁ ମାନଙ୍କୁ ନେଇ ଏକ ଆଲୋଚନାଚକ୍ର ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ସକିଲ ଅହମଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥିଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଭାଗିରଥି ସାହୁ, ଶ୍ରୀ ଅମୋଷ ପ୍ରଧାନ, କୁଲବିର ସିଂ, ଧମ୍ମାଗାବେସା ଥେରୋ ଏବଂ ମୁଫତି ଅବ୍‌ଦୁରରହମାନଅଂଶଗ୍ରହଣକରିଥିଲେ।ସମ୍‌ସାଦ୍‌ଅହମଦଖାଁଧନ୍ୟବାଦଅର୍ପଣକରିଥିଲେ।

## ୧୨ ଦଫା ଦାବିରେ ଅଲ୍ ଓଡ଼ିଶା ଗୋପାଳ ସମାଜର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

ଭୁବନେଶ୍ୱର, ୨୮ ।୧(ସମିସ): ଅଲ୍ ଓଡ଼ିଶା ଗୋପାଳ ସମାଜ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଭୁବନେଶ୍ୱର ନୟାପଲ୍ଲୀ ଦୁର୍ଗାମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୋପାଳ, ଗୌଡ଼ ଓ ଯାଦବ ସମ୍ପ୍ରଦାୟର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଉନ୍ନତି ଦାବିରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବୈଠକରେ ପୂର୍ବ ସରକାର ଦ୍ୱାରା ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ 'ଗୋପାଳ ଭବନ' ନିର୍ମାଣ ପାଇଁ ନିର୍ଦ୍ଧାରିତ ଜମି ଅଦ୍ୟାବଧି ସଂଘ ନାମରେ ନାମିତ ହୋଇନଥିବା ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜମି ପାଇଁ ରାଜ୍ୟ କ୍ୟାବିନେଟର ଅନୁମୋଦନ ସହ ୫ କୋଟି ୬ ଲକ୍ଷ ଟଙ୍କା ପ୍ରିମିୟମ ଛାଡ଼ ଦିଆଯାଇଥିବା ସତ୍ତ୍ୱେ ଆବଶ୍ୟକୀୟ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ହୋଇନଥିବା ଉପରେ ସଂଘ ଦୃଢ଼ ଆପତ୍ତି ଜଣାଇଛି। ଦାବିପତ୍ରରେ ଗୋପାଳ/ ଗୌଡ଼/ଯାଦବମାନଙ୍କର ପାରମ୍ପରିକ 'ଲଉଡ଼ି ଖେଳ'କୁ ଲୋକକଳାର ମାନ୍ୟତା, କଳାକାର ଭତ୍ତା, ସହରାଞ୍ଚଳରେ ଗାଇ-ମଇଁଷି ପାଳନକାରୀ ପରିବାରଙ୍କୁ ପୂର୍ବରୁ ଥଇଥାନ, ସମସ୍ତ ଜିଲ୍ଲାରେ ଗୋପାଳ ଭବନ ନିର୍ମାଣ, କମ୍ ସୁଧରେ କୃଷି ଋଣ, ପ୍ରାକୃତିକ ଦୁର୍ବିପାକରେ ପଶୁ ମୃତ୍ୟୁ ହେଲେ ତୁରନ୍ତ ସହାୟତା ଆଦି ମୁଖ୍ୟ ଦାବି ରହିଛି। ଏହା ସହ କ୍ଷୀର ସୋସାଇଟିରେ ଗୋପାଳମାନଙ୍କୁ ନିଯୁକ୍ତି, କ୍ଷୀରର ସର୍ବନିମ୍ନ ମୂଲ୍ୟ ୫୦ ଟଙ୍କା ନିର୍ଦ୍ଧାରଣ, ଗୋଚର ଭୂମି ଜବରଦଖଲ ମୁକ୍ତି, ଗୋ-ସୁରକ୍ଷା ଆଇନ କଡାକଡି, ୨୭% ଓବିସି ସଂରକ୍ଷଣ ଲାଗୁ କରିବା ଓ ରଥଯାତ୍ରା ସମୟରେ ଗୋପାଳମାନଙ୍କୁ ସାଂସ୍କୃତିକ ପରିବେଷଣର ଅନୁମତି ଦେବାକୁ ମଧ ଦାବି କରାଯାଇଛି।




ସଂଘ ସମ୍ପାଦକ ନାରାୟଣ ଡ଼ାଲୁଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଭ୍ୟଥନା କମିଟିର ଅଧ୍ୟକ୍ଷ ନବକିଶୋର ବେହେରା, ରାଜ୍ୟ ଉପସଭାପତି ମନୋଜ କୁମାର ଦାସ, ଅଭ୍ୟଥନା କମିଟି ଉପାଧ୍ୟକ୍ଷ ମାନସ କୁମାର ଦାସ, ଉପଦେଷ୍ଟା ରବୀନ୍ଦ୍ର କୁମାର ପଲେଇ, ରାଜ୍ୟ ମହିଳା ଆବାହିକା ରଶ୍ମି ରାଣୀ ବେହେରା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ବେହେରା, ରାଜ୍ୟ ଯୁବ ଆବହକ ତାପସ ରଞ୍ଜନ ଗେଡ଼ି, ରାଜ୍ୟ ଯୁବ ଯୁଗ୍ମ ଆବାହକ ଯାଦବ ଅବିନାଶ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ସଂଘର ବହୁ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ଏଥିସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା ଶତାଧିକ ମହିଳାଙ୍କ ସମେତ ହଜାର ହଜାର ସଦସ୍ୟ ଯୋଗଦେଇଥିଲେ।

# ବିଜୁ ଭବନରେ ଚୈତନ୍ୟ ପ୍ରସାଦ ମାଝୀଙ୍କ ଶ୍ରାଦ୍ଧ ଦିବସ



ବାରିପଦା,୨୮।୧(ସମିସ): ସ୍ଥାନୀୟ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନ ଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ଅଷ୍ଟମ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ସ୍ମୃତି ସଭାରେ ଜିଲ୍ଲାର ନେତୃମଣ୍ଡଳୀ ଉପସ୍ଥିତ ରହି ଏହି ଅମ୍ଳାନ ଆତ୍ମା ସ୍ୱର୍ଗୀୟ ମାଝୀଙ୍କ ସ୍ମୃତିଚାରଣ କରିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ସ୍ମୃତିସଭା ଆୟୋଜନ ହୋଇଥିଲା। ପୂର୍ବତନ ରାଜ୍ୟସଭା ସାଂସଦ ତଥା ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପ-ବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ନେତା ସରୋଜ ମହାପାତ୍ର, ବରିଷ୍ଠ ଆଇନଜୀବି କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସ୍ୱର୍ଗୀୟ ମାଝୀ ଶିକ୍ଷା ମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳ ଦୂଆ ସ୍ଥାନ ହୋଇଥିଲା ବୋଲି ସ୍ମୃତି ଚାରଣ କରି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସହର ସଭାପତି ପ୍ରଭାତ ମହାନ୍ତି, ୱାର୍ଡ କାଉନସିଲର ଅନନ୍ତ ଦାସ, ମହେଶ ଭଞ୍ଜଦେଓ, ଦେବାଶିଷ ପାତ୍ର, ସୁଧୀର ବାରିକ, ଶୈଳେନ୍ଦ୍ର ପାତ୍ର, ଶ୍ରାବଣୀ ଦାସ, ମୂର୍ଚ୍ଛନା ମହାନ୍ତି, ସବିତା ବେହେରା, ଲଲାଟେନ୍ଦୁ ବେହେରା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ, ଦିଗବିଜୟ ହାଁସଦା, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜୋନାଲ ସଭାପତି ଅବଦୁଲ ହବିବ, ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ସରୋଜ କୁମାର ବୋଷ, ଦିଲ୍ଲୀପ ପାତ୍ର, ଅଭୟ ସିଂ, ବିରଞ୍ଚି ମହାପାତ୍ର, ରାଜୀବ ଜେନା, ଶିବୁ ରଣା, ଅମିତ ବୈଠା, ଦୀପକ ମଦୁଆଲ, ଭୀଷ୍ମ ନାୟକ, ପିଙ୍କି ସାର, ଏମତି ଦାନିଷ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ ହୋଇଥିଲା।

# ଶିକ୍ଷକ ତାଲିମ ନିୟମକୁ ଫୁଁ', ତେଜୁଛି ଅସନ୍ତୋଷ

ବାରିପଦା,୨୮।୧(ସମିସ):

ରାଜ୍ୟରେ ଜାତୀୟ ଶିକ୍ଷାନୀତି ପ୍ରଚଳନକୁ ନେଇ ଶିକ୍ଷା ବିଭାଗ ପକ୍ଷରୁ ସୁବ୍ୟବସ୍ଥିତ କରାଯାଉଛି। ମାତ୍ର ବିଭାଗୀୟ ନିର୍ଦ୍ଦେଶକୁ ଅଣଦେଖା କରାଯାଉଥିବାରୁ ମୟୂରଭଞ୍ଜ ଜିଲ୍ଲାରେ ଅସନ୍ତୋଷ ତେଜିବାରେ ଲାଗିଛି। ଏପରିକି ସରକାରୀ ଅର୍ଥର ଅପବ୍ୟବହାର ଓ ଯୋଜନାର ସଫଳ ରୂପାୟନକୁ ନେଇ ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ରାଜ୍ୟର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସମସ୍ତ ପାଠ୍ୟ ପୁସ୍ତକକୁ ପରିବର୍ତ୍ତନ କରି ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷରୁ ନୂତନ ଭାବେ ୭୫ଟି ନୂତନ ପାଠ୍ୟ ପୁସ୍ତକ ପ୍ରଚଳନ କରିବାକୁ ଯାଉଛନ୍ତି। ଏଥିପାଇଁ ଗତ କିଛି ମାସ ତଳେ ଓସେପା ତରଫରୁ ରାଜ୍ୟ ସାରା କିଛି ଶିକ୍ଷକ ତଥା ଡିଆଇଇଟି ଶିକ୍ଷକ ପ୍ରଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା। ଏହି ତାଲିମପ୍ରାପ୍ତ ଶିକ୍ଷକମାନେ ଅନ୍ୟ ସମସ୍ତ ବିଦ୍ୟାଳୟର ଶିକ୍ଷକମାନଙ୍କୁ ତାଲିମ ଦେଇ ସଶକ୍ତ କରିବେ ବୋଲି ସରକାରଙ୍କ ଯୋଜନା ରହିଛି। ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସୂଚନା ମିଳିଛି। ମୟୂରଭଞ୍ଜ ଭଳି ବୃହତ ଜିଲ୍ଲାରେ ଏନେଇ ଗତ ଡିସେମ୍ବର ମାସରେ ତାଲିମ ହୋଇଥିଲା। ଏଥିରେ ପ୍ରତି ବ୍ଲକରୁ ୩ଜଣ ଲେଖାଏଁ ଶିକ୍ଷକଙ୍କ ନାମ ରାଜ୍ୟକୁ ପଠାଯାଇ ମାଷ୍ଟର ଟ୍ରେନର ଭାବେ ତାଲିମ ପ୍ରଦାନ କରାଯାଇଥିଲା। ଗତ ଜାନୁଆରୀ ୧୬ତାରିଖ ଭର୍ଚୁଆଲ ବୈଠକରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମସ୍ତ ୩୦ଟି ଜିଲ୍ଲାର ମାଷ୍ଟର ଟ୍ରେନର ଓ ଜିଲ୍ଲାଶିକ୍ଷାଧିକାରୀଙ୍କ ସହ ତାଲିମ କାର୍ଯ୍ୟର ସଫଳର ରୂପାୟନ ନେଇ ବିଶଦ ଆଲୋଚନା କରିଥିଲେ। ଏପରିକି ଆବଶ୍ୟକ ଅନୁସାରେ ମାଷ୍ଟର ଟ୍ରେନର୍ ବା ମାଷ୍ଟର ରିସୋର୍ସ ପର୍ସନ(ଏମଆରପି) ସଂଖ୍ୟା ବୃଦ୍ଧି କରାଯାଇ ତାଲିମ କାର୍ଯ୍ୟ ସୁରୁଖୁରୁରେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ନେଇ ଜିଲ୍ଲା ଶିକ୍ଷାଧିକାରୀ ପ୍ରଥମ ଚିଠି ନଂ ୨୯୧/ପିଡିଜି/୨୫/ ୨୦ଜାନୁଆରୀ ୨୦୨୬ରେ ଶହେ ଜଣ ଶିକ୍ଷକଙ୍କୁ ୩ଜଣ ମାଷ୍ଟର ଟ୍ରେନ ତାଲିମ ଦେବାକୁ ଆଦେଶ କରିଥିଲେ। ମାତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବାର୍ତ୍ତା ତଥା ଟ୍ରେନିଂ ସଫଳତା ଲାଗି ଓସେପା ନିଜ ଚିଠି ନଂ ୭୮୩/ଟିଇ/୨୬/୨୧ ଜାନୁଆରୀ ୨୦୨୬ ଅନୁସାରେ ପ୍ରତି ୫୦ଜଣ ଶିକ୍ଷକଙ୍କୁ ୪ଜଣ ଏମ୍‌ଆର୍‌ପି ତାଲିମ ଦେବା ନିମନ୍ତେ ପ୍ରତ୍ୟେକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା ରାଜ୍ୟର ଏ ଚିଠିକୁ ତିଳେ ମାତ୍ରେ ଭ୍ରୂକ୍ଷେପ ନକରି ପୁଣି ୨୨ ଜାନୁଆରୀ ୨୦୨୬ରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଚିଠି ନଂ ୩୧୪/ପିଡିଜି/୨୫ ବଳରେ ପୂର୍ବବତ ଶହେ ଶିକ୍ଷକଙ୍କୁ ୩ଜଣ ଏମ୍‌ଆର୍‌ପିଙ୍କ ଦ୍ୱାରା ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ କେଉଁ ବ୍ଲକ୍‌ର ଏମ୍‌ଆର୍‌ପି କେଉଁ ବ୍ଲକ୍‌ରେ ତାଲିମ ପ୍ରଦାନ କରିବେ ତାହାର କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରାଯାଇ ନାହିଁ। ତେବେ ଗୋଟିଏ କୋଠରିରେ ଏତେ ସଂଖ୍ୟକ ଶିକ୍ଷକ ବସି କିପରି ତାଲିମ ଗ୍ରହଣ କରିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟ ପକ୍ଷରେ ସଦର ବ୍ଲକ ବାରିପଦାର ବିଇଓ ୨୭ତାରିଖରୁ ତାଲିମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ହୋଇପାରି ନାହିଁ। ଏନେଇ ବିଇଓଙ୍କୁ ପଚାରିବାରୁ ସେ ବୁଝି କହୁଛନ୍ତି ବୋଲି ପ୍ରତିକ୍ରିୟା ଦେଇଛନ୍ତି। ତେବେ ଶିକ୍ଷା କ୍ଷେତ୍ରରେ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଓ ଦାୟିତ୍ୱହୀନତା ପାଇଁ ଉତ୍ତମ ଶିକ୍ଷାଦାନ ପାଇଁ ଆଶଙ୍କା ଦେଖାଦେଇଛି। ସାରା ଜିଲାରେ ଏହାକୁ ନେଇ ଅସନ୍ତୋଷ ଜାରି ରହିଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟବସ୍ଥାକୁ ସୁଧାରିବା ପାଇଁ ଶିକ୍ଷକ ମହଲରେ ଦାବି ହୋଇଛି। ଏ ସଂକ୍ରାନ୍ତରେ ଜିଲ୍ଲାଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ। ତେବେ ବାରିପଦା ବିଇଓ ଅଭିମନ୍ୟୁ ସେଠୀଙ୍କୁ ପଚାରିବାରୁ ମୁଁ ବୁଝି କହୁଛି କହିଥିଲେ।

# ବାର୍ଷିକ ଉତ୍ସବ 'ସମ୍ପୂର୍ଣ୍ଣା' ଉଦ୍‌ଯାପିତ

ବିଶୋଇ,୨୮।୧(ସମିସ) : ବିଶୋଇ ବ୍ଲକ୍ ବାଡୁଣିଆ ସରକାରୀ ଏସ୍‌ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ସମ୍ପୂର୍ଣ୍ଣା-୨୦୨୬' ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ପ୍ରସବିନୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ବିଶୋଇ ବ୍ଲକ୍ ତହସିଲଦାର ସତ୍ୟବାନ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ଡେପୁଟି ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଯୋଗଦେଇ ଜ୍ଞାନ ଆହରଣ ସହିତ ଉତ୍ତମ ଆଦର୍ଶ, ଚରିତ୍ର ଗଠନ କରିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ।



ମୁଖ୍ୟବ୍ୟକ୍ତା ଭାବେ ସିଡିପିଓ ବିଟୁ ଟୁଡୁ ଯୋଗଦେଇ ସମାଜର ପ୍ରତ୍ୟେକ କ୍ଷେତ୍ରରେ କିଶୋରୀଙ୍କୁ ଆଗକୁ ଆସିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇଟିଡିଏର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ଉପଜିଲ୍ଲାପାଳ କାର୍ଯ୍ୟାଳୟର ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କମଳାକାନ୍ତ ସ୍ୱାଇଁ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାୟକ, ବାଡୁଣିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦୀପ୍ତିରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ମୋହନଲାଲ କାହାଳି ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରାଧାକାନ୍ତ ଦଳେଇ, ସୁଜିତ ପରିଡ଼ା, ସରୋଜିନୀ ମାର୍ଣ୍ଡି, ଗୁରୁକଲ୍ୟାଣ ମଙ୍ଗରାଜ, ଅଭିଜିତ ଦୀକ୍ଷିତ, ସୁଶ୍ରୀ ସ୍ୱୟଂ ପ୍ରଜ୍ଞା ମହାନ୍ତି, ମାଳତୀ ଦଳେଇଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଦିପୁର କ୍ରେଜି କ୍ଲବ୍‌ର ବାର୍ଷିକୋତ୍ସବ

ଖୁଣ୍ଟ,୨୮।୧(ସମିସ): ଶୁକୁଲି ବ୍ଲକ ଆଦିପୁରସ୍ଥ କ୍ରେଜି କ୍ଲବ ଆନୁକୂଲ୍ୟରେ ଆୟୋଜିତ ବାର୍ଷିକ ଉତ୍ସବ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଏ ଅଞ୍ଚଳର ଛୋଟ ଛୋଟ ପିଲା ସମେତ କିଶୋର କିଶୋରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାପାଇଁ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ପୁଚି, ବାଲାନସ୍ ରେସ୍, ନମ୍ବର ଗେମ୍ ପ୍ରଭୃତି ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ଉତ୍କର୍ଷ ପ୍ରତିଭା ପ୍ରଦର୍ଶନ କରିବାର ଅପୂର୍ବ ସୁଯୋଗ ପାଇଥିଲେ। ଏଥିସହିତ ବିଭିନ୍ନ ବର୍ଗର ପ୍ରତିଭାଧାରୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଦେବା ପାଇଁ ଅତୁଲ ଦସଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ପୂର୍ବତନ ଅଧ୍ୟକ୍ଷ ଡ. ବଳଭଦ୍ର ଘଡ଼ାଇ, ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ହାଡ଼ିବନ୍ଧୁ ରାଉତ, ବିଶିଷ୍ଟ ଅତିଥି ଭବେ ଅର୍ଜୁନବିଲ୍ଲା ପଂଚାୟତ ସରପଞ୍ଚ ଲକ୍ଷ୍ମୀ ମୁଣ୍ଡା ଓ ସମାଜସେବୀ ଗୋଲକ ବିହାରୀ ନାୟକ ଓ ସହଦେବ ମୁଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥଲେ କ୍ଷ ସଭାକାର୍ଯ୍ୟ ପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ଆଧୁନିକ ଓ ଆଞ୍ଚଳିକ ନୃତ୍ୟ ହାଜର ହଜାର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଚନ୍ଦ୍ରଶେଖର ମହାନ୍ତ, ପ୍ରଳୟ ଦାସ ଅଧିକାରୀ, ପ୍ରକାଶ ମହାନ୍ତ, ତପନ ମହନ୍ତ ପ୍ରମୁଖ କାର୍ଯ୍ୟକର୍ତ୍ତା ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ଆଗ୍ରିଆ ମହୋତ୍ସବ ଉଦ୍‌ଯାପିତ



ବେତନଟୀ,୨୮।୧(ସମିସ): ବେତନଟୀ ବ୍ଲକ୍ ଆଗ୍ରିଆସ୍ଥିତ ବୀଣାପାଣି ଯୁବକ ସଂଘର ୨୩ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଆଗ୍ରିଆ ମହୋତ୍ସବ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ସଂଗୀତ ଓ ନୃତ୍ୟ, ତର୍କ, ସାଧାରଣ ଜ୍ଞାନ, ଗଳ୍ପ ଲିଖନ ଭଳି ବହୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କ ସହ ବିଶିଷ୍ଟ ସମାଜସେବୀ, ଧର୍ମ ରକ୍ଷା, ଖେଳ, ବୃକ୍ଷରୋପଣ, ସାମାଜିକ କାର୍ଯ୍ୟ, ଅଙ୍ଗନବାଡ଼ି ଦିଦି ପ୍ରମୁଖଙ୍କୁ ଶେଷ ସନ୍ଧ୍ୟାରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଓଡ଼ିଶା ଚଳଚ୍ଚିତ୍ରର ସୁପରଷ୍ଟାର ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ସରପଞ୍ଚ ମିନତି ସିଂ, କ୍ଲବର ସଭାପତି ଶିବନାରାୟଣ ଘୋଷ, ସମ୍ପାଦକ ଜୀବନ କୁମାର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଅନୁକୂଳ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଶେଷ ରାତିରେ କଟକର ମେଲୋଡି ଗ୍ରୁପ୍ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିସହ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘର ପ୍ରମୋଦ ନାୟକ, ଜିତେନ୍ଦ୍ର ପରିଡ଼ା, ବ୍ରହ୍ମାନନ୍ଦ ପରିଡ଼ା, ରଞ୍ଜନ ପରିଡ଼ା, ଚନ୍ଦନ ଦାସ, ଚନ୍ଦନ ସେଠୀ, ରଞ୍ଜିତ ବାରିକ, ଶ୍ରୀଧର ଦେହୁରୀ, ତପସ୍ୱୀ ରାଉତ, ପ୍ରଦୀପ ଦାସ, ସୁମନ୍ତ ପରିଡ଼ା, ବୀରକିଶୋର ବିଶ୍ୱାଳ, ବିକାଶ ଦାସ, ଦିଲ୍ଲୀପ ମହାନ୍ତି, ଅରୁପ ରଞ୍ଜୀନ ଲେଙ୍କା, ରାକେଶ ମହାନ୍ତ, କେଶବ ନାଥ, ସୁଶାନ୍ତ ପରିଡ଼ା, ହରିଶ ପ୍ରଧାନ, ଯଶୋବନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।

# ଦେଉଳିଆ ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଡସାହି, ୨୮।୧(ସମିସ): ପାଠ ବହିର କେତୋଟି ଅକ୍ଷର ଚିହ୍ନି ପଢ଼ିଦେଲେ ଜଣେ ପାଠୁଆ ହୋଇଯାଏ ସତ; ମାତ୍ର ସେ ଶିକ୍ଷିତ ନୁହଁ। ଯେ ପର୍ଯ୍ୟନ୍ତ ସଂସ୍କାର ଓ ଧର୍ମ ତା' ଆଚରଣରେ ପ୍ରକଟିତ ହୋଇନାହିଁ, ଶୈଶବ ଅବସ୍ଥାରୁ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ମଧ୍ୟ ପ୍ରଦାନ କରିବା ଉଚିତ ବୋଲି ବୁଧବାର ଦେଉଳିଆ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।



ସେ ପର୍ଯ୍ୟନ୍ତ ସେ ମଣିଷ ନୁହଁ। ଯଦି ଶିକ୍ଷା ଭିତରେ ମଣିଷପଣିଆ ଓ ମାନବିକତା ଜାଗ୍ରତ ନ ହୁଏ, ତାହା ମୂଲ୍ୟହୀନ। ଏଣୁ ପ୍ରତ୍ୟେକ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅବିଭାବକ ପିଲାଙ୍କୁ ଶୃଙ୍ଖଳିତ ଏବଂ ସଂସ୍କାରିତ କରି ଗଢ଼ି ତୋଳିବା ଉଚିତ। ଭାରତୀୟ ସଂସ୍କୃତି, ସଭ୍ୟତା, ଅନୁଶାସନକୁ ମାନିବାକୁ ଏମାନେ ନାରାଜ। ତେଣୁ ଶିଶୁମାନଙ୍କୁ ଏଥିରେ ପ୍ରଧାନଶିକ୍ଷକ ପ୍ରଣବ କୁମାର ପ୍ରଧାନ ଅଧ୍ୟକ୍ଷ୍ୟତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରହ୍ଲାଦ ପ୍ରଧାନ, ମୁଖ୍ୟବକ୍ତାଭାବେ ପୂର୍ବତନ ଶିକ୍ଷକ ସତ୍ୟାନନ୍ଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ହାଡ଼ିବନ୍ଧୁ ମହାପାତ୍ର, ସମିତି ସଭ୍ୟ ନିହାର ରଞ୍ଜନ ମହାପାତ୍ର, ପ୍ରତିଷ୍ଠାତା ବିଦ୍ୟାଧର ସଦୁଆଳ, ପୂର୍ବତନ ଶିକ୍ଷକ ଅଜୟ କୁମାର ଦ୍ୱିବେଦୀ ବିଷ୍ଣୁଚରଣ ରାଉତ, ରବୀନ୍ଦ୍ର ପ୍ରଧାନ, ସର୍ବେଶ୍ୱର ମଣ୍ଡଳ, ପୂର୍ବତନ ସରପଞ୍ଚ ବୈଦ୍ୟନାଥ ସିଂ ଓ ଶିକ୍ଷା କମିଟି ଚେୟାରମ୍ୟାନ ମନୋରଞ୍ଜନ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌରାଙ୍ଗ ଘୋଷ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ପ୍ରଦାନ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଫା କରିବା ବାହାନାରେ ଲୁଟିନେଲେ ସୁନା ଅଳଙ୍କାର

ଉଦଳା,୨୮।୧(ସମିସ): ସଫା କରିବା ବାହାନାରେ ସୁନା ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ।ଉଦଳା ଥାନା ଏନଏସି ୩ ନମ୍ବର ୱାର୍ଡରେ ଘଟିଛି ଏଭଳି ଘଟଣା। ଗ୍ରାମର ଆଶାଲତା ପୃଷ୍ଟି ଘରେ ଥିବା ବେଳେ ଦୁଇ ଜଣ ଯୁବକ ଆସି ପହଞ୍ଚି କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଏକ ପାଉଡର ସାହାଯ୍ୟରେ ସମସ୍ତ ପିତ୍ତଳ, କଂସା ବାସନ ଏବଂ ସୁନା ଗହଣା ସଫା ହୋଇ ପାରିବ ବୋଲି କହିଥିଲେ। ଏପରିକି କିଛି ପିତ୍ତଳ ବାସନକୁ ସନ ସଫା କରିବା ପରେ ସୁନା ଅଳଙ୍କାର ମାଗିଥିଲେ। ଆଶାଲତା ପୃଷ୍ଟି ଏବଂ ମଧୁସ୍ମିତା ପୃଷ୍ଟି ନିଜର ସୁନା କାନଫୁଲ ଏବଂ ଚେନ ଦେବା ପରେ ଦୁଇ ଯୁବକ ତାହାକୁ ପାଉଡର ଭିତରେ ସଫା କରିବା ନିମନ୍ତେ ରଖିଥିଲେ ଏବଂ କିଛି ସମୟ ପରେ ଖୋଲିବାକୁ କହିଥିଲେ। ହେଲେ ଖୋଲିଲା ବେଳକୁ ଦୁର୍ବୃତ୍ତମାନେ ସୁନା ଅଳଙ୍କାର ଲୁଟି ନେଇଥିବା ଜାଣିବାକୁ ପାଇଥିଲେ। ୩ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଦୁର୍ବୃତ୍ତ ଲୁଟି ନେଇ ଚାଲି ଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ମା' ସୁନେଇରୂପେଇ ୟୁଥ୍ କ୍ଲବ୍‌ର ବାର୍ଷିକ କ୍ରୀଡ଼ା



ଠାକୁରମୁଣ୍ଡା,୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ତାଳପଦା ପଞ୍ଚାୟତର ଖଡ଼ିପାଳ ଗ୍ରାମରେ ମା' ସୁନେଇରୂପେଇ ୟୁଥ୍ କ୍ଲବ୍ ପକ୍ଷରୁ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତାଳପଦା ପଞ୍ଚାୟତର ସମାଜସେବୀ ସତ୍ୟାନନ୍ଦ ପଲେଇ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଲକ୍ଷ୍ମୀନାରାୟଣ ରାଉତରାୟ, ୱାର୍ଡ ମେମ୍ବର ଗୋବିନ୍ଦ କୁଲାପଡିଆ, ଗ୍ରାମର ମୁଖିଆ ସର୍ବେଶ୍ୱର ଦେହୁରୀ, ଜଗତ ନାଇକ, ରଞ୍ଜିତ କୁଲାପଡିଆ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଦୌଡ଼, ଲମ୍ଫଡିଆଁ, ଇନ୍ ଆଉଟ୍, ଲେମ୍ବୁ ଚାମଚ୍, ଶଙ୍ଖଫୁଙ୍କା, କୋଳି ଗୋଟା, ବେଲୁନ ଫଟା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଭାପତି ତପନ ସେଠୀ, ସମ୍ପାଦକ ସାଗର କୁଲାପଡିଆ, ସଦସ୍ୟ ଭାଗୀରଥି କୁଲାପଡିଆ, ଲିଟୁ ସେଠୀ, ଜଗତ ଦେହୁରୀ, ରାଜେଶ ସାରପୁରିଆ, ବିଜୁ ସାରପୁରିଆ, ବେଣୁଧର ନାଏକ, ପୁରୁଷ୍ତମ ନାଏକ, ଘୁନା ଦେହୁରୀ, ଭରତ ସାରପୁରିଆ, ଶମ୍ଭୁ ସାରପୁରିଆ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ନୃତ୍ୟ ପରିବେଷଣ କରାଯାଇଥିଲା। ସୁରେଶ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଗୀତିକାର ଦେବବ୍ରତ ମହାନ୍ତ କଳା ପ୍ରଦର୍ଶନ କରିଥିଲେ। ତପନ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନର ବାର୍ଷିକ ଉତ୍ସବ



ବାରିପଦା, ୨୮।୧(ସମିସ): ବାରିପଦା ସହରର ରଘୁନାଥପୁରସ୍ଥ ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନରେ ଗଣତନ୍ତ୍ର ଦିବସ ପାଳିତ ହେବା ସହିତ ବାର୍ଷିକ ଉତ୍ସବ ସାଇ ମୂର୍ଚ୍ଛନା -୨୦୨୬ ସାଇ ଆଦର୍ଶ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ସାଇ ଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଆଶିଷ ଦେ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇ ଶିକ୍ଷାନୁଷ୍ଠାନର ପ୍ରଶଂସା କରିବା ସହ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସମାଜସେବୀ ମହେନ୍ଦ୍ର ହାଁସଦା ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନର ମୁଖ୍ୟ ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ସାହୁ ଭିତ୍ତିଭୂମି ଓ ଆଗାମୀ ଶିକ୍ଷା ନୀତିକୁ ନେଇ ଯୁଗୋପଯୋଗୀ ଶିକ୍ଷା ପ୍ରଦାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବ୍ୟକ୍ତା ଭାବେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସଭାପତି ଡଃ ଦେବେଶ ଶଙ୍କର ହୋତା ଯୋଗଦେଇ ଛୋଟ ଗଳ୍ପ ମାଧ୍ୟମରେ ଉପଦେଶ ଦେଇଥିଲେ। ସାଇ ଆଦର୍ଶ ଗ୍ରୁପ ଅଫ ଇନଷ୍ଟିଟ୍ୟୁସନର ନିର୍ଦ୍ଦେଶିକା ମୀନାରାଣୀ ସାହୁ ସାଇ ଆଦର୍ଶ ଗ୍ରୁପର ସମସ୍ତ ଶିକ୍ଷାନୁଷ୍ଠାନରେ ସାଧାରଣ ପରିବାରର ଛାତ୍ରଛାତ୍ରୀ ସ୍ୱଳ୍ପ ଖର୍ଚ୍ଚରେ ଶିକ୍ଷା ପାଇପାରିବେ ବୋଲି କହିଥିଲେ। ଉପଦେଷ୍ଟା ପ୍ରଦୀପ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଇ ଆଦର୍ଶ ଇଣ୍ଟରନ୍ୟାସନାଲ ସ୍କୁଲ ଅଧ୍ୟକ୍ଷା ଡଃ ଲକ୍ଷ୍ମୀପ୍ରିୟା ପାଢୀ ଯୋଗ ଦେଇଥିବାବେଳେ ସାଇ ଆଦର୍ଶ ଡିଗ୍ରୀ କଲେଜ ଅଧ୍ୟକ୍ଷ ଜିତେନ୍ଦ୍ର ପାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରିଥିବା ୨୫ ଜଣ ଶିକ୍ଷକଙ୍କୁ ଗୁରୁ ଗୌରବ ସମ୍ମାନ, ବୀଣାପାଣି ଏଜ୍ୟୁକେସନାଲ୍ ଟ୍ରଷ୍ଟ ଆୟୋଜିତ ହୋଇଥିବା ମେଧାବୀ ପରୀକ୍ଷାରେ ପଞ୍ଚମରୁ ଅଷ୍ଟମ ଶ୍ରେଣୀର ୪୦ ଜଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ରାଶି ଦେଇ ପୁରସ୍କୃତ କରାଯାଇଥିଲା। ଏଥିସହ ବାର୍ଷିକ କ୍ରୀଡା ଓ ଅନ୍ୟାନ୍ୟ କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଜମିବାଡ଼ି ବିବାଦରୁ ସାନ ଭାଇକୁ ମରଣାନ୍ତକ ଆକ୍ରମଣ

ଉଦଳା,୨୮।୧(ସମିସ): ଭାଇ ସାଜିଲା ଭଗାରୀ। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ସାନଭାଇକୁ କରିଲା ପ୍ରାଣାନ୍ତକ ଆକ୍ରମଣ। ଏଭଳି ଘଟଣା ଘଟିଛି ଉଦଳା ଥାନା ଧାନଘେରା ଛକ ନିକଟରେ। ଗ୍ରାମର ରାଜେଶ ବାରିକ ଧାନଘେରା ମଡେଲ ସ୍କୁଲ ଛକରେ ଖାସି କାଟୁଥିଲେ। ଏହି ସମୟରେ ତାଙ୍କର ଦୁଇ ଭାଇ ଆଶିଷ ବାରିକ ଏବଂ ଅଶ୍ୱିନୀ ବାରିକ ସେଠାରେ ପହଞ୍ଚି ସମସ୍ତ ମାଂସ ଦେଇ ଦେବାକୁ କହିଥିଲେ ଏବଂ ଅତର୍କିତ ଭାବେ ରାଜେଶଙ୍କୁ ଆକ୍ରମଣ କରିଥିଲେ। ରାଜେଶଙ୍କ ମୁଣ୍ଡକୁ ଧାରୁଆ ଅସ୍ତ୍ରରେ ହାଣିବା ସହିତ ଜୀବନରୁ ମାରିଦେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ରାଜେଶଙ୍କ ପୁଅ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜେଶ ଗୁରୁତର ହେବା ପରେ ଦୁଇ ଭାଇ ସେଠାରୁ ଚାଲି ଯାଇଥିଲେ ଏବଂ ପରିବାର ଲୋକେ ଗୁରୁତର ଅବସ୍ଥାରେ ରାଜେଶଙ୍କୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ମୟୂରଭଞ୍ଜ ପୁସ୍ତକମେଳାର ପଞ୍ଚମ ସନ୍ଧ୍ୟା

# ପୁରୁଷୋତ୍ତମ ଯୋଗର ପଞ୍ଚଦଶ ଅଧ୍ୟାୟ ଗାଇଲେ କୁନି ଝିଅ

ବାରିପଦା,୨୮।୧(ସମିସ):

ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକମେଳାର ଆଜି ଥିଲା ପଞ୍ଚମ ଦିବସ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ଡଃ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାହିତ୍ୟିକା ସୁଶ୍ରୀ କାବେରୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ଚେତନା ପଟ୍ଟନାୟକ ଦମ୍ପତିଙ୍କ ପାଞ୍ଚବର୍ଷର କୁନିଝିଅ ମୋକ୍ଷଦା ପଟ୍ଟନାୟକ ସୁଲଳିତ ଉଚ୍ଚାରଣରେ କଣ୍ଠସ୍ଥ ଶ୍ରୀମଦଭଗବତ ଗୀତା ପୁରୁଷୋତ୍ତମ ଯୋଗଃର ପଞ୍ଚଦଶ ଅଧ୍ୟାୟ ବୋଲି ସଭାକୁ ସମ୍ପୂର୍ଣ୍ଣ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଣି ପହଞ୍ଚାଇ ଥିଲେ। ସଭାର ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଉଦ୍‌ବୋଧନ ଦେଇ ପୁସ୍ତକ ହିଁ ସମାଜରେ ଜ୍ଞାନ ବିତରଣର ମାଧ୍ୟମ ଏବଂ ମନକୁ ସ୍ଥିର ଓ ଜୀବନକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଥାଏ। ସ୍ମାର୍ଟଫୋନ୍ କମ୍ପ୍ୟୁଟର ଆଦି ଇଲେକ୍ଟ୍ରୋନିକ ଉଦ୍ଭାବନ ଯଦିଚ ଆଜିର ଦୈନନ୍ଦିନ ଜୀବନ ଧାରାକୁ କେଇଅଂଶରେ ସହଜ ସରଳ କରୁଛି, ହେଲେ ଏହା ପୁସ୍ତକର ଆଦୌ ବିକଳ୍ପ ନୁହଁ ବୋଲି ମତପୋଷଣ କରିଥିଲେ। ମେଳାର ବର୍ଷିୟାନ ଉପସଭାପତି ଅଜିତ କୁମାର କବାଟ ମଧ୍ୟ ସଭାରେ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ନୃତ୍ୟାଙ୍ଗନା ସୁଶ୍ରୀ ସିଦ୍ଧି ମେହେଟା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଛାତ୍ରୀ ନୃତ୍ୟଶିଳ୍ପୀଟିକୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ପ୍ରଶଂସା କରିଥିଲେ। ଶେଷରେ ସଦସ୍ୟ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଜ୍ଞାପନ କରିଥିଲେ।





## ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ବଣାଇଁ, ୨୮।୧(ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ବାହାଡାପୋଷରୁ ଲହୁଣୀପଡ଼ାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ୪୩ (କ) ର ଲଲେଇ ଛକ ନିକଟରେ ଟ୍ରକ୍ ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ଲଲେଇ କାଳିଆ ହୁଳି ସାହିର ରାଜୁ ମୁଣ୍ଡା (୫୦) ସାଇକେଲ ଯୋଗେ ଲଲେଇ ଛକ ଯାଉଥିବା ବେଳେ କୁର୍ଡା ପଟୁ ଅସୁଥିବା ୧୪ ଚକିଆ ଟ୍ରକ୍‌ଟି ଲଲେଇ ଛକରେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲା। ଫଳରେ ସାଇକେଲ ଆରୋହୀ ରାସ୍ତା ଉପରେ ଖସି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ରାଜୁ ମୁଣ୍ଡାକୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିବା ଜଣାପଡ଼ିଛି। ଖବର ପାଇ ଲହୁଣୀପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କପଡ଼ା ଦୋକାନରୁ ଚୋରି

**ରାଉରକେଲା, ୨୮।୧(ସମିସ):** କପଡ଼ା ଦୋକାନରୁ ଚୋରି ହୋଇଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମଙ୍ଗଳ ଭବନଠାରେ ରହିଥିବା ଦୁଗର ଟ୍ରେଡର୍ସ ନାମକ କପଡ଼ା ଦୋକାନରେ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଦୋକାନ ସର୍ଟର ତାଲା ଭାଙ୍ଗି ଇନଭର୍ଟର ବ୍ୟାଟେରୀ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ବୁଧବାର ସକାଳେ ମାଲିକ ଦୋକାନ ଖୋଲିବା ପରେ ଚୋରି ସମ୍ପର୍କରେ ଜାଣିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ

**ରାଉରକେଲା, ୨୮।୧(ସମିସ):** ସହରର ଜଣାଶୁଣା ହିନ୍ଦୀ ଖବରକାଗଜ ସାମ୍ବାଦିକ ସୁନିଲ କୁମାର ଝାଙ୍କ ପିତା ଗୌରିକାନ୍ତ ଝାଙ୍କର ଗତ ବିଳମ୍ବିତ ରାତିରେ ୮୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମସ୍ତିଷ୍କ ରୋଗରେ ପିଡିତ ହୋଇ ସେ ଗତ ୫ ଦିନ ଧରି ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ବେଦବ୍ୟାସ ଘାଟଠାରେ ଆଜି ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ ପୁଅ ଅନିଲ କୁମାର ଝା ମୁଖାଗ୍ନି ଦେଇଥିଲେ। ସେକ୍ଟର -୩ ସ୍ଥିତ ବାସଭବନଠାରେ ବିଭିନ୍ନ ଦଳର ରାଜନୈତିକ ନେତା, ବୁଦ୍ଧିଜୀବୀ, ବହୁ ସଂଖ୍ୟାରେ ସାମ୍ବାଦିକ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ।

## ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ

**ବଣାଇଁ ୨୮।୧(ସମିସ):** ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ ସୋମବାର ବଣାଇଁ ତାଲୁକ ଆଇନ ସେବାସମିତି ପକ୍ଷରୁ ଆୟୋଜିତ ହୋଇଥିଲା। ବଣାଇଁଗଡ଼ ମହାବିଦ୍ୟାଳୟ ନିକଟରୁ ଏକ ସଚେତନତା ରାଲି ବଣାଇଁ ସହର ପରିକ୍ରମା କରି ଶେଷରେ ସିଭିଲ କୋର୍ଟ ସମ୍ମୁଖରେ ଶେଷ ହୋଇଥିଲା। ତାଲୁକ ଆଇନ ସେବାସମିତି ଅଧ୍ୟକ୍ଷ ଆଶୁତୋଷ ଦାସ, ସବଜଜ୍ ରଞ୍ଜନ କୁମାର ପ୍ରଧାନ, ଏସଡିଜେଏମ ପ୍ରୀତିଶ ମିଶ୍ର, କୋଇଡା ଜେଏମଏଫସି ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ, ବରିଷ୍ଠ ଆଇନଜୀବୀ ବିଜନ କୁମାର ସେନ, ରିଟେନର ମାନସ ରଞ୍ଜନ ପତି, ଅଧ୍ୟାପକ ବଜରଙ୍ଗୀ ଯାଦବ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବଣାଇଁ ଗଡ଼ ମହାବିଦ୍ୟାଳୟ ଓ ନିୟମ ସେଣ୍ଟରର ଛାତ୍ରଛାତ୍ରୀ, ପୁଲିସ କୋର୍ଟ କର୍ମଚାରୀ ଓ ବହୁ ସଂଖ୍ୟାରେ ଆଇନଜୀବୀ ଏହି ରାଲିରେ ଅଂଶ ଗ୍ରହଣ କରିଥିଲେ।

# ଓଡ଼ିଶା ବନ୍ଦର ଆଂଶିକ ପ୍ରଭାବ






**ରାଉରକେଲା, ୨୮।୧(ସମିସ)**

ଧାନ କ୍ରୟ ଅବ୍ୟବସ୍ଥାରେ ଚରମ ଅବହେଳା, କୃଷକ ଶୋଷଣ ପ୍ରତିବାଦରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିବା ବେଳେ ବନ୍ଦର ଆଂଶିକ ପ୍ରଭାବ ରାଉରକେଲା ସହର ଓ ସୁନ୍ଦରଗଡ଼ ଜିଲ୍ଲାରେ ପଡ଼ିଛି। ରାଉରକେଲା ଘରୋଇ ବସଷ୍ଟାଣ୍ଡରେ ବସ ଚଳାଚଳ ବନ୍ଦ ରହିଥିଲା। ଘରୋଇ ବସ ଚଳାଚଳ କରୁ ନଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବନ୍ଦକୁ କଂଗ୍ରେସ ସହିତ ସିପିଆଇଏମ ଦଳ ଓ ଏଆଇକେଏସ ଚାଷୀ ସଂଗଠନ ପକ୍ଷରୁ ସମର୍ଥନ କରାଯାଇଛି। ବିଶ୍ରା ଛକରେ ବନ୍ଦ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରି ଆନ୍ଦୋଳନ କରିଥିଲେ।

**ବଣାଇଁ:** ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଧାନକିଣାରେ ଅବ୍ୟବସ୍ଥା, ଯାନବାହାନ ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଫାଇନ ଆଦାୟ, ବିଦ୍ୟୁତ୍ କମ୍ପାନୀର ମନମାନୀ ବିରୋଧରେ ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା। ତେବେ ବଣାଇଁ ସହରରେ ଏହି ବନ୍ଦ ପ୍ରଭାବ ଶୂନ୍ୟ ହୋଇଥିବା ଦେଖିବାକୁ ମିଳିଛି। କଂଗ୍ରେସ ଦଳ ସହ ବାମ ଦଳ ଏହି ବନ୍ଦ ଡାକରାକୁ ସମର୍ଥନ କରିଥିଲେ ମଧ୍ୟ ବଣାଇଁରେ କୌଣସି ସଂଗଠନ କିମ୍ବା କୈଣସି ଦଳର ନେତା କିମ୍ବା କର୍ମୀଙ୍କ ଦେଖା ମିଳି ନଥିଲା। କେବଳ ବସ୍ ଚଳାଚଳକୁ ଛାଡ଼ି ବାକି ସମସ୍ତ ପ୍ରକାରର ଯାନବାହାନ ଚଳାଚଳ ସ୍ୱାଭାବିକ ରହିଥିଲା। ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ସମସ୍ତ ଦୋକାନ ବଜାର ଖୋଲା ରହିଥିଲା। ଯାହା ଫଳରେ ବଣାଇଁରେ ଓଡ଼ିଶା ବନ୍ଦ ଡାକରାର କୈଣସି ପ୍ରକାରର ପ୍ରଭାବ ଦେଖିବାକୁ ମିଳି ନଥିଲା। ବାରକୋଟ ବିରମିତ୍ରପୁର ୧୪୩ ନମ୍ବର ଜାତୀୟ ରାଜପଥ ସହ ରାଜା ମୁଣ୍ଡା ପାଣିକୋଇଲି ଜାତୀୟ ରାଜପଥରେ ମଧ୍ୟ ଗାଡି ଚଳାଚଳ ସ୍ୱାଭାବିକ ରହିଥିଲା।

## ମହିଳା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

**ରାଉରକେଲା, ୨୮।୧ (ସମିସ):** ରାଜଗାଙ୍ଗପୁର ସ୍ଥିତ ସରବତୀଦେବୀ ମହିଳା ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ବେଉରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଆର୍‌ଟିଓ ମାନା ସିଂହ ଯୋଗଦେଇ ଯାତାୟାତ ନିୟମ, ସୁରକ୍ଷିତ ଚାଳନା ପ୍ରଣାଳୀ ଓ ସଡ଼କ ସୁରକ୍ଷା ନିୟମାବଳୀକୁ କଠୋର ଭାବରେ ପାଳନ କରିବା, ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଟ୍ରାଫିକ୍ ଇନ୍ସପେକ୍ଟର ନିମାଇ ଚରଣ ବେହେରା ଯାତାୟାତ ଉଲ୍ଲଙ୍ଘନ ସମ୍ପର୍କିତ ଆଇନଗତ ପ୍ରସଙ୍ଗ ଉପରେ କହିଥିଲେ। ଆଇକ୍ୟୁଏସି ସମନ୍ୱୟକ ସପନ କୁମାର ପାଣ୍ଡା ପିୟୁସିସି ବିଷୟରେ କହିଥିଲେ। ୱାଇଆରସି ସମନ୍ୱୟକ ପ୍ରତାପ ବାଘ କାର୍ଯ୍ୟକ୍ରମର ଆୟୋଜନ ଓ ସଞ୍ଚାଳନ କରିଥିଲେ। ଏନ୍‌ଏସ୍‌ଏସ୍ ସମନ୍ୱୟକା ସସ୍ମିତା ଦଣ୍ଡସେନା, ଅନ୍ୟାନ୍ୟ କର୍ମଚାରୀ ଓ ଆର୍‌ଟିଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା ପ୍ରାୟ ୫୦୦ ଜଣ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ନେଇ ଆୟୋଜିତ ହୋଇଥିଲା। ଏନ୍‌ସିସି ଅଧିକାରୀ ସୁସ୍ମିତା ଟୋପୋ ଧନ୍ୟବାଦ ଦେଇଥିଲେ।




## 'ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬'ରେ ଆର୍‌ଏସ୍‌ପିର ଆକର୍ଷଣୀୟ ଷ୍ଟଲ୍

**ରାଉରକେଲା, ୨୮।୧(ସମିସ):** ରାଉରକେଲା ଇସ୍ପାତ କାରଖାନା ସ୍ଥାୟୀତ୍ୱ ପ୍ରତି ନିଜର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇ ସମ୍ମାନଜନକ 'ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬'ରେ 'ସେଲ୍‌ଫ ଷ୍ଟିଲ୍, ସବୁଜ ଷ୍ଟିଲ୍' ଥିମ୍ ଉପରେ ଆଧାରିତ ନିଜର ଅତ୍ୟାଧୁନିକ ପାଭିଲିୟନ୍ ଷ୍ଟଲ୍ ଉନ୍ମୋଚନ କରିଛି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ସହଯୋଗରେ ଆୟୋଜିତ ଏଣ୍ଟରପ୍ରାଇଜ୍ ଓଡ଼ିଶାର ୨୫ତମ ସଂସ୍କରଣ ମଙ୍ଗଳବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ରାଉରକେଲାର ସେକ୍ଟର-୧୩ ସ୍ଥିତ ମେଳଣ ପଡ଼ିଆରେ ଅନୁଷ୍ଠିତ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆରଏସପିର ପାଭିଲିୟନ୍ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ରଘୁନାଥପଲ୍ଲୀର ବିଧାୟକ ଦୂର୍ଗା ଚରଣ ତନ୍ତି ଉପସ୍ଥିତ ଥିଲେ। ଉକ୍ତ ପାଭିଲିୟନ୍‌ରେ ଅତିଥିଙ୍କୁ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ସ୍ୱାଗତ କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି କନକ୍ଲେଭରେ ଆରଏସପି ବି ଟୁ ବି ପାରସ୍ପରିକ ଯୋଗାଯୋଗକୁ ସୁଗମ କରିବା ତଥା ରଣନୈତିକ ଓ ଅର୍ଥପୂର୍ଣ୍ଣ ସହଭାଗିତା ମାଧ୍ୟମରେ ଏମଏସଏମଇ ଏବଂ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରିବା ଓ ସଶକ୍ତ କରିବା ନିମନ୍ତେ ବରିଷ୍ଠ ଅଧିକାରୀଙ୍କୁ ନିୟୋଜିତ କରିଛି। ଆରଏସପିର ଏହି ପାଭିଲିୟନ୍ କାରଖାନାର ଐତିହ୍ୟ, ନବସୃଜନ ଏବଂ ଓଡ଼ିଶା ରାଜ୍ୟ ସହିତ ଗଭୀର ସମ୍ପର୍କକୁ ପ୍ରଦର୍ଶନ କରୁଛି। ଇସ୍ପାତ କାରଖାନାର ବିକାଶ ଏବଂ ଅଭିବୃଦ୍ଧିକୁ ଚିତ୍ରଣ କରି ଏହି ପାଭିଲିୟନ୍ ଆରଏସପିର ସଫଳ ଯାତ୍ରା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବା ଦିଗରେ ଉନ୍ନତ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଭୁକ୍ତ ମଧ୍ୟ କରୁଛି। ଏହା ଇଏସଜି ନୀତି ପ୍ରତି କାରଖାନାର ପ୍ରତିବଦ୍ଧତା ଏବଂ ସ୍ଥାୟୀ ସବୁଜ ଇସ୍ପାତ ଉତ୍ପାଦନ ପାଇଁ ଏହାର ଦୃଢ଼ ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଛି। ଏହି ପାଭିଲିୟନ୍‌ର ଏକ ପ୍ରମୁଖ ଆକର୍ଷଣ ହେଉଛି ଏଆର/ଭିଆର-ଆଧାରିତ ଡିଜିଟାଲ୍ ୱାକଥ୍ରୁ, ଯାହା ପରିଦର୍ଶକମାନଙ୍କୁ ବିସ୍ତୃତ ଥ୍ରୀ-ଡି ଭିଜୁଆଲାଇଜେସନ୍ ମାଧ୍ୟମରେ ଆରଏସପିର କାର୍ଯ୍ୟର ଏକ ନିମଜ୍ଜିତ ୩୬୦ ଡିଗ୍ରୀ ଅଭିଜ୍ଞତା ପ୍ରଦାନ କରେ। 'ମୁଁ ଜଣେ ରାଷ୍ଟ୍ର ନିର୍ମାତା' ଥିମ୍ ବିଶିଷ୍ଟ ଇଣ୍ଟରାକ୍ଟିଭ୍ ସେଲ୍‌ଫି ପଏଣ୍ଟ ମଧ୍ୟ ପରିଦର୍ଶକମାନଙ୍କ ପାଇଁ ବିଶେଷକରି ଯୁବପିଢ଼ିଙ୍କ ଠାରୁ ଉତ୍ସାହୀ ଅଂଶଗ୍ରହଣକାରୀଙ୍କୁ ଆକର୍ଷିତ କରୁଛି। ପାଭିଲିୟନ୍‌ରେ ସେଲ୍‌ଫର ସାଲେମ୍ ଷ୍ଟିଲ୍ ପ୍ଲାଣ୍ଟରୁ ଚୟନିତ ଉତ୍ପାଦ ମଧ୍ୟ ପ୍ରଦର୍ଶିତ ହୋଇଥିବା ଜଣାପଡ଼ିଛି।




## ଆର୍‌ଏସ୍‌ପିର ପାଞ୍ଚ ଅଧିକାରୀଙ୍କୁ ସମ୍ମାନଜନକ ଜବାହାର ପୁରସ୍କାର



**ରାଉରକେଲା, ୨୮।୧(ସମିସ):** ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ସହ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ଉତ୍ପାଦନ ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାର ୫ ଜଣ ଅଧିକାରୀଙ୍କୁ ସମ୍ମାନଜନକ ଜବାହାର ପୁରସ୍କାର ପ୍ରଦାନ କରାଯାଇଛି। ଇସ୍ପାତ ଷ୍ଟାଡିୟମଠାରେ ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷର ଜବାହାର ପୁରସ୍କାର ବିଜେତାମାନେ ହେଉଛନ୍ତି କୋକ ଓଭେନ ବିଭାଗର ମହାପ୍ରବନ୍ଧକ ସଜଳ ଚନ୍ଦା, ଏସଏମଏସ -୨ ବିଭାଗର ମହାପ୍ରବନ୍ଧକ ସୂର୍ଯ୍ୟକାନ୍ତ ନାୟକ, ଆରଏସଏମ ବିଭାଗର ମହାପ୍ରବନ୍ଧକ ଦିଲ୍ଲୀପ କୁମାର ନାୟକ, ମାନବ ସମ୍ବଳ ବିଭାଗର ସହକାରୀ ମହାପ୍ରବନ୍ଧକ ଶରତ କୁମାର ସେନାପତି ଏବଂ ବୋଲାଣି ଲୌହ ଖଣି ଓଜିଓଏମ-ସିଏମଏଲଓର ମହାପ୍ରବନ୍ଧକ ସମରେନ୍ଦ୍ର ପଟ୍ଟନାୟକ।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବଣାଇଁ, ୨୮।୧(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ଟିକ୍ରାପୋଷଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଷ୍ଟାରକ୍ଲବ ଫୁଟବଲ ଆସୋସିଏସନ୍ ପକ୍ଷରୁ ୨୬ତମ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବିଜେପି ରାଉରକେଲା ଜିଲ୍ଲା ସଭାପତି ତଥା ଟାଇଟ୍ସର ନିର୍ଦ୍ଦେଶକ ପୂର୍ଣ୍ଣିମା କେରକେଟା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ବିଜେପି ରାଉରକେଲାର ଉପସଭାପତି ପଦ୍ମିନୀ ଦାସ, ସମ୍ପାଦକ ଜୟନ୍ତୀ ମାହାନ୍ତ, ବିଜେପି ନେତା ପୂର୍ଣ୍ଣଚନ୍ଦ୍ର ଓରାମ, ଆହ୍ଲାଦ ବଡ଼େଇ, ଅନିଲ କୁମାର ମାହାନ୍ତ, ଅବିନାଶ ବ୍ରହ୍ମ, ବୈକୁଣ୍ଠ ଗଡ଼ତିଆ, ହଳଧର ମାହାନ୍ତ, ସରୋଜ ଓରାମ, ନିରୋଜ୍ ଚତୁର୍ବେଦି, ହେମେନ୍ଦ୍ର ମାହାନ୍ତ, ଅଧ୍ୟାପକ କୁହୁଁରୁ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଭିରାମ ମହାକୁଳ, ଚିଡା ଓରାମ, ସରୋଜ କୁମାର ମହାକୁଳ, ଫକୀର ମୋହନ କିସାନ, ଦୁର୍ଗାଚରଣ ଓରାମ, ପଙ୍କଜ କୁମାର ମହାକୁଳ, ସନ୍ତୋଷ କୁମାର କିଷାନ, ଡିଲେଶ୍ୱର ମହାକୁଳ, ବାଣେଶ୍ୱର ଓରାମ, ପ୍ରକାଶ ପାତ୍ର, ଯାତ୍ରା କିଷାନ, ଲଳିତ ମୋହନ ମହାକୁଳ, ବିନୁ କିଷାନ, ଡିଲେଶ୍ୱର କିସାନ, ସରୋଜ ପାତ୍ର, ବୁଧୁ ଓରାମ, ପାଣ୍ଡବ ମହାକୁଳ, ଗୋବିନ୍ଦ ମହାକୁଳ, ପ୍ରଦୀପ କିଷାନ, ଭୋଜରାଜ ମହାକୁଳ, ବାଣେଶ୍ୱର ମହାକୁଳ, ସୁଶାନ୍ତ ପାତ୍ର, ସରୋଜ ପାତ୍ର, ସଞ୍ଜୟ ପାତ୍ର, ଅଭିମନ୍ୟୁ ପାତ୍ର, ବିନୟ ଓରାମ, ଧ୍ରୁବ ଚରଣ ମହାକୁଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୮ ତାରିଖ ଅପରାହ୍ନରେ ଉଦ୍‌ଯାପିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଫୁଟବଲ୍ ଆସୋସିଏସନ୍ ଅଫ ଓଡ଼ିଶାର ସ୍ୱୀକୃତି ପ୍ରାପ୍ତ ରେଫରି ଯୁଗଳ କିଶୋର କିସାନ, ରାଜକୁମାର ପାଣିଗ୍ରାହୀ, ସୁଶାନ୍ତ ଧର୍ଓ୍ୱା, ଶାମୁ ହାଁସଦା, ଥବିର ଗରୁଡ଼ା ପ୍ରମୁଖ ଖେଳ ପରିଚାଳନା କରୁଛନ୍ତି।

# 'ଶକ୍ତିଶାଳୀ ଭାରତ ଗଠନ ପାଇଁ ଏକତ୍ର କାର୍ଯ୍ୟ କରିବାକୁ ସଂକଳ୍ପ'

**ରାଉରକେଲା, ୨୮।୧(ସମିସ)**

ରାଉରକେଲା ଏନ୍‌ଆଇଟି ପକ୍ଷରୁ ଏନଆଇଟି ଏନସିସି ପଡ଼ିଆରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଥିଲା। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ବିଶ୍ୱର ସର୍ବବୃହତ୍ତ ଏବଂ ସବୁଠାରୁ ସ୍ପନ୍ଦନଶୀଳ ଗଣତନ୍ତ୍ର ଭାବରେ ଭାରତ ଦଣ୍ଡାୟମାନ ହୋଇଛି। ଆଗାମୀ ୨୦୪୭ ମସିହାରେ ଭାରତର ଅଭିବୃଦ୍ଧି ରୂପରେଖକୁ ଦୃଷ୍ଟିରେ ଆମକୁ ଆମର ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଯାହାକି ଆଗାମୀ ପିଢ଼ିର ଭାଗ୍ୟକୁ ଗଢ଼ି ତୋଳିବ। ଏକ ଶକ୍ତିଶାଳୀ ପ୍ରତିଷ୍ଠାନ, ଏକ ଶକ୍ତିଶାଳୀ ସମାଜ ଏବଂ ଏକ ଶକ୍ତିଶାଳୀ ଭାରତ ଗଠନ ପାଇଁ ଏକାଠି କାମ କରିବାକୁ ସମସ୍ତେ ସଂକଳ୍ପ ନେବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରଫେସର ରାଓ ଏକ ମିଳିତ ପରେଡର ଅଭିଭାଦନ ଗ୍ରହଣ କରିଥିଲେ। ଏହି ପରେଡରେ ଏନସିସି କାଡେଟ୍ସ, ଏନ୍‌ଆଇଟି ସୁରକ୍ଷା ବାହିନୀ, ଏନ୍‌ଆଇଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ଆରଇସି କ୍ୟାମ୍ପସ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଏନ୍‌ସିସି ଶାଖାର ପ୍ରଫେସର ମୟଙ୍କ ଯାଦବ, ଏନସିସି ଜଳ ବାହିନୀ ଶାଖା ପ୍ରଫେସର ଅରୁଣ ପ୍ରଶାଥ ଭି. ଉପସ୍ଥିତ ଥିଲେ। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ରାଉରକେଲା ମଜଦୁର ସଭା

ରାଉରକେଲା ମଜଦୁର ସଭା ତରଫରୁ ସହରାଞ୍ଚଳ କାର୍ଯ୍ୟାଳୟ ସି/୮, ସେକ୍ଟର-୬ ପରିସରରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସଭାପତି ଶଶଧର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାମ୍ପ୍ରତିକ ଅବସ୍ଥାରେ ଶ୍ରମିକମାନଙ୍କର ଅଧିକାରର ସୁରକ୍ଷା ପାଇଁ ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଉପସଭାପତି କଳାକାର ସାହୁ, ସିଦ୍ଧେଶ୍ୱର ବଳ, ପତିତପାବନ ଜେନା, ଉପ ସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା, ସମ୍ପାଦକ ନୃପାନନ୍ଦ ନାୟକ, ଅଜୟ ପାତ୍ର, କେଦାର ଦାସ, ସରୋଜ ରାଉଳ, ଗୋପାଳ ମହନ୍ତ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ମଜଦୁର ସଭାର ବିଶ୍ରା ରୋଡ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ବରିଷ୍ଠ ଶ୍ରମିକ ନେତା ଆଦିକନ୍ଦ ଭୋଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପସଭାପତି ସିଦ୍ଧେଶ୍ୱର ବଳ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ସଭାପତି ଶଶଧର ନାୟକ ଓ ଉପସଭାପତି କଳାକାର ସାହୁ ସଂଗଠନକୁ ସୁଦୃଢ଼ କରିବା ସହ ଶ୍ରମିକଙ୍କ ନ୍ୟାୟିକ ଅଧିକାର ପାଇଁ କାମ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଜେନା, ସ୍ମୃତିରଞ୍ଜନ ସାହୁ, ବିମଳ ବେହୁରିଆ, ବାବୁ ଲେଙ୍କା, ଅକ୍ଷୟ, ଆର୍ ପାଣ୍ଡ୍ୱାନ, ବିନୋଦ ଓ ବିଟୁ ସହଯୋଗ କରିଥିଲେ।

### ରାଉରକେଲା ହକର୍ସ ଆସୋସିଏସନ

ରାଉରକେଲା ହକର୍ସ ଆସୋସିଏସନ ପକ୍ଷରୁ ନୂଆ ବସଷ୍ଟାଣ୍ଡ ୧ ନମ୍ବର ପଏଣ୍ଟ ଏବଂ ସେକ୍ଟର -୨ ବସଷ୍ଟାଣ୍ଡ ୨ ନମ୍ବର ପଏଣ୍ଟଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିଜର ହକ୍ ହାସଲ କରିବାକୁ ହେଲେ ସଂଘବଦ୍ଧ ଲଢେଇ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସିଆଇଟିୟୁର କେନ୍ଦ୍ରୀୟ ଉପସଭାପତି ତଥା ରାଉରକେଲା ହକର୍ସ ଆସୋସିଏସନର ସଭାପତି ବିଷ୍ଣୁ ମହାନ୍ତି ଉପସ୍ଥିତ ଥିଲେ। ସିଆଇଟିୟୁର ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ହକର୍ସ ଆସୋସିଏସନ ୧ ନମ୍ବର ପଏଣ୍ଟ ସମ୍ପାଦକ କିଶୋର ରାଉତ ହକର୍ସମାନଙ୍କ ସମସ୍ୟା ଉପରେ ସୂଚନା ଦେଇଥିଲେ। 'ସକାଳ' ପରିବାର ପକ୍ଷରୁ ପ୍ରସାର ମୁଖ୍ୟ ପ୍ରଫୁଲ୍ଲ ଷଡଙ୍ଗୀ ଉପସ୍ଥିତ ଥିବାବେଳେ ସଂଗ୍ରାମ ଭୂୟାଁ, ରାଉରକେଲା ହକର୍ସ ଆସୋସିଏସନର ୧ ନମ୍ବର ବିତରଣ ପଏଣ୍ଟର ସଭାପତି ମିହିର ପାତ୍ର, ସମ୍ପାଦକ କିଶୋର ରାଉତ, ଅନିରୁଦ୍ଧ ଜେନା, ଆର୍ତ୍ତତ୍ରାଣ ବେହେରା, ଅଶୋକ ସାହୁ, ପୂର୍ଣ୍ଣଚନ୍ଦ୍ର ବେହେରା, ନିଳମଣୀ ନନ୍ଦଙ୍କ ସମେତ ସମସ୍ତ ବିତରକମାନେ ଯୋଗ ଦେଇଥିଲେ। ସେହିପରି ୨ ନମ୍ବର ବିତରଣ ପଏଣ୍ଟରେ ସିଆଇଟିୟୁର ସୁନ୍ଦରଗଡ଼ ଜିଲ୍ଲା ସାଧାରଣ ସମ୍ପାଦକ ବିମାନ ମାଇତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ସିଆଇଟିୟୁର କେନ୍ଦ୍ରୀୟ ଉପସଭାପତି ତଥା ରାଉରକେଲା ହକର୍ସ ଆସୋସିଏସନର ସଭାପତି ବିଷ୍ଣୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ 'ସକାଳ' ପରିବାର ପକ୍ଷରୁ ଜୟଦେବ ପଣ୍ଡାଙ୍କ ସମେତ ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଶୁକେନ୍ଦୁ ପାତ୍ର, ଶରତ ପଣ୍ଡା, ନବୀନ ମାଝୀ, ସନାତନ ମହାନନ୍ଦ, ସମୀର ରାଜହଂସ, ବିଚିତ୍ର ବାରିକ, ମହେଶ୍ୱର ସ୍ୱାଇଁ, ଶଶଧର ପଣ୍ଡା, କେଶବ ଜେନା, ପ୍ରଦୀପ କଂସାରୀ, କାଶୀନାଥ ସାହାଣୀ, ବିଚିତ୍ର ବାରିକ, ମନୋଜ ଜେନା, ଗୋଲଖ ସାହୁ, ହରେକୃଷ୍ଣ ପରମାଣିକ, ହରିରାମ ମାଇତି, ଅରୁଣ ମହାନ୍ତି, ରାଜକିଶୋର ନାୟକ, ଶ୍ୟାମ ମାଛକୁଣ୍ଡ, ମିଟୁ ଦୀପ, ଗୋପୀ ସୁନା, ଜିତେନ୍ଦ୍ର ସୁନା, ଆନନ୍ଦ ବାରିକ, ଦିନେଶ ମଲ୍ଲିକ, ବିଶୁ ଘୋଷଙ୍କ ସମେତ ସମସ୍ତ ବିତରକ ଉପସ୍ଥିତ ଥିଲେ।







### ନ୍ୟାସ୍‌ନାଲ୍ ଇନ୍‌ସୁରାନ୍ସ

ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ପରିସରସ୍ଥ ନ୍ୟାସନାଲ ଇନ୍‌ସ୍ୟୁରାନ୍ସ ଡିଭିଜନ କାର୍ଯ୍ୟାଳୟ ପକ୍ଷରୁ ଏହାର କାର୍ଯ୍ୟାଳୟ ସମ୍ମୁଖରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଡିଭିଜନାଲ ମ୍ୟାନେଜର ମାନସ ରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭାଗୀୟ ବରିଷ୍ଠ ଅଧିକାରୀ ଦୁର୍ଗାଚରଣ ବଡାଇକ, ବିଜୟ କୁମାର ନାୟକ, ବିକେ ସିଂହ, ଉମେଶ ଚୌଧୁରୀ, ପାନିଆ ଓରାମଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ।

### ସାମାଜିକ ଅନୁଷ୍ଠାନ ଗୁଣ୍ଠୁଚି

ସେବାଧର୍ମୀ ଅନୁଷ୍ଠାନ ଗୁଣ୍ଠୁଚି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ଭଗବାନ ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ କୁମୁଦ ରଞ୍ଜନ ମହାନ୍ତି, ସତ୍ୟଜିତ ସୂତାର, ଅମୂଲ୍ୟ ମିଶ୍ର, ଅମିୟ ଶତପଥୀ, ଗଗନ ରାଉତ, ରଞ୍ଜନ ଦୀକ୍ଷିତ, ଜିଏନ୍ ଶ୍ରୀବାସ୍ତବ, ଯୁଧିଷ୍ଠିର ପଣ୍ଡା, କୁଞ୍ଜ ବିହାରୀ ପ୍ରଧାନ, ଗୋପବନ୍ଧୁ ପାଣିଗ୍ରାହୀ ଓ ଜଗତାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ଲଡୁ ବଣ୍ଟନ କରାଯାଇଥିଲା।

### ଧାମରା ସଂଘ

ଧାମରା ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ପ୍ରସାଦ ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ଭଗବାନ ରାଉତ, ଉପସଭାପତି ନିତ୍ୟାନନ୍ଦ ବିଶ୍ୱାଳ, ଶମ୍ଭୁନାଥ ପରିଡ଼ା, କୋଷାଧ୍ୟକ୍ଷ ଆଲୋକ ବେହେରା, ସଙ୍ଗଠନ ସମ୍ପାଦକ ଅମୂଲ୍ୟ ସେଠୀ, ବାଳକୃଷ୍ଣ ସ୍ୱାଇଁ, କରୁଣାକର ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଛେଣ୍ଡ ସ୍ଥିତ ରାମକୃଷ୍ଣ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

### ତ୍ରିନାଥ ମାର୍କେଟ

ସ୍ଥାନୀୟ ସେକ୍ଟର -୬ ଶନି ମନ୍ଦିର ସ୍ଥିତ ତ୍ରିନାଥ ମାର୍କେଟ ପରିସରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ଇସ୍ପାତ କାରଖାନାର ପ୍ରାକ୍ତନ ମହା ପ୍ରବନ୍ଧକ ପ୍ରଭାରୀ ତଥା ରାଉରକେଲା ସଚେତନ ମଞ୍ଚର ସଭାପତି ଇଂ ବିମଳ କୁମାର ବିଶି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶ ସ୍ୱାଧୀନତା ଓ ସମ୍ବିଧାନ ପ୍ରସ୍ତୁତ ପାଇଁ ମହାପୁରୁଷଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରିଥିଲେ। ସାହିତ୍ୟଘରର ସଭାପତି ରାମକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ସଂଗଠନ ସମ୍ପାଦକ ଜଗନ୍ନାଥ ରାଉତ, କାର୍ଯ୍ୟକ୍ରମ ସମ୍ପାଦକ ବିଭୁ ନାୟକ, କାର୍ଯ୍ୟକାରୀ ସଦସ୍ୟ ସୁସ୍ମିତା ମହାପାତ୍ର, ସୁମନ୍ତ କୁମାର ଉପାଧ୍ୟାୟ, ଅଭିମନ୍ୟୁ ନାୟକ, ଶାନ୍ତନୁ କୁମାର ପଣ୍ଡା, ବିରେନ କୁମାର ଟୁଡୁ, ହରିହର ସାହୁ, ପ୍ରକାଶ କୁମାର ନାୟକ, ନବୀନ କୁମାର ବିନ୍ଧାଣି, ବାଟକୃଷ୍ଣ ଓଝା, ମାନସ କୁମାର ମହାପାତ୍ର, ଗିରିଧାରୀ ସ୍ୱାଇଁ ମାର୍କେଟ କମିଟିର ସିମାଞ୍ଚଳ ମହାରଣା, ବିରେନ୍ଦ୍ର କୁମାର ଜେନା, ଗଜେନ୍ଦ୍ର କୁମାର ବଳ, ପୂରଣ ଶର୍ମା, ଦେବେନ୍ଦ୍ର ମହାରଣା, ଦ୍ୱାରିକାନାଥ ବେହେରା, ରତିକାନ୍ତ ପରିଡ଼ା, ମୁନ୍ନା ଶର୍ମା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ନବନିର୍ମାଣ କୃଷକ ସଂଗଠନର ବନ୍ଦ ଡକରା ଶାନ୍ତିପୂର୍ଣ୍ଣ

ତୁରୁମୁଙ୍ଗା, ୨୮।୧(ସମିସ)




ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଓଡ଼ିଶା ବନ୍ଦ ଡକରାରେ ବୁଧବାର କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ନିହୁଁଆଁ ଛକ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। କୃଷି, କୃଷକ ଓ ଲୋକଙ୍କର ବିଭିନ୍ନ ସମସ୍ୟାକୁ ନେଇ ସଂଗଠନ ପକ୍ଷରୁ ଏହି ପ୍ରତିବାଦ କରାଯାଇଥିଲା। ମଣ୍ଡିରେ ୫ରୁ ୭ କିଲୋ କଟନୀଛଟନୀ, ସ୍ମାର୍ଟ ମିଟର୍ ନାଁରେ ଟାଟା ପାୱାର୍ ସାଧାରଣ ଜନତାଙ୍କୁ କରୁଥିବା ଶୋଷଣ, ପ୍ରଦୂଷଣ ନାଁରେ ଜନତାଙ୍କୁ ୮ରୁ ୧୦ହଜାର ଟଙ୍କା ଫାଇନ ପ୍ରତିବାଦରେ ଶତାଧିକ କର୍ମକର୍ତ୍ତା ଆନ୍ଦୋଳନରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଏକଚାଟିଆ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହି ଆନ୍ଦୋଳନ ସକାଳ ୮ରୁ ଦିନ ୨ଟା ଯାଏ ଚାଲିଥିଲା। ଜିଲ୍ଲା ସହସଂଯୋଜକ ଖଗେଶ୍ୱର ମହାନ୍ତ, ମହିଳା ସଭାନେତ୍ରୀ ବିଳାସିନୀ ମହାନ୍ତ, ନବନିର୍ମାଣ କୃଷକ ସଂଘ ପାଟଣା ବ୍ଲକ୍ ସଭାପତି ରାଜବଲ୍ଲଭ ମିଶ୍ର, ରାଜକିଶୋର ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ମଧୁମିତା ମହାନ୍ତ, ତରଣୀସେନ ମହାନ୍ତ, ସନାତନ ମହାନ୍ତ, ବିଜୟ ସେଠୀ, ପାଟଣା ବ୍ଲକ କଂଗ୍ରେସ ସଭାପତି ଗୋବିନ୍ଦ ମହାନ୍ତ, ସୁବୋଧ ରଞ୍ଜନ ସେଠୀ, କଂଗ୍ରେସ ନେତା ବାଡ଼ିଆ ସାହୁ, ସୁବଳ ସାହୁ, ମାନସ ନାଏକ, ବ୍ରଜ ନାଏକ ସାମିଲ ଥିଲେ।

**ତେଲକୋଇ:** ଏହି ବନ୍ଦ ଡକରା ଦ୍ୱାରା ତେଲକୋଇ ବ୍ଲକରେ ପ୍ରଭାବ ଦେଖାଦେଇଛି। ତେଲକୋଇ ବଣିକ ସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ ଦିଆଯାଇଛି। ଫଳରେ ତେଲକୋଇ ବଜାର ବନ୍ଦ ହେବା ସମେତ ରାସ୍ତାଘାଟରେ ଚକ ଅଖ ବନ୍ଦ ରହିଥିଲା। ସଙ୍ଗଠନର ସଦସ୍ୟମାନେ ପିକେଟିଂ କରି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ବନ୍ଦ କରାଇଥିଲେ। ଶାନ୍ତିଶୃଙ୍ଖଳା ଭାବେ ବନ୍ଦ ଡକରା ସଫଳ ହୋଇଥିଲା। ସଂଗଠନର ଜିଲ୍ଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ଚାଷୀନେତା ଇନ୍ଦ୍ରମଣି ବିଶ୍ୱାଳ, ନାରାୟଣ ପ୍ରଧାନ, ବାବୁଲାଲ ପ୍ରଧାନ, ଚୈତନ୍ୟ ସାହୁ, ଦାଶରଥୀ ବେହେରା, ଦିଲୀପ ସାହୁ, କୌନୁଜ ବିଶ୍ୱାଳ, ଶୈଳେନ୍ଦ୍ର ପ୍ରଧାନ, ଚନ୍ଦ୍ରମଣି ସାହୁଙ୍କ ସମେତ ଅନେକ ସଦସ୍ୟ ସାମିଲ ହୋଇଥିଲେ।

## ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

ହାଟଡ଼ିହୀ,୨୮।୧(ସମିସ): ହାଟଡ଼ିହୀ ବ୍ଲକ ଅଧୀନସ୍ଥ ହାଟଡ଼ିହୀ ଓ ବଞ୍ଚୋ ବରାହୀ ହାଇସ୍କୁଲରେ ପଠାଣିସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ହାଟଡ଼ିହୀ ହାଇସ୍କୁଲ ପ୍ରଥମ ମଞ୍ଚରେ ଷଷ୍ଠ ଶ୍ରେଣୀ ପାଇଁ ୧୩୩ ଜଣ ପରୀକ୍ଷାର୍ଥୀ ନାମ ପଞ୍ଜୀକରଣ କରିଥିଲା ବେଳେ ସେଥିରୁ ୧୨୫ ଉପସ୍ଥିତ ଥିଲେ। ୮ଜଣ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ମଞ୍ଚ ନବମ ଶ୍ରେଣୀ ପାଇଁ ୧୦୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୯ଜଣ ଉପସ୍ଥିତ ଏବଂ ୨୧ଜଣ ଅନୁପସ୍ଥିତ ଥିଲେ। ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ପରୀକ୍ଷା ପର୍ଯ୍ୟବେକ୍ଷକ ରହିଥିଲେ। ବଞ୍ଚୋ ବରାହୀ ହାଇସ୍କୁଲର ଷଷ୍ଠ ଶ୍ରେଣୀ ପାଇଁ ୧୦୦ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୯୭ଜଣ ଉପସ୍ଥିତ ଏବଂ ୩ ଅନୁପସ୍ଥିତ ଥିଲେ। ନବମ ଶ୍ରେଣୀ ପାଇଁ ୯୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪ ଉପସ୍ଥିତ ଏବଂ ୧୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ପର୍ଯ୍ୟବେକ୍ଷକ ଭାବେ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା ନିୟୋଜିତ ଥିଲେ। ସ୍କୁଲ କର୍ମଚାରୀ ସହଯୋଗ କରିଥିଲେ।

## ଖାଳିଆମେଣ୍ଟା ମୁରବୀଙ୍କ ପରଲୋକ



ଆନନ୍ଦପୁର, ୨୮।୧ (ସମିସ): ଘଷିପୁରା ବ୍ଲକ ଖାଳିଆମେଣ୍ଟା ଗ୍ରାମର ମୁରବୀ ତଥା ଅଗ୍ନି ଉତ୍ସବ କମିଟିର ସମ୍ପାଦକ ଜଗବନ୍ଧୁ ଜେନା (୫୭)ଙ୍କ ନିଜ ବାସଭବନରେ ବୁଧବାର ସକାଳ ସାଢ଼େ ଆଠଟା ସମୟରେ ଦେହାନ୍ତ ହୋଇଛି। ତାଙ୍କ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନ ଓ ଗ୍ରାମର ଅନେକ ଲୋକ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ଶ୍ମଶାନରେ ଏକମାତ୍ର ପୁତ୍ର ସତ୍ୟବ୍ରତ ଜେନା ମୁଖାଗ୍ନି ଦେଇଥିଲେ। ସେ ଜଣେ ସଂସ୍କୃତିସମ୍ପନ୍ନ ଉତ୍ସାହୀ ବ୍ୟକ୍ତି ଥିଲେ। ଅପେରା କମିଟିର ମୁଖ୍ୟ ଦାୟିତ୍ୱ ସୁଚାରୁରୂପେ ତୁଲାଇବା ସହ ମେଳାପି ଥିଲେ। ତାଙ୍କ ଦେହାନ୍ତରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାକେଶ ଯୁବ ବିଜେଡି ଜିଲ୍ଲା ସଭାପତି



ଆନନ୍ଦପୁର,୨୮।୧ (ସମିସ): କେନ୍ଦୁଝର ଜିଲ୍ଲାର ଯୁବ ସଂଗଠକ ରାକେଶ କୁମାର ରାମ (ବାପି) ପୁଣିଥରେ ଜିଲ୍ଲା ଯୁବ ବିଜେଡି ସଭାପତି ହୋଇଛନ୍ତି। ତାଙ୍କୁ ତୃତୀୟ ଥର ପାଇଁ ଏହି ନିଯୁକ୍ତି ଦିଆଯିବା ପରେ ଯୁବ ବିଜେଡି କର୍ମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜିଲ୍ଲାରେ ଯୁବ ସଂଗଠନକୁ ସୁଦୃଢ଼ କରିବା ପାଇଁ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ତାଙ୍କୁ ଏହି ପଦରେ ପୁନଃନିଯୁକ୍ତି ଦିଆଯାଇଥିବାରୁ ସେ ଜିଲ୍ଲାର ସମସ୍ତ ବିଜେଡି ବିଧାୟକ, ପୂର୍ବତନ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶରାୟଏବଂଦଳରସୁପ୍ରିମୋନବୀନପଟ୍ଟନାୟକଙ୍କୁକୃତଜ୍ଞତାଜଣାଇଛନ୍ତି।

## ବନଦୁର୍ଗା ଷ୍ଟାର କ୍ଲବ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ

ଆନନ୍ଦପୁର,୨୮।୧(ସମିସ): ଆନନ୍ଦପୁର ପୌରାଞ୍ଚଳ ଘସିପୁରା ଷ୍ଟାର କ୍ଲବ ପକ୍ଷରୁ ସାଧାରଣତନ୍ତ୍ରଦିବସପାଳନଅବସରରେସ୍ୱଚ୍ଛଭାରତଅଭିଯାନଅନୁଷ୍ଠିତହୋଇଯାଇଛି। କ୍ଲବର ସଭାପତି ଯଶୋବନ୍ତ ଦାଶ ଜାତୀୟ ପତାକା ଉତ୍ତୋଳନ କରିବାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସମ୍ପାଦକ ଶରତ ପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ସ୍ଥାନୀୟ ପୋଖରୀ ହୁଡ଼ା ଓ ରାସ୍ତା ସଫେଇ କରିଥିଲେ। ସରୋଜ ସାହୁ, ସମୀର ସାହୁ, ଦେବବ୍ରତ ଜେନା, ହାଡ଼ିବନ୍ଧୁ ପାତ୍ର, ବିଶ୍ୱଜିତ ଜେନା, ଅମର ସାହୁ, ରାଜେନ୍ଦ୍ର ଜେନା, ନାରାୟଣ ପାତ୍ର, ଭୀମସେନ ପାତ୍ର, ଅମୂଲ୍ୟ ମୁଖୀ, ସରୋଜ ମହାନ୍ତି ସାମିଲ ଥିଲେ।

## ଫକୀରପୁର ସାହିତ୍ୟ ସଂସଦର ସ୍ମୃତିସଭା




ଆନନ୍ଦପୁର, ୨୮।୧ (ସମିସ): ବିଶିଷ୍ଟ କବି ତଥା ଶିକ୍ଷାବିତ ଅନଙ୍ଗ ଚରଣ ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଫକୀରପୁର ସାହିତ୍ୟ ସଂସଦର ସଭାପତି ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ସମୟରେ ପ୍ରଥମେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଂସଦର ସମ୍ପାଦକ ତଥା ସାମ୍ବାଦିକ ଅନୀଲ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ବେଦବିତ୍ ନରୋତ୍ତମ ଦାସ, ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ସୁବାସଚନ୍ଦ୍ର ପଣ୍ଡା. ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ରତ୍ନାକର ଦାସ, କଣ୍ଟିପାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସୁର, ଶିକ୍ଷାବିତ୍ ନୃସିଂହ ଚରଣ ଦତ୍ତ, ବନମାଳି ସେଠୀ ଯୋଗ ଦେଇଥିଲେ। ସ୍ୱର୍ଗତ କବିଙ୍କ କନ୍ୟା ବିଶ୍ୱମାୟା ଦାସ ଓ ଭଉଣୀ କବି ଜ୍ୟୋତ୍ସ୍ନାରାଣୀ ଦାସ ତାଙ୍କ ରଚିତ କବିତା ସଂକଳନରୁ କବିତା ପାଠ କରିଥିଲେ। କାମଦେବ ଗୁଇଁ, ହରିହର ସାହୁ, କୁନିଆ ରଥ, ବସନ୍ତ ସାହୁ, ଚିନ୍ତାମଣି ଦାସ, ଘନଶ୍ୟାମ ରଣା, ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ସୁପୁତ୍ର ଡା. ପ୍ରଶାନ୍ତ ଦାସ ଓ କୃଷି ଅଧିକାରୀ ଜୟନ୍ତ ଦାସ ପିତାଙ୍କ ପଦାଙ୍କ ଅନୁସରଣ କରି ଫକୀରପୁର ହାଇସ୍କୁଲ ଓ ପ୍ରାକ୍ଟିସିଂ ଗାର୍ଲ୍ସ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଓ ଡିବେଟ୍ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ତାଙ୍କ ପତ୍ନୀ ସହଯୋଗ କରିଥିଲେ।

## ସୁନ୍ଦରାପାଳ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ




ହାଟଡ଼ିହୀ,୨୮।୧(ସମିସ): ହାଟଡିହୀ ବ୍ଲକ ସୁନ୍ଦରାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୭ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଳା ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥିଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ହଦଗଡ଼ ପିଏମଶ୍ରୀ ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଅଧୀର ନାୟକ, ସାମାଜିକ କର୍ମୀ ତଥା ବିଜେପି ନେତା ଆଲୋକ ସେଠୀ, ସୋସୋ ଥାନାଧିକାରିଣୀ କାନନ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା କବି ନାରାୟଣଚନ୍ଦ୍ର ଲେଙ୍କା ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟକ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବରୁ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବେଆଇନ ନିର୍ମାଣକାରୀଙ୍କ ଉପରେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର, ୨୮।୧(ସମିସ): କେନ୍ଦୁଝର ସହରରେ ବିନା ପାର୍କିଂ ବ୍ୟବସ୍ଥାରେ ବ୍ୟବସାୟିକ କେନ୍ଦ୍ର ଗଢି ଉଠିଥିବାରୁ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇପଡିଛି। ଅନେକ ମାର୍କେଟ କଂପ୍ଲେକ୍ସ ନିର୍ମାଣ ସରିବା ପରେ ପାର୍କିଂ ସ୍ଥାନକୁ ଭଡ଼ା ଦିଆଯାଉଥିବାରୁ ରାସ୍ତାରେ ଗାଡିମୋଟର ଛିଡା ହେଉଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ସେହିପରି ବିନା ପ୍ଲାନରେ ରାସ୍ତା କଡରେ ବ୍ୟବସାୟିକ ଘର ନିର୍ମାଣ ହୋଇଛି। ଅନେକ ବ୍ୟବସାୟିକ ଘର ବିନା ପ୍ଲାନରେ ନିର୍ମାଣ ହେଉଥିବା ପୌରପାଳିକା ନଜରକୁ ଆସିବା ପରେ ସଂପୃକ୍ତ ଘର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ଲାନ ନନେଇ ଏହି ଘର ନିର୍ମାଣ ହେଉଥିବା ନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କରିବା ପରେ ଯାଞ୍ଚ କରାଯାଇଥିଲା। ମାଇନିଂ ରୋଡ ରାସ୍ତାର ଆଇସିଆଇସିଆଇ ବ୍ୟାଙ୍କ ନିକଟରେ ଏକ ତୃତୀୟ ମହଲା ଘର ନିର୍ମାଣ ଚାଲିଛି। ପ୍ଲାନ ନଥାଇ ଘର ନିର୍ମାଣ ହେଉଥିବାରୁ ଘର କାମ ବନ୍ଦ ରଖିବାକୁ ଘର ମାଲିକଙ୍କୁ କୁହାଯାଇଛି। ଉକ୍ତ ସ୍ଥାନରେ ଅନେକ ମାର୍କେଟ କଂପ୍ଲେକ୍ସ ପାର୍କିଂ ସୁବିଧା ନଥାଇ କୋଠା ନିର୍ମାଣ ଚାଲି ଆସୁଥିବା ଅଭିଯୋଗ ହୋଇଛି। ଏକ ତୃତୀୟ ମହଲା କାମ ବିନା ପ୍ଲାନରେ ଚାଲିଥିବା ଅଭିଯୋଗ ପରେ କାମ ବନ୍ଦ କରାଯାଇଛି ବୋଲି ପୌରନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି। ସେହିପରି ଥାନା ଛକ ନିକଟରେ ଏକ ତିନି ମହଲା ଘର ଶେଷ ହେବା ପରେ ପାର୍କିଂସ୍ଥଳକୁ ଏକ ବେସରକାରୀ ବ୍ୟାଙ୍କକୁ ଘର ମାଲିକ ଭଡ଼ାରେ ଦେଇଛନ୍ତି। ବିଜୁ ପଟ୍ଟନାୟକ ଛକରେ ଆଉ ଏକ ବ୍ୟବସାୟିକ ପ୍ରତିଷ୍ଠାନ ବିନା ପ୍ଲାନରେ କରିବା ପରେ ପୌରପାଳିକା ପକ୍ଷରୁ ନୋଟିସ ଦିଆଯାଇ କାମ ବନ୍ଦ କରିବାକୁ କୁହାଯାଇଥିଲା। ଘର ମାଲିକ ନୋଟିସକୁ ବେଖାତିର କରି ଘର ଶେଷ କରି ଏକ ପ୍ରାଇଭେଟ ଫାଇନାନ୍ସକୁ ଭଡ଼ାରେ ଦେଇଛନ୍ତି। ପୌରପାଳିକାର ନିର୍ଦ୍ଦେଶକୁ ଅମାନ୍ୟ କରିଥିଲେ ହେଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି। କେନ୍ଦୁଝର ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଗୁରୁତର ହେଉଥିବାରୁ ପୌରପାଳିକା ପକ୍ଷରୁ ଏକ ଟିମ ଗଠନ କରାଯାଇ ସହର ମଧ୍ୟରେ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନର ପାର୍କିଂ ସ୍ଥଳ ରହିଛି କି ନାହିଁ ତାହାର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ସେ ପ୍ରକାଶ କରିଛନ୍ତି।

## ବିଜୟଙ୍କୁ ‘ବିଜୟ କେଡ଼ିଆ ସମ୍ମାନ’



ଆନନ୍ଦପୁର, ୨୮।୧(ସମିସ): ବମ୍ବେ ଓଡ଼ିଆ ମହିଳା ମହାସଙ୍ଘର ବାର୍ଷିକ ଉତ୍ସବ ମରାଠୀ ସାହିତ୍ୟ ନାଟ୍ୟ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଯୋଗଗୁରୁ ଓ ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ଡ଼. ବିଜୟକୁମାର ମହାରଣାଙ୍କୁ ଯୋଗରେ ତାଙ୍କର ଅସାଧାରଣ ଅବଦାନ ପାଇଁ ପ୍ରତିଷ୍ଠିତ ‘ବିଜୟକେଡିଆ ପୁରସ୍କାର’ ପ୍ରଦାନ କରାଯାଇଛି। ଶ୍ରୀ ମହାରଣା କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ଉପଖଣ୍ଡର ଘସିପୁରା ଅଞ୍ଚଳର ଖଲିଆମେଣ୍ଟା ଗାଁର ନିବାସୀ। ସେ ଜାତୀୟ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଙ୍ଗାଧର ମହାରଣା ଓ ଯଶୋଦା ଦେବୀଙ୍କ ଜ୍ୟୋଷ୍ଠ ପୁତ୍ର। ଏହି ସମ୍ମାନ ଯୁବପିଢ଼ି ପାଇଁ ଏକ ମହାନ ପ୍ରେରଣା ଓ ଏହା ପ୍ରମାଣ କରେ ଯେ ନିରନ୍ତର ପରିଶ୍ରମ ଓ ଦୃଢ଼ ସମର୍ପଣଭାବ ନିଶ୍ଚୟ ସଫଳତା ଆଣିଥାଏ। ସଂଘର ଅଧ୍ୟକ୍ଷା ଡ଼. କଞ୍ଚନନିକା ତ୍ରିପାଠୀଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଆ ନାଟକ ‘ସୂର୍ଯ୍ୟବଂଶୀ କପିଳା’ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

## ମା’ତାରିଣୀ ପ୍ରେସ୍‌କ୍ଲବ୍ ପକ୍ଷରୁ ବଜାର ସଫେଇ



ଘଟଗାଁ,୨୮।୧(ସମିସ): ଘଟଗାଁଠାରେ ନବଗଠିତ ମା’ତାରିଣୀ ପ୍ରେସ କ୍ଲବ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ଅବସରରେ ବଜାର ସଫେଇ କରାଯାଇଥିଲା। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ସ୍ଥାନୀୟ ପୁଲିସ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ମୁଖ୍ୟଅତିଥି ଭାବେ ଶୁଭାରମ୍ଭ କରିଥିଲେ। ଥାନାଧିକାରୀ ଶୁଭ୍ରାନ୍ତ ଜେନା, ମୁକୁନ୍ଦପୁରପାଟଣା ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରେସ କ୍ଲବର ସଦସ୍ୟମାନେ ଘଟଗାଁ ବଜାର, ବସଷ୍ଟାଣ୍ଡ, ଡାକ ବଙ୍ଗଳା, ଥାନା ସମ୍ମୁଖରେ ଥିବା ରାସ୍ତା ଆଦି ସ୍ଥାନରେ ସଫେଇ କରିବା ସହ ବ୍ଲିଚିଂ ପକାଇଥିଲେ। କ୍ଲବର ସଭାପତି ପ୍ରଦୀପ ସା, ଉପସଭାପତି କୁଳମଣି ନାୟକ, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମହାନ୍ତ, ସମ୍ପାଦକ ଭୀମସେନ ବଳ, ଏ.କେ. ଶୁଭ୍ରାଂଶୁ ଶେଖର, କାର୍ଯ୍ୟକାରୀ ସଭାପତି ମାନସ ପିରେଇ, କୋଷାଧ୍ୟକ୍ଷ ଛବିନ୍ଦ୍ର ଜେନା କମିଟିର ସଦସ୍ୟ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ତ୍ରିଲୋଚନ ପାତ୍ର, ମହେନ୍ଦ୍ର ପାତ୍ର, ଅମର ଦେହୁରୀ, ଉପଦେଷ୍ଟା ଆନନ୍ଦଚନ୍ଦ୍ର ସିଂହ, ସଞ୍ଜୟ ମିଶ୍ର, ରାଜେନ୍ଦ୍ର ପଟ୍ଟନାୟକ, ମନୋଜ ବିଶ୍ୱାଳ ସମେତ ଦେବାଶିଷ ଭଞ୍ଜ, ଅଜୟ ମହାନ୍ତ, ଲିପୁନ ପାତ୍ର, ରକ୍ଷାକର ବାରିକ, ସଚିନ ରାଉତ, ଉଦିପ୍ତ ମହାନ୍ତ ସାମିଲ ଥିଲେ।

## ଆନନ୍ଦପୁର ନଗର ଓ ବ୍ଲକ୍ କଂଗ୍ରେସ ସଭାପତି ମନୋନୀତ



ଆନନ୍ଦପୁର, ୨୮।୧ (ସମିସ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ କେନ୍ଦୁଝର ଜିଲ୍ଲା କଂଗ୍ରେସର ବିଭିନ୍ନ ପଦପଦବି ପାଇଁ ନାମ ଘୋଷଣା କରାଯାଇଛି। ଏହିକ୍ରମରେ ଆନନ୍ଦପୁର ନଗର ସଭାପତି ଭାବେ ହାଡିବନ୍ଧୁ ଖୁଣ୍ଟିଆ, ଆନନ୍ଦପୁର ବ୍ଲକ ସଭାପତି ଭାବେ ସନ୍ତୋଷ କୁମାର ସାମଲ, ହାଟଡିହି ବ୍ଲକ ସଭାପତି ଭାବେ ରମେଶଚନ୍ଦ୍ର ବାରିକ, ଘସିପୁରା ବ୍ଲକ୍ ସଭାପତି ଭାବେ ତ୍ରିଲୋଚନ ପରିଡା ଚୟନ ହୋଇଛନ୍ତି। ସାଇଁକୁଳ ଗ୍ରାମର ଶ୍ରୀ ପରିଡ଼ାଙ୍କୁ ବିଭିନ୍ନ ବର୍ଗର ବ୍ୟକ୍ତି ଓ ଦଳୀୟ କର୍ମୀମାନେ ଭେଟି ଶୁଭେଚ୍ଛା ଜଣାଇଥିଲେ। ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବ୍ଲକ୍ ସଭାପତିଙ୍କୁ ଚୟନ କରାଯାଇଛି। ଏଥିପାଇଁ ସେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ଏକ କର୍ମୀ ସମ୍ମିଳନୀ କଂଗ୍ରେସ କର୍ମୀଙ୍କୁ ସଂଗଠିତ କରାଯିବ ବୋଲି ଶ୍ରୀ ପରିଡ଼ା କହିଛନ୍ତି।

## ରାଇସୁଆଁ ଅଟୋ ଆସୋସିଏସନ ପକ୍ଷରୁ ସାଧାରଣତନ୍ତ୍ର ଦିବସ

### ସମ୍ମିଳିତ ପରେଡ୍‌ରେ ସାମିଲହେଲେ ଛାତ୍ରଛାତ୍ରୀ



କେନ୍ଦୁଝର, ୨୮।୧(ସମିସ): କେନ୍ଦୁଝର ସଦର ବ୍ଲକ ରାଇସୁଆଁସ୍ଥିତ କରୁଣାକର ଅଟୋ ଆସୋସିଏସନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ହାଇସ୍କୁଲ ଖେଳପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସମ୍ମିଳିତ ପରେଡରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସତ୍ୟଜିତ ନନ୍ଦ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସମାଜସେବୀ ସେବତୀ ସିଂ, ଗୀତାରାଣୀ ଦାଶ, ରବିନାରାୟଣ ରଥ, ଦୁର୍ଗାପ୍ରସନ୍ନ ସାହୁ, ସମାଜସେବୀ ଭାଗୀରଥି ସେଠୀ, ପାର୍ଥସାରଥୀ ସାହୁ, ବରିଷ୍ଠ ସାମ୍ବାଦିକ ଜିଲ୍ଲା ପ୍ରେସ କ୍ଲବର ସମ୍ପାଦକ ଶରତଚନ୍ଦ୍ର ଦାଶ ପ୍ରମୁଖ ଅନ୍ୟତମ ଅତିଥି ଯୋଗ ଦେଇଥିଲେ। ବରିଷ୍ଠ କ୍ରୀଡା ଶିକ୍ଷକ ତଥା ଅଞ୍ଚଳର ସମ୍ମାନିତ ମୁରବୀ ପ୍ରଫୁଲ୍ଲଚନ୍ଦ୍ର ଘୋଷ ସଭା ଓ ପରେଡ଼ ପରିଚାଳନା କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଦେଶାତ୍ମବୋଧ ସଂଗୀତ ନୃତ୍ୟ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ରାଇସୁଆଁ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀମାନେ ଉଭୟ ପ୍ୟାରେଡ଼ ଏବଂ ଦେଶାତ୍ମବୋଧ ନୃତ୍ୟ ସଂଗୀତ ପ୍ରତିଯୋଗିତାରେ ପ୍ରଥମ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। କରୁଣାକର ଆଟୋ ଆସୋସିଏସନର ସଭାପତି ଲିଣ୍ଟୁ ମହାନ୍ତି, ସମ୍ପାଦକ ସନ୍ତୋଷ ସେଠୀଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ସହଯୋଗ କରିଥିଲେ।

### ବାଲି ବୋଝେଇ ହାଇୱା ମାଡ଼ିଯିବା ଘଟଣା

## ପ୍ରଶାସନର ଅବହେଳାରୁ ୨୪ ଘଣ୍ଟା ପରେ ଉଠିଲା ଶବ



ହାଟଡ଼ିହୀ,୨୮।୧(ସମିସ): ନନ୍ଦିପଦା ଥାନା ବିଷ୍ଣୁପୁର ଗ୍ରାମର ଆନନ୍ଦ ଜେନାଙ୍କ ଉପରେ ରବିବାର ଦିବା ପ୍ରାୟ ଦେଢ଼ଟାରୁ ୨ଟା ମଧ୍ୟରେ ଏକ ବାଲି ବୋଝେଇ ହାଇୱା ମାଡ଼ିଯିବା ଫଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଆନନ୍ଦ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। କ୍ଷତିପୂରଣ ଦାବିନେଇ ରବିବାର ସନ୍ଧ୍ୟାଠାରୁ ରାତି ସାରା ପରିବାର ଲୋକେ ଶବକୁ ରାସ୍ତା ଉପରେ ରଖି ରାସ୍ତାରୋକ କରିଥିଲେ। ନନ୍ଦିପଦା ଥାନା ପକ୍ଷରୁ ପୁଲିସ ଜଗି ରହିଥିଲେ ସୁଦ୍ଧା ଘଟଣାର ସମାଧାନ ହୋଇପାରି ନଥିଲା। ସୋମବାର ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ରାସ୍ତାଘାଟ ଏମିତିକି ସମ୍ପୂର୍ଣ୍ଣ ବଜାର ବନ୍ଦ କରାଯାଇଥିଲା। ଖବର ପାଇ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଉପଜିଲ୍ଲାପାଳ ନୀଳମାଧବ ସୁନା, ଅତିରିକ୍ତ ତହସିଲଦାର ଘସିପୁରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ହାଟଡ଼ିହୀ ଏବଂ ନନ୍ଦିପଦା ଥାନାଧିକାରୀ ଧର୍ମେନ୍ଦ୍ର ଶାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ କିପରି ପାଇବେ ସେନେଇ ଆଲୋଚନା କରିଥିଲେ। ଦୀର୍ଘ ସମୟର ଆଲୋଚନା ପରେ କ୍ଷତିପୂରଣ ବାବଦକୁ ଗାଡ଼ି ମାଲିକ ଅଢ଼େଇ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଭଳି ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ରବିବାରଠାରୁ ଏଭଳି ଏକ ଅଭାବନୀୟ ଘଟଣା ଉପରେ ଲୋକ ପ୍ରତିନିଧି କିମ୍ବା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାରେ ଅବହେଳା କରାଯାଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ମୃତକଙ୍କ ପରିବାର ଲୋକେ ଶବକୁ ରାସ୍ତା ଉପରେ ରଖି ରାତିସାରା ଥଣ୍ଡା କାକରରେ ବସିବା ଘଟଣା ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଆନନ୍ଦଙ୍କ ମୃତ୍ୟୁ ପରେ ଏଲକଣିଆ, ବିଷ୍ଣୁପୁର, ଶାଳଣିଆଁ ରାସ୍ତାରେ ମାଇନିଂ ପ୍ଲାନକୁ ଆଧାର କରି ଭାରୀଯାନ ଚଳାଚଳ ନିଷେଧ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ଯୋଗୁଁ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟପକ୍ଷରେ, ଜିଲ୍ଲା ବାହାରକୁ ଶହ ଶହ ଭାରୀଯାନ ଯୋଗେ ବାଲି ପରିବହନ ହେଉଛି। ରୋଜଗାରର ଏକ ସୂତ୍ର ଭାବି ବାହାର ରାଜ୍ୟରେ ରୋଜଗାର କରୁଥିବା କିଛି ଭେଣ୍ଡିଆ ପିଲା ଏବେ ଗାଁରେ ରହି ବାଲି ଗାଡ଼ିଠାରୁ ଚାନ୍ଦା ଆଦାୟକୁ ମୁଖ୍ୟ ରୋଜଗାର ଭାବେ ଆପଣେଇ ନେଇଛନ୍ତି। ଶାଳଣିଆଁ ଅଞ୍ଚଳର କିଛି ଅଭିଭାବକଙ୍କ ସଚେତନତା ଅଭାବରୁ ସପ୍ତମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ଯାଏଁ କିଛି ପାଠପଢ଼ା ନାବାଳକ ଛାତ୍ର ବେଆଇନ୍ ଚାନ୍ଦା ଆଦାୟରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ସମ୍ପୂର୍ଣ୍ଣ ବେଆଇନ୍ ଚାନ୍ଦା ଆଦାୟକୁ ବନ୍ଦ କରିବାକୁ ସାଧାରଣରେ ଦାବି ହୋଇଛି।

## ଦ୍ୱିତୀୟ ଦିନରେ 'ଉତ୍ସାହ-୨୦୨୬'



ବାଲେଶ୍ୱର,୨୮ ।୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ପୂର୍ବ ଭାରତୀୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ "ଉତ୍ସାହ-୨୦୨୬'ର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ପୂର୍ବ ଭାରତର ୨୦ଟି ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀଙ୍କ ଅଂଶଗ୍ରହଣରେ ଗତକାଲି ଉଦଘାଟନୀ ସମାରୋହ ପରେ "ଲୋକସଙ୍ଗୀତ ବାଦ୍ୟବୃନ୍ଦ' ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ, ଆଜି ବିଭିନ୍ନ ସ୍ଥାନରେ ମୋଟ ୯ଟି ପ୍ରତିଯୋଗିତା ସଫଳତାର ସହ ସମାପ୍ତ ହୋଇଛି । ଆଜିର କାର୍ଯ୍ୟକ୍ରମରେ ପାଶ୍ଚାତ୍ୟ କଣ୍ଠସଙ୍ଗୀତ (ଏକକ), ଇଂରାଜୀ ବକ୍ତୃତା, ସ୍ଥଳୀୟ ଚିତ୍ରାଙ୍କନ, ଏକାଙ୍କିକା ନାଟକ, ଭାରତୀୟ ଗୋଷ୍ଠୀ ସଙ୍ଗୀତ, ଶାସ୍ତ୍ରୀୟ ବାଦ୍ୟସଙ୍ଗୀତ, ହିନ୍ଦୀ ତର୍କବିତର୍କ, କୋଲାଜ ନିର୍ମାଣ ଓ ସୃଜନାତ୍ମକ ନୃତ୍ୟରଚନା ପ୍ରମୁଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ସମସ୍ତ ପ୍ରତିଯୋଗିତା "ଉତ୍ସାହ୨୦୨୬'ର ଆବାହକ ଓ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଓ ଆୟୋଜକ ସଚିବ ଡକ୍ଟର ଅସୀମ ଅମିତାଭ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ସୁସଂଗଠିତ ଭାବେ ପରିଚାଳିତ ହୋଇଛି । ବିଭିନ୍ନ ବରିଷ୍ଠ ବିଶେଷ ବିଚାରକ, ନିର୍ଣ୍ଣାୟକ ସମିତି ସଦସ୍ୟ ଓ ସଂଚାଳନ ଦାୟିତ୍ୱରେ ଥିବା ସଦସ୍ୟମାନଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଗୁଡ଼ିକ ସଫଳ ଭାବେ ସମ୍ପନ୍ନ ହୋଇଛି । ପୂର୍ବ ଭାରତର ୨୦ଟି ବିଶ୍ୱବିଦ୍ୟାଳୟର ୮୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସହଭାଗିତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଉତ୍ସବମୟ ଓ ସାଂସ୍କୃତିକ ପରିବେଶ ସୃଷ୍ଟି ହୋଇଛି । ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପରିସର ମଧ୍ୟରେ ଏକ ସୂଚନା-ସାହାଯ୍ୟ କେନ୍ଦ୍ର ସ୍ଥାପନ କରାଯାଇଛି । ଏଥିସହିତ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟଗତ ଆବଶ୍ୟକତା ପୂରଣ ପାଇଁ ଦିନରାତି କାର୍ଯ୍ୟକ୍ଷମ ଏକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିୟୋଜିତ କରାଯାଇଛି ।

## ପଛେଇଛି ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ

ବାଲେଶ୍ୱର,୨୮ ।୧(ସମିସ)

**ଯକ୍ଷ୍ମା ରୋଗୀଙ୍କୁ ଦିଆଯାଉନି 'ଫୁଡ୍ ବାସ୍କେଟ'**

ଜଣେ ବ୍ୟକ୍ତି ଯକ୍ଷ୍ମା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଲେ ତାଙ୍କୁ ୬ ମାସ ପର୍ଯ୍ୟନ୍ତ ପୁଷ୍ଟିକର ଖାଦ୍ୟ (ଫୁଡ୍ ବାସ୍କେଟ୍) ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ହେଲେ ବିଭିନ୍ନ ଶିଳ୍ପାନୁଷ୍ଠାନର ସହଯୋଗ ଅଭାବରୁ ଏବେ ବି ଅନେକ ଯକ୍ଷ୍ମା ରୋଗୀ ପୁଷ୍ଟିକର ଖାଦ୍ୟ ପାଉନାହାନ୍ତି । ଭାରତକୁ ୨୦୨୫ ସୁଦ୍ଧା ଟିବି (ଯକ୍ଷ୍ମା ରୋଗ) ମୁକ୍ତ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଥିଲେ । ଏଥିପାଇଁ ସରକାର ଜନ ଭାଗୀଦାରି ଲୋଡ଼ିଥିଲେ । ବିଶେଷକରି ବିଭିନ୍ନ ଶିଳ୍ପସଂସ୍ଥା ସହଯୋଗରେ ଏହାକୁ ସଫଳ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଅଧିକାଂଶ ଜିଲ୍ଲା ଭଳି ବାଲେଶ୍ୱର ଜିଲ୍ଲାରେ ମଧ୍ୟ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ପଛରେ ଥିବା ଜଣାପଡିଛି । କାରଣ ଏବେବି ୧୪୮୫ ଜଣ ଯକ୍ଷ୍ମା ରୋଗୀ ପୁଷ୍ଟିକର ଖାଦ୍ୟ ପାଉନାହାନ୍ତି । କାରଣ 'ନିକ୍ଷୟ ମିତ୍ର' ହେବା ପାଇଁ ନିଜ ଆଡୁ ଆଗେଇ ଆସୁନାହାନ୍ତି କେହି । ଶିଳ୍ପସଂସ୍ଥା, ଜନପ୍ରତିନିଧି ବା ସମାଜସେବୀ ଏଦିଗରେ ନିକ୍ଷୟ ମିତ୍ର ହୋଇ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବା ଫୁଡ୍ ବାସ୍କେଟ ଯୋଗାଇବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲାରେ ୧୨ ବ୍ଲକର ୩୬୦ଟି ପଞ୍ଚାୟତ ରହିଛି । ତେବେ ନିକଟରେ ବିଧାନସଭାରେ ଯକ୍ଷ୍ମାମୁକ୍ତ ଭାରତ ପଦକ୍ଷେପ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ଉଠାଇଥିଲେ । ପ୍ରଶ୍ନର ଉତ୍ତରରେ ମିଳିଥିବା ତଥ୍ୟ ଅନୁସାରେ, ୨୦୨୫ ଡିସେମ୍ବର ୨୫ ସୁଦ୍ଧା ବାଲେଶ୍ୱରରେ ୨୧୬୦ ଜଣ ଯକ୍ଷ୍ମା ରୋଗୀ ଅଛନ୍ତି । ସେଥି ମଧ୍ୟରୁ ୮୦ ଜଣ ରୋଗୀ ପୁଷ୍ଟିକର ଖାଦ୍ୟ ପାଉଛନ୍ତି । ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ନିମନ୍ତେ ବିଭିନ୍ନ ଶିଳ୍ପସଂସ୍ଥା ଏବଂ ଅନ୍ୟମାନଙ୍କ ସହ ଯୋଗାଯୋଗ କରାଯାଇଛି । ଅନ୍ୟପଟେ ଗରିବ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁନଥିବାରୁ ମୃତ୍ୟୁମୁଖରେ ପଡ଼ିବାର ଅଧିକ ଆଶଙ୍କା ରହିଛି । ପୁଷ୍ଟିକର ଖାଦ୍ୟ ବା ଫୁଡ୍ ବାସ୍କେଟ ପ୍ରଦାନ ନିମନ୍ତେ ଜନ ପ୍ରତିନିଧି ହୁଅନ୍ତୁ ବା କୌଣସି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ସହଯୋଗ ପାଇଁ ଆଗେଇ ଆସିବା ଉଚିତ । ଏହା ନହେବା ଦ୍ୱାରା ବାଲେଶ୍ୱର ଜିଲ୍ଲାରେ ଯକ୍ଷ୍ମାମୁକ୍ତ ପଞ୍ଚାୟତ କାର୍ଯ୍ୟକ୍ରମରେ ବାଧକ ସାଜିଛି । ଜିଲ୍ଲାରେ ଏବେ ଅନେକ ଟିବି ରୋଗୀ "ଫୁଡ୍ ବାସ୍କେଟ୍" ପାଇବା ଅପେକ୍ଷାରେ ରହିଛନ୍ତି । ଯକ୍ଷ୍ମା ରୋଗୀଙ୍କୁ ସୁସ୍ଥ କରିବାରେ ପୁଷ୍ଟିକର ଖାଦ୍ୟର ପ୍ରମୁଖ ଭୂମିକା ଥିବା ବେଳେ ଗରିବ ରୋଗୀ ଏଥିରୁ ବଞ୍ଚିତ ହେଉଛନ୍ତି । ବିଶେଷକରି ଯକ୍ଷ୍ମା ରୋଗୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ପୁଷ୍ଟିକର ଖାଦ୍ୟ ଯୋଗାଇବାକୁ ଶିଳ୍ପ ସଂସ୍ଥାମାନଙ୍କ ସହଯୋଗ ଲୋଡ଼ିଥିଲେ ସରକାର । ଅନ୍ୟ ବଦାନ୍ୟ, ଥିଲାବାଲା ବ୍ୟକ୍ତି ମଧ୍ୟ ଏନେଇ ସହଯୋଗରେ ହାତ ବଢ଼ାଇ ପାରିବେ ବୋଲି କୁହାଯାଇଥିଲା । ଯଦିଓ ଏବେ ଜିଲ୍ଲାର କିଛି ହାତଗଣତି କମ୍ପାନୀ, କର୍ପୋରେଟ୍ ସଂସ୍ଥା ସାମାଜିକ ଦାୟିତ୍ୱବୋଧ ଅନୁଦାନ ଦେଉଛନ୍ତି । ଯକ୍ଷ୍ମା ରୋଗୀଙ୍କୁ ସହାୟତା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ "ନିକ୍ଷୟ ମିତ୍ର' କାର୍ଯ୍ୟକ୍ରମ ରହିଛି । ଏଥିରେ କିଛି ସଂସ୍ଥା ଏବେ ହାତ ମିଶାଇଛି । "ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ'କୁ ସମର୍ଥନ କରିବା ଉଦ୍ଦେଶ୍ୟରେ ସଂସ୍ଥା ତଥା ଅନୁଷ୍ଠାନ ରୋଗୀଙ୍କୁ ଏକ ବର୍ଷ ପାଇଁ ପୁଷ୍ଟିକର କିଟ୍ ପ୍ରଦାନ କରିବା ପାଇଁ ହାତ ବଢ଼ାଇଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଶ୍ୱରଞ୍ଜନ ନାୟକ କହିଛନ୍ତି ଏବେ ଇଣ୍ଡିଆନ ରେଡକ୍ରସ୍ ସୋସାଇଟି ନାମକ ଏକ ସଂସ୍ଥା ୫୫୦ ରୋଗୀଙ୍କୁ ଫୁଡ୍ ବାସ୍କେଟ୍ ପ୍ରଦାନ କରିବାକୁ ସମ୍ମତି ପତ୍ର ପ୍ରଦାନ କରିଛି । ବିଶେଷକରି ରେମୁଣା, ନୀଳଗିରି, ଭୋଗରାଇ ଓ ବାଲିଆପାଳ ବ୍ଲକର ୫୫୦ ରୋଗୀଙ୍କୁ ୬ ମାସ ପାଇଁ ଖାଦ୍ୟ ଦିଆଯିବ । ଅଙ୍କୁର ପ୍ଲାଷ୍ଟିକ ପକ୍ଷରୁ ୨୫ ଜଣ ରୋଗୀଙ୍କୁ ଫୁଡ୍ ବାସ୍କେଟ ପ୍ରଦାନ କରୁଛନ୍ତି । ଏହି ସଂସ୍ଥା ଭଳି ଜିଲ୍ଲାର ଅନ୍ୟ ଶିଳ୍ପସଂସ୍ଥା, ଜନପ୍ରତିନିଧି ବାକି ରୋଗୀଙ୍କୁ ସହଯୋଗ କରିବାକୁ ଆଗେଇ ଆସିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି । ସେହିପରି ରାଜ୍ୟପାଳ ୨୦ ଜଣ ଜଟିଳ ଯକ୍ଷ୍ମା ରୋଗୀଙ୍କୁ ଫୁଡ୍ ବାସ୍କେଟ ପାଇଁ ଅର୍ଥ ପ୍ରଦାନ କରିଛନ୍ତି । ଏଥିରେ ଡିସେମ୍ବର ୧ରେ ଜିଲ୍ଲାପାଳ ୨୦ ଜଣଙ୍କୁ ଫୁଡ୍ ବାସ୍କେଟ ପ୍ରଦାନ କରିଛନ୍ତି । ଏହା ବର୍ଷେ ପାଇଁ ପ୍ରଦାନ କରାଯିବ । ଏହାବ୍ୟତୀତ ସଦର ବ୍ଲକରେ ଥିବା ପ୍ରାୟ ୪୦୦ ରୋଗୀଙ୍କୁ ୬ ମାସ ପାଇଁ ପୁଷ୍ଟିକର ଖାଦ୍ୟ ଦେବେ ବୋଲି ସଦର ବିଧାୟକ ରାଜି ହୋଇଛନ୍ତି । ଏ ନେଇ ସଦର ବିଧାୟକଙ୍କୁ ରାଜ୍ୟପାଳ ଚିଠି କରିଥିଲେ । ବିଧାୟକ ରୋଗୀଙ୍କ ତାଲିକା ନେଇଛନ୍ତି । ମାସେ ଭିତରେ ଫୁଡ୍ ବାସ୍କେଟ ଦେବେ ବୋଲି କହିଛନ୍ତି' । ପ୍ରକାଶ ଥାଉ କି, ନିକଟରେ ଜିଲ୍ଲାପାଳ ବିଭିନ୍ନ କର୍ପୋରେଟ ସେକ୍ଟର ସହ ବୈଠକ କରିଛନ୍ତି । ଏହାବ୍ୟତୀତ ଫାଲକନ୍, ଚିଙ୍ଗୁଡ଼ି ଫାର୍ମ, ସଞ୍ଜୟ ଅଟୋ ମୋବାଇଲସ୍, ଇମାମୀ, ବିଭିନ୍ନ ବ୍ୟାଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି । ଫୁଡ୍ ବାସ୍କେଟ ପ୍ରଦାନ ନେଇ କିଛି କମ୍ପାନୀ ମଧ୍ୟ ରାଜି ହୋଇଛନ୍ତି । କିଏ ଚାହିଁଲେ ଅର୍ଥ ଦେବେ ନ ହେଲେ ସିଧାସଳଖ ଫୁଡ୍ ବାସ୍କେଟ ପ୍ରଦାନ କରିବେ । ଜିଲ୍ଲାପାଳ ଓ ସିଡିଏମଓଙ୍କ ନାମରେ ଏକ ଜଏଣ୍ଟ ଆକାଉଣ୍ଟ ଖୋଲାଯାଇଛି । ସେଠାରେ ସେମାନେ ଟଙ୍କା ପ୍ରଦାନ କରିପାରିବେ ।

## ଅଭିଜିତ ମଜୁମଦାରଙ୍କ ପାଇଁ ଶୋକସଭା

ବାଲେଶ୍ୱର,୨୮ ।୧(ସମିସ): ନୃତ୍ୟ ସଙ୍ଗୀତ କଳାମନ୍ଦିର ପରିସରରେ ଦିବଂଗତ ସଙ୍ଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାରଙ୍କ ସ୍ମୃତି



ଉଦ୍ଦେଶ୍ୟରେ ବାଲେଶ୍ୱର କଳାକାର ଓ ମେଲୋଡି ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତ କଳାକାରମାନେ ଉପସ୍ଥିତ ରହି ଅଭିଜିତ ମଜୁମଦାରଙ୍କ ସ୍ମୃତି ଚାରଣ କରିବା ସହ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ଲକ୍ଷ୍ମୀ ନାରାୟଣ ଘୋଷ ଓ ମନୋରଞ୍ଜନ ଦାସ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରି ଶୋକସଭା ଆରମ୍ଭ କରିଥିଲେ । ଅଭିନେତା ରାଜେନ୍ଦ୍ର ରାଉତଙ୍କ ତତ୍ତ୍ୱାବଧାନରେ ସଭା ପରିଚାଳିତ ହୋଇଥିଲା । ଏହି ଶୋକସଭାରେ କଳାକାର ଦେବବ୍ରତ ପ୍ରଧାନ, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର, ଦେବାଶିଷ ରାୟ, ସୁଶାନ୍ତ ଶତପଥି, ଅଜୟ ନାୟକ, ରାମଚନ୍ଦ୍ର ପାଢ଼ୀ, ଗାୟକ କୌଶିକ, ରାଜେଶ, ପ୍ରମୋଦ ସାହୁ, ଗାୟକ ଶକ୍ତି ମିଶ୍ର, ସପନ ପାଣିଗ୍ରାହୀ, ବାପି, ରାଜ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## କଚେରୀ ହତା ପରିସରରେ ଜୁଡିସିଆଲ ହବ୍ ନିର୍ମାଣ ଦାବି



ବାଲେଶ୍ୱର,୨୮ ।୧(ସମିସ): ବାଲେଶ୍ୱର ଜନସାଧାରଣଙ୍କ ସୁବିଧା ପାଇଁ ପୁରୁଣା କଚେରୀ ହତା ପରିସରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଜୁଡିସିଆଲ ହବ୍ ଜିଲ୍ଲା ଜଜକୋର୍ଟଙ୍କର କମ୍ପ୍ଲେକ୍ସ ପ୍ରତିଷ୍ଠା ପାଇଁ ସାମାଜିକ ନ୍ୟାୟ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ସରକାରୀ ଅଫିସ ସଂଲଗ୍ନ କଚେରୀ ହତାରେ ଉଚ୍ଚ ନ୍ୟାୟାଳୟର ବହୁତାଲା ବିଶିଷ୍ଟ କୋଠା ପରି ବାଲେଶ୍ୱରରେ ମଧ୍ୟ ଏକ ବହୁତାଲା କୋଠା ଏହି ସ୍ଥାନରେ ନିର୍ମାଣ ହେଲେ ଓକିଲ ଓ ମହକିଲ ଏବଂ ସମସ୍ତ ଜନସାଧାରଣ ଉପକୃତ ହୋଇପାରିବେ ବୋଲି ଏହି ଦାବିପତ୍ରରେ ଦର୍ଶାଯାଇଛି । ଆଜକୁ ତିନିବର୍ଷ ପୂର୍ବରୁ ଜିଲ୍ଲାପାଳ ଓ ବିଚାର ବିଭାଗ ଦ୍ୱାରା ଚୟନ ହୋଇଥିବା ପ୍ରସ୍ତାବିତ ଜୁଡିସିଆଲ ହବ ନିର୍ମାଣ ପାଇଁ ଜଳସେଚନ ବିଭାଗର ଜମି ବିବାଦୀୟ ଥିବାରୁ ତାହା ଚୂଡାନ୍ତ ହୋଇ ନପାରି ନୂତନ ହବ ନିର୍ମାଣ ଏବେ ତ୍ରିଶଙ୍କୁ ଅବସ୍ଥାରେ ରହିଛି । ସମ୍ପୃକ୍ତ ଜମିରେ ବାଲେଶ୍ୱର ସିଭିଲ ଜଜକୋର୍ଟରେ ମୋକଦ୍ଦମା ବିଚାରାଧିନ ରହିଛି । ସୂଚନା ଯୋଗ୍ୟ ଯେ, ବାଲେଶ୍ୱରର ପୁରୁଣା କୋଠା ପରିସରରେ ଭୌଗୋଳିକ, ଗମନାଗମନ, ରେଳଷ୍ଟେସନ, ବସଷ୍ଟାଣ୍ଡ, ଡାକ୍ତରଖାନା, ଥାନା ସହିତ ଜିଲ୍ଲାପାଳଙ୍କ ସମସ୍ତ କାର୍ଯ୍ୟାଳୟ ଓ ରେଭେନ୍ୟୁ କୋର୍ଟମାନ ଥିବାରୁ ଏହି ପରିସର ସବୁଦିଗରୁ ଉପଯୁକ୍ତ ବୋଲି ଦାବି କରାଯାଇଛି । ଏଥିରେ ସୁରେନ୍ଦ୍ର ପଣ୍ଡା, ପ୍ରତିମା ପଣ୍ଡା, କବିତାରାଣୀ ଦାସ, ଜ୍ୟୋତ୍ସ୍ନା ସେନାପତି, ଜିତେନ୍ଦ୍ର ଉପାଧ୍ୟାୟ, ମହମ୍ମଦ ଇସଲାମ, ମାନଗୋବିନ୍ଦ ସେଠୀ, ଗୋବର୍ଦ୍ଧନ ତ୍ରିପାଠୀ, ସୁଦିପ୍ତ ପାତ୍ର, ରାମ ବେହେରା, ସେଖ ହମିଦ ପ୍ରମୁଖ ଉପସ୍ଥିତ ଥିଲେ ।

## କେଙ୍ଗେନ ୱାଟରର ଇଣ୍ଡିପେଣ୍ଡେଣ୍ଟ ଡିଷ୍ଟ୍ରିବ୍ୟୁଟର କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲେଶ୍ୱର,୨୮ ।୧(ସମିସ): ବାଲିଆଠାରେ ଗଣତନ୍ତ୍ର ଦିବସରେ ବିଶ୍ୱ ପ୍ରସିଦ୍ଧ ଅଲ୍କାଲାଇନ ୱାଟର ପ୍ରସ୍ତୁତକାରୀ ଉପକରଣ କେଙ୍ଗେନ ୱାଟରର ଇଣ୍ଡିପେଣ୍ଡେଣ୍ଟ ଡିଷ୍ଟ୍ରିବ୍ୟୁଟର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି । କାର୍ଯ୍ୟକ୍ରମରେ ଭୁବନେଶ୍ୱରର କନ୍ୟା ଅନମୋଲ ହେ ସଂଗଠନର ପ୍ରତିଷ୍ଠାତା ସରୋଜ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉତ୍ତର ଓଡ଼ିଶାର ସର୍ବ ପ୍ରଥମ ତଥା ନୂତନ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୁଜୁରାଟରୁ ଆସିଥିବା ହିମାଂଶୁ



ଶେଖର ଏବଂ ସଂଜୟ କେଙ୍ଗେନ ୱାଟରର ଉପାଦେୟତା ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ତଥା ଆଖପାଖ ଅଞ୍ଚଳରେ ଦୁଇ ଶହରୁ ଅଧିକ ଗ୍ରାହକ ଏହାକୁ ବ୍ୟବହାର କରି ନିଜେ ସୁସ୍ଥ ରହିବା ସହ ଏହା ଅନ୍ୟମାନଙ୍କୁ ବ୍ୟବହାର କରି ଫାଇଦା ଉଠାଇବା ପାଇଁ ଗ୍ରାହକ ଅଦିତି ମହାନ୍ତି କହିଥିଲେ । ଇଣ୍ଡିପେଣ୍ଡେଣ୍ଟ ଡିଷ୍ଟ୍ରିବୁଟର ଅଶୋକ ପଣ୍ଡା ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ।

## ଫକୀରମୋହନ ମହାବିଦ୍ୟାଳୟରେ ସ୍ୱଦେଶୀ ଦିବସ




ବାଲେଶ୍ୱର,୨୮ ।୧(ସମିସ): ଫକୀରମୋହନ ମହାବିଦ୍ୟାଳୟରେ ସ୍ୱଦେଶୀ ଦିବସ ପାଳିତ ହୋଇଛି । ଏଥିରେ କନିଷ୍ଠ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସୋନାଲିସା ମହାନ୍ତି ଅଧ୍ୟକ୍ଷତା କରିବା ସହ ସ୍ୱଦେଶୀ ଭାରତୀୟ ସଂସ୍କୃତି ଓ ପ୍ରଗତିର ମୁଖ୍ୟ ବାହାକ ବୋଲି ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସହ ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀ ନାରାୟଣ ନାୟକ ପରିଚାଳନା କରିଥିଲେ । ସ୍ୱଦେଶୀ ଶୀର୍ଷକ ଉପରେ ଆକାଡେମିକ ବର୍ଷାର ସୁଜିତ୍ କୁମାର ଦାସ ଭାରତୀୟ ଗୌରବମୟ ଅତୀତକୁ ଉନ୍ମୋଚନ କରିବା ସହିତ ସାମ୍ପ୍ରତିକ ପରିସ୍ଥିତିରେ ଏହାର ମୂଲ୍ୟବୋଧକୁ ବ୍ୟାଖ୍ୟା କରିଥିଲେ । ମେଧାବୃତ୍ତି ଅଧିକାରିଣୀ ଶାଶ୍ୱତୀ ଦାସ ମହାପାତ୍ର ଓ ନୋଡାଲ ନାମଲେଖା ଅଧିକାରୀ ପ୍ରିୟଙ୍କା ପତି ସ୍ୱଦେଶୀ ଦ୍ରବ୍ୟର ବହୁଳ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ । ଆକାଉଣ୍ଟ ବର୍ଷାର ମନୋରଞ୍ଜନ ପଣ୍ଡା, ପରୀକ୍ଷା ନିୟନ୍ତ୍ରକ ସୁଲୋଚନା ସିଂ, ସହ ପରୀକ୍ଷା ନିୟନ୍ତ୍ରକ ଅପର୍ଣ୍ଣା ସେଠୀ ଓ ସେକ୍ସନ ଅଧିକାରୀ ବଳରାମ ନାଏକ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ କୁଞ୍ଜ ବିହାରୀ ମହାନ୍ତି ସ୍ୱଦେଶ ପ୍ରୀତି ଉପରେ ସଙ୍ଗୀତ ଗାନ କରିଥିବା ବେଳେ ଓ ପିତାମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ସିପିଏମ୍ ନେତା ମହେଶ୍ୱର ଭୂୟାଁଙ୍କ ପରଲୋକ

ନୀଳଗିରି, ୨୮।୧ (ସମିସ): ଭରତୀୟ କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନେତା ମହେଶ୍ୱର ଭୂୟାଁଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଗତକାଲି ରାତିରେ ତାଙ୍କର ଛାତିରେ ଯନ୍ତ୍ରଣା ହେତୁ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ଗ୍ରାମ ନରଣପୁର ସହିତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ କୃଷକ ନେତା ଭାବେ ପରିଚିତ । ତାଙ୍କର ଅବର୍ତ୍ତମାନରେ ପାର୍ଟିର ବଡ କ୍ଷତି ହୋଇଛି । ସି ପି ଆଇ (ଏମ) ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତାଙ୍କୁ ପାର୍ଟୀ ର ଧାରା ଅନୁଯାୟୀ ଲାଲ ପତାକା ଓ ପୁଷ୍ପ ମାଳା ପ୍ରଦାନ କରାଯାଇଛି । ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରି ଗ୍ରାମ ଶ୍ମସାନରେ ଦାହ କରାଯାଇଛି । ତାଙ୍କ ଶବ ଧାରରେ ଦଳର ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଜୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ଉମାକାନ୍ତ ଷଡଙ୍ଗୀ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ରାମଚନ୍ଦ୍ର ପଢ଼ିଆରୀ, ମୃତ୍ୟୁଞ୍ଜୟ ନାୟକ, ଅମରେନ୍ଦ୍ର ନାୟକଙ୍କ ସମେତ ବହୁ ଗ୍ରାମବାସୀ ଶ୍ରଦ୍ଧାଂଜଳି ଜଣାଇଥିଲେ ।

## ବିଶିଷ୍ଟ ଗୀତାବିତ କାହ୍ନୁ ଗୋପାଳ ଶତପଥୀଙ୍କ ପରଲୋକ

ଚନ୍ଦନେଶ୍ୱର, ୨୮।୧ (ସମିସ): ବିଶିଷ୍ଟ ଗୀତାବିତ, ଭୋଗରାଇର ଅନ୍ୟତମ ପରିଚିତ ଚେହେରା କାହ୍ନୁ ଗୋପାଳ ଶତପଥୀ ଆଉ ନାହାନ୍ତି । ବାର୍ଦ୍ଧକ୍ୟ କାରଣରୁ ୮୨ ବର୍ଷ ବୟସରେ ହୁଗୁଳି ପଂଚାୟତ ଅଧୀନ ସେହି ଗାଁରେ ଥିବା ପୈତୃକ ବାସ ଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କ ବିୟୋଗ ଭୋଗରାଇ କଂଗ୍ରେସ ପାଇଁ ଅପୂରଣୀୟ କ୍ଷତି ଏବଂ ଭୋଗରାଇବାସୀ ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲେ ବୋଲି ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ପ୍ରକାଶ କରିଛନ୍ତି । ଖବର ପାଇ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅନ୍ତିମ ଦର୍ଶନ କରିବା ସହିତ ମର ଶରୀରରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି । କଂଗ୍ରେସ ପକ୍ଷରୁ ତାଙ୍କ ମର ଶରୀରରେ ପତକା ପକାଇ ସମ୍ମାନ ଦିଆ ଯାଇଥିଲା । ଛାତ୍ର ଜୀବନରୁ ରାଜନୀତି ଓ ସମାଜସେବାକୁ ଆଦରି ଥିବା ଶ୍ରୀ ଶତପଥୀ ପ୍ରାୟ ୧୦ ବର୍ଷ ଭୋଗରାଇ ବ୍ଲକ କଂଗ୍ରେସ ସଭାପତି, ହୁଗୁଳି ପଂଚାୟତର ୨ଥର ସରପଂଚ, ଜଣେ ବେଦଜ୍ଞ, ଗୀତାବିତ ଭାବେ ପରିଚିତ ଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଶୋକ ପ୍ରକାଶ କରିଛନ୍ତି । ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ପୂର୍ବତନ ସରପଞ୍ଚ ତପନ ପଣ୍ଡା, ଜିଲ୍ଲା କଂଗ୍ରେସର ଏପା ସଭାପତି ଗୋପବନ୍ଧୁ ମହାପାତ୍ର, ପୂର୍ବତନ ସରପଂଚ ରାଧା ବିନୋଦ ଦାସ, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସଞ୍ଜିବ ସାହୁ, ପୂର୍ବତନ ପଂଚାୟତ ସମିତି ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନ, ଇଂ ଅଭିଜିତ ଦାସ, ଯାଦବେଶ ମିଶ୍ର, ଇଂ ବିଦୁବେନ୍ଦୁ ପାତ୍ର, ଯୁଗୋଳ କିଶୋର ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ତାଙ୍କ ମର ଶରୀରକୁ ଚନ୍ଦନେଶ୍ୱର ମନ୍ଦିର, ବଟ୍ଟାର ଆଦି ପରିକ୍ରମା ପରେ ତାଳସାରୀ ବେଳାଭୂମିକୁ ନିଆ ଯାଇଥିଲା । ପୁଅ ସନତ ଶତପଥୀ, ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ ।




### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର

## ପତାକା ଉତ୍ତୋଳନ ପିଣ୍ଡି କାମ ନିମ୍ନମାନର ଅଭିଯୋଗ

ବାଲେଶ୍ୱର,୨୮ ।୧(ସମିସ)



ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ପାଇଁ ଦୁଇଦିନ ତଳେ ନୂଆ କରି ନିର୍ମାଣ କରାଯାଇଛି ପିଣ୍ଡି । ଏବେ ତାହା ଭାଙ୍ଗି ଯାଇଥିବା ବେଳେ ପିଣ୍ଡି ଚାରିପଟରେ ଲାଗିଥିବା ରେଲିଂ ଭାଙ୍ଗି ଗଳିପଡ଼ିଥିବା ଦେଖିବାକୁ ମିଳିଛି । ତେବେ ଆରଏଣ୍ଡବି (୧) ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଜଣେ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହି କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି ।

ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଏକ ଖମ୍ବ ଥିବା ବେଳେ ନୂଆ କାର୍ଯ୍ୟଳୟରେ କୌଣସି ଖମ୍ବ ନ ଥିଲା । ତେବେ ତରବରିଆ ଭାବେ ଗତ ୨୪ତାରିଖରେ ଏହାର ନିର୍ମାଣ କାର୍ଯ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆରଏଣ୍ଡବି(୧) ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଠିକାଦାର ବାସୁଦେବ ମହାନ୍ତିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ଦୁଇଦିନ ମଧ୍ୟରେ ତରବରିଆ ଭାବେ ଏହାର ନିର୍ମାଣ କରାଗଲା । ଯାହାଫଳରେ କାର୍ଯ୍ୟଟି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଆଜି ସେହି ପିଣ୍ଡିରେ ଟାଇଲ ଭାଙ୍ଗି ଯାଇଥିବା ବେଳେ ଲାଗିଥିବା ରେଲିଂ ଗଳି ପଡିଥିବା ଦେଖିବାକୁ ମିଳିଛି । କଂଚା କାମ ବେଳେ ତରବର ହୋଇ ରେଲିଂ ଲଗାଯାଇଥିବାରୁ ତାହା ଏବେ ଭାଙ୍ଗିଗଲାଣି । ଏହାଛଡା ଏହି ପିଣ୍ଡିର କାର୍ଯ୍ୟ ମଧ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି । ଏହି ପିଣ୍ଡି ପାଇଁ କେତେଟଙ୍କାର ବଜେଟ ହୋଇଛି ତାହା ଠିକାଦାରଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ କହିବା ପାଇଁ ନାରାଜ ହେଉଛନ୍ତି । ଏହି ପିଣ୍ଡି ଭାଙ୍ଗି ଯାଇଥିବା ବେଳେ ପୁଣିଥରେ ଏହାର ମରାମତି କାର୍ଯ୍ୟ ମଧ ହେବ । ଯାହା ପାଇଁ ଆଉଥିରେ କିଛି ବିଜେଟ ମଧ୍ୟ କରାଯିବ । ତେବେ ରାଜସ୍ୱ ଟଙ୍କାକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଉନଥିବା ଯାହାର ଏକ ଜ୍ୱଳନ୍ତ ପ୍ରମାଣ ହେଉଛି ଏହି ପିଣ୍ଡି । ଏ ନେଇ ଏହି ପିଣ୍ଡି ନିର୍ମାଣ କରିଥିବା ଠିକାଦାର ଶ୍ରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହି ପିଣ୍ଡି ନିର୍ମାଣ ପାଇଁ ତାଙ୍କୁ ହଠାତ ବିନା ବଜେଟରେ ଗତ ୨୪ତାରିଖରେ କୁହାଗଲା । ଏବଂ ୨୬ତାରିଖରେ ଏଠାରେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି କୁହାଯାଇଥିଲା । ହେଲେ ଦୁଇ ଦିନରେ କାମ ସଠିକ ଭାବେ ହେବା ସମ୍ଭବପର ହୋଇନଥିବା ବେଳେ ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ କରାଗଲା । କଂଚା କାମରେ ଷ୍ଟିଲ ରେଲିଂ ଲଗାଇବା ଅସମ୍ଭବ ହୋଇଥିବା ବେଳେ ତାହା ମଧ୍ୟ ଲଗାଗଲା । ଯାହାଫଳରେ ତାହା ଏବେ ଭାଙ୍ଗି ଯାଇଛି । ଏଣୁ ପୁଣିଥରେ ଏହାର ମରାମତି କାର୍ଯ୍ୟ କରାଯିବ ।

## ପୁଅ ବୋହୂଙ୍କ ନିର୍ଯାତନା; ନ୍ୟାୟ ଅପେକ୍ଷାରେ ବୃଦ୍ଧବୃଦ୍ଧା

ଜଳେଶ୍ୱର, ୨୮।୧ (ସମିସ): ବୃଦ୍ଧ ବୟସରେ ପିତାମାତାଙ୍କୁ ଘରୁ ବାହାର କରିଦେଲେ ପୁଅବୋହୂ। ନ୍ୟାୟ ପାଇଁ ପୁଲିସ, ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟକୁ ଦଉଡି ଦଉଡି ନୟାନ୍ତ ମାତ୍ର କେହି ଶୁଣିଲେ ନାହିଁ। ନ୍ୟାୟ ଅପେକ୍ଷାରେ ଜୀବନ ମରଣ ସହିତ ଲଢେଇ କରୁଛନ୍ତି ବୃଦ୍ଧ ବୃଦ୍ଧା। ସୂଚନାନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପୌରାଂଚଳର ୭ନଂ ୱାର୍ଡ ଶାସନବାର୍ଡ ଗ୍ରାମର ଅମୀର ଅଲ୍ଲୀ (୬୩)ତାଙ୍କର ସ୍ତ୍ରୀଙ୍କୁ ନେଇ ତାଙ୍କର ପୈତୃକ ଘର ବାଡିରେ ଏକ ଛୋଟ ଘର କରି ରହୁଥିଲେ। ତାଙ୍କର ୨ଜଣ ପୁଅ ବଡ ହେବା ପରେ ବାହା ହୋଇଛନ୍ତି। ସେମାନେ ମଧ୍ୟ ଉକ୍ତ ଘର ବାଡିରେ ଅଲଗା ଘରକରି ରହିଥିଲେ। ମାତ୍ର ସେମାନେ ସମସ୍ତ ଭରଣ ପୋଷଣ କଥା ବୁଝିବେ ବୋଲି କହିବା ପରେ ବୃଦ୍ଧ ସେମାନଙ୍କ ନାମରେ ଜାଗା କରାଇ ଦେଇଥିଲେ। ମାତ୍ର ନିଜ ନାମରେ ଜାଗା ହୋଇଯିବା ପରେ ବର୍ତ୍ତମାନ ପୁଅ ସେକ ନାସିର ଅଲ୍ଲୀ, ବହୁ ସାରା ବିବି ଏବଂ ପୁଅ ଜହିର ଅଲ୍ଲୀ ମିଶି ବୃଦ୍ଧବୃଦ୍ଧାଙ୍କର କୌଣସୀ ଭରଣ ପୋଷଣ କଥା ନ ବୁଝି ବରଂ ମାରପିଟ କରୁଛନ୍ତି ଓ ଘରୁ ବାହାର କରିଦେଉଛନ୍ତି। ଅନେକ ସମୟରେ ଘର ମଧ୍ୟରେ ତାଲା ମାରି ରଖୁଛନ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜଳେଶ୍ୱର ଥାନା, ଜିଲ୍ଲାପାଳ ଓ ବାଲେଶ୍ୱର ଏସ୍‌ପିଙ୍କୁ ଲିଖିତ ଜଣାଇବା ପରେ ମଧ୍ୟ କୌଣସୀ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଝିଅ ଘରେ ଅଶ୍ରୟ ନେବା ସହିତ ପରଘରେ କାମକରି ଚଳୁଛନ୍ତି। ବୃଦ୍ଧ ବୃଦ୍ଧା ନ୍ୟାୟ ଅପେକ୍ଷାରେ ଜୀବନ ମରଣର ଯନ୍ତ୍ରଣାରେ ବଂଚି ରହିଛନ୍ତି ବୋଲି ଜଣାଇଛନ୍ତି।

## ଉତ୍କୃଷ୍ଟ ଅଧିକାରୀ ଭାବେ ସୁରେଶ ଚନ୍ଦ୍ର ଦେ ପୁରସ୍କୃତ

ଜଳେଶ୍ୱର,୨୮।୧(ସମିସ) : ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଦକ୍ଷ ଅଧିକାରୀ ପୁରସ୍କୃତ ହୋଇଛନ୍ତି ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସୁରେଶ ଚନ୍ଦ୍ର ଦେ। ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଉତ୍କୃଷ୍ଟ ଅଧିକାରୀ ଭାବେ ପୁରସ୍କୃତ ହୋଇ ମାନପତ୍ର ଓ ମୋମେଣ୍ଟୋ ପାଇଛନ୍ତି। ସେ ତାଙ୍କ ଚାକିରୀ ଜୀବନର ପ୍ରଥମ ଜଳେଶ୍ୱର ଉଠା ଜଳସେଚନ ବିଭାଗରୁ ୧୯୯୧ ଠାରୁ ୨୦୧୬ ସୁଚାରୁ ରୂପେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥଲେ। ପରେ କଟକ ଡିଭିଜନ ଅନ୍ତର୍ଗତ ଜଗତସିଂହପୁର ଜିଲ୍ଲାର



ବାଲିକୁଦା ଉଠା ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ ତୁଲାଇଥୁଲେ। ସେଠାରୁ ୨୦୧୮ ମସିହାରୁ ବାଲେଶ୍ୱର ଉଠା ଜଳସେଚନ ବିଭାଗର ଅନ୍ତର୍ଗତ ସୋର ଉପଖଣ୍ଡରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦୋନ୍ନତି ହୋଇ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ବାଲେଶ୍ୱର ଉଠା ଜଳସେଚନ ବିଭାଗର ବିଭିନ୍ନ ପଦରେ ଦକ୍ଷତା ସହ କାର୍ଯ୍ୟ ତୁଲାଇଥିଲେ। ବର୍ତ୍ତମାନ ଜଳେଶ୍ୱର ଉଠା ଜଳସେଚନ ବିଭାଗରେ କାର୍ଯ୍ୟରତ ଅଛନ୍ତି।

### ଗୁଟ୍‌ଖା ବିକ୍ରି ନିଷେଧ ପ୍ରହସନ

# ଉତ୍ପାଦନରେ ନାହିଁ ଲଗାମ; ବଙ୍ଗରୁ ହେଉଛି ଆମଦାନୀ

ଜଳେଶ୍ୱର,୨୮।୧(ସମିସ)

ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟରେ ଗୁଟ୍‌ଖା ଆମଦାନୀ ଓ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଚଳିତବର୍ଷ ଜାନୁୟାରୀ ୨୧ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି। ବିକ୍ରି କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କଡ଼ା ଚେତାବନୀ ମଧ୍ୟ ଦିଆଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ଏହା ଏକ ବଳିଷ୍ଠ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏଭଳି କଟକଣାକୁ ଦୁର୍ବଳ ବ୍ୟବସ୍ଥା ଯୋଗୁଁ କଡ଼ା ସମାଲୋଚନା କରାଯାଉଛି। ଅର୍ଥାତ୍ ବ୍ୟବସାୟୀ ଓ ଖୁଚୁରା ଦୋକାନୀଙ୍କ ଉପରେ ପ୍ରହାର କରି କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇବା ସମ୍ପର୍କରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପଟେ ଗୁଟଖା, ଖଇନି ବନ୍ଦ ନିର୍ଦ୍ଦେଶ ଯୋଗୁଁ କଳାବଜାରୀ ବଢ଼ିବା ସହିତ ଦର ବଢ଼ି ବଢ଼ି ଚାଲିଛି। ସୂଚନା ଅନୁସାରେ ଜଳେଶ୍ୱର ପୌରାଞ୍ଚଳରେ ଦୀର୍ଘବର୍ଷ ଧରି ନକଲି ତମାଖୁ ସାମଗ୍ରୀ ତିଆରି ହେଉଥିବା ବେଳେ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ପଶ୍ଚିମବଂଗରୁ ସହଜରେ ନିଷିଦ୍ଧ ସାମଗ୍ରୀ ପ୍ରବେଶ କରି ପାରୁଛି। ଟ୍ରେନ, ବସ, ପିକ୍ ଅପ୍ ଓ ଅନ୍ୟ ପନ୍ଥାରେ ନିଷିଦ୍ଧ ତମାଖୁ ସାମଗ୍ରୀ ଆମାଦାନୀ ହୋଇ ଚଢ଼ା ଦରରେ ସହଜରେ ଉପଲବ୍ଧ ହେଉଛି। କଲିକତା ମହାନଗରୀ ନକଲି ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ ଜଳେଶ୍ୱର ମଧ୍ୟ ସେହି ଧାରାରେ ଗତି କରୁଥିବ ଚର୍ଚ୍ଚା ହେଉଛି। କେତେକ ହୋଲସେଲ ବେପାରୀଙ୍କ ଗୋଦାମରେ ଏବେ ବି ତମାଖୁ ସାମଗ୍ରୀ ଗଛିତ ରଖାଯାଏ ଚୋରାରେ ଲକ୍ଷ ଲକ୍ଷ ଟଙ୍କାର ମୁନାଫା କମା ଯାଉଛି। ପାନ ଦୋକାନରେ ଜିନିଷ ମିଳୁନଥିବା ପ୍ରଚାର କରି ଲୁଚା ଛପାରେ ପ୍ୟାକେଟ ପିଛା ୧୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ମଧ୍ୟ ହେଉଛି।ଗୁଟଖା ବେଆଇନ କରାଗଲେ ମଧ୍ୟ କମ୍ପାନୀ ଉପରେ ଚଢ଼ାଉ



କରାଯାଉନାହିଁ। ଏହା ସହିତ ଲୋକପ୍ରିୟ ଅଭିନେତାଙ୍କ ଦ୍ୱାରା ଓ କାନ୍ଥ ବାଡ଼ରେ ଏବେବି ନିଷିଦ୍ଧ ସାମଗ୍ରୀର ବିଜ୍ଞାପନ ପ୍ରଚାର ହେଉଛି। ଜନସାଧାରଣଙ୍କ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ପାଲଟିଥିବା ଟିଭି ରେ ଲଗାତାର ବିଜ୍ଞାପନ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ଯେଉଁ ରାଜ୍ୟ ରେ ନିଷିଦ୍ଧ ସାମଗ୍ରୀ ବ୍ୟାନ୍ , ସେହି ସାମଗ୍ରୀର ବିଜ୍ଞାପନ ମାଧ୍ୟମରେ ପ୍ରଚାର ହେବା ତାହା ଘୋର ଅସଙ୍ଗତି ସୃଷ୍ଟି କରିଛି। ତମାଖୁ ନିଷେଧ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ମଦ ପାନ ଜନିତ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଜନ ସାଧାରଣ ସରକାରଙ୍କୁ କଟୁ ସମାଲୋଚନା କରୁଛନ୍ତି। କୌଣସି ପ୍ରତିବନ୍ଧକର ସୁଦୃଢ଼ ବ୍ୟବସ୍ଥା ନଥିବା ବେଳେ ସଂକ୍ରାମକ ରୋଗ ଭଳି ମାଡ଼ି ଯାଇଥିବା ଅଭ୍ୟାସ କୁ ପ୍ରତିହତ କରିବା କେବଳ ଆସ୍ଫାଳନ ରେ ପରିଣତ ହେବ ନାହିଁ ବୋଲି ବିଦ୍ରୁପ ହେଉଛି। ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ଓ ଚାଲାଣ ବନ୍ଦ ଲାଗି ରାଜସ୍ୱ ବିଭାଗରୁ ଦାୟିତ୍ୱ କାଢି ଭିତ୍ତିଭୂମି ହୀନ ଖଣି ବିଭାଗକୁ ଦେବାର ଫଳ ଲୋକେ ହେଜୁଛନ୍ତି। ଭିତ୍ତିଭୂମି ଅଭାବରୁ ତମାଖୁ ନିଷେଧ ପଦକ୍ଷେପ ଅବ୍ୟବସ୍ଥା ଭିତରେ ଦିଗହରା ହେବ ବୋଲି ଆଶଙ୍କା ପାଇଛି। ମ୍ୟୁନିସିପାଲଟି ସେଭଳି ଦୃଢ଼ ପଦକ୍ଷେପ ନେଉନଥିବା ବେଳେ ପୋଲିସ ନିକଟରେ ଅତ୍ୟଧିକ କାର୍ଯ୍ୟ ଚାପ ଓ ଆବଶ୍ୟକ ଭିତ୍ତି ଭୂମିର ଅଭାବ ରହିଛି। ଫଳରେ ଜଳେଶ୍ୱର ଭଳି ସମ୍ବେଦନଶୀ ସୀମାନ୍ତ ଜଳେଶ୍ୱର ଅଞ୍ଚଳରେ ତମାଖୁ ନିଷିଦ୍ଧ ଆଦେଶ ପ୍ରହସନରେ ପରିଣତ ହୋଇଛି।

## ନୂଆଦିଲ୍ଲୀରେ ସରସ୍ୱତୀ ପୂଜା



ଖଇରା, ୨୮।୧ (ସମିସ): ସରସ୍ୱତୀ ପୂଜା ସମିତି ପକ୍ଷରୁ ତୁଗଲକାବାଦ ଏକ୍ସଟେନ୍ସନ, ନୂଆଦିଲ୍ଲୀର ପକ୍ଷରୁ ଦୁଇ ଦିନ ଧରି ଅତ୍ୟନ୍ତ ଭକ୍ତି, ଶୃଙ୍ଖଳା ଓ ସାଂସ୍କୃତିକ ଉତ୍ସାହ ସହ ସରସ୍ୱତୀ ପୂଜା ପାଳନ କରାଯାଇଥିଲା। ଦୁଇ ଦିବସୀୟ ପୂଜା ଆୟୋଜନର ସାଂସ୍କୃତିକ ସନ୍ଧ୍ୟାରେ ନୂଆଦିଲ୍ଲୀର ଅଗ୍ରଣୀ ସଂଗୀତ ସଂଗଠନ ଗୀତ ସଙ୍ଗୀତ ଦିଲ୍ଲୀ ଏନସିଆର ପକ୍ଷରୁ ପ୍ରସ୍ତୁତ ସୁମଧୁର ସଙ୍ଗୀତ ଓ ମନୋହର ଓଡ଼ିଶୀ ନୃତ୍ୟ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସ୍ଥାନୀୟ କାଉନ୍ସିଲର ଭଗବୀର ଜୀ, ପୂର୍ବତନ କାଉନ୍ସିଲର ପୂନମ ଭାଟି ଓ ବଦରପୁର କଂଗ୍ରେସ ଅଧ୍ୟକ୍ଷ ହର୍ଷ ଚୌଧୁରୀ ଉପସ୍ଥିତ ରହି ମାଆ ସରସ୍ୱତୀଙ୍କ ପାଖରେ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଦ୍ୱିତୀୟ ଦିନ ସଙ୍ଗମ ବିହାର ବିଜେପି ବିଧାୟକ ଚନ୍ଦନ ଚୌଧୁରୀ ପୂଜା ପେଣ୍ଡାଲକୁ ଆସି ମାଆ ସରସ୍ୱତୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ରମାକାନ୍ତ ନାୟକଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

## ବାଲ୍ୟ ବିବାହ ବିରୋଧରେ ସଚେତନତା ରାଲି

ବାଲିଆପାଳ, ୨୮।୧ (ସମିସ): ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାଲ୍ୟବିବାହମୁକ୍ତ ସମାଜ ଗଢ଼ିବା ଲକ୍ଷ୍ୟରେ ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି । ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ସିଲଭସା ବଡ଼ଜେନାଙ୍କ ସଭାପତିତ୍ୱ ଓ ତତ୍ତ୍ୱାବଧାନରେ ବସ୍ତା କୋର୍ଟ ପରିସରରୁ ଆରମ୍ଭ ହୋଇଥିବା ଏହି ସଚେତନତା ରାଲି ସାଇକେଲ ଯୋଗେ ମାଥାନୀ ଛକ ନିକଟସ୍ଥ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇ ପୁଣି କୋର୍ଟ ପରିସରକୁ ଫେରିଥିଲା। ବାଲ୍ୟ ବିବାହ ଏକ ଗୁରୁତର ସାମାଜିକ କୁପ୍ରଥା ଯାହା ବାଳିକାମାନଙ୍କ ସ୍ୱପ୍ନ, ଶିକ୍ଷା ଓ ସମ୍ଭାବନାକୁ ଧ୍ୱଂସ କରେ। ଏହି କୁପ୍ରଥାକୁ ମୂଳୁଚ୍ଛେଦ କରିବା ପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ଓ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ବଡ଼ଜେନା ଉଲ୍ଲେଖ କରିଥିଲେ । ଏହି ସଚେତନତା ରାଲିରେ ବସ୍ତା କୋର୍ଟର ବହୁ ଆଇନଜୀବୀ, କୋର୍ଟ କର୍ମଚାରୀ, ପାରାଲିଗାଲ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଥିଲେ ।

## ଉତ୍କଳମଣି ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଆପାଳ, ୨୮।୧ (ସମିସ): ବାଲେଶ୍ୱର ଜିଲ୍ଲା ଅସ୍ତି ପଞ୍ଚାୟତ ଅନ୍ତର୍ଗତ ଛୋଟଖାନପୁର ସ୍ଥିତ ଉତ୍କଳମଣି ସରସ୍ୱତୀ ଶିଶୁ ମନ୍ଦିରର ଦଶମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଜନାର୍ଦ୍ଦନ ଅଣ୍ଡିଆଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଜେନା, ମୁଖ୍ୟ ବକ୍ତା କଳିଙ୍ଗ ରତ୍ନ ପୁରସ୍କାରପ୍ରାପ୍ତ ଡ. ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଧାକୃଷ୍ଣ ଦାସ ପ୍ରମୁଖ ଯୋଗଦେଇଥିଲେ। ଗୁରୁଜୀ ଆଦିଜ୍ୟୋତି ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବଙ୍କିମ ଚନ୍ଦ୍ର ଦେ ବାର୍ଷିକ ବିବରଣୀ ପାଠ କରିଥିଲେ। ଜୀବନକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ସଞ୍ଜୁରାଣୀ ଜେନା, ଗଙ୍ଗାମଣି ମାହାନା, କାଞ୍ଚନବାଳା ଗିରି, ଲିଜାରାଣୀ ଜେନା, ଗୁରୁଜୀ ବିରେନ୍ଦ୍ର ସେଠୀ, ଆଲୋକ ବେହେରା, ବଙ୍କିମ ଚନ୍ଦ୍ର ଦେ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବାଲିଆପାଳରେ ଓଡ଼ିଶା ବନ୍ଦ ପ୍ରଭାବହୀନ

କାଳିପଦା, ୨୮।୧ (ସମିସ): ଓଡିଶା ନବ ନିର୍ମାଣ ସଂଗଠନର ବନ୍ଦ ଡାକରାର ପ୍ରଭାବ ବାଲିଆପାଳରେ ସେମିତି କିଛି ପ୍ରଭାବ ପକାଇ ନାହିଁ। କେବଳ ଯାତ୍ରୀ ବାହୀ ବସ ଚଳାଚଳ ବନ୍ଦ ରହିଥିଲା। ବାଲିଆପାଳର ମୁଖ୍ୟ ବଜାର ସମେତ ସିମୁଳିଆ ଦୈନିକ ମାର୍କେଟ, ଲଙ୍ଗଳେଶ୍ୱର ବଜାର, କାଳିପଦା ବଜାର ଆଦିର ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ସ୍କୁଲ କଲେଜ ଆଦି ସ୍ୱାଭାବିକ ଭାବେ ଚାଲିଥିବା ଦେଖିବାକୁ ମିଳିଛି। ବନ୍ଦକୁ କେନ୍ଦ୍ର କରି କୌଣସି ଆଡେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ନାହିଁ। ସୂଚନା ଥାଉ କି ଧାନ ମଣ୍ଡି , ଧାନ ବିକ୍ରିରେ ଅବ୍ୟବସ୍ଥା, ଟୋକାନ ଠିକ ଭାବରେ ନ ମିଳିବା, ପ୍ରଦୂଷଣ ନାମରେ ଜୋରିମାନା ଆଦାୟ, ସ୍ମାର୍ଟ ମିଟରର ବାଧ ବାଧକତା ଆଦିକୁ କେନ୍ଦ୍ର କରି ଉପରୋକ୍ତ ସଂଗଠନ ବନ୍ଦ ଡାକରା ଦେଇଥିଲେ।

## ଶାନ୍ତିଲତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ରୂପସା, ୨୮।୧ (ସମିସ): ବାଲେଶ୍ୱର ସଦର ବ୍ଲକ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ସମୀର କୁମାର ରାଉତ ଏହି ଉତ୍ସବରେ ପୌରାହିତ୍ୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁଧାଂଶୁ ଶେଖର ଜେନା ଯୋଗଦେଇ ଛାତ୍ରଛାତ୍ରୀ ଶୃଙ୍ଖଳାବାନ ଓ ଧୈର୍ଯ୍ୟଶୀଳ ହେବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ। ଦର୍ଶନ ବିଭାଗ ଅଧ୍ୟାପକ ମାନସ କୁମାର ଦତ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଜେମାମଣି ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଜୀବନ କୃଷ୍ଣ ଗିରି ଓ ଅଧ୍ୟାପକ ମାନସ କୁମାର ଦତ୍ତଙ୍କ ମଞ୍ଚ ସଂଯୋଜନାରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ସପନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଶୀତବସ୍ତ୍ର ବଣ୍ଟନ

ଜଳେଶ୍ୱର ବ୍ଲକ, ୨୮।୧ (ସମିସ) : ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ସ୍ଥିତ କାଲ ଭୈରବ କ୍ଲବ ପକ୍ଷରୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଥିଲା। ସ୍ଥାନୀୟ ହସ୍ପିଟାଲ ଓ କାଳୀମନ୍ଦିର ପାଖରେ ବସ୍ତ୍ର ଦିଆଯାଇଥିଲା। କ୍ଲବ ପକ୍ଷରୁ ୧୫୦ରୁ ଅଧିକ ଗରିବ ଅସହାୟଙ୍କୁ ବସ୍ତ୍ର ସହିତ କମ୍ବଳ ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ରୂପେ ଯୁବ ନେତା ରଞ୍ଜିତ ପାତ୍ର କାଲ ଭୈରବ କ୍ଲବର ସେବାମୂଳକ ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ଆଶିକ ଭୂୟାଁ, ବିଷ୍ଣୁ ଜେନା, ରାଜ ଭୂୟାଁ, ଜନ୍ମଜୟ ଚନ୍ଦ, ସ୍ୱାଗତ ମହାପାତ୍ର, କମଳା କାନ୍ତ ଜେନା, ଅକ୍ଷୟ ଜେନା, ସୌରଭ ସାହୁ ପ୍ରମୁଖଙ୍କ ସହଯୋଗରେ ସମ୍ପାଦନା ହୋଇଥିଲା।

## ଚାଫଲାରେ ହିନ୍ଦୁ ସମ୍ମିଳନୀ

ଜଳେଶ୍ୱର, ୨୮।୧(ସମିସ): ଚାଫଲା ବାସନ୍ତୀ ପଡ଼ିଆରେ ହିନ୍ଦୁ ସମାଜ ତରଫରୁ ଏକ ବିଶାଳ "ହିନ୍ଦୁ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଅଛି। ପୂର୍ବାହ୍ନରେ ସଂକୀର୍ତ୍ତନ, ଶ୍ରୀମଦ୍ ଭଗବତ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ପଣ୍ଡିତ ଅନୁପମ ଧରଙ୍କ ସଂଚାଳନରେ ଅନୁଷ୍ଠିତ ସମ୍ମିଳନୀରେ ଚନ୍ଦ୍ରପୁର ପୁରୁଷୋତ୍ତମ ବିଦ୍ୟାନିକେତନ ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ବିଶ୍ୱହିନ୍ଦୁ ପରିଷଦ ଜଳେଶ୍ୱର ଖଣ୍ଡ ସଭାପତି କପିଳେଶ୍ୱର ମହାନ୍ତି, ମୁଖ୍ୟଅତିଥି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାଲେଶ୍ୱର ଜିଲ୍ଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ଯୋଗ ଦେଇ ସନାତନୀ ହିନ୍ଦୁ ଜାଗରଣ ଲାଗି ହିନ୍ଦୁ ସମାଜ ଦ୍ୱାରା ସନାତନ ସଂସ୍କୃତି,ସନାତନ ଧର୍ମ ଏବଂ ସାମାଜିକ ଏକତା ଆବଶ୍ୟକ ବୋଲି କହିଥିଲେ। ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ରାଜ୍ୟ ମହାସଚିବ କୁମାର ସତ୍ୟଜିତ ବେଜ କଲ୍ୟାଣ ମନ୍ତ୍ର ପାଠ କରିଥିବା ବେଳେ ଜଳେଶ୍ୱର ଖଣ୍ଡ ବୌଦ୍ଧିକ ପ୍ରମୁଖ ରାମକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସାହାରାଙ୍କୁ କମ୍ବଳ ବଣ୍ଟନ

କାଳିପଦା, ୨୮।୧ (ସମିସ): ସ୍ୱର୍ଣ୍ଣ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଆଜି ବାଲିଆପାଳ ବ୍ଲକ ବଣିଆଡିହା ଗ୍ରାମ ପଞ୍ଚାୟତର କାଳୀଝାଟି ପଡିଆ ନିକଟରେ ଥିବା ଜଙ୍ଗଲ ସୁରକ୍ଷା ଅଫିସ ଠାରେ ବସ ବାସ କରୁଥିବା କିଛି ଅସହାୟ ଦୀନ ଦୁଃଖୀମାନଙ୍କୁ କମଳ, ଜ୍ୟାକେଟ, ଟୁପି, ସପ ଆଦି ବଣ୍ଟନ କରାଯାଇଛି। ଗରିବର ସାହାରା ସମାଜ ସେବୀ ସୁଧାଂଶୁ ଦଲାଇ ଏଥିପାଇଁ ସହାୟତାର ହାତ ବଢ଼ାଇ ଛନ୍ତି। ୬୦ ରୁ ଅଧିକ ଲୋକଙ୍କୁ ଆଜି ଶ୍ରୀ ଦଲାଇ ଓ ତାଙ୍କର ସହଯୋଗୀମାନେ ଏହି ସାମଗ୍ରୀଗୁଡିକ ବଣ୍ଟନ କରିଛନ୍ତି।

## ବାଣିଦା ସରସ୍ୱତୀ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର



ଜଳେଶ୍ୱର, ୨୮।୧ (ସମିସ): ଜଳେଶ୍ୱର ବ୍ଲକ୍ ବାଣିଦା ସରସ୍ୱତୀ ପୂଜା କମିଟି ପକ୍ଷରୁ ଏକ ରକ୍ତଦାନ ଶିବିର ପୂଜା କମିଟି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ରକ୍ତଦାତା ସଂଘ ମିଳିତ ସହଯୋଗ ଆୟୋଜିତ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ କୁମାର ଚକ୍ରବର୍ତ୍ତୀ ଉଦଘାଟନ କରିଥିଲେ। ବାଲେଶ୍ୱର ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୨୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉମେଶ ଚନ୍ଦ୍ର ମହାନ୍ତି, ପ୍ରଦୀପ ପାତ୍ର, ମଦନମୋହନ ମହାନ୍ତି, ସେ?ମ୍ୟରଞ୍ଜନ ଦାସ, ସ୍ୱପ୍ନେଶ୍ୱର ମହାପାତ୍ର, ଚନ୍ଦନ ମହାପାତ୍ର, ତରଣୀ ଦାସ, ଗୌରୀଶଙ୍କର ମହାନ୍ତି, ସନ୍ନ୍ୟାସୀ ଜେନା, ସୁଧାକର ପାତ୍ର, ଗୋବିନ୍ଦ ମହାନ୍ତି, ସତୀଶ ଚନ୍ଦ୍ର ଦାସ, ଶ୍ୟାମସୁନ୍ଦର ଦାସ, ସୁକୁମାର ଦାସ, ରତିକାନ୍ତ ଦାସ, ବଂଶୀଧର ଦାସ, ମନୋଜ କୁମାର ମହାନ୍ତି, ପ୍ରତାପ ଚନ୍ଦ୍ର ମହାନ୍ତି, ଲକ୍ଷ୍ମୀଧର ବାରିକ, ସତ୍ୟବ୍ରତ ପ୍ରଧାନଙ୍କ ସହ କମିଟିର ସମସ୍ତ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ହିନ୍ଦୁ ସମ୍ମିଳନୀ ପାଇଁ ନଗର କୀର୍ତ୍ତନ ସମୂହ ଗୀତାପାଠ

କାଳିପଦା, ୨୮।୧ (ସମିସ): ବାଲିଆପାଳ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଗୁରୁବାର ବିଶାଳ ହିନ୍ଦୁ ସମ୍ମିଳନୀ ସିମୁଳିଆ ମାର୍କେଟ ନିକଟ ରାବଣ ପୋଡି ପଡିଆରେ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ରାଲି ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ବାହାରି ଉତ୍ସବ ସ୍ଥଳରେ ପହଂଚିବ। ଏହି ଅବସରରେ ସମୂହ ଭଗବତ ଗୀତା ପଠନ, ହନୁମାନ ଚାଳିଶା ଆବୃତ୍ତି, ସାଧୁ ସନ୍ଥଙ୍କ ଦ୍ୱାରା ଅମୃତ ବାଣୀ ଆଲୋଚନା ଚକ୍ର, ଭଜନ କୀର୍ତ୍ତନର ବ୍ୟାପକ ଆୟୋଜନ କରାଯାଇଛି। ସମଗ୍ର ବାଲିଆପାଳ ସହର ଅଞ୍ଚଳ ଗୈରିକ ପତକାରେ ପୂରିଯାଇଛି। ହିନ୍ଦୁମାନେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ସଂଗଠନ ର କାର୍ଯ୍ୟକର୍ତ୍ତା ଅରବିନ୍ଦ ବେହେରା, ଅଦ୍ୱୈତ ବାଗ, ଶ୍ରୀହରି ମଣ୍ଡଳ ପ୍ରମୁଖ ଅନୁରୋଧ କରିଛନ୍ତି।

## ବାଲେଶ୍ୱରରେ ଓଡ଼ିଶା ବନ୍ଦ ପ୍ରଭାବଶୂନ୍ୟ



ବାଲେଶ୍ୱର,୨୮।୧(ସମିସ): ରାଜ୍ୟ ସରକାରଙ୍କ ଚାଷୀମାରଣ ଏବଂ ବିଭିନ୍ନ ଜନବିରୋଧୀ ନିଷ୍ପତ୍ତି ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆଜି ଦିଆଯାଇଥିବା ଓଡ଼ିଶା ବନ୍ଦ ଡାକରା ବାଲେଶ୍ୱରରେ ପ୍ରଭାବ ଶୂନ୍ୟ ହୋଇଛି। ଅନ୍ୟପଟେ ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଦୋକାନ ବଜାର ସବୁ ଖୋଲା ରହିଛି। ଏହି ପରିପ୍ରେକ୍ଷୀରେ ଦାବିକୁ ସମର୍ଥନ ଜଣାଇ ନବନିର୍ମାଣ କୃଷକ ସଙ୍ଗଠନ ଏବଂ ଚାଷୀ ଏକତା ମଂଚ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୭ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଆଜିର ଏହି ବନ୍ଦ ହରତାଳକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ନୈତିକ ସମର୍ଥନ ଜଣାଇଥିବାରୁ ଆଜି ବାଲେଶ୍ୱର ଜିଲ୍ଲାରେ କିଷାନ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ରାଜ୍ୟ ଉପସଭାପତି ଅରୁଣ ଜେନା, ରାଜ୍ୟ ମୁଖପାତ୍ର ତୁଷାରକାନ୍ତି ମହାପାତ୍ର, ନବନିର୍ମାଣ କୃଷକ ସଂଗଠନ ବାଲେଶ୍ୱର ଜିଲ୍ଲା ଆବାହକ ବିଧାନଚନ୍ଦ୍ର ରାୟ, ଚାଷୀ ଏକତା ମଞ୍ଚ ଜିଲ୍ଲା ଆବାହକ ବିଜୟ ନାୟକ, ଚାଷୀ ନେତା ସୁରଜିତ ପୋଥାଳ, ଆଲୋକ ଦାସ, ମହିଳା କଂଗ୍ରେସର ରାଜ୍ୟ ସମ୍ପାଦିକା ପ୍ରତିମା ପଣ୍ଡା, ସୁରେଶ ବେହେରା, ପ୍ରଜ୍ଞାପାରମିତା ବିଶ୍ୱାଳ ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏଡିଏମ ରେଭିନ୍ୟୁ ହେମନ୍ତ କୁମାର ସିଂହଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଧାନ କିଣାରେ ଅବ୍ୟବସ୍ଥା ଓ ଯାନବାହନର ପ୍ରଦୂଷଣ ସାର୍ଟିଫିକେଟ ଆଳରେ ମାତ୍ରାଧିକ ଦଣ୍ଡ ଆଦାୟ ନିଷ୍ପତ୍ତିର ପ୍ରତ୍ୟାହାର, ସରକାର ଚାଷୀର ସମସ୍ତ ବଳକା ଧାନକୁ ୮ଶହ ଟଙ୍କା ଇନପୁଟ ସବସିଡ଼ି ଦେଇ କ୍ୱିଣ୍ଟାଲ ପିଛା ୩୧୬୯ଟଙ୍କାରେ କିଣିବା, ଚାଷୀଙ୍କୁ ଟୋକନ ପ୍ରଦାନ କରିବାରେ ଚରମ ଅବହେଳା,କଟନୀ ଛଟନୀ ବନ୍ଦ କରିବା, ଚାଷୀଙ୍କୁ ଅଖାର ମୂଲ୍ୟ ଦେବା ସହ ଧାନ ପରିବହନ ଖର୍ଚ୍ଚ ସରକାର ମଞ୍ଜୁର କରିବା,ଗଚ୍ଛିତ ଥିବା ଧାନକୁ ତୁରନ୍ତ ମଣ୍ଡିରୁ କିଣିନେଇ ଚାଷୀଙ୍କୁ ନ୍ୟାୟ ଦେବା,ଚାଷୀଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣାରେ ବିଜୁଳି ପ୍ରଦାନ କରିବା, ବିଜୁଳି ଟାରିଫ ଲଗାଇ ଟାଟା ପାୱାରର ମନମାନୀ ଦ୍ୱାରା ରାଜ୍ୟର ୧କୋଟି୭୫ଲକ୍ଷ ଲୋକଙ୍କୁ ଶୋଷଣ କରିବା ସାଂଗକୁ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଉଚ୍ଛେଦ ତୁରନ୍ତ କରାଯାଇ ଓଡ଼ିଶାର ଗରିବ ଜନଗଣ ଓ ଚାଷୀକୁଳକୁ ନ୍ୟାୟ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଆଗକୁ ଖରାଦିନ; କାର୍ଯ୍ୟକ୍ଷମ ହେଉନି ଓଭରହେଡ୍ ପାଣି ଟାଙ୍କି

ବାଲେଶ୍ୱର,୨୮।୧(ସମିସ)

ସଦର ବ୍ଲକ ଅର୍ନ୍ତଗତ ଗୋପୀନାଥପୁର ପଂଚାୟତରେ ରହିଛି ଦୁଇଟି ଓଭରହେଡ ପାଣି ଟାଙ୍କି। ଗୋଟିଏ ଟାଙ୍କି ଜଗନ୍ନାଥପୁରରେ ଥିବା ବେଳେ ଅନ୍ୟଟି ନଳକୁଲି ଠାରେ ରହିଛି। ଏହି ଦୁଇଟି ଟାଙ୍କି ଏକ ଲକ୍ଷ ଲିଟର ପାଣି ଯୋଗାଇବାର ବ୍ୟବସ୍ଥା ରହିଛି। ଦୁଇଟି ଟାଙ୍କିର ନିର୍ମାଣ କାର୍ଯ୍ୟ ଦୁଇ ବର୍ଷ ହେବ ହୋଇଥିବା ବେଳେ ବିଦ୍ୟୁତ ସଂଯୋଗ ହୋଇନି। ଫଳରେ ପାଣି ଟାଙ୍କି କାର୍ଯ୍ୟକ୍ଷମ ନ ହୋଇ ସେଥିରେ ଫାଟ ସୃଷ୍ଟି ହେଲାଣି।



ଏଲକ୍ଷ ଲିଟର ପାଣି ଟାଙ୍କି ପାଇଁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୫୦ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ପାଇଁ ୧୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଜଗନ୍ନାଥପୁର ଏବଂ ନଳକୁଲି ଠାରେ ନିର୍ମାଣ ହୋଇଥିବା ୫୦ହଜାର ଲିଟର ବିଶିଷ୍ଟ ଏହି ଦୁଇଟି ଟାଙ୍କି ପାଇଁ ୩୬ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଏଯାଏଁ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଅପର ପଟେ ଏହି ଦୁଇଟି ପାଣି ଟାଙ୍କି ଦ୍ୱାରା ଘରକୁ ସଂଯୋଗ ହେବାକୁ ଥିବା ପାଇପ ମଧ୍ୟ କାର୍ଯ୍ୟ ଶେଷ ହୋଇନାହିଁ। ଏହାବ୍ୟତିତ ଜଗନ୍ନାଥପୁର ଏବଂ ନଳକୁଲି ପାଣି ଟାଙ୍କିରେ ବିଦ୍ୟୁତ ଖୁଂଟ ବସିଥିବା ବେଳେ ତାହା ଏପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରୁ ନାହିଁ। ଏହାଛଡା ଘରକୁ ଘର ପାଇପ ସଂଯୋଗ ସହିତ ଏଫଏଚଟିସି ଟ୍ୟାପ ମଧ୍ୟ ସଂଯୋଗ ହୋଇପାରି ନାହିଁ। ଯାହାଫଳରେ ଲୋକେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରୁ ନାହାନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଖରାଦିନ ଆସୁଥିବା ବେଳେ ବାଲେଶ୍ୱରରେ ପାଣିର ଉତ୍କଟ ସମସ୍ୟା ସୃଷ୍ଟି ହୋଇଥାଏ। ବିଭାଗ ପ୍ରକଳ୍ପ ନାମରେ କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ଦୁଇ ବର୍ଷ ହେବ କାର୍ଯ୍ୟ ଶେଷ ହୋଇ ପଡିରହିଥିବା ବେଳେ ଲୋକେ କିନ୍ତୁ ଉପକୃତ ହୋଇପାରୁ ନାହାନ୍ତି। ଏ ନେଇ ଗୋପୀନାଥପୁର ସରପଞ୍ଚ କମଳ ଲୋଚନ ପରିଡା କହିଛନ୍ତି ଯେ, ଦୀର୍ଘ ଦୁଇ ବର୍ଷ ହୋଇଗଲା ଏହି ଦୁଇଟି ଟାଙ୍କିର ନିର୍ମାଣ କାର୍ଯ୍ୟ ସରି ନାହିଁ। ଜଗନ୍ନାଥପୁର ପାଣି ଟାଙ୍କିରେ ବିଦ୍ୟୁତ ସଂଯୋଗ ହୋଇପାରି ନଥିବା ଯୋଗୁଁ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରି ନଥିବା ବେଳେ ନଳକୁଲିର ଅବସ୍ଥା ମଧ୍ୟ ସମାନ। ଏଠାରେ ଭୋଟର ସଂଖ୍ୟା ଦେଖିବାକୁ ଗଲେ ୧୨ଶହ ଥିବା ବେଳେ ଦୁଇ ହଜାର ଲୋକେ କିନ୍ତୁ ଉପକୃତ ହୁଅନ୍ତେ। ହେଲେ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ସରୁ ନଥିବାରୁ ଲୋକେ ଉପକୃତ ହୋଇପାରୁ ନାହାନ୍ତି । ଅନ୍ୟପଟେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରେବତୀ କୁଅଁରଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଘଟଣା ଉପରେ ସଠିକ ତଥ୍ୟ କିଛି କହି ନାହାନ୍ତି। ଏହାଛଡା ବିଦ୍ୟୁତ ସଂଯୋଗ କଥାକୁ ଏଡାଇ ଯାଇଥିବା ବେଳେ ନିର୍ମାଣଧୀନ ଟାଙ୍କି ଫାଟିବା କଥାକୁ ମଧ୍ୟ ଏଡାଇ ଯାଇଥିବା ବେଳେ ସବୁ ସିଭିଲ କାର୍ଯ୍ୟ ସରିଛି। ଆସନ୍ତା ଫେବୃଆରୀ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହୋଇ ପାଣି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

# 'ବିଶ୍ୱର ସର୍ବୋତ୍ତମ ମହୋତ୍ସବ ମଧ୍ୟରେ ଗୋପାଳପୁର ଅନ୍ୟତମ'






ବ୍ରହ୍ମପୁର,୨୮ ।୧(ସମିସ): ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଛି । ଗତକାଲି ଭଳି ଆଜି ମଧ୍ୟ ସମୁଦ୍ର ଆଳତି ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି ଯେ, ଜୀବନର ପ୍ରଥମ ଅନୁଭୂତି ବ୍ରହ୍ମପୁର । ଛାତ୍ର ଆନ୍ଦୋଳନ ସମୟରେ ଖଲ୍ଲିକୋଟ କଲେଜ ଆଗରେ ହୋଇଥିବା ପ୍ରତିବାଦ ଆଜି ବି ମନେରହିଛି । ନିରବଛିନ୍ନ ଭାବେ ମହୋତ୍ସବ କରିବା ଆବଶ୍ୟକ । ୨ ବର୍ଷ ଧରି ବନ୍ଦ ପଡ଼ିଥିବା ମହୋତ୍ସବ ସମସ୍ତଙ୍କ ଉଦ୍ୟମରେ ଆରମ୍ଭ ହୋଇଛି । ଓଡ଼ିଶାର ସବୁ ଜିଲ୍ଲାର ଓ ରାଜ୍ୟ ବାହାରେ ମହୋତ୍ସବ ଦେଖିବାର ସୁଯୋଗ ପାଇଛି । ଗୋପାଳପୁର ମହୋତ୍ସବ ଦେଶରେ ଶ୍ରେଷ୍ଠ । ବହୁମୁଖି ବେଳାଭୂମି ମହୋତ୍ସବ ଅନ୍ୟ କେଉଁଠି ଦେଖିବାକୁ ମିଳିନି । ଆଜି ସମୁଦ୍ର ଆଳତି ଦେଖିବା ପରେ ବାରଣାସୀରେ ଥିବାଭଳି ମନେହେଲା । ଭାରତବର୍ଷର ସର୍ବୋତ୍ତମ ଲୋକ ମହୋତ୍ସବ ଭାବେ ଏହା ସ୍ଥାନ ପାଇବ ।

ଦକ୍ଷିଣ ଓଡ଼ିଶାରେ ଜମିଜମା ଓ ପଟ୍ଟାର ବହୁ ସମସ୍ୟା ରହିଛି । ୬୦୦ କିଲୋମିଟର ଉପକୂଳରେ ବିପର୍ଯ୍ୟୟ ମୁକାବିଲା କରିବାକୁ ଆମେ ଉଦ୍ୟମରତ । ରାଜସ୍ୱ ଆଦାୟ ସହ ବିପର୍ଯ୍ୟୟ ମୁକାବିଲା ପାଇଁ ଏହି ବିଭାଗର ଉଦ୍ୟମ ଜାରି ରହିଛି । ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେଲେ ତାହା ପ୍ରାକୃତିକ ବିପର୍ଯ୍ୟୟ ଭାବେ ଏ ସରକାର ଘୋଷଣା କରିଛନ୍ତି । ଦକ୍ଷିଣ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରହିଛି । ପଶ୍ଚିମ ଓଡ଼ିଶା ଉନ୍ନୟନ ପରିଷଦ ହୋଇଛି ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ କରାଯାଉଛି । ନାରାୟଣପୁର ମୌଜାର ୧୦୦ଏକର ବ୍ୟାକ୍ ୱାଟର ପ୍ରକଳ୍ପ ଯୋଜନା ରହିଛି । ଭାରତ ପାକିସ୍ତାନ ଯୁଦ୍ଧ ଚାଲିଥିଲା । ନୂଆ ଗୋଲାବନ୍ଧରୁ ପାକିସ୍ତାନ ଆକ୍ରମଣକୁ ପ୍ରତିହତ କରାଯାଉଥିଲା । ଆଧୁନିକ ଓଡ଼ିଶା ଗଠନ କରିବାରେ ଯେଉଁ ବିନ୍ଧାଣି ଓ ଧର୍ମପଦଙ୍କ ଆବଶ୍ୟକ ରହିଛି ସେହି ବିନ୍ଧାଣିମାନେ ହଜାର ସଂଖ୍ୟାରେ ଗଞ୍ଜାମ ଜିଲ୍ଲାରୁ ସୃଷ୍ଟି ହୁଅନ୍ତୁ । ନୂଆ ଓ ସଶକ୍ତ ଓଡ଼ିଶା ଗଠନର ଶ୍ରେୟ ନେଉ ଗଞ୍ଜାମ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଗଞ୍ଜାମର ନୌବାଣିଜ୍ୟ ପରମ୍ପରା ଓ ଭାରତ ଦେଶର ଶ୍ରେଷ୍ଠ ଅର୍ଥନୈତିକ ଦେଶରେ ପରିଗଣିତ ହେବାକୁ ଯାଉଛି ବୋଲି ମତବ୍ୟକ୍ତ କରିଥିଲେ ।

ଅନ୍ୟତମ ଅତିଥି ଭାବେ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ବନାରସରୁ ଆସିଥିବା ୧୧ଜଣ ପଣ୍ଡିତଙ୍କ ସମୁଦ୍ର ଆଳତି ଅଧିକ ଆକର୍ଷିତ କରୁଛି । ଜିଲ୍ଲାର କଳା ଓ ସଂସ୍କୃତିର ବିକାଶ ଦିଗରେ ଗୁରୁତ୍ୱ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ ଜାନକୀରାମ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏଡିଏମ୍ (ଗଞ୍ଜାମ) ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ମୈଥିଳି ଠାକୁରଙ୍କ ଯାଦୁରେ ଦର୍ଶକ ବିଭୋର

ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମୁଦ୍ରର ମନଲୋଭା ପବନ ଓ ଢେଉ ସନ୍ନିକଟରେ ଜାତୀୟସ୍ତରର ସୁନାମଧନ୍ୟ କଣ୍ଠଶିଳ୍ପୀ ମୈଥାଳି ଠାକୁର, ସୋହିନୀ ମିଶ୍ର, ରାହୁଲ ସିପ୍ଲିଗଞ୍ଜ ଏବଂ ଶଶାଙ୍କ ଶେଖରଙ୍କ ପରିଚିତ ସ୍ୱର, ଲୟ, ତାଳର ସଂଗୀତରେ ଦର୍ଶକ ବିଭୋର ହୋଇଥିଲେ । ଓଡିଶୀ, କାଲବେଲିଆ ରାଜସ୍ଥାନୀ, ମଡର୍ଣ୍ଣ ଡ୍ୟାନ୍ସ, ଆଦିବାସୀ ନୃତ୍ୟ, କାଠପଦାର ନବଦୁର୍ଗା, ମହାରାଷ୍ଟ୍ରର ଲବଣୀ, ବଲିଉଡ୍ ଫ୍ରିଷ୍ଟାଇଲ୍, ପଶୁମୁଖା ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାଲଖମ୍ବ, ଆସାମର ବିହୁ, ଘୁମର ଚକ୍ରି କାଲବେଲିଆ ଓ ଅନ୍ୟାନ୍ୟ ଲୋକନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।





### ଜନପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ



ଗୋପାଳପୁର ଏନ୍‌ଏସିର ବିଭିନ୍ନ ଜନପ୍ରତିନିଧିମାନେ ଧାରଣାରେ ବସିଥିଲେ । କାର୍ଯ୍ୟକ୍ରମରେ ଏମାନଙ୍କୁ ଅଣଦେଖା କରାଯାଇଥିବା ଓ ଉଚିତ ସମ୍ମାନ ପ୍ରଦାନ କରାଯାଇନଥିବା ଅଭିଯୋଗ କରିଥିଲେ ।

## ଯୁବକକୁ ଖଣ୍ଡାରେ ଆକ୍ରମଣ ମାମଲା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୮ ।୧(ସମିସ): ଗଣେଶ ଚତୁର୍ଥୀ ରାତିରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଗୋଲାପଲ୍ଲୀ ସାହିର ଦିଲ୍ଲୀପ ଘଡେଇ(୩୪)କୁ ଗିରଫ କରି କୋର୍ଟଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ଗତ ଗଣେଶ ଚତୁର୍ଥୀ ରାତିରେ ପାଏଲ ସିନେମା ହଲ ସମ୍ମୁଖରେ ଥିବା ଦଳିତ ବସ୍ତିରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ପୂର୍ବ ଶତ୍ରୁତାକୁ ନେଇ ସୁଲତାନ ବେହେରା ଓରଫ ଟିପୁ ନାମକ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ଦିଲ୍ଲୀପ ଘଡେଇଙ୍କ ସମେତ ମିଟୁ ଘଡେଇ, କୈଳାସ ଘଡେଇ ଓ ଗଣେଶ ଘଡେଇଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ପୁଲିସ । ଘଟଣା ପରଠାରୁ ଅଭିଯୁକ୍ତମାନେ ଫେରାର ଥିଲେ । ଆଜି ଦିଲ୍ଲୀପକୁ ପୁଲିସ କାବୁ କରି କୋର୍ଟଚାଲାଣ କରିଛି । ଅନ୍ୟ ଅଭିଯୁକ୍ତମାନଙ୍କ ମଧ୍ୟରେ ଏକାଧିକ ଆଗୁଆ ଜାମିନ ଆଣିଥିବା ସୂଚନା ମିଳିଛି । ବର୍ତ୍ତମାନ ଏଏସଆଇ ରାମମୋହନ ଦାଶ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି ।

## ଦୁଇଭାଇଙ୍କୁ ଆକ୍ରମଣ ଓ ଲୁଟ୍ ମାମଲା; ୨ ଗିରଫ

ବ୍ରହ୍ମପୁର,୨୮ ।୧(ସମିସ): ଦୁଇ ଭାଇଙ୍କୁ ଆକ୍ରମଣ କରି ଟଙ୍କା ଲୁଟ୍ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଜଗବନ୍ଧୁ ସାହିର ନିଖିଲ ଜେନା(୨୧) ଓ କ୍ରିଷ୍ଣା ମହାନ୍ତି(୧୮) । ଘଟଣାରେ ବ୍ୟବହାର ହୋଇଥିବା ବାଇକକୁ ପୁଲିସ ଜବତ କରିଛି ।

ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀନୃସିଂହ ସାହି ୧୨ଲାଇନ୍ ନିବାସୀ ଆରିଅନ ଗୌଡ଼ ଓ ତାଙ୍କ ଭାଇ କିରଣ ଗୌଡ଼ ଗତ ୨୭ ତାରିଖ ସକାଳେ ସ୍ଥାନୀୟ ଜଗବନ୍ଧୁ ସାହିକୁ ଯାଇଥିଲେ । ସେଠାରେ ଏକ ଆପାର୍ଟମେଣ୍ଟ ନିକଟରେ ନିଖିଲ ଓ କ୍ରିଷ୍ଣା ୨ଭାଇଙ୍କୁ ଗାଳିଗୁଲଜ କରିବା ସହ ଶମ୍ଭୁ ମୁଳି ସହ କାହିଁକି ମିଶୁଛ ବୋଲି କହି ମାରପିଟ କରିଥିଲେ ଓ କିରଣ ଠାରୁ ୨ହଜାର ଟଙ୍କା ଛଡ଼ାଇ ନେଇ ତାଙ୍କୁ ଆକ୍ରମଣ କରିଥିଲେ । ଆରିଆନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଆଜି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।

## କଂଗ୍ରେସ ସମର୍ଥନରେ ଓଡ଼ିଶା ବନ୍ଦ ସଫଳ

ବ୍ରହ୍ମପୁର,୨୮ ।୧(ସମିସ): ଧାନ ମଣ୍ଡିରେ ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ, ଟାଟା ପାୱାରର ସ୍ମାର୍ଟ ମିଟର ନାମରେ ଶୋଷଣ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦିଆଯାଇଥିବା 'ଓଡ଼ିଶା ବନ୍ଦ' ଡାକରାକୁ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଛି । ବୁଧବାର ଗଞ୍ଜାମ ଜିଲ୍ଲା କଂଗ୍ରେସ(ପୂର୍ବ) ସଭାପତି ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ



କର୍ମୀମାନେ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରି ଦୋକାନ ବଜାର ବନ୍ଦ କରିବା ସହିତ ବେସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡିକୁ ବନ୍ଦ କରିଥିଲେ । ଅନ୍ୟପକ୍ଷରେ କଂଗ୍ରେସ 'ଓଡିଶା ବନ୍ଦ'କୁ ନୈତିକ ସମର୍ଥନ ଜଣାଇବା ସହ ନବନିର୍ମାଣ କୃଷକ ସଙ୍ଗଠନର ଦାବିକୁ ଯଥାର୍ଥ ବୋଲି କହିଛି । ଲୋକଙ୍କ ପାଇଁ ଯିଏ ଆଗେଇ ଆସିବ କଂଗ୍ରେସ ତାକୁ ସହଯୋଗ କରିବ ବୋଲି ଜିଲ୍ଲା କଂଗ୍ରେସ(ପୂର୍ବ) ସଭାପତି ରଶ୍ମୀ ରଂଜନ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି । ବିକ୍ଷୋଭରେ ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, କୃଷକ କଂଗ୍ରେସ ଓ ମହିଳା କଂଗ୍ରେସର ଶତାଧିକ କର୍ମୀ ସାମିଲ ହୋଇ ଗାନ୍ଧୀନଗର, ଅନ୍ନପୂର୍ଣ୍ଣା ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ, ଗିରିଜା ଛକ, ବିଜିପୁର ପ୍ରଭୃତି ସ୍ଥାନରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

● ଉପଖଣ୍ଡସ୍ତରୀୟ ପରେଡ୍

## ଗଜପତିନଗର ସରସ୍ୱତୀ ଶିଶୁ ମନ୍ଦିର ଏନ୍‌ସିସି ଜୁନିଅର ଡ଼ିଭିଜନ ସାମିଲ



ବ୍ରହ୍ମପୁର,୨୮ ।୧(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ଉପଖଣ୍ଡ ସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ପରେଡରେ ଗଜପତିନଗର ସରସ୍ୱତୀ ଶିଶୁ ମନ୍ଦିରର ଏନସିସି ଜୁନିଅର ଡ଼ିଭିଜନ କଣ୍ଟିଜେଣ୍ଟ ସାମିଲ ହୋଇଥିଲେ । ବିଦ୍ୟାଳୟର ଏନସିସି ଅଫିସର ହରିକୃଷ୍ଣ ପଣ୍ଡାଙ୍କ ଠାରୁ ପ୍ରଶିକ୍ଷଣ ପାଇ କ୍ୟାଡ଼େଟମାନେ ଉପଖଣ୍ଡ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ସାମିଲ ହୋଇଥିଲେ ।

● ତାଲାବନ୍ଦ ଘରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣା

## ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ବ୍ରହ୍ମପୁର,୨୮ ।୧(ସମିସ): ସ୍ଥାନୀୟ ଗାନ୍ଧୀନଗର ୧୦ମ ଲାଇନ୍‌ର ଏକ ତାଲାବନ୍ଦ ଘରୁ ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ଟାଉନ୍ ଥାନା ପୁଲିସ ୨ଜଣ ଦୁର୍ଦ୍ଦାନ୍ତ ଅପରାଧି (ଦୁଇ ଭାଇ)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଗଣେଶ ନଗର ତୃତୀୟ ଲାଇନର ଶମ୍ଭୁ ମୁଳି(୨୧) ଓ ସାଗର ମୁଳି(୨୩) । ଜଗବନ୍ଧୁ ସାହିର ସନ୍ତୋଷ ସାହୁ ଓରଫ କାମେଲେସ୍ତୁ ଏବଂ ଧର୍ମନଗର ବାସିନ୍ଦା ଶିବାନନ୍ଦ ପାଣିଗ୍ରାହି ଓରଫ 'ପଡ଼ା' ସହ ମିଶି ସେମାନେ ଏହି ଚୋରି କରିଥିବା ପୁଲିସ ନିକଟରେ ସ୍ୱୀକାର କରିଛନ୍ତି । ଲୁଟ କରିଥିବା ୧ ଲକ୍ଷ ଟଙ୍କାକୁ ସେମାନେ ନିଜ ଭିତରେ ବାଣ୍ଟି ନେଇ ମଦ ଏବଂ ବ୍ରାଉନ୍‌ସୁଗରରେ ଖର୍ଚ୍ଚ କରିଦେଇଥିବା ପୁଲିସ ତଦନ୍ତ ବେଳେ ଜଣାପଡିଥିଲା । ଚୋରି ଶାଢ଼ି ଏବଂ ମୋବାଇଲ୍ ଫୋନ୍ ଫେରାର ଅଭିଯୁକ୍ତଙ୍କ ନିକଟରେ ରହିଛି । ଅଭିଯୁକ୍ତଙ୍କ ଠାରୁ ଅଭିଯୋଗକାରୀଙ୍କ ଏକ ବ୍ୟାଗ, ଅପରାଧ ପାଇଁ ବ୍ୟବହୃତ ଲୁହାଛଡ, ନଗଦ ୨୦ହଜାର ୫୦୦ଟଙ୍କା, ଅଭିଯୋଗକାରୀ ଏବଂ ତାଙ୍କ ପତ୍ନୀଙ୍କ ଦୁଇଟି ଆଧାର କାର୍ଡ ଓ ବ୍ୟାଗ ଭିତରେ ଥିବା କସମେଟିକ୍ ସାମଗ୍ରୀକୁ ପୁଲିସ ଜବତ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି ।





ସୂଚନାଯୋଗ୍ୟ ଯେ, ଜନାର୍ଦ୍ଦନ ପଣ୍ଡା ଗତ ୧୮ ତାରିଖରେ କୌଣସି କାମରେ ନିଜ ଶଶୁରଙ୍କ ଘର ଗଞ୍ଜାମକୁ ପରିବାର ସହିତ ଯାଇଥିବାବେଳେ ଦୁର୍ବୃତ୍ତ ଘରେପଶି ନଗଦ ୨ଲକ୍ଷ ଟଙ୍କା, ମୋବାଇଲ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ । ଏନେଇ ଜନାର୍ଦ୍ଦନ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଅଭିଯୁକ୍ତ ଶମ୍ଭୁ ଜଣେ କୁଖ୍ୟାତ ତଥା ଅଭ୍ୟାସଗତ ଅପରାଧୀ । ତା ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ପ୍ରାୟ ୩୩ଟି ସଙ୍ଗୀନ ମାମଲା ରହିଛି । ସେହିପରି ଅଭିଯୁକ୍ତ ସାଗର ମଧ୍ୟ ଜଣେ ହାର୍ଡକୋର ତଥା ଅଭ୍ୟାସଗତ ଅପରାଧୀ । ଓ ତା ନାଁରେ ୩୮ ଟି ଅପରାଧିକ ମାମଲାରେ ଥିବା ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି ।

## ଆରିୟନ୍ ଏକାଡେମୀର ସାଂସ୍କୃତିକ ଓ ପାରମ୍ପରିକ ନୃତ୍ୟ ଉତ୍ସବ




ବ୍ରହ୍ମପୁର,୨୮ ।୧(ସମିସ): ଗଞ୍ଜାମ କଳା ପରିଷଦରେ ଆରିୟାନ ଏକାଡେମୀ ଆଣ୍ଡ ଆରିୟାନ ଟ୍ରଷ୍ଟ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା ସାଂସ୍କୃତିକ ଓ ପାରମ୍ପରିକ ମେଳା ଆୟୋଜିତ ହୋଇଯାଇଛି । ଏକାଡେମୀର ପ୍ରତିଷ୍ଠାତ୍ରୀ ମୀନା ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ସାଂସଦ ପ୍ରତିନିଧି ମୀନା ଦ୍ୟାନସାମନ୍ତରାୟ, ସମାଜସେବୀ ଏ. ସନ୍ତୋଷ ପାତ୍ର, ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଆଇନଜୀବୀ ସଞ୍ଜୟ ଜେନା, ଶିକ୍ଷାବିତ୍ କାଳୀ ଚରଣ ସାହୁ, ସମାଜସେବୀ ଅଜିତ ସ୍ୱାମୀ ପାତ୍ର, ବାବୁ ଗୌଡ଼, ଭଗବାନ ପାତ୍ର, ଡ଼. ଶ୍ୱେତା ପାତ୍ର, ଡ଼. ମୀରାବାଇ, ଡ଼. ରିଶିକା ସେନ, ଇଂ. ଯାମିନୀ କାନ୍ତ ଦାଶ, ସଚିନ୍ ପଣ୍ଡା, ସୁଶାନ୍ତ ସାବତ, ଶିକ୍ଷାବିତ୍ ଆଶୁତୋଷ ପାଢ଼ୀ, ଉପଦେଷ୍ଟା ଅନିଲ ପାତ୍ର ଓ ସାମ୍ବାଦିକ ସୁଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମରେ ସଭାପତି ନାରାୟଣ ମହାକୁଡ ଅଧ୍ୟକ୍ଷତା କରିଥିବା ବେଳେ କାହ୍ନୁ ରାଉତ ସଂଯୋଜନା କରିଥିଲେ । ପାରମ୍ପରିକ ସୁନ୍ଦରୀ ପ୍ରତିଯୋଗିତାରେ ଜସ୍ମିନ ସାମନ୍ତରାଙ୍କୁ ମିସ ଆଇକନିକ୍ ଅଫ ଓଡ଼ିଶା, ମିସେସ ବିଭାଗରେ ସସ୍ମିତା ପଟ୍ଟନାୟକଙ୍କୁ ଆଇକନ୍ ଅଫ ଓଡ଼ିଶା ଏବଂ କିଡସ୍ ବିଭାଗରେ ସାନ୍‌ଭି ସମ୍ପନାଙ୍କୁ ପୁରସ୍କୃତ କରାଯାଇଥିଲା ।

## 'ସମସ୍ତଙ୍କ ପାଇଁ ଶିକ୍ଷା'ର ବାର୍ତ୍ତା ସହ ମିନି ମାରାଥନ୍




ବ୍ରହ୍ମପୁର,୨୮ ।୧(ସମିସ): 'ସମସ୍ତଙ୍କ ପାଇଁ ଶିକ୍ଷା' ବାର୍ତ୍ତା ନେଇ କିଟ୍, କିସ୍ ଓ କିମସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି । ଏହି ମାରାଥନ ସ୍ଥାନୀୟ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମୁଖରୁ ବାହାରି ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଠାରେ ଶେଷ ହୋଇଥିଲା । ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ ଓ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗଦେଇ ମାରାଥନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ କଳିଙ୍ଗ ଟିଭିର ଦକ୍ଷିଣ ଓଡ଼ିଶା ମୁଖ୍ୟ ପ୍ରକାଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଶିକ୍ଷା ସମ୍ପର୍କିତ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଏନ୍.ସି ପଟ୍ଟନାୟକ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ଦେବେଶ ସାମନ୍ତରାୟ ଓ ଡ. ସୀମାଞ୍ଚଳ ବେହେରା ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା ।

## ବ୍ୟବସାୟୀଙ୍କ ଘରେ ଇଡି ଚଢ଼ଉ ଘଟଣା

# ଦୁଇ ସପ୍ତାହ ପରେ ବି ସ୍ପଷ୍ଟ କଲାନି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

■ କାହା ଘରୁ କେତେ ସମ୍ପତ୍ତି ଜବତ ଓ କାହା ବିରୁଦ୍ଧରେ ହୋଇଛି ମାମଲା ଜଣାପଡୁନି
■ ସନ୍ଦେହ ଦୂର କରିବାକୁ ଇଡି ନିର୍ଦ୍ଦେଶକଙ୍କୁ ଯୁବ ଆଇନଜୀବୀଙ୍କ ଟ୍ୱିଟ୍

ବ୍ରହ୍ମପୁର,୨୮ ।୧(ସମିସ): ଗଞ୍ଜାମରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ଚଢ଼ଉକୁ ୨ ସପ୍ତାହ ବିତିଛି । ହେଲେ କାହା ଘରେ ଚଢ଼ଉ କରାଯାଇ କେତେ ପରିମାଣର ସମ୍ପତ୍ତି ଠାବ ହେଲା ଏବଂ କାହା ବିରୁଦ୍ଧରେ ମାମଲା ରୁଜୁ ହେଲା ସେନେଇ ସ୍ପଷ୍ଟ କରୁନି ଇଡି । ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ତଥା ସହଯୋଗୀ ସୁନୀଲ କୁମାର ପାତ୍ର ଓ ଆସିକାର ଜନୈକ ବିଜେପି ନେତାଙ୍କ ଘରେ ବି ଚଢ଼ଉ ହୋଇଥିଲା । ଫଳରେ ଇଡିର ଚଢ଼ଉକୁ ନେଇ ପୂର୍ବରୁ ହୋଇଥିବା ସନ୍ଦେହ କ୍ରମଶଃ ଘନୀଭୂତ ହେବାରେ ଲାଗିଛି । ଏଭଳି ସନ୍ଦେହକୁ ଦୂର କରିବାକୁ ଦାବି କରି ଯୁବ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ଇଡି ବା ପ୍ରବର୍ତ୍ତନ ନିର୍ଦ୍ଦେଶକଙ୍କୁ ଟ୍ୱିଟ୍ କରିଛନ୍ତି ।

ଗତ ୧୬ତାରିଖରେ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଗଞ୍ଜାମ ଜିଲ୍ଲାର ପ୍ରାୟ ୨୫ରୁ ଉର୍ଦ୍ଧ୍ୱ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା । ୨ ଦିନର ଚଢ଼ଉ ପରେ ଇଡି ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଏ ସମ୍ପର୍କିତ ପ୍ରେସ୍ ରିଲିଜ ମଧ୍ୟ ଜାରି କରାଯାଇଥିଲା । ସେଥିରେ ଲଘୁ ଖଣିଜ ସମ୍ପଦର ଚୋରା କାରବାର ଓ ସେଥିରୁ ହାସଲ ହୋଇଥିବା କୋଟି କୋଟି ଟଙ୍କାର ଅର୍ଥକୁ ଅପରାଧ ଓ ମଦ କାରବାରରେ ବିନିଯୋଗ କରାଯାଉଥିବା ଭଳି ଅଭିଯୋଗ ଆଧାରରେ ଚଢ଼ଉ ହୋଇଥିବା କୁହାଯାଇଥିଲା । ଖାସ କରି ଗଞ୍ଜାମ ଜିଲ୍ଲାର ବାହୁଦା, ଋଷିକୂଲ୍ୟା ଓ ବଡନଦୀରୁ ଚୋରା ବାଲି ଚାଲାଣ ସହିତ ପଥର ଓ ମୋରମ ଭଳି ଲଘୁ ଖଣିଜ ସମ୍ପଦ କାରବାର କଥା ଦର୍ଶା ଯାଇଥିଲା । ଚଢ଼ଉ ବେଳେ ନଗଦ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସହିତ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଓ ବ୍ୟାଙ୍କ ଜମା ଜବତ ହୋଇଥିବା କୁହାଯାଇଥିଲା । ଏପରିକି ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଦାମୀ ତଥା ବେନାମି ଗାଡ଼ିକୁ ମଧ୍ୟ ଜବତ କରାଯାଇଥିବା ଦର୍ଶାଯାଇଥିଲା । ଚଢ଼ଉକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲେ ହେଁ ଅନେକ ସନ୍ଦେହ ଜାତ ହୋଇଥିଲା ।

ଘଟଣାର ଦୀର୍ଘ ୨ସପ୍ତାହ ପରେ ବି ଇଡି ପକ୍ଷରୁ ଜିଲ୍ଲାର କାହା କାହା ଘର ଓ ଅଫିସ ଉପରେ ଚଢ଼ଉ କରାଯାଇଥିଲା ତାହା ସ୍ପଷ୍ଟ କରାଯାଇନାହିଁ । ସେହିଭଳି କାହା ଘରୁ ବା ଅଫିସରୁ କେତେ ନଗଦ ଅଥବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି ସର୍ବସାଧାରଣରେ ଖୁଲାସା କରାଯାଇନାହିଁ କି କାହା ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେନେଇ ମଧ୍ୟ ସମସ୍ତେ ଅନ୍ଧାରରେ ରହିଥିବାରୁ ଯୁବ ଆଇନଜୀବୀ ଅନନ୍ତ ମହାନ୍ତି ଇଡି ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଏହା ସ୍ପଷ୍ଟ କରିବାକୁ ଦାବି କରିଚନ୍ତି ।

ପ୍ରକାଶ ଯୋଗ୍ୟ ଯେ' ଶେରଗଡ ଅଞ୍ଚଳର ଜନୈକ ଠିକାଦାର ହୃଷୀକେଶ ପାଢୀଙ୍କ ଘରୁ ଚଢଉ ବେଳେ ଇଡି ନଗଦ ୨୫ଲକ୍ଷ ଟଙ୍କା ସହିତ କିଛି ନଥିପତ୍ର ଜବତ କରିଥିଲା । ତେବେ ଘଟଣା ପରେ ପ୍ରଘଟ ହୋଇଥିବା ଟଙ୍କା ଭର୍ତ୍ତି ଆଲମୀରା ଓ ଇଡି ପକ୍ଷରୁ ପ୍ରେସ ରିଲିଜ ମାଧ୍ୟମରେ ଦିଆଯାଇଥିବା ସୂଚନା ପ୍ରକାରେ ଅବଶିଷ୍ଟ ନଗଦ ୨କୋଟି ଟଙ୍କା କାହା ଠାରୁ ଓ କେଉଁଠାରୁ ଜବତ ହୋଇଥିଲା ତାହା ମଧ୍ୟ ସ୍ପଷ୍ଟ କରି ଜନସାଧାରଣଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସନ୍ଦେହକୁ ଦୂର କରିବାକୁ ଆଇନଜୀବୀ ଶ୍ରୀ ମହାନ୍ତି ଇଡି ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି ।